# ଧରିତ୍ରୀ DHARITRI

ବାଲେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୬ /୨୦୧୯ (୧୬ ପୃଷ୍ଠା) | Balasore, Tuesday, February 26/ 2019 | ★★★★

୪୫ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଝୁଲଣଙ୍କ ପ୍ରଭାବୀ ବୋଲିଂ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଚମତ୍କାର ବୋଲିଂ କରି ଭାରତର ଝୁଲଣ ଗୋସ୍ୱାମୀ ଓମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୫

୦୨

**ମୋ ପାଇଁ କାର୍ଯ୍ୟ କରିବାର କ୍ଷେତ୍ର ପ୍ରଶସ୍ତ**

କାର୍ଯ୍ୟ କରିବାର କ୍ଷେତ୍ର ତାଙ୍କ ପାଇଁ ଖୁବ୍ ପ୍ରଶସ୍ତ ବୋଲି ପୂର୍ବତନ ମିସ୍ ଏସିଆ ପାସିଫିକ୍ ଦିଆ ମିର୍ଜା ପ୍ରକାଶ କରିଛନ୍ତି।








## ■ ସୁଧୁରିଲାନି ପରୀକ୍ଷା ପରିଚାଳନା ବ୍ୟବସ୍ଥା

# ଭାଇରାଲ ପରେ ଖୋଲାଖୋଲି କପି

**ଭୁବନେଶ୍ୱର,୨୫।୨(ବ୍ୟୁରୋ)/ କଟକ ଅଫିସ/ ବଲାଙ୍ଗୀର ଅଫିସ/ ଢେଙ୍କାନାଳ ଅଫିସ**

■ ଇଂଲିଶ୍ ପ୍ରଶ୍ନପତ୍ର ଭାଇରାଲ ଘଟଣାକୁ ଖଣ୍ଡନ କଲା ବୋର୍ଡ

■ କପି ସଂକ୍ରାନ୍ତରେ ମୁହଁ ଖୋଲିଲେ ଦୁଇ ଡିଇଓ

■ ଦ୍ୱିତୀୟ ଦିନରେ ୨୬୦ଜଣ ମାଲ୍‌ପ୍ରାକ୍ଟିସ୍

ପୂର୍ବବର୍ଷଗୁଡ଼ିକରେ ମାଟ୍ରିକ୍ ପରୀକ୍ଷା ସମୟରେ ଦେଖାଯାଇଥିବା ତ୍ରୁଟିକୁ ସୁଧାରି ଚଳିତବର୍ଷ ପରୀକ୍ଷାକୁ ସୁବ୍ୟବସ୍ଥିତ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ନାନା ସଫେଇ ଦିଆଯାଇଥିଲା। ହେଲେ ପରୀକ୍ଷା ଆରମ୍ଭରୁ ବିବାଦ ପିଛା ଛାଡ଼ିନି। ପ୍ରଥମ ଦିନ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ବୋର୍ଡ ବଦନାମ ମୁଣ୍ଡାଇଛି। ଏଥିରୁ ମୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ସ୍ୱରୂପ ୧୧ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ବୋର୍ଡ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ ମଧ୍ୟ ସୋମବାର ପରୀକ୍ଷାର ଦ୍ୱିତୀୟ ଦିନରେ ଇଂଲିଶ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଚର୍ଚ୍ଚା ହୋଇଛି। ହେଲେ ଏହାକୁ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଏହାସତ୍ତ୍ୱେ ବିବାଦ ବୋର୍ଡର ପିଛା ଛାଡ଼ିନି। ରାଜ୍ୟର କେତେକ ପରୀକ୍ଷା କେନ୍ଦ୍ରରେ କପି ହେଉଥିବା ନେଇ ଭିଡିଓ ଭାଇରାଲ ହେବା ପରେ ବୋର୍ଡର କାର୍ଯ୍ୟଧାରାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ସୋମବାର ଦ୍ୱିତୀୟ ଭାଷା ତଥା ଇଂଲିଶ୍ ପରୀକ୍ଷା ଆରମ୍ଭ ହେବାର ୧୫ମିନିଟ୍ ପରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଶ୍ନପତ୍ର ସେଟ୍-'ଏ'ର ଫଟୋ ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଥିଲା। ଏହା ପରେ ତୁରନ୍ତ ତଦନ୍ତ ଆରମ୍ଭ ହୋଇଥିଲା। ମାତ୍ର ଭାଇରାଲ ପ୍ରଶ୍ନପତ୍ର ଅରିଜିନାଲ ପ୍ରଶ୍ନପତ୍ର ସହ ମେଳ ଖାଉନି ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କିଛି ଲୋକ ଜାଣିଶୁଣି ଏଭଳି ବଦମାସି କରୁଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ କହିଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକ ଏଥିରେ ବିଚଳିତ ନ ହୋଇ ପରୀକ୍ଷା ଉପରେ ଧ୍ୟାନ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ କପି ରୋକିବା ପାଇଁ ମଧ୍ୟ ଶିକ୍ଷା ବିଭାଗ ଓ ବୋର୍ଡ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଢେଙ୍କାନାଳ ଓ ବଲାଙ୍ଗୀର ଜିଲାର କେତେକ ପରୀକ୍ଷା କେନ୍ଦ୍ରରେ କପି ହେଉଥିବା ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ପଳାସପିଠିଆ ପଞ୍ଚାୟତିରାଜ ହାଇସ୍କୁଲରେ କେତେଜଣ ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଓ ଅଭିଭାବକ ପିଲାଙ୍କୁ ପରୀକ୍ଷାକେନ୍ଦ୍ର ଭିତରେ ପଶି ବେଧଡ଼କ କପି ଯୋଗାଉଥିବା ଦେଖାଯାଇଛି।

☞ପୃଷ୍ଠା–୪



ବଲାଙ୍ଗୀର ଜିଲା ଘୁନ୍‌ସର ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଚାଲିଥିବାବେଳେ ପାଚେରିରେ ଚଢ଼ି କପି ଦିଆଯାଉଛି।









# 'ପିରିୟଡ୍ସ: ଏଣ୍ଡ ଅଫ୍ ସେଣ୍ଟେନ୍ସ'କୁ ଓସ୍କାର

ଲସ୍ ଏଞ୍ଜେଲସ୍,୨୫।୨(ପି.ଟି): ୯୧ତମ ଓସ୍କାର୍ସ ଏକାଡେମୀ ଆୱାର୍ଡସ ପ୍ରଦାନ ଉତ୍ସବରେ ଭାରତୀୟ ଲଘୁଫିଲ୍ମ 'ପିରିୟଡ୍ସ. ଏଣ୍ଡ ଅଫ୍ ସେଣ୍ଟେନ୍ସ'କୁ ଡକ୍ୟୁମେଣ୍ଟାରି ଶର୍ଟ ସବ୍‌ଜେକ୍ଟ କାଟାଗୋରିରେ ୯୧ତମ ଓସ୍କାର ଆୱାର୍ଡ ମିଳିପାରିଛି। ଭାରତୀୟ ଫିଲ୍ମ ନିର୍ମାତା ଗୁନିତ ମୋଙ୍ଗାଙ୍କ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାୟାଙ୍କା ଜହତାୱ୍‌ଚି ଏବଂ ମେଲିସା ବର୍ଟନ। ସେହିଭଳି ବେଷ୍ଟ ପିକ୍ଚର ଭାବରେ 'ଗ୍ରୀନ୍ ବୁକ୍' ଓସ୍କାର ପୁରସ୍କାର ଲାଭ କରିଛି। ରାମି ମାଲେକ ବେଷ୍ଟ ଆକ୍ଟର ଏବଂ ଅଲିଭିଆ କୋଲମ୍ୟାନ୍ ବେଷ୍ଟ ଆକ୍ଟ୍ରେସ୍ ଭାବେ ଓସ୍କାର ଆୱାର୍ଡ ଜିତି ପାରିଛନ୍ତି। 'ବୋହେମେନ୍ ରାପ୍‌ସୋଡି'ରେ ନିଖୁଣ ଅଭିନୟ ପାଇଁ ରାମିଙ୍କୁ ଏବଂ ୟରଗସ୍ ଲାଣ୍ଟିମସ୍ ନିର୍ଦ୍ଦେଶିତ ଫିଲ୍ମ 'ଦି ଫେବରାଇଟ୍' ପାଇଁ ଅଲିଭିଆକୁ ଓସ୍କାର ପୁରସ୍କାର ମିଳିଛି। ଆଲଫନ୍‌ସେ କୁଆରନ୍‌ଙ୍କୁ 'ରୋମା'ରେ ସର୍ବଶ୍ରେଷ୍ଠ ସିନେମାଟୋଗ୍ରାଫି ଏବଂ ନିର୍ଦ୍ଦେଶକ ଭାବେ ଦୁଇଟି ଓସ୍କାର ପୁରସ୍କାର ମିଳିପାରିଛି। ସେହିଭଳି ମାର୍ଭେଲ ଷ୍ଟୁଡିଓ ପ୍ରଯୋଜିତ 'ବ୍ଲାକ୍ ପାନ୍ଥର' ପ୍ରଥମ ସୁପରହିରୋ ଫିଲ୍ମ, ବେଷ୍ଟ କଷ୍ଟ୍ୟୁମ୍ ଡିଜାଇନ୍ ଏବଂ ବେଷ୍ଟ ପ୍ରଡକ୍ସନ୍ ଡିଜାଇନ୍‌ର ମାନ୍ୟତା ପାଇପାରିଛି। ଗାୟିକା ତଥା ଅଭିନେତ୍ରୀ ଲେଡି ଗାଗା 'ଶାଲୋ' ପାଇଁ ବେଷ୍ଟ ଅରିଜିନାଲ୍ ସଙ୍ଗ କାଟାଗୋରିରେ ପ୍ରଥମ ଓସ୍କାର ପୁରସ୍କାର ଜିଣିପାରିଛନ୍ତି। ତାଙ୍କ ଅଭିନୀତ 'ଏ ଷ୍ଟାର ଇଜ୍ ବର୍ନ' ଫିଲ୍ମ ହିଟ୍ ହେବା ପରେ ସେ ଲୋକପ୍ରିୟତା ଅର୍ଜନ କରିଥିଲେ।






**ଆଜିର ସମ୍ପାଦକୀୟ**

**ବାସିନ୍ଦା କିଏ**

**ଆଜିର ମନ୍ତବ୍ୟ**

" ପୁଲ୍‌ୱାମା ଆକ୍ରମଣ ପରେ ସରକାର ଯୁଦ୍ଧ ଭୟର ବାତାବରଣ ସୃଷ୍ଟି କରୁଛନ୍ତି।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡ଼ିକ ଲାଗି କ୍ରେଡ଼ିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟର କର୍ପସ ପାଣ୍ଠିକୁ ୨,୫୦୦ କୋଟି ଟଙ୍କାରୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

– ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 25.02.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 80 | 132 | 142 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# 'ମୁଁ ଚାଷୀ ପରିବାର ସହ ଅଛି'



ନୂଆପଡା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀ, ମହିଳାଙ୍କ ସହ ମଞ୍ଚାସୀନ ଅଛନ୍ତି।

**ନୂଆପଡ଼ା ଅଫିସ,୨୫।୨**

**ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ**

■ ୨୩୭ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ, ଶିଳାନ୍ୟାସ

■ ୫୩୪୯ ଜଣ ଶ୍ରମିକଙ୍କୁ ୩ କୋଟି ୮୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

ଚାଷୀମାନେ ଆମର ମେରୁଦଣ୍ଡ। ସେମାନେ ସାରା ଦେଶକୁ ଅନ୍ନ ଯୋଗାଉଛନ୍ତି। ସେଥିପାଇଁ ମୁଁ ସବୁବେଳେ ଚାଷୀ ପରିବାର ସହ ରହିଛି ବୋଲି ସୋମବାର ଦିନିକିଆ ନୂଆପଡ଼ା ଗସ୍ତରେ ଆସି ଗୋଟମା ଏୟାରଷ୍ଟ୍ରିପ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୩୭ କୋଟି ୩୪ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମିଶନ ଶକ୍ତି ମହିଳାମାନଙ୍କ ସହ ନିର୍ମାଣ ଶ୍ରମିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କରିଛନ୍ତି। ଆସନ୍ତା ଓଡ଼ିଶା ଦିବସ ଅର୍ଥାତ୍ ଏପ୍ରିଲ ୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାଳିଆ ଯୋଜନା ଦେଶର ସର୍ବୋତ୍ତମ ଯୋଜନା। ଏହି ଯୋଜନାରେ ନୂଆପଡା ଭଳି ଜିଲାରେ ମୋଟ ୬୯ ହଜାର ୬୩୦ ଚାଷୀଙ୍କୁ ୩୪ କୋଟି ୮୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏପ୍ରିଲ ୧ ତାରିଖରେ କାଳିଆ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତିରେ ପୁଣି ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏହାର ସୁଫଳ ନେଇ ଚାଷୀମାନେ ଚାଷରେ ଉନ୍ନତି ଆଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର

☞ପୃଷ୍ଠା–୪



"ଫେବୃୟାରୀ ୧୪ ପୁଲଓ୍ୱାମା ଆକ୍ରମଣ ପରେ ସେଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ପ୍ରଚାରଧର୍ମୀ ଚଳଚ୍ଚିତ୍ର ଶୁଟିଂରେ ଲିପ୍ତ ରହିବା ପୀଡ଼ିତଙ୍କ କଟା ଘା'ରେ ଚୂନ ଦେବା ଭଳି ।

- ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ନିହତ ୩ ଜୈଶ୍ ଆତଙ୍କବାଦୀଙ୍କ ମଧ୍ୟରୁ ୨ ପାକିସ୍ତାନୀ

**ଶ୍ରୀନଗର, ୨୫।୨ (ପି.ଟି.)**-ଜମ୍ମୁ-କଶ୍ମୀରର କୁଲଗାମ୍‌ରେ ରବିବାର ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ନିହତ ୩ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀଙ୍କ ପରିଚୟ ମିଳିଛି। ସେମାନଙ୍କ ମଧ୍ୟରୁ ୨ ଜଣ ପାକିସ୍ତାନୀ ଏବଂ ସେମାନଙ୍କ ନାଁ ଓ୍ୱାହିଦ୍ ଓ ନୁମାନ ବୋଲି ଜଣାପଡିଛି। ଅନ୍ୟ ଜଣଙ୍କ ନାଁ ରକିବ୍ ଅହମଦ ଶେଖ୍ ଓ ତାଙ୍କ ଘର କୁଲଗାମ୍ ଜିଲା ଶିଗାନପୋରାରେ ବୋଲି ପୋଲିସ କହିଛି। ଏମାନେ ଏକାଧିକ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ। ରବିବାରର ଏନ୍‌କାଉଣ୍ଟରରେ ଜଣେ ଡିଏସ୍‌ପି ଏବଂ ଜଣେ ସେନା ଯବାନ ଶହୀଦ ହୋଇଥିଲେ।

### ୩ ଟିଏମ୍‌ସି ନେତାଙ୍କୁ ହତ୍ୟା

**କୋଲକାତା, ୨୫।୨**-ପଶ୍ଚିମବଙ୍ଗରେ ୩ ଜଣ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତାଙ୍କୁ ହତ୍ୟା କରାଯାଇଛି। ଦକ୍ଷିଣ ଚବିଶ ପ୍ରଗଣାରେ ୨ ଜଣ ଏବଂ ମୁର୍ଶିଦାବାଦରେ ଜଣେ ନିହତ ହୋଇଛନ୍ତି। ମୁର୍ଶିଦାବାଦ ଜିଲାର ବରହମପୋର ଅଞ୍ଚଳର ଟିଏମ୍‌ସି ଯୁବ ଶାଖାର ସଭାପତି ନାଜୁ ଶେଖ୍‌ଙ୍କୁ ସୋମବାର ହେଲମେଟ ପିନ୍ଧିଥିବା ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଛନ୍ତି। ତାଙ୍କ ଛାତିରେ ଗୁଳି ବାଜିଛି। ତାଙ୍କ ପତ୍ନୀ ମଧ୍ୟ ସ୍ଥାନୀୟ ପଞ୍ଚାୟତରେ ସରପଞ୍ଚ ଅଛନ୍ତି। ରବିବାର ରାତିରେ ଦକ୍ଷିଣ ଚବିଶ ପ୍ରଗଣାରେ ଟିଏମ୍‌ସି ନେତା କାର୍ତ୍ତିକ ନସ୍କର ଏବଂ ଅନ୍ୟ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। କାର୍ତ୍ତିକ ହେଉଛନ୍ତି ଦାରିଆ ପଞ୍ଚାୟତ ମୁଖ୍ୟ ସ୍ୱପ୍ନା ନସ୍କରଙ୍କ ସ୍ୱାମୀ। ମୋଟରସାଇକେଲରେ ଫେରୁଥିବା କାର୍ତ୍ତିକଙ୍କୁ ପ୍ରଥମେ ଧାରୁଆ ଅସ୍ତ୍ରରେ ଆକ୍ରମଣ ପରେ ଅତି ନିକଟରୁ ଗୁଳି କରାଯାଇଥିଲା। ତାଙ୍କ ପୂର୍ବରୁ ଟିଏମ୍‌ସିର ଜଣେ ସମର୍ଥକ ସୁରତ ଅଲି ମଣ୍ଡଳଙ୍କୁ ରବିବାର ସନ୍ଧ୍ୟାରେ କୁଲକୁଲିଠାରେ ଗୁଳିକରି ହତ୍ୟା କରାଯାଇଥିଲା।

# ସୀମାନ୍ତବାସୀ ଆତଙ୍କିତ

**ନୂଆଦିଲ୍ଲୀ, ୨୫।୨**



ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ବଢ଼ିଚାଲିଛି। କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଭାରତ ପକ୍ଷରୁ ସୂଚନା ଦିଆଯିବା ପରେ ଏବେ ପାକ୍ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ସୀମାନ୍ତ ଗ୍ରାମଗୁଡିକର ଲୋକମାନଙ୍କୁ ସତର୍କ ରହିବା ଲାଗି ଇସ୍‌ଲାମାବାଦ ପକ୍ଷରୁ ଆଡଭାଇଜରି ଜାରି ହେବା ପରେ ସୀମାନ୍ତ ଅଞ୍ଚଳ ଖାଲି ହେବାରେ ଲାଗିଛି। ଏବେ ପାକିସ୍ତାନର ସୀମାବର୍ତ୍ତୀ ଗାଁଗୁଡିକ ଖାଁ ଖାଁ ଲାଗୁଛି। ସେଠାରୁ ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭାରତ ପାର୍ଶ୍ୱ ସୀମାନ୍ତରେ ଲୋକେ ଭୟରେ ରହିଥିଲେ ମଧ୍ୟ ପ୍ରତିଶୋଧ ନେବାକୁ ଚାହୁଁଛନ୍ତି।

ପାକିସ୍ତାନ ସେନା ବାରମ୍ୱାର ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିଗୋଳା ଓ ମୋର୍ଟାର ମାଡ଼ କରୁଛି। ଭାରତୀୟ ସେନାଙ୍କ ଧ୍ୟାନ ହଟାଇ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାକ୍ ଅସ୍ତ୍ରବିରତି ଉଲ୍ଲଂଘନର ମୁଖ୍ୟ ଉଦ୍ଦେଶ୍ୟ। ଯଦିଓ ପୁଲ୍‌ଓ୍ୱାମା ଆକ୍ରମଣ ପରେ ପିଓକେରେ ଥିବା ଆତଙ୍କବାଦୀ ଶିବିର ଓ ଲଞ୍ଚପ୍ୟାଡ୍‌ଗୁଡିକୁ ଖାଲି କରିଦିଆଯାଇଛି, ତଥାପି ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଚାଲିଛି। ଦୁଇ ଦେଶ ମଧ୍ୟରେ ୩୩୨୩ କିଲୋମିଟର ଦୀର୍ଘ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମାରେଖା ରହିଛି। ଏଲ୍‌ଓସି କେବଳ କଶ୍ମୀରରେ ସୀମିତ ଥିବାବେଳେ ଅନ୍ତର୍ଜାତୀୟ ସୀମା ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ ଦେଇ ଯାଇଛି। ତେବେ ଗତ ୧୪ ତାରିଖ ଆତଙ୍କବାଦୀ ଆକ୍ରମଣ ପରେ କାର୍ଯ୍ୟାନୁଷ୍ଠାନ ଲାଗି ସେନାବାହିନୀକୁ ଭାରତ ପୂର୍ଣ୍ଣ ସ୍ୱାଧୀନତା ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ପରେ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ଲାଗିଯାଇପାରେ ବୋଲି ସୀମାନ୍ତ ବାସିନ୍ଦା ଆଶଙ୍କା କରୁଛନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହେବା ସ୍ୱାଭାବିକ। ଅତ୍ୟାବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ, ରାତିରେ ବାହାରେ ଲାଇଟ ନ ଜାଳିବାକୁ ଏବଂ ବଙ୍କର ନ ଥିବା ସ୍ଥାନ ଖାଲି କରିବାକୁ ସୀମାନ୍ତ ବାସିନ୍ଦାଙ୍କୁ ଇସ୍‌ଲାମାବାଦ ପରାମର୍ଶ ଦେଇଥିଲା। ଏବେ ଉକ୍ତ ଅଞ୍ଚଳ ଶୁନଶାନ ହୋଇଯାଇଛି। ସେଠାରୁ ଆଉ ନମାଜ ପାଠ ସ୍ୱର ଶୁଭୁନାହିଁ। କେବଳ ରାତିରେ ଟ୍ରାକ୍ଟର, ଟ୍ରକର ଶବ୍ଦ ଶୁଭୁଥିବାରୁ ଲୋକମାନେ ଜିନିଷପତ୍ର ଧରି ଅନ୍ୟତ୍ର ପଳାଇଯାଉଥିବା ସ୍ପଷ୍ଟ ହୋଇଛି। ଭାରତ ସହ ଆଣବିକ ଯୁଦ୍ଧ କଥା କହିବା ମୂଲ୍ୟହୀନ। ଯଦି ଇସ୍‌ଲାମାବାଦ ଭାରତ ଉପରେ ଗୋଟିଏ ଅଣୁଅସ୍ତ୍ର ପ୍ରୟୋଗ କରେ, ତେବେ ଭାରତ ୨୦ ବୋମା ପକାଇ ପାକିସ୍ତାନକୁ ଶେଷ କରିଦେବ ବୋଲି ପୂର୍ବତନ ସାମରିକ ଶାସକ ପର୍ଭେଜ ମୁଶାରଫ କହିଛନ୍ତି। ଉତ୍ତେଜନା ହ୍ରାସ କରିବା ଲାଗି ପାକିସ୍ତାନ ସଙ୍କଟ ପରିଚାଳନା ପ୍ରକୋଷ୍ଠ ଗଠନ କରିଛି। ଏହି ସେଲ୍ ସୀମାନ୍ତ ସ୍ଥିତି ଅନୁଧ୍ୟାନ କରିବା ସହ ଏହା ଉପରେ କ'ଣ ପଦକ୍ଷେପ ନିଆଯାଇପାରିବ ସେନେଇ କୂଟନୈତିକ ସ୍ତରରେ ଯୋଗାଯୋଗ ଚଳାଇଛି। ଉତ୍ତେଜନା ହ୍ରାସ ଲାଗି ପାକିସ୍ତାନ ଜାତିସଂଘ ଓ ଅନ୍ୟ ଦେଶଗୁଡିକର ସହଯୋଗ ଲୋଡ଼ିଛି।

### ନରମିଲା ଇମ୍ରାନଙ୍କ ସ୍ୱର

**ଇସ୍‌ଲାମାବାଦ, ୨୫।୨ (ପି.ଟି.)**



ଇମ୍ରାନ ଖାନ୍

ପୁଲ୍‌ଓ୍ୱାମା ଆକ୍ରମଣ ପରେ ଭାରତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହାର ଠିକଣା ଜବାବ ଦିଆଯିବ ବୋଲି କହିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସ୍ୱର ବଦଳିଯାଇଛି। ଭାରତ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଚାହୁଁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ନରମିଛନ୍ତି ଇମ୍ରାନ। ଶାନ୍ତି ପାଇଁ ଥରେ ସୁଯୋଗ ଦେବାକୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ନୂଆଦିଲ୍ଲୀ ଯଦି ପୁଲ୍‌ଓ୍ୱାମା ଆକ୍ରମଣ ଉପରେ କାର୍ଯ୍ୟାନୁଷ୍ଠାନଯୋଗ୍ୟ ଗୋଇନ୍ଦା ସୂଚନା ଦିଏ, ତେବେ ସେ ତାଙ୍କ କଥା ରଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜସ୍ଥାନରେ ମୋଦି ଏକ ଜନସଭାକୁ ଉଦ୍‌ବୋଧନ ଦେବା ଅବସରରେ କହିଥିଲେ, ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସାରା ବିଶ୍ୱ ସହମତ। ଆମେ ଆତଙ୍କ ସୃଷ୍ଟିକାରୀ ଅପରାଧୀମାନଙ୍କୁ ପୂରା ଦମ୍‌ରେ ଦଣ୍ଡଦେବା ଲାଗି ଅଗ୍ରସର ହେଉଛୁ ବୋଲି ମୋଦି କହିବା ପରେ ପାକିସ୍ତାନର ସ୍ୱର ନରମିଛି।

# ଇଟାନଗରରେ ଉତ୍ତେଜନା ଜାରି

**ଇଟାନଗର, ୨୫।୨ (ପି.ଟି.)**

**ସେନାର ପାଟ୍ରୋଲିଂ**

ଅରୁଣାଚଳପ୍ରଦେଶର ନାମସାଇ ଏବଂ ଚାନାଙ୍ଗଲାଙ୍ଗ ଜିଲାରେ ବସବାସ କରୁଥିବା ୬ ସମ୍ପ୍ରଦାୟକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ଦିଆଯିବା ପ୍ରତିବାଦରେ ଆନ୍ଦୋଳନ ରବିବାର ହିଂସାତ୍ମକ ରୂପ ନେଇଥିବାବେଳେ ସୋମବାର ମଧ୍ୟ ଉତ୍ତେଜନା ଜାରି ରହିଛି। ରାଜଧାନୀ ଇଟାନଗରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ଏବଂ ଆଇଟିବିପି ଯବାନଙ୍କୁ ମୁତୟନ କରାଯାଇଛି। ରାଜ୍ୟ ବାହାରର ତଫସିଲଭୁକ୍ତ ଜନଜାତିଙ୍କୁ ପିଆର୍‌ସି ପ୍ରଦାନ କରାଯିବ ନାହିଁ। ଏହା ଏକ ବନ୍ଦ ପ୍ରସଙ୍ଗ ବୋଲି ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ କହିବା ସତ୍ତ୍ୱେ ଲୋକେ କର୍ଫ୍ୟୁ ନ ମାନି ରାଜରାସ୍ତାକୁ ଓହ୍ଲାଉଥିବାରୁ ଇଟାନଗର ରାସ୍ତାରେ ସୋମବାର ସେନା ପାଟ୍ରୋଲିଂ କରିଛି। ଇଟାନଗର ଓ ନହରଲାଗୁନ ସହରରେ କର୍ଫ୍ୟୁ ଜାରି ରହିଛି। ୩ ଦିନରେ ୩ ଜଣଙ୍କ ଜୀବନ ଗଲାଣି। ରବିବାର ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାରଠାରୁ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ସୋମବାର ସକାଳୁ କୌଣସି ହିଂସା ଘଟି ନ ଥିଲେ ମଧ୍ୟ ଦୁଇ ସହରରେ ସଶସ୍ତ୍ର ସେନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

ରବିବାର ଉତ୍ତ୍ୟକ୍ତ ଲୋକେ କର୍ଫ୍ୟୁକୁ ନ ମାନି ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ବାସଭବନରେ ଭଙ୍ଗାରୁଜା କରିବା ସହ ଉପମୁଖ୍ୟମନ୍ତ୍ରୀ ଚାଓନା ମେଇନ୍‌ଙ୍କ ଘର ଜାଳି ଦେଇଥିଲେ। ସେମାନେ ଇଟାନଗର ଓ ନହରଲାଗୁନ ଥାନାରେ ନିଆଁ ଲଗାଇଦେବା ସହ ଶତାଧିକ ଯାନବାହନ ଜାଳି ଦେଇଥିଲେ। ବିଭିନ୍ନ ସ୍ଥାନରେ ପୋଲିସ ଓ ସରକାରୀ ଅଧିକାରୀଙ୍କ ଉପରେ ଟେକାମାଡ଼ ହୋଇଥିଲା ଓ ଜଣେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଆହତ ହୋଇଥିଲେ।

# ଏମ୍‌ପି ଓ ଉତ୍ତରାଖଣ୍ଡରେ ଏସ୍‌ପି-ବିଏସ୍‌ପି ମେଣ୍ଟ ଘୋଷଣା

**ଲକ୍ଷ୍ନୌ, ୨୫।୨ (ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡରେ ଏକାଠି ଲଢ଼ିବାକୁ ସୋମବାର ଘୋଷଣା କରିଛନ୍ତି। ପୂର୍ବରୁ ସେମାନେ ଉତ୍ତରପ୍ରଦେଶ ଲାଗି ମେଣ୍ଟ ଚୂଡ଼ାନ୍ତ କରିଥିଲେ। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ମିଳିତ ବିବୃତିରେ କହିଛନ୍ତି, ସେମାନଙ୍କ ଦଳ ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡରେ ମେଣ୍ଟ କରି ନିର୍ବାଚନ ଲଢ଼ିବ। ବୁଝାମଣା ଅନୁଯାୟୀ ସମାଜବାଦୀ ପାର୍ଟି ମଧ୍ୟପ୍ରଦେଶର ବାଲାଘାଟ, ଟିକମଗଡ ଏବଂ ଖଜୁରାହୋ ଆସନ ଏବଂ ଉତ୍ତରାଖଣ୍ଡର ଗଡ଼ଓ୍ୱାଲ ଆସନରେ ଲଢ଼ିବ। ସେହିପରି ବିଏସ୍‌ପି ଉକ୍ତ ରାଜ୍ୟର ଅନ୍ୟ ସମସ୍ତ ଆସନରେ ପ୍ରାର୍ଥୀ ଦେବ।

# ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ଲୋକାର୍ପିତ





**ନୂଆଦିଲ୍ଲୀ, ୨୫।୨**

**ପରିବାରବାଦକୁ କଡ଼ା ସମାଲୋଚନା କଲେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀସ୍ଥିତ ଐତିହାସିକ ଇଣ୍ଡିଆ ଗେଟ୍ ଏବଂ ଅମରଜ୍ୟୋତି ନିକଟରେ ନିର୍ମିତ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ଦେଶବାସୀଙ୍କୁ ସମର୍ପିତ କରିଛନ୍ତି। ଦେଶ ବିଭାଜନ ହେବା ପରଠାରୁ ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ବଜାୟ ରଖିବାରେ ଜୀବନ ଉତ୍ସର୍ଗ କରିଥିବା ଯବାନଙ୍କ ପାଇଁ ଏହା ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ସ୍ଥଳ ବୋଲି ମୋଦି କହିଛନ୍ତି। ରବିବାର ୫୩ତମ ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ବୀର ଯବାନଙ୍କ ବଳିଦାନର ସ୍ମୃତି ଫଳକ ଭାବେ ଯୁଦ୍ଧ ସ୍ମାରକୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସେ ଜଣାଇଥିଲେ। ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଏକ ମେଗା ଇଭେଣ୍ଟକୁ ସମ୍ବୋଧିତ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି ଦୀପ ପ୍ରଜ୍ୱଳନ ପୂର୍ବକ ସ୍ମାରକୀ ସ୍ଥଳକୁ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ସ୍ମାରକୀ ସ୍ଥଳ ଲୋକାର୍ପଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଶାନ୍ତିବାହିନୀ ମିଶନ ଏବଂ ଅରାଜକତା ବିରୋଧରେ ଲଢ଼ାଇ କରି ଜୀବନ ହାରିଥିବା ଯବାନଙ୍କୁ ସ୍ମରଣ କରିବା ପାଇଁ ଏହି ସ୍ମାରକୀ ସ୍ଥଳ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ଉଦ୍‌ଘାଟନ ଉତ୍ସବ ପୂର୍ବରୁ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି 'ପରିବାରବାଦ'କୁ ନେଇ କଂଗ୍ରେସ ଉପରେ ବର୍ଷିଥିଲେ। ଆଗ ଯବାନଙ୍କ ବଳିଦାନ ନା ପରିବାର ପ୍ରଶ୍ନ କରିଥିଲେ। ବୋଫର୍ସଠାରୁ ଆରମ୍ଭ କରି ହେଲିକପ୍ଟର ପର୍ଯ୍ୟନ୍ତ ଦୁର୍ନୀତି ପଛରେ ଗୋଟିଏ ପରିବାରର ହାତ ରହିଥିବା କହିଥିଲେ। ଦେଶରେ ପ୍ରଥମ ରାଫାଲ ଯୁଦ୍ଧବିମାନ ଆକାଶମାର୍ଗରେ ଉଡ଼ିବା ପରେ କଂଗ୍ରେସର ଛଳନା, ରାଜନୈତିକ ଚକ୍ରାନ୍ତ ପାଣିର ଗାର ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ସୂଚାଇଥିଲେ। ୨୦୦୯ରେ ୧ ଲକ୍ଷ ୮୬ ହଜାର ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଭାରତୀୟ ସୀମା ସୁରକ୍ଷା ବାହିନୀ ପକ୍ଷରୁ ଦାବି କରାଯାଇଥିଲା। ୨୦୧୪ ଦୀର୍ଘ ୫ ବର୍ଷ ମଧ୍ୟରେ ତାହା ସମ୍ଭବ ହୋଇପାରି ନଥିଲା। କିନ୍ତୁ ଆମ ସରକାର ଗତ ୪ ବର୍ଷ ମଧ୍ୟରେ ୨ଲକ୍ଷ ୪୦ ହଜାର ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ କିଣିଛନ୍ତି।

### ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ

**ନୂଆଦିଲ୍ଲୀ, ୨୫।୨**

**ସ୍କାଏମେଟ୍‌ର ପୂର୍ବାନୁମାନ**

ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଏମେଟ୍ ପକ୍ଷରୁ କୁହାଯାଇଛି। ସ୍ୱାଭାବିକ ବର୍ଷା ହେବାରୁ ୫୦ ପ୍ରତିଶତରୁ ଅଧିକ ସମ୍ଭାବନା ରହିଥିବାବେଳେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସାମାନ୍ୟ ସମ୍ଭାବନା ଥିବା ସ୍କାଏମେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯତିନ୍ ସିଂ କହିଛନ୍ତି। ୯୬ରୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତ ବୃଷ୍ଟିପାତକୁ ସ୍ୱାଭାବିକ ଧରାଯାଇଥାଏ। ଭାରତର କୃଷି ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ।

## ଫୁର୍ସତ

# ମାଲେକ, କୋଲ୍‌ମ୍ୟାନ୍ ବେଷ୍ଟ ଆକ୍ଟର-ଆକ୍ଟ୍ରେସ୍

**ଲସ୍ ଏଞ୍ଜେଲସ୍ :**

**ଓସ୍କାର-୨୦୧୯**





୯୧ତମ ଓସ୍କାର୍ସ ଏକାଡେମୀ ଆଓ୍ୱାର୍ଡସ ଉତ୍ସବରେ ରାମି ମାଲେକ ବେଷ୍ଟ ଆକ୍ଟର ଏବଂ ଅଲିଭିଆ କୋଲମ୍ୟାନ୍ ବେଷ୍ଟ ଆକ୍ଟ୍ରେସ୍ ଭାବେ ଓସ୍କାର ଆଓ୍ୱାର୍ଡ ଜିତିପାରିଛନ୍ତି। 'ବୋହେମେନ୍ ରାପ୍‌ସୋଡି'ରେ ନିଖୁଣ ଅଭିନୟ ପାଇଁ ରାମିଙ୍କୁ ଏବଂ ୟରଗସ୍ ଲାଣ୍ଡିମସ୍ ନିର୍ଦ୍ଦେଶିତ ଫିଲ୍ମ 'ଦି ଫେଭରାଇଟ୍' ପାଇଁ ଅଲିଭିଆକୁ ଓସ୍କାର ପୁରସ୍କାର ମିଳିଛି।

ଭାରତୀୟ ଲଘୁ ଫିଲ୍ମ 'ପିରିୟଡ୍ସ: ଦି ଏଣ୍ଡ ଅଫ୍ ସେଣ୍ଟେନ୍ସ'କୁ ଡକ୍ୟୁମେଣ୍ଟାରି ଶର୍ଟ ସବ୍‌ଜେକ୍ଟ କାଟାଗୋରିରେ ୯୧ତମ ଓସ୍କାର ଆଓ୍ୱାର୍ଡ ମିଳିଛି। ଭାରତୀୟ ଫିଲ୍ମ ନିର୍ମାତା ଗୁନିତ ମୋଙ୍ଗାଙ୍କ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାୟାକ୍ତା ଜହତାଓ୍ୱଚି ଏବଂ ମେଲିସା ବର୍ଟନ। ସେହିଭଳି ବେଷ୍ଟ ପିକ୍ଚର ଭାବରେ 'ଗ୍ରୀନ୍ ବୁକ୍' ଓସ୍କାର ପୁରସ୍କାର ଲାଭ କରିଛି।

ଆଲଫନ୍‌ସେ କୁଆରନ୍‌ଙ୍କୁ 'ରୋମା'ରେ ସର୍ବଶ୍ରେଷ୍ଠ ସିନେମାଟୋଗ୍ରାଫି ଏବଂ ନିର୍ଦ୍ଦେଶକ ଭାବେ ଦୁଇଟି ଓସ୍କାର ପୁରସ୍କାର ମିଳିଛି। ସେହିଭଳି ମାର୍ଭେଲ ଷ୍ଟୁଡିଓ ପ୍ରଯୋଜିତ 'ବ୍ଲାକ୍ ପାନ୍ଥର' ପ୍ରଥମ ସୁପରହିରୋ ଫିଲ୍ମ, ବେଷ୍ଟ କଷ୍ଟ୍ୟୁମ୍ ଡିଜାଇନ୍ ଏବଂ ବେଷ୍ଟ ପ୍ରଡକ୍ସନ୍ ଡିଜାଇନ୍‌ର ମାନ୍ୟତା ପାଇପାରିଛି। ଗାୟିକା ତଥା ଅଭିନେତ୍ରୀ ଲେଡି ଗାଗା 'ଶାଲୋ' ପାଇଁ ବେଷ୍ଟ ଅରିଜିନାଲ୍ ସଙ୍ଗ୍ କାଟାଗୋରିରେ ପ୍ରଥମ ଓସ୍କାର ପୁରସ୍କାର ଜିଣିପାରିଛନ୍ତି। ତାଙ୍କ ଅଭିନୀତ 'ଏ ଷ୍ଟାର ଇଜ୍ ବର୍ନ' ଫିଲ୍ମ ହିଟ୍ ହେବାପରେ ସେ ଲୋକପ୍ରିୟତା ଅର୍ଜନ କରିଥିଲେ। ବିଭିନ୍ନ କାଟାଗୋରିରେ ବିଜୟୀ ତାଲିକାରେ ଅଛନ୍ତି- ବେଷ୍ଟ ସପୋର୍ଟିଂ ଆକ୍ଟ୍ରେସ: ରେଗିନା କିଙ୍ଗ୍ (ଇଫ୍ ବେଲେ ଷ୍ଟ୍ରିଟ୍ କୁଡ୍ ଟକ୍), ବେଷ୍ଟ ସପୋର୍ଟିଂ ଆକ୍ଟର: ମହେର୍ଶଲା ଅଲି (ଗ୍ରିନ୍ ବୁକ୍), ବେଷ୍ଟ ଫରେନ ଲାଙ୍ଗୁଏଜ୍ ଫିଲ୍ମ: 'ରୋମା' (ମେକ୍ସିକୋ), ବେଷ୍ଟ ଆନିମେଟେଡ୍ ଫିଚର ଫିଲ୍ମ: 'ସ୍ପାଇଡର ମ୍ୟାନ୍: ଇନ୍‌ଟୁ ଦି ସ୍ପାଇଡର-ଭର୍ସ', ବେଷ୍ଟ ଅରିଜିନାଲ ସ୍କ୍ରିନ୍‌ପ୍ଲେ: 'ଗ୍ରୀନ୍ ବୁକ୍', ବେଷ୍ଟ ଆଡପ୍ଟେଡ ସ୍କ୍ରିନ୍‌ପ୍ଲେ: 'ବ୍ଲାକ୍ କ୍ଲାନ୍ସମ୍ୟାନ୍', ବେଷ୍ଟ ଲିଭ୍ ଆକ୍ସନ୍ ଶର୍ଟ: 'ସ୍କିନ୍', ବେଷ୍ଟ ଆନିମେଟେଡ୍ ଶର୍ଟ: 'ବାଓ', ବେଷ୍ଟ ହେୟାର ଆଣ୍ଡ ମେକଅପ୍: 'ଭାଇସ୍', ବେଷ୍ଟ ସାଉଣ୍ଡ ଏଡିଟିଂ: 'ବୋହେମେନ୍ ରାପ୍‌ସୋଡି', ବେଷ୍ଟ ଭିଜୁଆଲ୍ ଇଫେକ୍ଟସ: 'ଫାର୍ଷ୍ଟ ମ୍ୟାନ୍' ଏବଂ ବେଷ୍ଟ ଏଡିଟିଂରେ 'ବୋହେମେନ୍ ରାପସୋଡି'।

### ଇତିହାସର ଆଇନାରେ

**ଫେବୃୟାରୀ ୨୬ର ପ୍ରମୁଖ ଘଟଣା**

୧୯୮୦ ଫେବୃୟାରୀ ୨୬ରେ ଇଜିପ୍ଟ ଓ ଇସ୍ରାଏଲ୍ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହୋଇଥିଲା। ୧୯୪୮ରେ ଆରବ-ଇସ୍ରାଏଲ୍ ଯୁଦ୍ଧରୁ ଇଜିପ୍ଟ ଓ ଇସ୍ରାଏଲ୍ ମଧ୍ୟରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହୋଇଥିଲା। ଏହା ୧୯୭୯ ପର୍ଯ୍ୟନ୍ତ ଜାରି ରହିଥିଲା। ଆମେରିକା ରାଷ୍ଟ୍ରପତି ଜିମି କାର୍ଟର ମଧ୍ୟସ୍ଥତା କରିବା ପରେ ୧୯୮୦ରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହୋଇପାରିଥିଲା।

୨୦୧୩ ଫେବୃୟାରୀ ୨୬ରେ ଇଜିପ୍ଟର ଲକ୍ସରଠାରେ ଏକ ହଟ୍ ଏୟାର ବେଲୁନ୍ ବିସ୍ଫୋରଣ ହେବାଯୋଗୁ ୧୯ ଲୋକଙ୍କ ମୃତ୍ୟୁ ଘଟିଥିଲା। ହଟ୍ ଏୟାର ବେଲୁନ୍ ଏୟାରକ୍ରାଫ୍ଟଠାରୁ ହାଲୁକା। ଏଥିରେ ଏକ ବେଲୁନ୍ ସଂଯୁକ୍ତ। ଏହା ଉତ୍ତପ୍ତ ବାୟୁରେ ପରିପୂର୍ଣ୍ଣ ଥିବାରୁ ପବନରେ ଭାସିବୁଲେ। ଖୁବ୍ କମ୍ ଉଚ୍ଚତାରେ ଉଡି ପାରୁଥିବା ଏହି ବେଲୁନ୍‌ର ନିମ୍ନଭାଗରେ ଯାତ୍ରୀ ପରିବହନ ପାଇଁ ବ୍ୟବସ୍ଥା ଅଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୭ | ୧୬.୭ |
| ଚାନ୍ଦବାଲି | ୨୭.୦ | ୨୧.୨ |
| କଟକ | ୩୧.୨ | ୧୯.୪ |
| ପାରାଦ୍ୱୀପ | ୨୭.୭ | ୨୩.୨ |
| ଭୁବନେଶ୍ୱର | ୩୨.୫ | ୨୨.୦ |
| ଗୋପାଳପୁର | ୩୨.୭ | ୨୩.୧ |
| ପୁରୀ | ୨୯.୫ | ୨୫.୬ |
| ଅନୁଗୋଳ | ୩୦.୭ | ୧୬.୬ |
| ବାରିପଦା | ୨୪.୨ | ୧୬.୦ |
| ଝାରସୁଗୁଡ଼ା | ୩୦.୦ | ୧୭.୧ |
| କେନ୍ଦୁଝର | ୨୬.୭ | ୧୪.୯ |
| ସମ୍ବଲପୁର | ୩୫.୪ | ୧୮.୧ |
| ସୁନ୍ଦରଗଡ଼ | ୩୩.୦ | ୧୪.୦ |
| ହୀରାକୁଦ | ୩୨.୦ | ୧୭.୬ |
| ତାଳଚେର | ୩୦.୨ | ୧୮.୩ |
| ଭବାନୀପାଟଣା | ୩୬.୫ | ୨୧.୫ |
| ବଲାଙ୍ଗୀର | ୩୩.୦ | ୨୦.୫ |
| କୋରାପୁଟ | --- | ୧୬.୬ |
| ଫୁଲବାଣୀ | --- | ୧୬.୮ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୬.୦ | ୧୬.୮ |
| ସୋନପୁର | ୩୩.୬ | ୧୮.୪ |
| ଦାରିଙ୍ଗିବାଡ଼ି | ୨୯.୨ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

### ମୋ ପାଇଁ କାର୍ଯ୍ୟ କରିବାର କ୍ଷେତ୍ର ପ୍ରଶସ୍ତ





**ନୂଆଦିଲ୍ଲୀ:** ତାଙ୍କ ପାଇଁ କାର୍ଯ୍ୟ କରିବାର କ୍ଷେତ୍ର ଖୁବ୍ ପ୍ରଶସ୍ତ ବୋଲି ପୂର୍ବତନ ମିସ୍ ଏସିଆ ପାସିଫିକ୍ ଦିଆ ମିର୍ଜା ପ୍ରକାଶ କରିଛନ୍ତି। ସେ ବର୍ତ୍ତମାନ ମିସ୍ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଜଣେ ମେଣ୍ଟର (ମାର୍ଗଦର୍ଶିକା) ଭାବେ କାର୍ଯ୍ୟ କରିବେ। ତାଙ୍କ କହିବାନୁଯାୟୀ, ୨୦୦୦ରେ ଭାରତରେ ସ୍ଥାନୀୟ ଅଞ୍ଚଳରେ ପ୍ରତିଦ୍ୱନ୍ଦ୍ୱିତା ହେଉ ନ ଥିଲା। ଏବେ ଭାରତର ବିଭିନ୍ନ ଜୋନ୍‌ରେ ଏହି ପ୍ରତିଯୋଗିତା ଆୟୋଜନ ହେଉଥିବାରୁ କାର୍ଯ୍ୟ କରିବାର କ୍ଷେତ୍ର ବୃଦ୍ଧି ପାଇଛି। ଦିଆ ମିର୍ଜା ଉତ୍ତର ଓ ଦକ୍ଷିଣ ଜୋନ୍ ଦାୟିତ୍ୱରେ ଥିବାବେଳେ ପୂର୍ବ ଓ ପଶ୍ଚିମ ଜୋନ୍ ଦାୟିତ୍ୱରେ ଅଛନ୍ତି ନେହା ଧୁପିଆ। ମିସ୍ ଇଣ୍ଡିଆରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ଚୟନ କରିବାବେଳେ ଏଥିପାଇଁ କେହି ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ଏହିଭଳି ଜୋନ୍‌ରେ ଅନେକ ତରୁଣୀ ଆଶାୟୀଙ୍କ ଅଂଶଗ୍ରହଣ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇପାରିଛି। ସେ ବର୍ତ୍ତମାନ ବେଙ୍ଗାଲୁରୁରେ ଥାଇ ପରବର୍ତ୍ତୀ ମିସ୍ ଇଣ୍ଡିଆ ହେବାକୁ ସ୍ୱପ୍ନ ଦେଖୁଥିବା ତରୁଣୀଙ୍କୁ ସହାୟତା କରୁଛନ୍ତି। ବର୍ତ୍ତମାନ ଅଂଶଗ୍ରହଣକାରୀଙ୍କୁ ପ୍ରତିଯୋଗିତାରେ ଫାଇନାଲକୁ ଯିବାର ସୁଯୋଗ ନ ମିଳିଲେ ମଧ୍ୟ ସେମାନେ ବହୁତ କିଛି ଶିଖିବାର ସୁଯୋଗ ପାଇପାରିବେ।

ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୯ର ବିଜୟିନୀ ମିସ୍‌ଓ୍ୱାର୍ଲଡ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଯାତ୍ରାରେ ମାତ୍ରାଧିକ ଅଶ୍ଳୀଳ ନୃତ୍ୟ




## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଭେଟି ଦେଇଛନ୍ତି। ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ମହଙ୍ଗା ଭତ୍ତାକୁ ସୋମବାର ରାଜ୍ୟ ସରକାର ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୧୯ ଜାନୁୟାରୀରୁ ଲାଗୁହେବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଏଥିରେ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଏବଂ ପେନ୍‌ସନଧାରୀ ଉପକୃତ ହେବେ।

ସୂଚନାଯୋଗ୍ୟ, ନିକଟରେ କେନ୍ଦ୍ର ସରକାର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଧାରୀଙ୍କ ପାଇଁ ୩ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ରାଜ୍ୟ ସରକାର ନିଜ କର୍ମଚାରୀଙ୍କ ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି।

## ଆଜୀବନ ସଜା କାଟୁଥିବା କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୨୫।୨

ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜୀବନସଜାକାଟୁଥିବାଜଣେକଏଦୀଙ୍କରସୋମବାର ମୃତ୍ୟୁ ଘଟିଛି। ସେ ହେଲେ କେ.ନୂଆଗାଁ ଥାନା ଅଧୀନ ବଡଗାଁ ନୂଆସାହିର ଶ୍ରୀଧର ବେହେରା (୫୬) ।

ସୋମବାର ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବଡ ମେଡିକାଲ ଫାଣ୍ଡିରେ ନଂ. ୧୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଏସ୍‌ଆଇ ଜନ୍ମେଜୟ ମଲିକ କହିଛନ୍ତି ।

ପ୍ରକାଶଯେ, ୨୦୧୩ ଏପ୍ରିଲ ୨୬ ତାରିଖରେ ଏକ ହତ୍ୟା ମାମଲାରେ ଅଦାଲତରେ ଶ୍ରୀଧର ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆଜୀବନ କାରାଦଣ୍ଡାଦେଶ ପରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଜା କାଟୁଥିଲେ। ଗତ ୨୧ତାରିଖରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଜେଲ୍ କର୍ତ୍ତୃପକ୍ଷ ଶ୍ରୀଧରଙ୍କୁ ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ଶ୍ରୀଧର ହୃଦ୍‌ରୋଗରେ ପୀଡିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜଣାଇଥିଲେ । ଏନେଇ ରିପୋର୍ଟ ହେବା ପରେ ବଡ ମେଡିକାଲ ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରିଥିଲା।






# ଅଧାରହିଲା ଓଡ଼ିଶା-ଛତିଶଗଡ଼ ଆପୋସ ବୁଝାମଣା

ଭୁବନେଶ୍ୱର,୨୫।୨(ବ୍ୟୁରୋ)

**ମହାନଦୀ ଜଳ ବିବାଦ**
- ମୁହଁ ଖୋଲିଲେନି ଦୁଇ ରାଜ୍ୟ ଅଧିକାରୀ
- ମାର୍ଚ୍ଚ ୫ରେ ପରବର୍ତ୍ତୀ ବୈଠକ
- ୯ରେ ଟ୍ରିବ୍ୟୁନାଲ ଶୁଣାଇବେ ନିଷ୍ପତ୍ତି

ମହାନଦୀ ଜଳ ବିବାଦକୁ ନେଇ ଆପୋସ ସମାଧାନ କର, ନଚେତ ରାୟ ଶୁଣାଇ ଦିଆଯିବ। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗତ ୯ ତାରିଖରେ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କୁ ଏଭଳି ପରାମର୍ଶ ଦେଇଥିଲେ। ଏହି କ୍ରମରେ ସୋମବାର ନୂଆଦିଲ୍ଲୀଠାରେ ସୁପ୍ରିମକୋର୍ଟ ପରିସରରେ ଉଭୟ ରାଜ୍ୟର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ଆପୋସ ବୁଝାମଣା ବୈଠକ। ଦୁଇଘଣ୍ଟା ଧରି ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଆସନ୍ତା ମାର୍ଚ୍ଚ ୫ ତାରିଖରେ ହେବ ପରବର୍ତ୍ତୀ ବୈଠକ। ସୋମବାର ଅନୁଷ୍ଠିତ ବୈଠକରେ କେଉଁ ବିଷୟ ଆଲୋଚନା ହେଲା ତାହା ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ବୈଠକ ପରେ କୌଣସି ଅଧିକାରୀ ଏ ନେଇ ଗଣମାଧ୍ୟମକୁ କିଛି କହିବାକୁ ମନା କରି ଦେଇଥିଲେ। ଓଡ଼ିଶା ଜଳ ସମ୍ପଦ ସଚିବ ପ୍ରଦୀପ ଜେନା କହିଛନ୍ତି ଯେ, ଯେହେତୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି ତେଣୁ ବୈଠକରେ କ'ଣ ଆଲୋଚନା ହେଲା ସେ ନେଇ କିଛି କହିବା ଠିକ୍ ନୁହେଁ।

ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ମହାନଦୀରେ ଅଣ ମୌସୁମୀ ସମୟରେ ଜଳ ପ୍ରବାହକୁ ନେଇ ଆଲୋଚନା ହୋଇଛି। ନଭେମ୍ବରରୁ ମେ ମାସ ଯାଏ ମହାନଦୀରେ ଜଳପ୍ରବାହ କମୁଥିବା ନେଇ ଓଡ଼ିଶା ପକ୍ଷରୁ ବୈଠକରେ ସୂଚନା ଦିଆଯାଇଛି। ଏହି ସମୟରେ ହୀରାକୁଦକୁ ଜଳ ପ୍ରବାହକୁ ସ୍ୱାଭାବିକ କରିବାକୁ ଦାବି କରାଯାଇଛି। ତେବେ ଓଡ଼ିଶା ପ୍ରସ୍ତାବରେ ଛତିଶଗଡ଼ ରାଜି ହୋଇ ନ ଥିବା କୁହାଯାଉଛି। ହୀରାକୁଦ ଡ୍ୟାମ୍ ପରିଚାଳନା ନିୟମ ଅନୁଯାୟୀ କେତେ ପାଣି ଅଣମୌସୁମୀ ସମୟରେ ପ୍ରବାହିତ ହେବ ସେ ନେଇ ଛତିଶଗଡ଼ ପ୍ରସ୍ତାବ ଦେଇଛି। ଛତିଶଗଡ଼ ପକ୍ଷରୁ କୁହାଯାଇଛି ଯେ, ଏହି ସମସ୍ୟା ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିବ। ତେବେ ଉଭୟ ରାଜ୍ୟ ଟ୍ରିବ୍ୟୁନାଲକୁ ଲିଖିତ ଭାବେ କି ରିପୋର୍ଟ ଦେଉଛନ୍ତି ତାହା ଉପରେ ନିର୍ଭର କରିବ ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତି।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏ.ଏମ୍. ଖାନଓ୍ୱିଲକର, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ କୌରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଏର କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଫେବୃୟାରୀ ୯ରେ ଶେଷ କରିଥିଲେ। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ଆସନ୍ତା ମାର୍ଚ୍ଚ ୯ ତାରିଖରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ମହାନଦୀ ଉପରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ୍ (ଏମ୍‌ଏଏଫ) ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସକାଶେ ଆବେଦନରେ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଶୁଣାଣି ପରେ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି ଯେ, ଉଭୟ ରାଜ୍ୟର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟାର ସମାଧାନ କରାଯାଉ। ଯଦି ଉଭୟ ରାଜ୍ୟ ଏଥିରେ ସହମତ ନ ହେବେ ତେବେ ଟ୍ରିବ୍ୟୁନାଲ ରାୟ ଶୁଣାଇବେ। ଏଥିସହିତ ବୈଠକ ପରେ ଉଭୟ ରାଜ୍ୟ ଏ ନେଇ କି ପଦକ୍ଷେପ ନେଉଛନ୍ତି ସେ ନେଇ ଏକ ଲିଖିତ ସତ୍ୟପାଠ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜଣାଇବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣିବେଳେ ରାଜ୍ୟ ସରକାରଙ୍କ କାଉନସେଲ ମହାନଦୀରେ ଗତ ୩ ମାସର ଜଳ ପ୍ରବାହ ତଥ୍ୟ ଟ୍ରିବ୍ୟୁନାଲଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ମହାନଦୀରେ ନଭେମ୍ବରରେ ୦.୧୩୭ ଏମ୍‌ଏଏଫ ଜଳସ୍ରୋତ ଥିବାବେଳେ ଡିସେମ୍ବରରେ ୦.୧୪୨ ଏବଂ ଜାନୁୟାରୀରେ ୦.୪୧୪ ଏମଏଏଫ ଥିଲା। ଅର୍ଥାତ ଗତ ୩ ମାସରେ ଜଳ ପ୍ରବାହ ୦.୧୪୧ ଏମ୍‌ଏଏଫ୍ ଥିଲା। । ୨୦୦୫ରୁ ୨୦୧୫-୧୬ ମଧ୍ୟରେ ମହାନଦୀରେ ଜଳ ପ୍ରବାହ ସ୍ରୋତ ଥିଲା ୧୨ ଏମଏଏଫ୍। ମାତ୍ର ୨୦୧୭-୧୮ରେ ବ୍ୟାରେଜ ନିର୍ମାଣ ହେବା ପରେ ଜଳର ସ୍ରୋତ ଏହା ୦.୭ ଏମଏଏଫ ହ୍ରାସ ପାଇଛି। ଉକ୍ତ ବୈଠକରେ ଉଭୟ ରାଜ୍ୟର ସଚିବ, ଯନ୍ତ୍ରୀ, ବିଶେଷଜ୍ଞ, ଆଇନଜୀବୀ ପ୍ରମୁଖ ଯୋଗ ଦେଇଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ମାମା
ପରିବାରବର୍ଗ


ଗୁଡିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293




SALE

**Yellowzone plot sale near AIIMS Hospital ready for construction. 8480745797.** D-65372

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Plot on lowest budget Brahmanjharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65598




Nuclear Tours and Travels Pvt. Ltd. required Bolero, Scorpio, Innova, Dzire, Indigo on monthly hire basis for Govt. & PSU sectors. Contact: 9938183855. Email: partner@nucleartours.com. D-11361




Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

### ଅଷ୍ଟମ ଜନ୍ମବାର୍ଷିକ ଶୁଭେଚ୍ଛା


(ଗୁଡିଆ)
ଆଦର୍ଶିନୀ ମିଶ୍ର
ପାରକେଣା, ସାକ୍ଷୀଗୋପାଳ, ପୁରୀ
ଜଗତରନାଥ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ କୃପାରୁ ତୋର ସାରା ଜୀବନ ସୁଖରେ ଭରିଯାଉ। ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମା, ପାପି, ମାମା, କକେଇ, ଖୁଡୀ, ପାପାଲି, ଅଜା, ଆଈ, ଗଗୁ ମାମୁ, ଶିଳ୍ପା ଓ ନଣ୍ଟୁ। ଧ-୧୧୩୫୪

### Happy Birthday


(Mamuni)
Subhadarsini Biswakarma
Biswanathpur, Balipatna (Khurdha)
Best Wishes from: Gangadhar Ojha, Banaja Basini Ojha, Friend and Relatives. D-65839

Now Matrimonial ads. only on Wednesday & Sunday Book 1 Get 1 FREE

### ନିରୁଦ୍ଦିଷ୍ଟ



ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଛି ଯେ ମୁଁ ଲିଲି ମହାପାତ୍ର, ସ୍ୱାମୀ- **ରଞ୍ଜନ ମହାପାତ୍ର**, ସା- ବଇଣ୍ଡା, କିଶୋରଗଞ୍ଜ, ହଣ୍ଡପା, ଅନୁଗୋଳ। ମୋର ସ୍ୱାମୀ ରଞ୍ଜନ ମହାପାତ୍ର ଦୀର୍ଘ ୬ବର୍ଷ ହେଲା କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କର କୌଣସି ସନ୍ଧାନ ପାଇଲେ ଜଣାଇବାକୁ ଅନୁରୋଧ। ଲିଲି ମହାପାତ୍ର, ବଇଣ୍ଡା, ଅନୁଗୋଳ। ମୋ: ୮୩୨୮୯୨୩୩୫୪। ଧ-୧୧୩୫୯

### ୩ୟ ଜନ୍ମଦିନ ଶୁଭେଚ୍ଛା


(ମାମା)
ଭାଗ୍ୟଶ୍ରୀ ମିଶ୍ର
ବୀରମହାରାଜପୁର (ଉଫୁଲା)
ଆଜି ତୋର ତୃତୀୟ ଜନ୍ମଦିନ ଉପଲକ୍ଷେ ବାବା ଚନ୍ଦ୍ରେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଉଜ୍ଜ୍ୱଳମୟ ଜୀବନକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ମା, ବାପା, ଅଜା, ଆଈ, କାକା, ଖୁଡୀ, ମାମୁ। ଧ-୧୧୩୬୦

### ଜନ୍ମଦିନ ଶୁଭେଚ୍ଛା


ଭୌମିକ ପାଣ୍ଡେ
ଜନ୍ମ ତା ୨୬।୦୨।୨୦୧୪
ଗ୍ରାମ/ପୋଅ- ଅତାବିରା,
ବ୍ଲକ- ଲଖନପୁର, ଜିଲ୍ଲା- ଝାରସୁଗୁଡ଼ା
ତୋର ଶୁଭ ଜନ୍ମଦିବସରେ ଭଗବାନ ପ୍ରଭୁ ଶ୍ରୀଜଗନ୍ନାଥ ଅଶେଷ କରୁଣା ବର୍ଷା କରନ୍ତୁ। ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ, ବାପା, ମା, ବଡବାପା, ବଡମା, କାକା, କାକି, ଭାଇ ଓ ଭଉଣୀ। ଧ-୧୧୩୫୯


## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୫।୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମଙ୍ଗଳବାର ସନ୍ଧ୍ୟା ୫ଟା୪୫ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୧୪ରୁ ଅଧିକ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ବସିଥିଲା। ଏଥିରେ ୨୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା।


## ମନେ ପଡ଼ନ୍ତି

### ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତ ଶ୍ରୀ ମୁରଲୀଧର ବେହୁରା
ତିରୋଧାନ: ୨୧।୦୨।୨୦୦୬
'ପୁଣ୍ୟତୋୟା-ଇ-୭'
ବିଜେବି ନଗର
ସମୟର ବ୍ୟବଧାନ ଆପଣଙ୍କୁ ଆମ ପାଖରୁ ହୁଏତ ଛଡାଇ ନେଇଛି, କିନ୍ତୁ ହୃଦୟରୁ ନୁହେଁ। ଏବେବି ଆପଣଙ୍କ ସ୍ମୃତି ଅମଳିନ, ଅପାସୋରା। କନ୍ୟା, ପୁତ୍ର ଏବଂ ପରିବାରବର୍ଗ। ଧ-୧୧୩୫୩

### ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତ ଅମୂଲ୍ୟକୃଷ୍ଣ ମିଶ୍ର
ଆବିର୍ଭାବ: ୦୬।୦୭।୧୯୩୨
ତିରୋଧାନ: ୨୬।୦୨।୨୦୦୧
ଆପଣଙ୍କ ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ପୁତ୍ର: ପ୍ରତାପାଦିତ୍ୟ ଓ ତରୁଣାଦିତ୍ୟ, ପୁତ୍ରବଧୂ: ସବିତା ଓ ଜୟଶ୍ରୀ, ଝିଅ: ସରିତା ଓ ଉପାଳି, ଜ୍ୱାଇଁ: ରୁଦ୍ରନାରାୟଣ ଓ ଉତ୍ତମ, ନାତିନାତୁଣୀ, ନାତୁଣୀଜ୍ୱାଇଁ, ଆତ୍ମୀୟସ୍ୱଜନ ଏବଂ ବନ୍ଧୁବର୍ଗ। ଧ-୧୧୩୬୩

### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ପ୍ରଶ୍ନପତ୍ର ଭାଇରାଲ ନେଇ ବିରୋଧୀଙ୍କ ସମାଲୋଚନା

# ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ରାଜ୍ୟରେ ମାଟ୍ରିକ ପରୀକ୍ଷା ଚାଲିଥିବାବେଳେ ପ୍ରଶ୍ନପତ୍ର ଲିକ୍‌କୁ ନେଇ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ସରକାର ନିଜର ଅପାରଗତା ପାଇଁ ରାଜ୍ୟର ପିଲାମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ସ୍କୁଲର ପାଚେରି ପାଖରେ ଅନେକ ଲୋକ କପି ଦେଉଛନ୍ତି। ସ୍କୁଲ ଭିତରକୁ ଅବାଧରେ ପ୍ରବେଶ କରୁଛନ୍ତି । ଯେଉଁ ସରକାରର ଶାସନ କରିବାର ଇଚ୍ଛା ଶକ୍ତି ନ ଥାଏ ଏହାକୁ ଅପାରଗତା, ସ୍ଥାଣୁ, ସମ୍ବେଦନହୀନ ବୋଲି କୁହାଯାଏ । ଏ କଥା ଗୁଡିକ କହିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାଧୁଛି । ନିଜର ଅପାରଗତା କାରଣରୁ ଓଡିଶାର ପିଲାଙ୍କ ଭବିଷ୍ୟତ ସାଙ୍ଗରେ ଖେଳୁଛନ୍ତି । ଓଡିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ପ୍ରଶ୍ନପତ୍ର ଭାଇରାଲ୍ କରୁଛନ୍ତି। ସେମାନେ ସଚେତନ ହୋଇଥିଲେ ପିଲାମାନଙ୍କ ଭବିଷ୍ୟତ ସହ ନ ଖେଳି ଏଥିରୁ ନିବୃତ୍ତ ରହିଥାଆନ୍ତେ। ଏହା ସରକାରଙ୍କ ବିଫଳତା ହୋଇଥାଇପାରେ, ମାତ୍ର ଏହାର ସୁବିଧା ନେଇ ଯେଉଁମାନେ ଏଭଳି କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ନଚେତ୍ ଆମେ ଧରିନେବୁ ଏଥିରେ ସରକାରଙ୍କ ହାତ ରହିଛି ବୋଲି ଶରତ କହିଛନ୍ତି।

# ଘୋଷଣା ହେବ ରାଜ୍ୟ ଫିଲ୍ମ ଓ ଟେଲି ପୁରସ୍କାର

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଫିଲ୍ମ ଓ ଟେଲିଭିଜନ ପୁରସ୍କାର ମଙ୍ଗଳବାର ଘୋଷଣା ହେବ। ରାଜ୍ୟରେ ଚଳଚ୍ଚିତ୍ର ଓ ଟେଲି ଧାରାବାହିକକୁ ପ୍ରୋତ୍ସାହନ ଦେବା ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଉଛି। ଏଥିଲାଗି ମନୋନୟନ ପ୍ରକ୍ରିୟା ସରିଥିବାବେଳେ ଭୁବନେଶ୍ୱରସ୍ଥିତ ପାନ୍ଥନିବାସ କନ୍‌ଭେନଶନ ହଲ୍‌ରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପୁରସ୍କାର ସମ୍ପର୍କରେ ଘୋଷଣା କରିବେ। ୨୭ଟି ବିଭାଗରେ ଯୋଗ୍ୟ ବିବେଚିତ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, ସ୍କ୍ରିପ୍ଟ ରାଇଟର, ଟେକ୍ନିସିଆନ୍ ପ୍ରମୁଖଙ୍କୁ ୨୦୧୭ ମସିହା ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ଚଳଚ୍ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ମର୍ଯ୍ୟାଦାଜନକ 'ଜୟଦେବ ପୁରସ୍କାର' ପ୍ରଦାନ କରାଯିବ। ତେବେ ଚଳିତବର୍ଷ ଜଣେ ଚଳଚ୍ଚିତ୍ର ଏଡିଟର ଜୟଦେବ ପୁରସ୍କାର ପାଇବେ ବୋଲି ବିଶେଷସୂତ୍ରରୁ ଖବରମିଳିଥିବା ବେଳେ ଶ୍ରେଷ୍ଠ ଚଳଚ୍ଚିତ୍ରଭାବେ ନିକଟରେ ଜାତୀୟ ପୁରସ୍କାର ହାସଲ କରିଥିବା ଏକ ଓଡ଼ିଆ ଫିଲ୍ମ ମନୋନୀତ ହୋଇଥିବା ଚର୍ଚ୍ଚା ହେଉଛି।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ଲାଗି ଚଳିତବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ ଜଣିଆ ଜୁରି କମିଟି ଗଠନ କରାଯାଇଥିଲା। ଏଥିପାଇଁ ଫେବୃୟାରୀ ୧୧ରୁ ସ୍କ୍ରିନିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥର ପ୍ରାମାଣିକ ଚଳଚ୍ଚିତ୍ରକୁ ମିଶାଇ ସମୁଦାୟ ୨୪ ଆବେଦନ ହୋଇଥିଲାବେଳେ ମୁଖ୍ୟସ୍ରୋତ ଫିଲ୍ମ ବ୍ୟତୀତ କିଛି ଡକ୍ୟୁମେଣ୍ଟାରୀ, ସର୍ଟ ଫିଲ୍ମ ଓ ଶିଶୁ ଚଳଚ୍ଚିତ୍ର ମଧ୍ୟ ଏହି ପୁରସ୍କାର ଦୌଡ଼ରେ ସାମିଲ ହୋଇଥିଲା।

# ଏଫ୍‌ଆରଏ ହିତାଧିକାରୀଙ୍କ ତାଲିକା ପ୍ରକାଶ କରିବେ ରାଜ୍ୟ ସରକାର

- ୪.୨୨ ଲକ୍ଷ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ
- ୧.୪୮ ଲକ୍ଷ ଆବେଦନ ଖାରଜ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଜଙ୍ଗଲ ଅଧିକାର ଆଇନ(ଏଫ୍‌ଆରଏ) ମାଧ୍ୟମରେ ଜଙ୍ଗଲ ଜମି ପଟ୍ଟା ପାଇବାକୁ ଯେଉଁମାନେ ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଲକ୍ଷାଧିକ ଆବେଦନକୁ ରାଜ୍ୟ ସରକାର ଖାରଜ କରି ଦେଇଛନ୍ତି। ଯେଉଁ ଆବେଦନ ଖାରଜ ହୋଇଛି ସେଗୁଡିକୁ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା ଅନୁଯାୟୀ କେସ ଟୁ କେସ ବିଚାରକରି ଯେଉଁମାନେ ପଟ୍ଟା ପାଇବାକୁ ଯୋଗ୍ୟ ସେମାନଙ୍କୁ ଜମି ଅଧିକାର ପଟ୍ଟା(ଆରଓଆର) ଦିଆଯାଉଛି । ଏଫଆରଏ ହିତାଧିକାରୀଙ୍କ ତାଲିକା ଖୁବଶୀଘ୍ର ପ୍ରକାଶ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ରମେଶ ମାଝି କହିଛନ୍ତି ଯେ ରାଜ୍ୟ ସରକାର ବନବାସୀମାନଙ୍କର ଜଙ୍ଗଲ ଅଧିକାରକୁ ନିଶ୍ଚିତ ଭାବେ ସୁରକ୍ଷା ଯୋଗାଇଦେବେ। ଜିଲାସ୍ତରରେ ଜିଲାପାଳ ଓ ତାଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା କମିଟି ଆବେଦନକାରୀଙ୍କ ଆବେଦନପତ୍ରକୁ ଗୋଟି ଗୋଟି କରି ଯାଞ୍ଚ କରି ପ୍ରକୃତ ଆବେଦନକାରୀଙ୍କୁ ପଟ୍ଟା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ ପଟ୍ଟା ଯୋଗାଇ ଦିଆଯାଉଛି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ପଟ୍ଟା ଯୋଗାଇବାରେ ଅନ୍ୟ ରାଜ୍ୟ ତୁଳନାରେ ଆଗରେ ରହିଛି। ପଟ୍ଟା ପାଇବାକୁ ୫.୮୦ ଲକ୍ଷ ଆବେଦନରୁ ୪.୨୨ ଲକ୍ଷ ଲୋକଙ୍କୁ ପଟ୍ଟା ଦିଆଯାଇଥିବା ବେଳେ ୧.୪୮ ଲକ୍ଷ ଲୋକଙ୍କର ପ୍ରତ୍ୟାଖ୍ୟାନ କରାଯାଇଛି। କେବଳ ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ ୧୬,୮୬୪ଟି ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ମାନସିକତା ବୋଲି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଅଭିଯୋଗ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଭାଇରାଲ ପରେ...

ପରୀକ୍ଷା କେନ୍ଦ୍ର ଆଖପାଖ ଅଞ୍ଚଳକୁ ଭିଡ଼ମୁକ୍ତ କରିବାକୁ ବୋର୍ଡ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି। ଆବଶ୍ୟକସ୍ଥଳେ ୧୪୪ ଧାରା ଜାରି କରିବାକୁ ପୋଲିସକୁ ଅଧିକାର ଦିଆଯାଇଛି। ହେଲେ ସୁରକ୍ଷାକର୍ମୀ ମୁତୟନ ସତ୍ତ୍ୱେ କେନ୍ଦ୍ର ଭିତରକୁ ପଶି କିପରି ପିଲାଙ୍କୁ କପି ଯୋଗାଇ ଦିଆଯାଉଛି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ଏହି ଘଟଣା ପଦାକୁ ଆସିବା ପରେ ପଳାସପିଠିଆ ହାଇସ୍କୁଲରେ ୧୪୪ ଧାରା ଜାରି କରିବାକୁ ସୁପାରିସ୍ କରାଯାଇଥିବା ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କହିଛନ୍ତି। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଅନିୟମିତତା ପଦାକୁ ଆସିବା ପରେ ବୋର୍ଡ ପକ୍ଷରୁ ଏକ ଟିମ୍ ଘଟଣାର ତଦନ୍ତ କରୁଛି। ସେମାନଙ୍କ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଘୁନ୍‌ସର ହାଇସ୍କୁଲ୍‌ରେ ପାଚେରି ଡେଇଁ ପିଲାଙ୍କୁ କପି ଯୋଗାଇ ଦିଆଯାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା କହିଛନ୍ତି, ଉକ୍ତ ଭିଡିଓଟି ପ୍ରଥମ ଦିନ ପରୀକ୍ଷା ସମୟର ବୋଲି ତଦନ୍ତରୁ ଜଣାପଡିଛି। କପି ବନ୍ଦ ପାଇଁ କଡା ପଦକ୍ଷେପ ନିଆଯାଇଛି। ପାଚେରି ପାର୍ଶ୍ୱ ଝରକା ବନ୍ଦ କରାଯାଇ ପରୀକ୍ଷା ଗୃହରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ବୋର୍ଡ ସଭାପତି ବେଗମ କହିଛନ୍ତି, ପୂର୍ବରୁ କଡା ନିର୍ଦ୍ଦେଶ ସତ୍ତ୍ୱେ ଜିଲା ଶିକ୍ଷାଧିକାରୀ କିମ୍ବା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ କାହିଁକି ପଦକ୍ଷେପ ଗ୍ରହଣ କରି ନ ଥିଲେ, ସେ ଦିଗରେ ବିଚାର କରାଯିବ। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ଓ କପିକୁ ନେଇ ମେଧାବୀ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କାଳେ ପରୀକ୍ଷା ବାତିଲ ହୋଇଯିବ ତାହାକୁ ନେଇ ସେମାନଙ୍କ ମନରେ ଚିନ୍ତା ବଢ଼ିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ମୋଟ ୨୯୫୩ ପରୀକ୍ଷା କେନ୍ଦ୍ରରେ ୫,୮୭,୭୨୦ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ସେଣ୍ଟର ଭିତରକୁ ମୋବାଇଲ୍ ଫୋନ୍ ନିଷିଦ୍ଧ କରାଯିବା ସହ ପରୀକ୍ଷା ନିରୀକ୍ଷକ ବା ପରୀକ୍ଷା ସହ ସମ୍ପୃକ୍ତ କୌଣସି କର୍ମଚାରୀ ତଥା ଅଧିକାରୀ ସେଣ୍ଟର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ନିରୀକ୍ଷଣ ପାଇଁ ୫୮ଟି ଫ୍ଲାଇଂ ସ୍କ୍ୱାଡ୍, ୪୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ୬ଟି ଜୋନାଲ୍ ସ୍କ୍ୱାଡ୍ ଗଠନ କରାଯାଇଛି। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଓ କପି ଯୋଗାଇବା ଘଟଣା ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠୁଛି। ସୋମବାର ଦ୍ୱିତୀୟ ଭାଷା ପରୀକ୍ଷାରେ ମୋଟ ୨୬୦ଜଣ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ଏଥିମଧ୍ୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୨୩୨ଜଣ, ମଧ୍ୟମା ପରୀକ୍ଷାରେ ୧୦ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୧୮ଜଣ କପି କରି ଧରାପଡ଼ିଛନ୍ତି।

## 'ମୁଁ ଚାଷୀ...

ଯୋଗେ ଆସି ନୂଆପଡ଼ା ଗୋତମା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ତାଙ୍କୁ ଜିଲାପାଳ ପୋମା ଟୁଡୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ୩୯ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଜିଲାର ମିଶନ ଶକ୍ତି, କାଳିଆ ଯୋଜନା, ନିର୍ମାଣ ଶ୍ରମିକ ସହାୟତା ଜରିଆରେ ପାଇଥିବା ସହାୟତା ଉପରେ ହିତାଧିକାରୀମାନେ ସେମାନଙ୍କ ଅନୁଭୂତି ବ୍ୟକ୍ତ କରିଥିଲେ। ଏହି ଅବସରରେ ୧୭ଶହ ଶ୍ରମିକଙ୍କୁ ସାଇକେଲ, ୨୯୧୯ ଶ୍ରମିକଙ୍କ ପିଲାଙ୍କୁ ଶିକ୍ଷା ସହାୟତା, ୮୪ ଶ୍ରମିକଙ୍କ ପରିବାର ପାଇଁ ମୃତ୍ୟୁ ସହାୟତା ଓ ଅନ୍ତ୍ୟେଷ୍ଟି ଖର୍ଚ୍ଚ, ୪୧୦ଜଣ ଶ୍ରମିକଙ୍କୁ ବିବାହ ସହାୟତା, ୧୫୨ଜଣ ଶ୍ରମିକଙ୍କୁ ପ୍ରସୂତି ସହାୟତାକୁ ମିଶାଇ ମୋଟ ୫୩୪୯ଜଣ ଶ୍ରମିକଙ୍କୁ ସମୁଦାୟ ୩ କୋଟି ୮୫ ଲକ୍ଷ ୫୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଅଧୀନ ସ୍ୱୟଂସହାୟକ ଗୋଷ୍ଠୀର ମା' ମାନଙ୍କୁ ପ୍ରୋତ୍ସାହନ ରାଶି (ସିଡ ମନି) ବଣ୍ଟନ କରିଥିଲେ। ଜିଲାର ନୂତନ ୬ ହଜାର ୨୨୨ଟି ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏ ମୋଟ ୯ କୋଟି ୩୩ ଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ଦେଇଥିଲେ। ଡିଜିଟାଲ ସଶକ୍ତୀକରଣ ନିମନ୍ତେ ପ୍ରତି ଗୋଷ୍ଠୀଙ୍କୁ ମୋବାଇଲ ଫୋନ ପାଇଁ ୩ ହଜାର ଟଙ୍କା, ୨ ମହାସଂଘକୁ ୫୦ ଲକ୍ଷ ଲେଖାଏଁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଜାଗା ମିଶନ ଜରିଆରେ ଘରଡିହ ନ ଥିବା ହିତାଧିକାରୀମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ବିଭାଗ ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଦେବଗୁରୁଙ୍କ ଦୃଷ୍ଟିରେ ବୁଧ ଆପଣଙ୍କ ବାଗ୍ମିତାକୁ ନେଇ ବନ୍ଧୁ ଗହଣରେ ପ୍ରଶଂସିତ କରାଇବ। କର୍ମକ୍ଷେତ୍ରରେ ମଧ୍ୟ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଅବଶ୍ୟ ସାମାନ୍ୟ କଥାରେ ପରିବାରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେକୌଣସି ଆଲୋଚନା ସମୟରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି ।

**ବୃଷ**

ଉଚ୍ଚାରୋହୀ ଶୁକ୍ର ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ସାହାଯ୍ୟ କଲେ ମଧ୍ୟ ଥଣ୍ଡା କିମ୍ବା କଫ, କାଶରେ ପୀଡିତ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ**

ରାହୁଙ୍କ ପ୍ରଭାବରେ ସତର୍କତା ଅଭାବରୁ ଅର୍ଥହାନି କିମ୍ବା ତତ୍ ସମ୍ପର୍କିତ ସମସ୍ୟାରେ ଚିନ୍ତିତ ରହିପାରନ୍ତି। ପଡୋଶୀଙ୍କ ପରାମର୍ଶରେ ମାନସିକ ଦ୍ୱନ୍ଦ୍ୱର ଅବସାନ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ। ଆନୁଷ୍ଠାନିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା କାଳରେ ଅନ୍ୟମନସ୍କ ହେତୁ କୌଣସି ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କର୍କଟ**

ସ୍ୱଗୃହୀ କର୍ମାଧିପ ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ସକାଶେ ମଙ୍ଗଳ ପ୍ରଦାୟକ ହେବେ। ଆଶା ପୂରଣ ହେବା ସହ ଦୀର୍ଘଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ହେବ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣ ବଶତଃ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବୃଦ୍ଧି କରିବ।

**ସିଂହ**

ଆଜିର ଗ୍ରହସ୍ଥିତି ଅନୁକୂଳ ଥିବାରୁ ଯେଉଁ କାମରେ ହାତ ଦେବେ ତାହା ନିଶ୍ଚିତ ପୂର୍ଣ୍ଣାଙ୍ଗ ହୋଇପାରିବ। କିନ୍ତୁ ଶନିଙ୍କ ପ୍ରଭାବରେ ପଛବୁଦ୍ଧିଆ ଭଳି କାମ କରି ପଶ୍ଚାତ୍ତେ ଅନୁତାପ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ହଠାତ୍ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା**

ଚନ୍ଦ୍ର ଓ ଗୁରୁଙ୍କ ପ୍ରଭାବରେ ବନ୍ଧୁମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ସଭା ସମିତି, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗାଯୋଗ ତଥା ଏଜେନ୍ସିପରୁ ଖୁସି ରହିବେ। ସରକାରୀସ୍ତରରୁ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ। ଅଫିସ କାମରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ତୁଳା**

କର୍ମକ୍ଷେତ୍ର କିମ୍ବା ପରିବାରରେ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବାର ମାର୍ଗ ଉନ୍ମୁକ୍ତ ହୋଇପାରିବ। ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ବିଛା**

ରାଶିରେ ଗୁରୁଚାନ୍ଦ୍ରୀ ଯୋଗ ସାଙ୍ଗକୁ ଅନ୍ୟାନ୍ୟ ଗ୍ରହଙ୍କ ଶୁଭ ସଂସ୍ଥାନ ଆପଣଙ୍କ ଆଶା ଓ ଅଭିଳାଷକୁ ଅବଶ୍ୟ ପୂରଣ କରିବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବେଶିକ କୁପ୍ରଭାବରୁ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି। ଦାମ୍ପତ୍ୟ ଜୀବନରେ ବୃଥା ସନ୍ଦେହ ଅଶାନ୍ତିର କାରଣ ପାଲଟି ଯାଇପାରେ।

**ଧନୁ**

ଦ୍ୱିତୀୟସ୍ଥ ଶୁକ୍ର ପ୍ରଭାବରେ ମନ ବୁଝିଲାଭଳି କଥା କହିକାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିଲେ ମଧ୍ୟ ବିଶେଷ କିଛି ଅସୁବିଧା ରହିବ ନାହିଁ। ସରଳ ବିଶ୍ୱାସ କରି କୌଣସି ଅଜଣା ଅଶୁଣା ବ୍ୟକ୍ତିଙ୍କଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା ଆପଣଙ୍କ କାର୍ଯ୍ୟ ସମ୍ପନ୍ନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ।

**ମକର**

ଆଜିର ଦିନଟି ବହୁତ ବଢିଆ ରହିବା ସାଙ୍ଗକୁ ବନ୍ଧୁଙ୍କ ସହ ମନଖୋଲା କଥା ଓ ଅଭିଳାଷ ପୂରଣର ଦୃଢ ପ୍ରତିଶ୍ରୁତିରୁ ଖୁସି ରହିବେ। ଶନିଙ୍କ ପ୍ରଭାବରେ କାମରେ ଆଳସ୍ୟ ଅବହେଳା କଲେ ସୁଯୋଗ ହରାଇବା ସାଙ୍ଗକୁ ମନସ୍ତାପ କରିପାରନ୍ତି। ଅଯଥା କାମରେ ସମୟର ଅପଚୟ ନ କରି କୌଣସି ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଓ ଯୋଜନା ପାଇଁ ପ୍ରସ୍ତୁତି କରିବା ଭଲ ହେବ।

**କୁମ୍ଭ**

ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ବିନା କାରଣରେ ଅଶାନ୍ତି ସୃଷ୍ଟି ହେବାର ସୂଚନାକୁ ଦୃଢୀଭୂତ କରିବ। ସ୍ୱାସ୍ଥ୍ୟହାନି ହେତୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଶେୟାର ବଜାର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି।

**ମୀନ**

ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡିପାରେ। ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି। ନିର୍ମାଣକୁ କେନ୍ଦ୍ରକରି ଜମିଜମା ବିବାଦର ସମାଧାନରେ ବନ୍ଧୁ ସାହାଯ୍ୟ କରିପାରନ୍ତି। କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

ଆଜି ଫାଲଗୁନ କୃଷ୍ଣ ଅଷ୍ଟମୀ ମଙ୍ଗଳବାର, ଫେବୃୟାରୀ ୨୬ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୦୫ମି. ଗତେ ଘ୧୦।୩୧ମି. ମଧ୍ୟେ, ଘ୧୧।୫୫ମି. ଗତେ ଘ୧।୨୧ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୩୧ମି. ଗତେ ଘ୧୧।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୫୩ମି. ଗତେ ଘ୪।୨୦ମି. ମଧ୍ୟେ ରାହୁକାଳ।

# ଦୁର୍ଘଟଣାରେ ଗଲା ୬ ଜୀବନ

## ମୟୂରଭଞ୍ଜରେ ୫, ବାଲେଶ୍ୱରରେ ୧

ବାରିପଦା ଅଫିସ/ରେମୁଣା, ୨୫।୨(ଡି.ଏନ.ଏ.)

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ୬ ଜଣଙ୍କ ଜୀବନ ଯାଇଛି।୫ଜଣ ଆହତ ହୋଇଛନ୍ତି।ମୃତକଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାରେ ୫ ଜଣ ଥିବା ବେଳେ ବାଲେଶ୍ୱର ଜିଲାରେ ଜଣେ ଅଛନ୍ତି।

ରବିବାର ବିଳମ୍ବିତ ରାତିରେ ବାରିପଦାରୁ ୩ ଜଣ ଯୁବକ ବାହାଘର ରୋଷେଇ ସାରି ବାଇକ୍ ଯୋଗେ ନିଜ ଗାଁ ବୈଶିଙ୍ଗାର ବରମପୁରକୁ ଫେରୁଥିଲେ। ଏହି ସମୟରେ ବାଲେଶ୍ୱର ଜିଲା ଫୁଲାଡି ନାୟକସାହି ଅଞ୍ଚଳର ପ୍ରଭାତ କୁମାର ଷଣ୍ଢ ଏବଂ ତାଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ଏକ ସ୍କୁଟର ଯୋଗେ ଯାଉଥିଲେ। ବେତନଟୀ ଥାନା ତାରାକୋଟିଠାରେ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସମସ୍ତେ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ୩ ଜଣ ବିଶ୍ୱଜିତ ପଣ୍ଡା, ବାଙ୍କୁରା ପାତ୍ର ଏବଂ ଡାଙ୍ଗିରିପୁରା ଗ୍ରାମର ସୁଧୀରଙ୍କ ସମେତ ପ୍ରଭାତଙ୍କ ମୃତ୍ୟୁ ହୋଇଥିଲା। ସ୍କୁଟର ପଛରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିନାହିଁ। ତାଙ୍କୁ ଚିକିତ୍ସା ଲାଗି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହି ରାତିରେ ବେତନଟୀ-ଦାନ୍ତିଆମୁହାଁ ରାସ୍ତାରେ ଅନ୍ୟ ଏକ ଦୁର୍ଘଟଣା ଘଟିଥିଲା। ବାଲେଶ୍ୱରରୁ ବାରିପଦା ଅଭିମୁଖେ ଆସୁଥିବା ଏକ ବାଇକ୍ (ନଂ.ଓଆର ୦୫ ଏଏଚ ୯୯୨୭)କୁ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସହର ଲାଲ୍‌ବଜାର ଅଞ୍ଚଳର ତାପସ ବେହେରା। ବେତନଟୀ ପୋଲିସ ୫ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ସେହିପରି ସୋମବାର ଭୋର ସମୟରେ ବାଲେଶ୍ୱର ଶିମ୍ଳାଞ୍ଚଳ ଥାନା ଶାଳବଣୀ ପେଟ୍ରୋଲ ପମ୍ପ ନିକଟରେ ଏକ ବୋଲେରୋ (ନଂ ଓଡି୦୨ ଏଏଫ୍-୨୮୬୬) ଟ୍ରକ୍ ପଛପଟକୁ ଧକ୍କା ଦେଇଥିଲା। ଫଳରେ ବୋଲେରୋରେ ବସିଥିବା ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ଜଣ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଟ୍ରକ୍‌ଟି ହମ୍ପସ ନିକଟରେ ବ୍ରେକ୍ ମାରିବାରୁ ପଛରେ ଥିବା ବୋଲେରୋ ଟ୍ରକ୍ ସହ ପିଟି ହୋଇଯାଇଥିଲା। ବୋଲେରୋ ଆଗ ସିଟ୍‌ର ବାମପଟେ ବସିଥିବା ଶାହାଜାନ ଖାଁ (୩୫)ଙ୍କ ସହ ୪ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଶାହାଜାନଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନେ ହେଲେ ରମେଶ ଜେନା, ମାନସ ସେଠୀ, ରମଜାନ ଖାଁ, କରିମ ଖାଁ। ସମସ୍ତଙ୍କ ବୟସ ୩୦ରୁ ୪୦ ବର୍ଷ ହୋଇଥିବା ବେଳେ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଟାଙ୍ଗୀ ଅଞ୍ଚଳରେ। ସେମାନେ ଦୀଘା ବୁଲିବାକୁ ଆସିଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ଶିମ୍ଳାଞ୍ଚଳ ଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ୧୯ ଜିଲାରେ ବର୍ଷା ସମ୍ଭାବନା

## କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକରେ ପ୍ରବଳ ବର୍ଷା

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଗତ କିଛି ଦିନ ଧରି ରାଜ୍ୟରେ ଆରମ୍ଭ ହୋଇଥିବା ଗ୍ରୀଷ୍ମ ପ୍ରବାହରେ ରୋକ୍ ଲାଗିଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ଓଡ଼ିଶା ଏବଂ ଛତିଶଗଡ ଉପରେ ଏକ ଟ୍ରଫ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲା ଏବଂ ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହିତ କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ, ସୁନ୍ଦରଗଡ, ଖୋର୍ଦ୍ଧା, ପୁରୀ, ନୟାଗଡ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ୨୮ ତାରିଖ ଯାଏ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଝଡ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, ନୟାଗଡ ଏବଂ ଖୋର୍ଦ୍ଧା ଜିଲାରେ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।

ସୋମବାର ପାହାନ୍ତାରୁ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ହୀରାକୁଦରେ ସର୍ବାଧିକ ୨୦.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୫, ବାରିପଦା ୧୦.୨, ବାଲେଶ୍ୱର ୦.୮, କେନ୍ଦୁଝର ୦.୯, ଟିଟିଲାଗଡ ୩ ଏବଂ ଭୁବନେଶ୍ୱରରେ ୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଓ କୋହଲା ପାଗ ଯୋଗୁ ଗତ କିଛିଦିନ ଧରି ଲାଗି ରହିଥିବା ତାତି ହ୍ରାସ ପାଇଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪ରୁ ୬ ଡିଗ୍ରୀ ସେଲସିୟସ ଯାଏ ହ୍ରାସ ପାଇଛି। ଭୁବନେଶ୍ୱରରେ ଶନିବାର ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଥିବା ବେଳେ ସୋମବାର ଏହା ୩୨.୫ ଡିଗ୍ରୀକୁ ଖସି ଆସିଛି। ସେହିପରି ଅନ୍ୟାନ୍ୟ ଅଞ୍ଚଳରେ ପାରଦ ୩ରୁ୫ ଡିଗ୍ରୀ ସେଲସିୟସ ତଳେ ରହିଛି।

## ଆଜି ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ):** କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂ ମଙ୍ଗଳବାର ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ପୂର୍ବାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ୧୦ଟାରେ ସେ କଟକଠାରେ ଥିବା ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ସେଣ୍ଟ୍ରାଲ ଜେନୋମିକ୍ସ ଆଣ୍ଡ କ୍ୱାଲିଟି ଲାବୋରେଟୋରି ଲୋକାର୍ପଣ କରିବେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। କେନ୍ଦ୍ର ସଡକ ପରିବହନ ଓ ରାଜପଥ, ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖ୍ ଏଲ. ମାଣ୍ଡଭିଆ ମଧ୍ୟ ଆସନ୍ତା ୨୭ରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି।

**IN THE COURT OF CIVIL JUDGE, SENIOR DIVISION, BHUBANESWAR**

**M.S. No. : 1548 / 2012**

**State Bank of India,** Lewis Road Branch, Bhubaneswar represented through its Stressed Assets Recovery Branch, Rasulgarh, Bhubaneswar by its City Case Officer ... **Plaintiff**

**- Vrs. -**

**M/s. Rajarani Infotech & another ... Defendants**

**To,**

1. **M/s. Rajarani Infotech,**
   **Prop.: Sakti Ranjan Samal,** Age- 44 years,
   S/o.: Late Birendra Nath Samal
2. **Smt. Madhumita Samal,** Age- 43 years,
   W/o.: Sakti Ranjan Samal
   Both of Plot No.: 2865, Rajarani Petrol Pump Complex, Lewis Road, Bhubaneswar - 2

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs. 6,50,702/-** with P.I. & F.I. and you are avoiding the service of summons, for which summons cannot be served on you in normal course.

You are thereby directed to appear in this Court on **07.03.2019** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **21st day of Jan 2019.**

**Sd/- Civil Judge, Senior Division, Bhubaneswar**

# ନିର୍ବାଚନ କାର୍ଯ୍ୟକୁ ଅମଙ୍ଗ

## ୧୦୫ କର୍ମଚାରୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ଛତ୍ରପୁର,୨୫।୨(ଡି.ଏନ.ଏ.)

ଅସୁସ୍ଥତା କାରଣ ଦର୍ଶାଇ ନିର୍ବାଚନ କାର୍ଯ୍ୟରେ ସାମିଲ ନ ହେବାକୁ ଚାହୁଁଥିବା ଗଞ୍ଜାମ ଜିଲାର ୧୦୫ ସରକାରୀ କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଆଗରେ ହାଜର ହେବାକୁ ପଡ଼ିଛି। ସୋମବାର ଛତ୍ରପୁରସ୍ଥିତ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ବସିଥିବା ଏହି ବୋର୍ଡ ଆଗରେ କର୍ମଚାରୀମାନେ ପୃଥକ ଭାବେ ସେମାନଙ୍କ ସମସ୍ୟା ଓ ଚିକିତ୍ସା ସମ୍ବନ୍ଧୀୟ କାଗଜପତ୍ର ଦେଖାଇଥିଲେ। ମେଡିକାଲ ବୋର୍ଡର ରିପୋର୍ଟ ଆଧାରରେ କେଉଁମାନଙ୍କୁ ନିର୍ବାଚନ କାର୍ଯ୍ୟରୁ ଅବ୍ୟାହତି ଦିଆଯିବ ଜିଲାପାଳ ତାହାର ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି।

ସାଧାରଣ ନିର୍ବାଚନ ଲାଗି ପ୍ରଶାସନ ପକ୍ଷରୁ ଭୋଟର ତାଲିକା ପ୍ରସ୍ତୁତି ଏବଂ ପରେ ନିର୍ବାଚନ ପରିଚାଳନା ପାଇଁ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସରଙ୍କୁ ତାଲିମ ଦେବା କାର୍ଯ୍ୟ ସରିଛି। ନିର୍ବାଚନ ସମ୍ବନ୍ଧୀୟ ତାଲିମ ଦେବା ପୂର୍ବରୁ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଅଧ୍ୟାପକମାନଙ୍କୁ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ପୋଲିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇ ଛତ୍ରପୁର ଓ ବ୍ରହ୍ମପୁରଠାରେ ତାଲିମ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ନିଜର ଅସୁସ୍ଥତା ଦର୍ଶାଇ ନିର୍ବାଚନ କାର୍ଯ୍ୟ କରିପାରିବେନି ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ମେଡିକାଲ ବୋର୍ଡ ଗଠନ କରିଥିଲେ। ଉକ୍ତ ବୋର୍ଡ ସଦସ୍ୟମାନଙ୍କ ନାମ ଗୋପନ ରଖାଯାଇଥିଲା। ସେମାନଙ୍କ ମଧ୍ୟରେ ୪ ସ୍ପେଶାଲିଷ୍ଟ ଡାକ୍ତର ରହିଥିଲେ। ଅସୁସ୍ଥତା ଦର୍ଶାଇ ନିର୍ବାଚନ କାର୍ଯ୍ୟରୁ ଓହରିବାକୁ ଚାହୁଁଥିବା ସରକାରୀ କର୍ମଚାରୀଙ୍କୁ ସୋମବାର ଏହି ମେଡିକାଲ ବୋର୍ଡରେ ହାଜର ହେବାକୁ ପ୍ରଶାସନ ପକ୍ଷରୁ ଫୋନ ମାଧ୍ୟମରେ ଡକାଯାଇଥିଲା। ତେଣୁ ୧୦୫ କର୍ମଚାରୀ ପୃଥକ ଭାବେ ହାଜର ହୋଇ ନିଜ ନିଜର ସ୍ୱାସ୍ଥ୍ୟ ସମସ୍ୟା ଜଣାଇଥିଲେ। ମେଡିକାଲ ବୋର୍ଡର ୪ ସଦସ୍ୟ ମିଳିତ ଭାବେ ନିଷ୍ପତ୍ତି ନେଇ ଏ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ। ପରେ ଜିଲାପାଳ ଚୂଡାନ୍ତ ନିଷ୍ପତ୍ତି ନେବେ। ଅନ୍ୟ କୌଣସି କର୍ମଚାରୀ ଯଦି ଏପରି ଆବେଦନ କରିବେ ତାଙ୍କୁ ମଧ୍ୟ ମେଡିକାଲ ବୋର୍ଡ ଆଗରେ ହାଜର ହେବାକୁ ପଡିବ ବୋଲି ଜଣାପଡିଛି।

## ବିଜୁ ଯୁବ ବାହିନୀକୁ ସିଙ୍ଗାପୁର ବୁଲିବାକୁ ଛାଡ଼ିବା ପ୍ରସଙ୍ଗ

# ଖର୍ଚ୍ଚ ହେବାକୁ ଥିବା ଅର୍ଥ କାହାର: ଭାଜପା

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ରାଜ୍ୟରେ ଲକ୍ଷଲକ୍ଷ ଯୁବତୀ, ଯୁବକ ନିଯୁକ୍ତି ନ ପାଇ ବେକାର ବସିଛନ୍ତି। ରାଜ୍ୟ ସରକାର ତାଙ୍କ ଶାସନ କାଳରେ ସେମାନଙ୍କୁ ନିଯୁକ୍ତି ବା ଆତ୍ମନିଯୁକ୍ତି ଦେଇ ପାରିଲେନାହିଁ। ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସରକାର ଏବେ ସାଧାରଣ ଓଡିଆ ଲୋକଙ୍କ ଟିକସରୁ ଆଦାୟ ହେଉଥିବା ଅର୍ଥରେ ବିଜୁ ଯୁବ ବାହିନୀ ସଭ୍ୟମାନଙ୍କୁ ଥାଇଲାଣ୍ଡ ସିଙ୍ଗାପୁର ବୁଲାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟଙ୍କଧର କହିଛନ୍ତି ଯେ, ରାଜକୋଷରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାର ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ସିଙ୍ଗାପୁର ଓ ଥାଇଲାଣ୍ଡ ବୁଲାଇବା ପାଇଁ ନେଉଛନ୍ତି। ବିଜୁ ଯୁବ ବାହିନୀ ନାଁରେ ସରକାରୀ ଅର୍ଥର ଅପବ୍ୟବହାର କରି ଓଡିଆ ଲୋକଙ୍କ ଟିକସ ପଇସାକୁ ବରବାଦ କରିବାର ଅଧିକାର ତାଙ୍କୁ କିଏ ଦେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ନିଜ ଦଳର କିଛି ଉଦ୍‌ଭ୍ରାନ୍ତ ଓ ଶାସକ ଦଳର କୁଜି ଗୁଣ୍ଡାଙ୍କୁ ସିଙ୍ଗାପୁର ପଠାଉଛନ୍ତି ସରକାର। ଯେଉଁମାନଙ୍କୁ ସିଙ୍ଗାପୁର ପଠାଇବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି। ସେମାନଙ୍କ ଚୟନ କେଉଁ ଆଧାରରେ କରାଯାଇଛି ବୋଲି ଟଙ୍କଧର ପ୍ରଶ୍ନ କରିଛନ୍ତି। ବିଜୁ ଯୁବ ବାହିନୀ ନାଁରେ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଅନୈତିକ। ବେକାର ଓଡିଆ ପିଲାଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସରକାର ଏବେ ବେକାର ଯୁବତୀ, ଯୁବକମାନଙ୍କ ପାଖେ ଉତ୍ତର ଦିଅନ୍ତୁ ବୋଲି ଟଙ୍କଧର କହିଛନ୍ତି। ପ୍ରତି ବ୍ଲକରେ ୫ହଜାର ମୋବାଇଲ ଫୋନ୍ ବିଜୁ ଯୁବ ବାହିନୀକୁ ବଣ୍ଟାଯିବାର ବ୍ୟବସ୍ଥା କରାଯାଉଛି। ରାଜ୍ୟର ୩୧୪ ବ୍ଲକ ଓ ସମସ୍ତ ଏନ୍‌ଏସି ମ୍ୟୁନିସିପାଲିଟିରେ ସମସ୍ତ ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ ଏହା ବଣ୍ଟାଯିବ। ଏଥିପାଇଁ ପାଖାପାଖି ୭୫୦କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେବ। ଖାଲି ବିଜୁ ଯୁବ ବାହିନୀଙ୍କୁ ପୋଷିଲେ ଯୁବମୋର୍ଚ୍ଚା ଆଗାମୀ ଦିନରେ କଡା ଜବାବ ଦେବ ବୋଲି ଟଙ୍କଧର କହିଛନ୍ତି।



ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି । ... ତୁମେ ଯଦି ନୀରବ ରହି ଶୁଣ– ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ । .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ– ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାନ୍ତା ! –ଶ୍ରୀମା



# ବାସିନ୍ଦା କିଏ

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳ ଜିତିବା ପାଇଁ ଭିନ୍ନ ଭିନ୍ନ ତରିକା ଆପଣାଉଛନ୍ତି । ସେଥିମଧ୍ୟରୁ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କଲା ଭଳି କେତେକ ପ୍ରସଙ୍ଗକୁ ନିଆଯାଉଥିବାରୁ ତାହା ଗଣତନ୍ତ୍ରକୁ ନଷ୍ଟ କଲା ଭଳି ସ୍ଥିତି ଉପୁଜାଇଛି । ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଅରୁଣାଚଳ ପ୍ରଦେଶରେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ପ୍ରସଙ୍ଗ । ନାମସାଇ ଓ ଚାନାଙ୍ଗଲାଙ୍ଗ ଜିଲାରେ ବସବାସ କରୁଥିବା ୬ଟି ସମ୍ପ୍ରଦାୟକୁ ସ୍ଥାୟୀ ପ୍ରମାଣପତ୍ର ଦେବା ପାଇଁ ସରକାରୀ ସ୍ତରରେ ସୁପାରିସ ହେବା ପରେ ମୂଳ ବାସିନ୍ଦା ଏହାକୁ ବିରୋଧ କରିଛନ୍ତି । ଏହାକୁ ନେଇ କିଛିଦିନ ହେବ କୁହୁଳୁଥିବା ଅସନ୍ତୋଷ ଫେବୃୟାରୀ ୨୪ରେ ଉଗ୍ରରୂପ ଧାରଣ କରିଥିଲା । ଛାତ୍ରୀଛାତ୍ର ଓ ଉତ୍ତ୍ୟକ୍ତ ଜନତା ରାସ୍ତାକୁ ଓହ୍ଲାଇବା ସହ ଉପ-ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ବାସଭବନରେ ନିଆଁ ଲଗାଇ ଦେଇଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ବାସଭବନକୁ ସେମାନେ ଧସେଇ ପଶିବାକୁ ଉଦ୍ୟମ କଲା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିଚାଳନାରେ ୨ ଜଣ ପ୍ରତିବାଦକାରୀଙ୍କ ଜୀବନ ଯାଇଥିବା ସ୍ଥଳେ ଅନେକ ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ଅରୁଣାଚଳ ପ୍ରଦେଶରେ ଉତ୍ତେଜନା ଲାଗି ରହିଛି । ପରିସ୍ଥିତି ଅଣାୟତ୍ତ ହେବା ଲକ୍ଷ୍ୟ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଆର୍‌ସି ଉପରେ ଅଧ୍ୟୟନ କରିବା ଲାଗି ଗଠିତ କମିଟିର ସୁପାରିସକୁ ଗ୍ରହଣ କରାଯିବ ନାହିଁ । ଖଣ୍ଡୁଙ୍କ ଭାଜପା ସରକାର ଜାଣିଥିଲେ ଯେ ଏହି ପ୍ରସଙ୍ଗ ରାଜ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି କରିବ, ତଥାପି ଏହାକୁ ଲାଗୁ କରିବା ଲାଗି ବ୍ୟଗ୍ର ହୋଇପଡ଼ିବା ପଛରେ ଅଭିସନ୍ଧି ରହିଥିବା ବୁଝାପଡୁଛି ।

କିଛି ମାସ ପୂର୍ବରୁ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ନେଇ ଆସାମ ସମେତ ସମଗ୍ର ଉତ୍ତର ପୂର୍ବାଞ୍ଚଳ ଅଶାନ୍ତ ହୋଇପଡ଼ିଥିଲା । ଜାଣିଶୁଣି ଭାଜପା ସରକାର ଦୀର୍ଘବର୍ଷ ଧରି ବସବାସ କରିଆସୁଥିବା କେତେକ ବ୍ୟକ୍ତିଙ୍କ ନାମକୁ ନାଗରିକ ତାଲିକାରୁ ହଟାଇ ଦେଇଥିଲେ । ପ୍ରତିବାଦ ହେବା ପରେ ସଫେଇ ଦିଆଯାଇଥିଲା ଯେ କଟିଯାଇଥିବା ବ୍ୟକ୍ତିଙ୍କ ବିଷୟରେ ବିଚାର କରାଯାଉଛି । ତା’ ପରେ ନାଗରିକତା (ସଂଶୋଧନ) ବିଲ୍‌କୁ ନେଇ ପାର୍ଲାମେଣ୍ଟରେ ବିତର୍କ ହୋଇଯାଇଛି । ଏଥିରେ ବର୍ତ୍ତମାନର କେନ୍ଦ୍ର ସରକାର ବେଆଇନ ବିଦେଶୀ ଦେଶାନ୍ତରୀଙ୍କ ସଂଜ୍ଞାକୁ ବଦଳାଇ ଦେବାକୁ ଯୋଜନା କରିଥିବା ଅଭିଯୋଗ ହେଉଛି । ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶରୁ ନିର୍ଯାତିତ ହୋଇ ଯେଉଁ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି କିମ୍ବା ଖ୍ରୀଷ୍ଟିଆନ ପଳାଇ ଆସି ଭାରତରେ ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ବିଧିବଦ୍ଧ ଭାବେ ନାଗରିକତ୍ୱ ପ୍ରଦାନ କରିବା ନେଇ ସଂଶୋଧିତ ବିଲ୍‌ରେ ବ୍ୟବସ୍ଥା ରଖାଯାଇଛି । ତେବେ ଯେଉଁ ମୁସଲମାନମାନେ ପାକିସ୍ତାନରେ ଅତ୍ୟାଚାରିତ ହୋଇ ଏଠାକୁ ପଳାଇ ଆସିଛନ୍ତି, ସେମାନଙ୍କ ବିଷୟରେ ଏଥିରେ ଉଲ୍ଲେଖ କରାଯାଇନାହିଁ । ଏଠାରେ କୁହାଯାଇପାରେ ଯେ, ଏହି ଅଶାନ୍ତ ବାତାବରଣ ସୃଷ୍ଟି ହେବା ପଛରେ ହିନ୍ଦୁ, ମୁସଲମାନ ପ୍ରସଙ୍ଗରେ ସୀମିତ ନୁହେଁ । ସମସ୍ୟା ଉପୁଜିଛି ମୂଳ ବାସିନ୍ଦା ଓ ବାହାରୁ ଆସି ରହୁଥିବା ମୁଖ୍ୟତଃ ବଙ୍ଗଳା ଭାଷା କହୁଥିବା ବ୍ୟକ୍ତିମାନଙ୍କ ସହିତ । କେନ୍ଦ୍ର ସରକାରଙ୍କ ଉଦ୍ୟମ ହେଉଛି ଯେ ଅଧିକ ସଂଖ୍ୟକ ହିନ୍ଦୁଙ୍କୁ ସେହିସବୁ ରାଜ୍ୟରେ ପୂର୍ଣ୍ଣ ନାଗରିକତା ପ୍ରଦାନ କରି ନିଜର ଭୋଟ ହାତେଇବା । ବିରୋଧ କରୁଥିବା ମୂଳ ନାଗରିକ ଉଭୟ, ହିନ୍ଦୁ ଓ ମୁସଲମାନ, ମିଳିତ ସ୍ୱରରେ ବାହାରୁ ଆସୁଥିବା ଲୋକଙ୍କୁ ବିରୋଧ କରୁଛନ୍ତି । ଏଥିରୁ ବୁଝିବାକୁ ହେବ ଯେ, ଉତ୍ତର ପୂର୍ବାଞ୍ଚଳ ବିଷୟ ଏକ ସହଜ ବିଷୟ ନୁହେଁ । ସେଠାରେ ଲାଗି ରହିଥିବା ଉତ୍ତେଜନା ଅନେକ ପୁରୁଣା ହୋଇଥିବା ବେଳେ ଏବକାର ଭାଜପା ନୀତି ନିଆଁକୁ ଇନ୍ଧନ ଯୋଗାଉଛି ।

ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଜିତିବା ପାଇଁ ଜୋରଦାର କସରତ କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ପାତରଅନ୍ତର ନୀତି ଆପଣାଇଲେ ତାହା ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବ । ଅରୁଣାଚଳ ପ୍ରଦେଶରେ ପିଆର୍‌ସିକୁ ନେଇ ଉଠିଥିବା ବିବାଦକୁ ଦେଖାଯାଉ । ଗଣ୍ଡଗୋଳ ବ୍ୟାପିବା ପରେ ପିଆର୍‌ସି ଉପରେ ଅଧ୍ୟୟନ କରିବା ଲାଗି ଗଠିତ କମିଟିର ସୁପାରିସକୁ ଗ୍ରହଣ କରିବାକୁ ରାଜ୍ୟ ସରକାର ପଛଘୁଞ୍ଚା ଦେଇଛନ୍ତି । ତେବେ ଏଭଳି କମିଟି ଗଠନ ଲାଗି ସରକାର କାହିଁକି ଅନୁମତି ଦେଇଥିଲେ ବୋଲି ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏଥିରୁ ବୁଝିବାକୁ ହେବ ଯେ, ଭାଜପାର ଜାଣତରେ ଅସ୍ୱାଭାବିକ କାର୍ଯ୍ୟକୁ ଆଇନସମ୍ମତ କରାଯିବା ଲାଗି ପ୍ରଚେଷ୍ଟା କରାଯାଉଛି । ବିଶେଷଜ୍ଞମାନେ କହିଲେଣି ଯେ, ପ୍ରତ୍ୟେକ ନିର୍ବାଚନ ସମୟରେ ଭାଜପା ଅଯୋଧ୍ୟାରେ ରାମମନ୍ଦିର ଗଢ଼ିବା ନେଇ ପ୍ରଚାର କରିଆସୁଛି । ନିର୍ବାଚନ ସରିଯିବା ପରେ ତାହାକୁ ଭୁଲି ଯାଉଛି । କିନ୍ତୁ ଯେଭଳି ଭାବେ ଏହା ସହ ଧର୍ମୀୟ ଚିନ୍ତାଧାରା ଯୋଡ଼ି ଦିଆଯାଉଛି, ତାହାର ସୁଫଳ ଭୋଟ ଆକାରରେ ମିଳିପାରୁଛି । ତେଣୁ କେଉଁ ସମୟରେ କିଭଳି ଯନ୍ତ୍ରପାତି ଲଗାଗଲେ ସରକାରୀ କଳକୁ ଚଳାଇ ହେବ, ସେଥିଲାଗି ନିରନ୍ତର ପରୀକ୍ଷା ଚାଲିଛି । ଏବେ ଏନ୍‌ଆର୍‌ସି ଓ ପିଆର୍‌ସି ସେହି ପରୀକ୍ଷାଗାରରେ ପରୀକ୍ଷିତ ହେଉଥିବା ୨ଟି ପ୍ରସଙ୍ଗ ବୋଲି କୁହାଯାଇପାରେ । ଦେଶର ମଙ୍ଗଳ ଦୃଷ୍ଟିରୁ ଦେଖିଲେ ଏଭଳି ଚିନ୍ତାଧାରା ଭାରତୀୟ ଗଣତନ୍ତ୍ରକୁ ଧ୍ୱଂସମୁଖରେ ପକାଇ ଦେବ ।

## ଚିରନ୍ତନୀ

ବହିଯାଏ ସମୀରଣ ସମାଚାର ନାହିଁ ପାଏ ତା’ର,
ମଧୁକର ଆନମନେ ଫୁଲେ ଫୁଲେ ରଚଇ ବିହାର,
ହଜିଯାଏ ଯେତେ ଧନ ନାହିଁ ଯା’ର ସତ୍ତା
କେହି ତା’ର ନ ପୁଛେ ବାରତା !

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | 5 | 8 | | | | E | | | 6 | | 7 |
| | | C | | | | | | | 0 | | 3 | | | 4 |
| | | | 1 | | | | | | | | 7 | E | | |
| | | 6 | 0 | 9 | | 1 | B | A | | | | | 8 | 5 |
| 2 | 7 | | | | A | | | 8 | | 6 | | | 0 | 9 |
| | | | | D | | | | | | | 1 | | A | |
| | E | | C | B | | | | 2 | | | 6 | | | |
| 0 | B | | | 1 | | | | D | | 3 | A | 7 | | C |
| | | 4 | | | | 6 | 3 | | | 5 | C | | | B |
| | | 9 | | A | | C | | | | | 8 | | | 2 |
| | C | | | | | | | 4 | | | | | E | D |
| | 5 | A | | 4 | | 3 | 9 | E | | | | | | |
| 6 | | 8 | 3 | 7 | | 0 | | | | | | | | |
| | | | | | | D | | 1 | 4 | | | | | 0 |
| B | 2 | | | | | | 8 | 5 | 1 | 7 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | D | 1 | C | 8 | 7 | 2 | 9 | 6 | 4 | E | A | 5 | B |
| 1 | 8 | 2 | D | 9 | 4 | 6 | B | 0 | 5 | A | C | E | 3 | 7 |
| 4 | 5 | A | 2 | 6 | 7 | E | 3 | 8 | D | 1 | B | 9 | C | 0 |
| 7 | 6 | C | E | B | 5 | A | 4 | 1 | 0 | 9 | 3 | 8 | 2 | D |
| E | B | 9 | 3 | A | 0 | 5 | C | D | 8 | 2 | 7 | 1 | 4 | 6 |
| B | 4 | 3 | 7 | 2 | 6 | D | A | C | 9 | E | 0 | 5 | 8 | 1 |
| 6 | D | 0 | 4 | 3 | C | 1 | E | 5 | 2 | B | 8 | 7 | A | 9 |
| 9 | 2 | 1 | A | D | E | 0 | 8 | 7 | C | 5 | 6 | 4 | B | 3 |
| C | E | 8 | 5 | 1 | 9 | B | 6 | 3 | A | 7 | 4 | D | 0 | 2 |
| 5 | A | 7 | 0 | 8 | B | 2 | 9 | 4 | 1 | 3 | D | 6 | E | C |
| A | 7 | B | 6 | 5 | 1 | C | D | E | 4 | 0 | 2 | 3 | 9 | 8 |
| 0 | C | E | B | 4 | A | 8 | 1 | 6 | 3 | D | 9 | 2 | 7 | 5 |
| 8 | 1 | 6 | 9 | E | 3 | 4 | 0 | 2 | 7 | C | 5 | B | D | A |
| D | 3 | 4 | C | 7 | 2 | 9 | 5 | A | B | 8 | 1 | 0 | 6 | E |
| 2 | 9 | 5 | 8 | 0 | D | 3 | 7 | B | E | 6 | A | C | 1 | 4 |

ଗତକାଲିର ଉତ୍ତର

# ନିର୍ବାଚନ ଫଳାଫଳରେ ହସ୍ତକ୍ଷେପ



ସହଦେବ ସାହୁ

ଆମ ଦେଶରେ ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍) ଅପବ୍ୟବହାର କରି ଶାସକ ଦଳ କ୍ଷମତାକୁ ଆସିଥାଏ ବୋଲି ବିରୋଧୀ ଦଳମାନେ ବାରମ୍ବାର କହି ଆସୁଛନ୍ତି, ଜିତିବା ଦଳ ପ୍ରାୟ ଇଭିଏମ୍‌ର ଦୋଷ ଦିଏ ନାହିଁ । ଆମ ଦେଶର ନିର୍ବାଚନ କମିଶନ ଏହାର ଉତ୍ତରରେ ସର୍ବସାଧାରଣରେ ପ୍ରଦର୍ଶନ କରିଆସିଛନ୍ତି ଯେ ପ୍ରତ୍ୟେକ ଇଭିଏମ୍‌ରେ ଭିନ୍ନ ଭିନ୍ନ ଚିପ୍ ରହିଛି (ଷ୍ଟାଣ୍ଡ ଏଲୋନ୍ ମେଶିନ୍) ; ତାର, ବେତାର ବା ଅନ୍ୟ କୌଣସି ଉପାୟରେ ଅନ୍ୟ ମେଶିନ୍ ସହିତ ଯୋଖି ହୋଇନାହିଁ । ତେଣୁ ଦେଶସାରା ବା ଗୋଟିଏ ପ୍ରଦେଶଯାକ ମେଶିନ୍‌ଗୁଡିକର ଫଳକୁ ପ୍ରଭାବିତ କରିବା ଅସମ୍ଭବ । ଇଭିଏମ୍ ସହ ଝଗଡା ନ କରି ବି ନିର୍ବାଚନର ଫଳ ଓଲଟପାଲଟ କରିହୁଏ ତାହା କେହି କହୁନାହାନ୍ତି, କାରଣ ସବୁ ଦଳ ଏ କାମରେ ଜଡିତ । ରାଜନୈତିକ ଦଳ ବା ଦଳର ନେତାକୁ ଗାଦିଚ୍ୟୁତ କରିବାର ବଡ ଉପାୟ ହେଉଛି ଜନମତକୁ ବିଭ୍ରାନ୍ତ କରିବା, ବିଶେଷ କରି ଅମୁକ ପ୍ରାର୍ଥୀକୁ ସମର୍ଥନ କଲେ ଦେଶର ପ୍ରଭୂତ କ୍ଷତି ହେବ ବୋଲି ପ୍ରଦେଶ ବା ଦେଶ ସାରା ପ୍ରଚାର କରାଇବା ; ତାହା ଲାଗି ପ୍ରଭୂତ ଅର୍ଥ ଯୋଗାଇବା । ନିର୍ବାଚନରେ ଅର୍ଥବଳ ବା ବାହୁବଳ ବୋଲି ଆମେ ଯେଉଁ ଅଭିଯୋଗ ଆଣୁ ତାହା ନିର୍ବାଚନର ଫଳ ଓଲଟପାଲଟ କରିବାର ଉପାୟ ବୋଲି ମାନିଥାଉ । ସମ୍ପ୍ରତି ଓଡିଶାରୁ ଉତ୍ତରପ୍ରଦେଶକୁ ଯାଉଥିବା ଏକ ଗାଡିରୁ ଛତିଶଗଡର ମହାସମୁନ୍ଦଠାରେ ୧୦ କୋଟିରୁ ବେଶି ଟଙ୍କା ପୋଲିସ୍ ଜବତ କରିବା ବେଳେ ଏହି କଥା ଉଠିଛି ।

ଜନମତ ତିଆରି କରେ ମିଡିଆ । ତୃଣମୂଳ ସ୍ତରରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ (ଏନ୍‌ଜିଓ)ମାନେ ବି ଜନମତ ତିଆରି କରିଥାନ୍ତି ଏବଂ ସେମାନେ ଅର୍ଥଦାନକାରୀ ସଂସ୍ଥାର ମତକୁ ପ୍ରଚାର କରିଥାନ୍ତି । ତେଣୁ ଏନ୍‌ଜିଓମାନଙ୍କୁ ଅର୍ଥବଳ ଦ୍ୱାରା ନିୟନ୍ତ୍ରିତ କରିପାରିଲେ ଜନମତ କିଛିଟା ପ୍ରଭାବିତ ହୋଇପାରେ । ଲୋକର ମତକୁ ନିଜର କରିପାରିଲେ ଇଭିଏମ୍‌ର ବୋତାମ ହେଉ କି ବାଲଟ କାଗଜର ରବର ଷ୍ଟାମ୍ପ ତାହା ହିଁ ପ୍ରକାଶ କରିବ ।

କେତେକ ଦେଶର ସରକାର ଖୋଲାଖୋଲି ବା ଲୁଚାଣିଆ ଭାବେ ଆଉ ଗୋଟିଏ ଦେଶର ନିର୍ବାଚନକୁ ପ୍ରଭାବିତ କରିଥାନ୍ତି । ୨୦୧୧ ପର୍ଯ୍ୟନ୍ତ ବିଦେଶୀ ହସ୍ତକ୍ଷେପ ବହୁତ କମ୍ ଥିଲା କିମ୍ବା ସେ ସମ୍ପର୍କରେ ଅନୁଧ୍ୟାନ ହୋଇନାହିଁ ବୋଲି କମ୍ ଜଣାପଡୁଛି । ୧୯୪୬ରୁ ୨୦୦୦ ଭିତରର ଅନୁଧ୍ୟାନରୁ ଜଣାପଡିଛି ଯେ ବିଭିନ୍ନ ଦେଶର ନିର୍ବାଚନରେ ଯେତେ ବିଦେଶୀ ହସ୍ତକ୍ଷେପ ହୋଇଛି ସେ ତାଲିକାର ଶୀର୍ଷରେ ଅଛି ଆମେରିକା, ଯିଏ ୮୧ ଥର ହସ୍ତକ୍ଷେପ କରିଛି । ବାମପନ୍ଥୀ ଦଳଗୁଡ଼ିକୁ ଶାସନଗାଦିକୁ ଆସିବାର ଚେଷ୍ଟାରେ ‘ଗଣତନ୍ତ୍ର ସୁରକ୍ଷା’ ନାମରେ ଆମେରିକା ପ୍ରଭୂତ ଅର୍ଥ ଯୋଗାଇଥାଏ । ତା’ ତଳକୁ ଅଛି ପୂର୍ବତନ ସୋଭିଏଟ୍ ୟୁନିୟନ ଏବଂ ଏବର ରୁଷିଆ, ବାମପନ୍ଥୀ ଦଳମାନଙ୍କୁ ଶାସନଗାଦିକୁ ଆଣିବାର ଚେଷ୍ଟାରେ ଏହା ୩୬ ଥର ହସ୍ତକ୍ଷେପ କରିଛି । ଭାରତରେ ନିର୍ବାଚନକୁ ପ୍ରଭାବିତ କରିବାରେ ପାକିସ୍ତାନ ଓ ଚାଇନାର ଅର୍ଥ କିଛି କିଛି କାମ କରିଥାଏ ବୋଲି ଖବର ଅଛି । ଆମ ଦେଶ ବି ପଡୋଶୀ ଦେଶମାନଙ୍କରେ ଏ ଦିଗରେ ଅର୍ଥବଳ ଲଗାଇଥାଏ ।

ଏ ବିଷୟରେ ଏକାଡେମିକ୍ ଗବେଷଣା ବହୁତ ଅଛି । ଡେଭ୍ ଲେଭିଂ ୨୦୧୬ରେ ପୃଥିବୀର ୯୩୮ଟି ନିର୍ବାଚନର ଅନୁଧ୍ୟାନ କରି ଦେଖାଇଛନ୍ତି ଯେ ଉଭୟ ଆମେରିକା ଓ ରୁଷିଆ ୧୧୭ଟିରେ ହସ୍ତକ୍ଷେପ କରିଛନ୍ତି, ପ୍ରତି ୯ଟି ନିର୍ବାଚନ ଭିତରୁ ଗୋଟିଏ । ଏଥିରୁ ଶତକଡ଼ା ୬୮ ଭାଗ କ୍ଷେତ୍ରରେ ଖୋଲାଖୋଲି ହସ୍ତକ୍ଷେପ କରିଛନ୍ତି । ଖୋଦ ଆମେରିକାରେ ୧୯୬୦ ପରବର୍ତ୍ତୀ ୧୪ଟି ରାଷ୍ଟ୍ରପତି ନିର୍ବାଚନ ଭିତରୁ ୭ଟିରେ ବିଦେଶୀ ହସ୍ତକ୍ଷେପ ଫଳାଫଳକୁ ପ୍ରଭାବିତ କରିଛି । ରୁଷିଆର ଅର୍ଥବଳ ଆମେରିକାରେ ସୋସିଆଲ୍ ମିଡିଆକୁ ପ୍ରଭାବିତ କରି ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇଲା ବୋଲି କୁହାଯାଉଛି ।

୨୦୧୨ର ଏକ ଅନୁଧ୍ୟାନରୁ ୨ଜଣ ଗବେଷକ କର୍‌ଷ୍ଟେଞ୍ଜି ଓ ମାରିନୋଭ୍ ମନ୍ତବ୍ୟ ଦେଇଛନ୍ତି ଯେ ଦୁଇ ରକମର ବିଦେଶୀ ହସ୍ତକ୍ଷେପ ଅଛି । ଗୋଟିଏ ହେଉଛି ପକ୍ଷପାତ ହସ୍ତକ୍ଷେପ, ଯହିଁରେ ବିଦେଶୀ ଶକ୍ତିର ଅର୍ଥବଳ ଗୋଟିଏ ପ୍ରାର୍ଥୀକୁ ସମର୍ଥନ କରେ । ଆଉ ଗୋଟିଏ ହେଉଛି ପ୍ରକ୍ରିୟା ହସ୍ତକ୍ଷେପ, ଯହିଁରେ ବିଦେଶୀ ଶକ୍ତି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁପରିଚାଳିତ କରିବା ଆଳରେ ପ୍ରଭୂତ ଅର୍ଥ ବ୍ୟୟ କରେ, ଯିଏ ଜିତୁ ପଛେ ସେହି ଚେଷ୍ଟାରେ । କୌଣସି ପକ୍ଷକୁ ସମର୍ଥନ କରି ଯେଉଁ ହସ୍ତକ୍ଷେପ କରାଯାଏ ତହିଁର ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ପ୍ରାର୍ଥୀଟି ଜିତିଲେ ହସ୍ତକ୍ଷେପକାରୀ ଦେଶ ସହିତ ଭଲ ସମ୍ପର୍କ ରଖିବ ।

୨୦୦୨ର ବଲିଭିଆ ନିର୍ବାଚନରେ ଆମେରିକା କୋକା ଚାଷ ଉଡାଇ ଦେବା ପାଇଁ ଖର୍ଚ୍ଚ କରୁଥିବା ବେଳେ ରାଷ୍ଟ୍ରଦୂତ ମାନୁଏଲ ରୋଚାଙ୍କ ଜରିଆରେ ବଲିଭିଆବାସୀଙ୍କୁ ସୋସାଲିଷ୍ଟ ପ୍ରାର୍ଥୀ ଇଭୋ ମୋରେଲ୍ସଙ୍କ ବରୋଧରେ ଭୋଟ ଦେବାପାଇଁ ମତାଇ ଥିଲେ । ଆମେରିକା ବଲିଭିଆରେ ‘ପଲିଟିକାଲ ପାର୍ଟି ରିଫର୍ମ ପ୍ରୋଜେକ୍ଟ’ ଆଳରେ ଡଲାର ସାହାଯ୍ୟ ଦେଉଥିଲା । ଚରମପନ୍ଥୀ ଏମ୍.ଏ.ଏସ୍. ଦଳ ବିରୁଦ୍ଧରେ ଗଣତନ୍ତ୍ରପନ୍ଥୀ ଦଳକୁ ଜିତାଇବା ଏହାର ଉଦ୍ଦେଶ୍ୟ ଥିଲା । କିନ୍ତୁ ଫଳ ହେଲା ଓଲଟା । ବିଦେଶୀ ହସ୍ତକ୍ଷେପ ଗୁଜବ ପ୍ରଚାର ହେଲାରୁ ମୋରେଲ୍ସଙ୍କ ପ୍ରତି ସମର୍ଥନ ବଢିଗଲା । ୧୯୭୦ରେ ଚିଲିର ରାଷ୍ଟ୍ରପତି ନିର୍ବାଚନ ବେଳେ ଆମେରିକାର ସିଆଇଏ ଚିଲିର ସାମରିକ ସେନାପତି ରେନେ ସ୍ନାଇଡରଙ୍କୁ ଅପହରଣ କରିନେବାରେ ସାହାଯ୍ୟ କଲା, ଯେପରି ସାଲଭାଡର ଆଲେଣ୍ଡେ ଦେଶର କଂଗ୍ରେସର ସମର୍ଥନ ନ ପାଏ । ତଥାପି ଆଲେଣ୍ଡେ ଜିତିଲେ ଓ ଆମେରିକା ଖୋଲାଖୋଲି ଆଲେଣ୍ଡେଙ୍କ ରାଷ୍ଟ୍ରପତିତ୍ୱକୁ ବଦ୍‌ନାମ କରିବାରେ ବହୁତ ଖର୍ଚ୍ଚ କଲା । ପରେ ଅବଶ୍ୟ ଆଲେଣ୍ଡେଙ୍କୁ ଲୋକେ ଗାଦିଚ୍ୟୁତ କରିଥିଲେ, ଏ ସାମରିକ ବିଦ୍ରୋହରେ ଆମେରିକା ପ୍ରତ୍ୟକ୍ଷ ଭାଗ ନେଇ ନ ଥିଲା । ୧୯୬୪ ଚିଲି ନିର୍ବାଚନ ପ୍ରସ୍ତୁତି ପାଇଁ ସୋଭିଏଟ୍ ସରକାର ଚିଲିର କମ୍ୟୁନିଷ୍ଟ ପାର୍ଟିକୁ ୫୦,୦୦୦ରୁ ୪ଲକ୍ଷ ଡଲାର ଯାଏ ବର୍ଷକୁ ଦେଉଥିଲା । ୧୯୬୪ ନିର୍ବାଚନରେ ଆମେରିକା ସରକାର ଏଡ୍‌ୱାର୍ଡୋ ଫ୍ରାଇ ମଣ୍ଟାଲଭାଙ୍କୁ ପ୍ରାର୍ଥୀ ହେବାରେ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମାର୍କ୍ସବାଦୀ ସାଲଭାଡର ଆଲେଣ୍ଡେ ଯେପରି ହାରନ୍ତି ସେଥିପାଇଁ ୨୪ଲକ୍ଷ ଡଲାର ସାହାଯ୍ୟ କରିଥିଲା । ୨୦୦୭ରେ ଲିବିୟା ନେତା ମୁଆମାର ଏଲ୍ ଗଦ୍ଦାଫି ଫ୍ରାନ୍ସ ରାଷ୍ଟ୍ରପତି ପ୍ରାର୍ଥୀ ନିକୋଲାସ ସାର୍କୋଜିଙ୍କୁ ସମର୍ଥନ କରି ୫କୋଟି ୟୁରୋ ଦାନ କରିଥିଲେ । ସାର୍କୋଜି ଜିତିଗଲା ପରେ ଗଦ୍ଦାଫି ଫ୍ରାନ୍ସ ଗସ୍ତରେ ଯାଇ ୧୪ଟି ରାଫାଲ ଯୁଦ୍ଧ ବିମାନ କିଣିଥିଲେ । ଲିବିୟା ସହିତ ନିକଟ ସମ୍ପର୍କ ଥିବା ଫରାସୀ–ଲେବାନିଜ୍ ବ୍ୟବସାୟୀ ଜିଆଦ୍ ଟାକିଡାଇନ୍ ଟ୍ରିପୋଲିରୁ ଫ୍ରାନ୍ସକୁ ୩ଥର ଯାଇଛନ୍ତି, ୨୦୦ ଓ ୫୦୦ ମୂଲ୍ୟର ୟୁରୋ ନୋଟଗୁଡ଼ିଏ ଭର୍ତ୍ତି ସୁଟ୍‌କେସ୍ ଧରି । ଏହି ଅଭିଯୋଗରେ ସାର୍କୋଜି ଗିରଫ ହୋଇଥିଲେ, ୨୫ ଘଣ୍ଟା ଧରି ପୋଲିସ ଜେରାରେ ଥିଲେ । ୨୦୧୭ ଅଗଷ୍ଟରେ ଜର୍ମାନୀ ନିର୍ବାଚନରେ ତୁରସ୍କ ହସ୍ତକ୍ଷେପ କରିଥିଲା । ତୁର୍କୀର ରାଷ୍ଟ୍ରପତି ରିସେପ୍ ଟାୟିପ ଏର୍ଡୋଗାନ୍ ଜର୍ମାନୀରେ ବାସ କରୁଥିବା ତୁରସ୍କମାନଙ୍କୁ ଆହ୍ୱାନ ଦେଇଥିଲେ ସିଡିୟୁ, ସିଏସ୍‌ୟୁ, ଏଡିପି ଓ ଗ୍ରୀନ୍ ପାର୍ଟି ବିରୋଧରେ ଭୋଟ ଦିଅନ୍ତୁ । ଜର୍ମାନୀରେ ପ୍ରବାସୀ ତୁରସ୍କଙ୍କ ସଂଖ୍ୟା ୪୦ ଲକ୍ଷ । ସେମାନେ ସାଧାରଣତଃ ଏସ୍.ଡି.ପି ବା ଗ୍ରୀନ୍ ପାର୍ଟିକୁ ସମର୍ଥନ କରନ୍ତି ।

୨୦୧୦ର ଗିନି ନିର୍ବାଚନରେ ଫରାସୀ ରାଷ୍ଟ୍ରପତି ସାର୍କୋଜି ତାଙ୍କର କୁବେର ବନ୍ଧୁ ଭିନ୍‌ସେଣ୍ଟ ବୋଲେରୋ ଜରିଆରେ ରାଷ୍ଟ୍ରପତି ପ୍ରାର୍ଥୀ ଆଲ୍‌ଫା କଣ୍ଡେଙ୍କୁ ସମର୍ଥନ କରି ଅର୍ଥ ସାହାଯ୍ୟ କରିଥିଲେ । କଣ୍ଡେ ଜିତିଗଲାପରେ ଭିନ୍‌ସେଣ୍ଟଙ୍କ କମ୍ପାନୀକୁ ବନ୍ଦରର କନ୍‌ସେସନ୍ ଦେଇଥିଲେ । ୧୯୫୨ରେ ଇରାନ ନିର୍ବାଚନରେ ଆମେରିକାର ସିଆଇଏ ଗୁଡିଏ ଡଲାର ଖର୍ଚ୍ଚକରି ୧୮ଜଣ ସମର୍ଥକଙ୍କୁ ଜିତାଇଥିଲେ । ଇରାନ୍ ସଂସଦରେ ମହମ୍ମଦ ମୋସାଦିକ୍‌ଙ୍କୁ ବଦ୍‌ନାମ କରାଇ ନିଜ ପ୍ରାର୍ଥୀଙ୍କୁ ଜିତାଇବାରେ ଲାଗିଥିଲେ । ୧୯୯୬ ନିର୍ବାଚନରେ ଆମେରିକା ସାହାଯ୍ୟରେ ରୁଷିଆର ପ୍ରଥମ ରାଷ୍ଟ୍ରପତି ବୋରିସ୍ ଏଲ୍‌ଟସିନ୍ ପୁନର୍ବାର ଜିତିଲେ । ଏ ନିର୍ବାଚନରେ ଆମେରିକାର ଗୋଟିଏ ଟିମ୍ ୨,୫୦,୦୦୦ ଡଲାର ପାଇ ୪ମାସ ପାଇଁ ପ୍ରଚାର କାମ କରିଥିଲେ । ତା’ପରେ ଆମେରିକା ସରକାର ରୁଷିଆକୁ ୧୦.୨ ମିଲିୟନ ଡଲାର ସାହାଯ୍ୟ ଦେଇଥିଲା । ପ୍ରେସିଡେଣ୍ଟ ବାରାକ୍ ଓବାମାଙ୍କ କାଳରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ପଦଚ୍ୟୁତ କରିବା ପାଇଁ ୱାନ୍ ଭଏସ ନାମକ ଏକ ଇସ୍ରାଏଲି ସଂଗଠନକୁ ୩,୫୦,୦୦୦ ଡଲାର ଦେଇଥିଲେ । ତା’ ଆଗରୁ ଇଥିଝାକ୍ ରବିନ୍‌ଙ୍କ ହତ୍ୟା ପରେ ୧୯୯୬ ନିର୍ବାଚନରେ ପ୍ରେସିଡେଣ୍ଟ ବିଲ୍ କ୍ଲିଣ୍ଟନ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସାଇମନ୍ ପେରେଜ୍ ଯେପରି ହରାନ୍ତି ସେଥିପାଇଁ ବହୁତ ଖର୍ଚ୍ଚ କରିଥିଲେ । କୋରିଆ, ଜାପାନ, ଫିଲିପାଇନ୍ସଆଦି ଦେଶର ନିର୍ବାଚନ ଇତିହାସରେ ଆମେରିକାର ହସ୍ତକ୍ଷେପର ଉଦାହରଣ ବହୁତ । ଅଳ୍ପଦିନ ତଳେ ୨୦୧୮ରେ ଆୟର୍ଲାଣ୍ଡରେ ଯେଉଁ ଗର୍ଭପାତ ଜନମତ ହୋଇଥିଲା ତାକୁ ଭଣ୍ଡୁର କରିବା ପାଇଁ ହଙ୍ଗେରୀ ଓ ବ୍ରିଟେନ୍ ବହୁତ ଖର୍ଚ୍ଚ କରିଥିଲେ । ତଥାପି କାଥୋଲିକ୍‌ଧର୍ମୀ ଆୟରଲାଣ୍ଡରେ ଗର୍ଭପାତ ସପକ୍ଷରେ ଜନମତ ଗଲା । ବିଲାତର ବ୍ରେକ୍‌ଜିଟ ଜନମତରେ (୨୦୧୬ ଜୁନ୍ ୨୩) ରୁଷିଆ ହସ୍ତକ୍ଷେପ କରିଥିଲା ବୋଲି ତାହାର ଯାଞ୍ଚ ଚାଲିଛି ।

ଏ ସବୁ ବଖାଣିବାର କାରଣ ରାଜନୈତିକ ଦଳମାନେ ଇଭିଏମ୍ ଉପରେ ଆଲୋଚନା ବନ୍ଦ କରି ଅର୍ଥବଳ ଓ ବାହୁବଳ କିପରି ପ୍ରତିହତ ହେବ ଓ ଆମ ନିର୍ବାଚନ ଅବାଧ, ନିରପେକ୍ଷ ଓ ମୁକ୍ତ ହେବ ତାହାର ବିଚାର କରିବା ଉଚିତ ।

ଇମେଲ୍: sahadevas@yahoo.com

# ପ୍ରଶାସନିକ ନା ପ୍ରାଶାସନିକ– ଦ୍ୱନ୍ଦ୍ୱ ଓ ସିଦ୍ଧାନ୍ତ



ବୈଷ୍ଣବ ଚରଣ ମହାନ୍ତି

ଧରିତ୍ରୀ (୧୫।୨)ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ସଦାନନ୍ଦ ନାୟକଙ୍କର ଲେଖା ‘ପ୍ରଶାସନିକ ନା ପ୍ରାଶାସନିକ’ ପ୍ରକାଶ ପାଇଛି । ଡ. ନାୟକ ଲେଖିଛନ୍ତି– ‘‘ଏହି ଶବ୍ଦଦ୍ୱୟର ପ୍ରୟୋଗ ପାଠକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଅଧିକାଂଶ ଓଡ଼ିଆ ଅଭିଧାନରେ ଏହି ଶବ୍ଦ ସ୍ଥାନିତ ହୋଇନାହିଁ, ତେଣୁ ସମାଧାନର କୌଣସି ଉପାୟ ପାଠକଙ୍କ ପାଖରେ ଉପଲବ୍ଧ ହେଉନାହିଁ । କିନ୍ତୁ ଅତ୍ୟନ୍ତ ସହଜ ଓ ସରଳ କଥା ଏହି ଯେ, ପ୍ରଶାସନ+ଇକ=ପ୍ରାଶାସନିକ, ଅର୍ଥାତ୍ ‘ପ୍ରଶାସନ’ ଶବ୍ଦର ଆଦିସ୍ୱରର ମାତ୍ରାରେ ପରିବର୍ତ୍ତନ ଘଟି ‘ଅ’ଟି ‘ଆ’ହୋଇଛି ଏବଂ ନୂତନ ଶବ୍ଦଟି ହେଉଛି ‘ପ୍ରାଶାସନିକ’, ‘ପ୍ରଶାସନିକ’ ନୁହେଁ । ସୁତରାଂ ‘ପ୍ରାଶାସନିକ ଶବ୍ଦ ହିଁ ଶୁଦ୍ଧ, ‘ପ୍ରଶାସନିକ’ ଅଶୁଦ୍ଧ । କେତେକେ କହିଥାନ୍ତି, ‘ପ୍ରଶାସନିକ’ ଏକ ବହୁଳ ଭାବେ ବ୍ୟବହୃତ ହେଉଥିବା ଶବ୍ଦ, ତେଣୁ ଏହା ହିଁ ଠିକ୍ ବା ଶୁଦ୍ଧ । ଏପରି ଯୁକ୍ତି ଅଯଥାର୍ଥ, କାରଣ ପ୍ରତ୍ୟେକ ଭାଷାର ଗୋଟାଏ ନିୟମ ରହିଛି, ଶବ୍ଦର ଏକ ଗଠନଗତ ବିଧି ରହିଛି, ନିୟମ ଉଲ୍ଲଂଘନ ଯେ କୌଣସି ଭାଷା ପାଇଁ ଶୁଭଙ୍କର ନୁହେଁ । ଅନ୍ୟ ଦୁଇଗୋଟି ବହୁ ପ୍ରଚଳିତ ଅଶୁଦ୍ଧ ଶବ୍ଦ ହେଉଛି ‘ଅର୍ଥନୈତିକ’ ଓ ‘ରାଜନୈତିକ’ । ନିୟମ ଅନୁସାରେ ଅର୍ଥନୀତି+ଇକ= ଆର୍ଥନୀତିକ, ସେହିପରି ରାଜନୀତି+ଇକ=ରାଜନୀତିକ ।’’

ଡ. ନାୟକ ଠିକ୍ କହିଛନ୍ତି । ପ୍ରକୃତରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ‘ପୂର୍ଣ୍ଣଚନ୍ଦ୍ର ଭାଷାକୋଷ’, ପ୍ରମୋଦଚନ୍ଦ୍ର ଦେବପଟ୍ଟାୟତଙ୍କ ‘ପ୍ରମୋଦ ଅଭିଧାନ’, ଗୋପୀନାଥ ନନ୍ଦଶର୍ମାଙ୍କ ‘ଶବ୍ଦତତ୍ତ୍ୱବୋଧ ଅଭିଧାନ’, କୃଷ୍ଣଚନ୍ଦ୍ର କରଙ୍କ ‘ତରୁଣ ଶବ୍ଦକୋଷ’ରେ ‘ପ୍ରଶାସନିକ’ ବା ‘ପ୍ରାଶାସନିକ’ ଶବ୍ଦ ନାହିଁ । ଏମିତି କି ‘ଅର୍ଥନୈତିକ’ ନାହିଁ କି ‘ଆର୍ଥନୀତିକ’ ବି ନାହିଁ । କିନ୍ତୁ ଏ ସବୁରେ ‘ରାଜନୈତିକ’ ଶବ୍ଦ ଅଛି, ‘ରାଜନୀତିକ’ ବି ଅଛି । କେବଳ ଅଭିଧାନ ନୁହେଁ ପଣ୍ଡିତ ନୀଳକଣ୍ଠ, ଡକ୍ଟର ମାୟାଧର ମାନସିଂହ, ପ୍ରଫେସର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଆତ୍ମଜୀବନୀରେ ‘ପ୍ରଶାସନିକ’ କି ‘ପ୍ରାଶାସନିକ’ ଏବଂ ‘ଅର୍ଥନୈତିକ’ କି ‘ଆର୍ଥନୀତିକ’ ଶବ୍ଦ ଖୋଜିଲେ ସହଜରେ ମିଳୁ ନାହିଁ । କିନ୍ତୁ ନୀଳକଣ୍ଠଙ୍କ ଆତ୍ମଜୀବନୀ (ପ୍ରଥମ ଖଣ୍ଡ, ଦ୍ୱିତୀୟ ସଂସ୍କରଣ–୧୯୭୩)ର ୧୧୧ ପୃଷ୍ଠା, ମାନସିଂହଙ୍କ ‘ଶିକ୍ଷାବିତ୍‌ର ଗାଥା’(ପ୍ରଥମ ସଂସ୍କରଣ–୧୯୬୫)ର ୨୫୧ ପୃଷ୍ଠା ଏବଂ ଭରଦ୍ୱାଜଙ୍କ ‘ଏକାକୀ ପଥିକ’(ପ୍ରଥମ ସଂସ୍କରଣ–୨୦୦୦)ର ୨୬୦ ପୃଷ୍ଠାରେ ‘ରାଜନୈତିକ’ ଶବ୍ଦ ଅଛି । ବର୍ତ୍ତମାନ ଭଳି ସେ ସମୟରେ ‘ପ୍ରଶାସନିକ’ ଓ ‘ଅର୍ଥନୈତିକ’ ଶବ୍ଦର ବହୁଳ ବ୍ୟବହାର ନ ଥିଲା । କିନ୍ତୁ ବର୍ତ୍ତମାନ କାଳର ବିଶିଷ୍ଟ ଓ ବରିଷ୍ଠ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଆତ୍ମଜୀବନୀ ‘ଅନେକ ଜୀବନ’ (ପ୍ରଥମ ସଂସ୍କରଣ–୨୦୦୦)ର ୧୭୧ ପୃଷ୍ଠାରେ ‘ପ୍ରଶାସନିକ’, ୫୮ ପୃଷ୍ଠାରେ ‘ଅର୍ଥନୈତିକ’ ଏବଂ ୬୬ ପୃଷ୍ଠାରେ ‘ରାଜନୈତିକ’ଶବ୍ଦ ରହିଛି । ଏ ସବୁକୁ ବିଚାରକୁ ନେଇ ପାଠକେ ନିଶ୍ଚୟ ଭାବିବେ ଏମାନେ ଯାହା ଲେଖିଛନ୍ତି ଅଶୁଦ୍ଧ, ଆଉ ଡ. ନାୟକ ଯାହା ଲେଖିଛନ୍ତି ତାହା ହିଁ ଶୁଦ୍ଧ ।

‘ରାଜନୈତିକ’ ଓ ‘ରାଜନୀତିକ’ ଉଭୟ ଶୁଦ୍ଧ ବୋଲି ସେମାନେ ଏଇଥିପାଇଁ ଲେଖିଛନ୍ତି– ନୀତି+ଇକ = ନୈତିକ, ନୈତିକ ପୂର୍ବରୁ ‘ରାଜ’ ଉପପଦ ଯୁକ୍ତ ହୋଇ ହୋଇଛି ‘ରାଜନୈତିକ’ । ଯେତେବେଳେ ଆମେ ‘ରାଜନୀତି’କୁ ଏକକ ଶବ୍ଦ ଭାବେ ଗ୍ରହଣ କରିବା, ସେତେବେଳେ ରାଜନୀତି+ଇକ= ‘ରାଜନୀତିକ’ ହେବ । ଠିକ୍ ସେମିତି ନୀତି+ଇକ= ନୈତିକ ପୂର୍ବରୁ ‘ଅର୍ଥ’ ଉପପଦ ଯୁକ୍ତ ହୋଇ ହୋଇଛି ‘ଅର୍ଥନୈତିକ’ । ‘ପ୍ରଶାସନିକ’ ଶବ୍ଦରେ ଶାସନ+ଇକ= ଶାସନିକ ପୂର୍ବରୁ ‘ପ୍ର’ ଉପସର୍ଗ ଯୁକ୍ତ ହୋଇ ହୋଇଛି ‘ପ୍ରଶାସନିକ’ ଏବଂ ଯେତେବେଳେ ‘ପ୍ରଶାସନ’କୁ ଆମେ ଏକକ ଶବ୍ଦ ଭାବେ ଗ୍ରହଣ କରିବା, ସେତେବେଳେ ପ୍ରଶାସନ+ଇକ= ପ୍ରାଶାସନିକ ହେବ । ଏ ଦୃଷ୍ଟିରୁ ‘ପ୍ରଶାସନିକ’ ଓ ‘ପ୍ରାଶାସନିକ’ ଉଭୟ ଶୁଦ୍ଧ । କିନ୍ତୁ ଡ. ନାୟକ ଯେଉଁ ସିଦ୍ଧାନ୍ତ ଶୁଣେଇଛନ୍ତି– ‘‘ସିଦ୍ଧାନ୍ତ ଏହି ଯେ, ‘ପ୍ରାଶାସନିକ’, ‘ଆର୍ଥନୀତିକ’ ଓ ‘ରାଜନୀତିକ’ ଶବ୍ଦ ହିଁ ଶୁଦ୍ଧ । ‘ପ୍ରଶାସନିକ’, ‘ଅର୍ଥନୈତିକ’ ଓ ‘ରାଜନୈତିକ’ ଶବ୍ଦ ହିଁ ଅଶୁଦ୍ଧ ।’’– ଏହା ଏକ ବିଭ୍ରାନ୍ତିର କଥା । ଆପଣାକୁ ସିଦ୍ଧାନ୍ତୀ ଆସନରେ ବସେଇ ଏହୁଁ ବଡ଼ବଡ଼ ବ୍ୟକ୍ତିତ୍ୱଙ୍କ ଲେଖାକୁ ଓ ଖବରକାଗଜର ଶବ୍ଦକୁ ଅଶୁଦ୍ଧ କହିବା ଆମ୍ଭ ମତରେ ଠିକ୍ ନୁହେଁ ।

‘ଆମ ଘର’, ୧୨–ମୈତ୍ରୀ ଜନପଦ, ନହରକଣ୍ଟା,
ଭୁବନେଶ୍ୱର, ମୋ–୭୦୨୦୧୬୮୧୧୮

## ଏଇ ଭାରତରେ

ମନ୍ଦିରରେ ଦେବଦେବୀଙ୍କ ମୂର୍ତ୍ତି ପୂଜା ପାଉଥିବା ସମସ୍ତେ ଜାଣନ୍ତି । କିନ୍ତୁ ମଧ୍ୟପ୍ରଦେଶର ଜବଲପୁରଠାରୁ କିଛି ଦୂରରେ ଏକ ମନ୍ଦିର ଅଛି । ସେଠାରେ ଛେଳି ମୂର୍ତ୍ତିଙ୍କୁ ପୂଜା କରାଯାଏ । କଟ୍‌ନି ଜିଲା ବଡ଼ୱାରା ତହସିଲ ଅନ୍ତର୍ଗତ ରୋହନିଆ ଗାଁରେ ରହିଛି ‘ବକ୍‌ରାଦେବ’ଙ୍କ ମନ୍ଦିର । କିଛି ବର୍ଷ ତଳେ ଗାଁରେ ଅଭାବ ପଡିଥିଲା । ଏହି ସମସ୍ୟା ଦୂର ଲାଗି ଗ୍ରାମବାସୀ ଗୋଟିଏ ଛେଳିକୁ ମା’ ଜ୍ୱାଳାମୁଖୀଙ୍କୁ ବଳିଭାବେ ଅର୍ପଣ କରିଥିଲେ । ପରେ ଏହାର ମୃତଦେହକୁ ପୋତି ସେଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରରେ ଜ୍ୱାଳାମୁଖୀଙ୍କ ପ୍ରତୀକ ଭାବରେ ଛେଳିମୂର୍ତ୍ତିଙ୍କୁ ପୂଜା କରାଯାଏ । ଗାଁରେ ଛେଳିପଲ ଚରି ଘରକୁ ଫେରିବା ସମୟରେ ମନ୍ଦିର ଚାରିପଟେ କିଛି ସମୟ ଘୁରି ଥାଆନ୍ତି । ଏଠାରେ ପ୍ରତିବର୍ଷ ଦୁଇଥର ମେଳା ଅନୁଷ୍ଠିତ ହୁଏ । ବହୁ ଶ୍ରଦ୍ଧାଳୁ ଏଠାରେ ସମବେତ ହୁଅନ୍ତି । ବକ୍‌ରାଦେବଙ୍କ ମହିମା ଅପାର ବୋଲି ଶ୍ରଦ୍ଧାଳୁମାନେ କହିଥାଆନ୍ତି । ଯେ କୌଣସି ମାନସିକ କଲେ ତାହା ନିଶ୍ଚିତ ପୂରଣ ହୋଇଥାଏ । ମାନସିକ ପୂରଣ ପରେ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିଥାଆନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଫେବୃୟାରୀ ୧୯୯୪

- ଜଣେ ସୈନ୍ୟଙ୍କର ମୃତ୍ୟୁ ଘଟଣାର ପ୍ରତିଶୋଧ ସ୍ୱରୂପ କାମେରୁନ ସୈନ୍ୟମାନେ ଉତ୍ତର କାମେରୁନର ଏକ ଗ୍ରାମକୁ ଘେରାଉ କରି ୧୧ ଜଣ ପୁରୁଷ ଓ ୩୫ ଜଣ ଶିଶୁଙ୍କ ସହ ୫୫ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି ।
- ପେରୁରେ ଭୀଷଣ ବର୍ଷା ହେବା ଫଳରେ ୫୦ ଜଣଙ୍କର ପ୍ରାଣହାନି ଘଟିବା ସହ ୫୫୦୦ରୁ ଅଧିକ ଲୋକ ଗୃହଶୂନ୍ୟ ହୋଇଥିବା ପ୍ରକାଶ ।
- ଇସ୍ରାଏଲ ଅଧିକୃତ ୱେଷ୍ଟବ୍ୟାଙ୍କ ହେବ୍ରନ ସହରର ଏକ ମସ୍‌ଜିଦରେ ଗୁଳି ଚାଳନାରେ ୫୦ ପାଲେଷ୍ଟିନୀୟ ନିହତ ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯାଉ

ମହାଶୟ,

କୃଷି ଓ କୃଷକର ସଶକ୍ତୀକରଣ ପାଇଁ କାଳିଆ ଏକ ଅଭିନବ ଯୋଜନା । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୃଷକମାନଙ୍କ ଜୀବନ ଓ ଜୀବିକାର ଉନ୍ନତି ପାଇଁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇ ଏହି ଯୋଜନାର ପ୍ରବର୍ତ୍ତନ କରି କୃଷକଙ୍କ ମନରେ ଭରପୂର ଉତ୍ସାହ ଆଣି ଦେଇଛନ୍ତି । ଦିନକୁ ଦିନ ଯୋଜନାଟି ଆଦୃତ ହେବାରେ ଲାଗିଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ନାମମାତ୍ର ଚାଷୀ, କ୍ଷୁଦ୍ର ଚାଷୀ, ଭାଗଚାଷୀ, ଭୂମିହୀନ, କୃଷି ଶ୍ରମିକ ସମସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଫଳରେ ସମସ୍ତେ ଉପକୃତ ହେବା ସଙ୍ଗେ ସଙ୍ଗେ କୃଷିରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଦେଇଛି । କିନ୍ତୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ପ୍ରଥମେ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ଅତ୍ୟନ୍ତ ଜରୁରୀ । କେତେକ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି । ପ୍ରକୃତ ଚାଷୀ କିମ୍ବା ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ସୁଫଳ ପାଇପାରିବେ, ସେଥିପାଇଁ ପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀମାନେ ଯତ୍ନବାନ ହେବେ ବୋଲି ଆଶା କରାଯାଏ ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ଶାରୀରିକ ଅକ୍ଷମଙ୍କ ପାଇଁ ଆହାର କେନ୍ଦ୍ର ଅପହଞ୍ଚ

ଯେଉଁମାନେ ଶାରୀରିକ ଅକ୍ଷମ, ସେମାନଙ୍କ ପାଇଁ ସରକାରଙ୍କ ସାମାଜିକ ନିରାପତ୍ତା ବିଭାଗ ତରଫରୁ ଭତ୍ତା ପ୍ରଦାନ କରାଯାଇଥାଏ । ମାତ୍ର ସରକାର ସାଧାରଣ ଲୋକଙ୍କ ପାଇଁ ଯେଉଁ ଆହାର କେନ୍ଦ୍ର ଖୋଲି ପାଞ୍ଚଟଙ୍କାରେ ଭାତ ଓ ଡାଲମା ଯୋଗାଇ ଦିଅନ୍ତି, ତାହା ଆମ୍ଭମାନଙ୍କ ପରି ଅକ୍ଷମମାନଙ୍କ ପାଇଁ ଅପହଞ୍ଚ । କାରଣ ସେଠାରେ କେବଳ ଟିକଟ ଦେଖାଇଲେ ଖାଦ୍ୟ ମିଳିବ । ଆମ୍ଭେମାନେ ଶାରୀରିକ ଅକ୍ଷମ ହେତୁ ସେଠାରେ ପହଞ୍ଚିପାରିବୁ ନାହିଁ । ତେଣୁ ଆହାର କେନ୍ଦ୍ରରେ ଉପଯୁକ୍ତ ମୂଲ୍ୟ ନେଇ ଶାରୀରିକ ଅକ୍ଷମମାନଙ୍କୁ ଯେପରି ଖାଦ୍ୟ ଯୋଗାଇ ଦିଆଯାଇପାରିବ, ସରକାର ତା’ର ବ୍ୟବସ୍ଥା କରନ୍ତୁ ।

ନକୁଳ ଚରଣ ଦାସ, ଶାରୀରିକ ଅକ୍ଷମ ବ୍ୟକ୍ତି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

**ସୋର, ୨୫।୨(ଡି.ଏନ.ଏ.):** ସୋର ବ୍ଲକ ମାଣିପୁର ମଧୁବନ ନୋଡାଲ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ର ଅନରଞ୍ଜନ ବେହେରା(୧୩) ମୃତ୍ୟୁ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଯଦୁନାଥ ବେହେରାଙ୍କ ପୁଅ ଅନରଞ୍ଜନ ଉକ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠପଢୁଥିଲେ। ଗତ ଗୁରୁବାର ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଛାତ୍ରମାନେ ମିଶି ନଡ଼ିଆ ତୋଳୁଥିଲେ। ଗୋଟିଏ ନଡ଼ିଆ ସମ୍ପୃକ୍ତ ଛାତ୍ରଙ୍କ ଛାତିରେ ପଡ଼ିଥିଲା। ଛାତ୍ର ଜଣକ ଘରକୁ ପଳାଇ ଯାଇଥିଲେ। ରାତିରେ ତାଙ୍କର ବାନ୍ତି ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମାଣିପୁର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡ଼ାକ୍ତରଖାନାରେ ଛାତ୍ର ଜଣକର ମୃତ୍ୟୁ ଘଟିଥିଲା। ଛାତ୍ରଜଣକ ନଡ଼ିଆ ତୋଳୁଥିବା ବେଳେ ତାଙ୍କ ଛାତିରେ ନଡ଼ିଆ ପଡ଼ିଥିଲା ବୋଲି ତାଙ୍କ ପରିବାର ଲୋକେ ଅନ୍ୟସାଙ୍ଗମାନଙ୍କଠାରୁ ଶୁଣିବାକୁ ପାଇଥିଲେ। ସୋର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବସ୍ତା, ୨୫।୨(ସ୍ୱ.ପ୍ର.):** ଅମର୍ଦ୍ଦା ରୋଡ଼ ଫାଣ୍ଡି ଅଧୀନ ବରୁଣଗଡ଼ିଆ ପଞ୍ଚାୟତର ବାଇଗଣଡ଼ିହା ଗ୍ରାମରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ଗ୍ରାମ ନିକଟସ୍ଥ ଏକ ଶ୍ମଶାନ ପାଖରେ ଏକ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରିଥିବା ଜଣାପଡ଼ିଛି। ମୃତକଙ୍କ ସଠିକ ପରିଚୟ ମିଳି ନାହିଁ। ତାଙ୍କର ବୟସ ୫୦ ବର୍ଷ ମଧରେ ହେବ।

### ଶତାୟୁ ମହିଳାଙ୍କ ପରଲୋକ

**ବାହାନଗା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ପାଖରାସାଉଁ ଗ୍ରାମର ପାର୍ବତୀ ଦେବୀ ନାମ୍ନୀ ଜଣେ ଶତାୟୁ ମହିଳାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ହୋଇଥିଲା। ମୃତା ମହିଳାଙ୍କର ୫ ଝିଅ ଓ ଦୁଇ ପୁଅ ଅଛନ୍ତି। ମୃତ୍ୟୁ ସମୟରେ ତାଙ୍କ ପାଖରେ ଝିଅ, ନାତି, ନାତୁଣୀ ଓ ନାତୁଣୀବୋହୂ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାମାତ୍ରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ ତାଙ୍କ ଶେଷଦର୍ଶନ କରିବା ସହିତ ମର ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ଧର୍ମ ପରାୟଣା ମହିଳା ଥିଲେ।

### ଏଡ୍ସ ସଚେତନତା ପ୍ରଶିକ୍ଷଣ ଶିବିର

**ରୂପ୍ସା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ୍ ବିଭାଗ ତରଫରୁ ଏଡ଼ସ୍ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ଼କ୍ରସ କାଉନସେଲର ପ୍ରାଧାପକ ଗୋବିନ୍ଦ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଉଭୟ ଯୁକ୍ତ୨ ଓ ଯୁକ୍ତ୩ ବର୍ଷର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧକ୍ଷ ଯତୀନ୍ଦ୍ର ନାଥ ଦାସ ଶିବିର ଉଦଘାଟନୀ ଉତ୍ସବରେ ପୌରୋହିତ୍ୟ କରିବା ସହ ଏଡ଼ସ୍‌ର ଭୟାବହତା ଦିଗରେ ଆଲୋକପାତ କରିଥିଲେ। ବରିଷ୍ଠ ନିଦାନ ବିଶେଷଜ୍ଞ ଡା. ଆନନ୍ଦ ଚନ୍ଦ୍ର ପତି ଓ ସ୍ତ୍ରୀ, ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ମୀରା ପତି ଯୋଗଦେଇ ଆତ୍ମସଂଯମ, ଶୃଙ୍ଖଳା, ଆଧାତ୍ମିକ ଜୀବନଯାପନ ଓ ସଚେତନତା ମାଧମରେ ସମଗ୍ର ବିଶ୍ୱରୁ ଏଡ଼ସ୍ ରୋଗର ମୂଳୋତ୍ପାଟନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏଡ଼ସ୍ ନିରାକରଣ ଓ ପ୍ରତିକାର ସମ୍ପର୍କରେ ଏକ ଶୋଭାଯାତ୍ରାରେ ବାହାରି ଅଞ୍ଚଳ ପରିକ୍ରମା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଦିବାସୀ ମହିଳାମାନେ ଝାଡୁ ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ମଦ କାରବାର ବନ୍ଦ ଲାଗି ତାତିଲେ ମହିଳା

# ଝାଡୁ ଧରି ବିକ୍ଷୋଭ

**ବାଲେଶ୍ୱର ଅଫିସ,୨୫।୨**

ବାଲେଶ୍ୱର ସଦର ବ୍ଲକ ବୁଆଁଳ ପଞ୍ଚାୟତର କୁଡ଼ିଆ ଏବଂ ବଡ଼ସିନ୍ଧିଆ ରାଜସ୍ୱ ଗ୍ରାମ ଅଧୀନରେ ଥିବା ଉତ୍ତରପଡ଼ିଆ ଆଦିବାସୀ ସାହିରେ ମଦ କାରବାର ବନ୍ଦ ଲାଗି ମହିଳାମାନେ ତାତି ଉଠିଛନ୍ତି। ଶତାଧିକ ମହିଳା ଓ ପୁରୁଷ ସୋମବାର ପୂର୍ବାହ୍ଣରେ ହାତରେ ଝାଡୁ ଧରି ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ଦିଗରେ ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସମିତିସଭ୍ୟ ରବି ନାରାୟଣ ମହାପାତ୍ର ଚେତାବନୀ ଦେଇଛନ୍ତି। ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ, ଫୁଲ ହାଁସଦା, ରଜ ମୁର୍ମୁ, ଧନେଇ ମାଝି ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ବେଆଇନ ଚୋରା ମଦ କାରବାର ଯୋଗୁ ଉକ୍ତ ଅଞ୍ଚଳର ରୋଜଗାରକ୍ଷମ ଯୁବତୀଯୁବକମାନେ ବେରୋଜଗାର ହେବା ସହ ଯକ୍ଷ୍ମା ରୋଗରେ ପୀଡ଼ିତ ହେଉଛନ୍ତି। ଏପରି କି ୫୦ ବର୍ଷ ହେବା ବେଳକୁ ପ୍ରାଣ ହରାଉଛନ୍ତି ବୋଲି ଉକ୍ତ ଅଞ୍ଚଳର ଲକ୍ଷ୍ମୀ ସୋରେନ୍ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ସମସ୍ତେ ଗରିବ, ଭୂମିହୀନ, ଦିନମଜୁରିଆ। ଏହି ଅଞ୍ଚଳର ଲୋକେ ମଦ ପିଇ ରୋଗରେ ଆକ୍ରାନ୍ତ ହେବା ସହ ଅଧିକାଂଶ ସମୟ ଗଣ୍ଡଗୋଳରେ ଲିପ୍ତ ରହୁଛନ୍ତି ବୋଲି ସୀତା ମାଝି ଅଭିଯୋଗ ଆଣିଛନ୍ତି। ମଦ ବିକ୍ରି ବନ୍ଦ କରି ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ମହିଳାମାନେ ଏକାଠି ହେବାରୁ ଚୋରା ମଦ ବେପାରୀମାନେ ତାଙ୍କୁ ମାରିଦେବାକୁ ଧମକଚମକ ଦେଉଛନ୍ତି। ଏ ସମ୍ପର୍କରେ ମହିଳାମାନେ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କବିତା ମୁର୍ମୁ ଅଭିଯୋଗ ଆଣିଛନ୍ତି। ଉକ୍ତ ଅଞ୍ଚଳର ସମିତିସଭ୍ୟ ରବି ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ମଦ କାରବାର ବନ୍ଦ କରିବା ସହ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି।

## ସାପ କାମୁଡ଼ାରେ ବ୍ୟବସାୟୀ ମୃତ
### ସଜନାଗଡ଼ ବଜାର ବନ୍ଦ

**ସଜନାଗଡ଼,୨୫।୨(ଡି.ଏନ.ଏ.)**

ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ କାଳିଝାଟି ଗ୍ରାମର ଧରଣୀଧର ମହାନ୍ତି (୩୪) ନାମକ ବ୍ୟବସାୟୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସଜନାଗଡ ବଜାର ବନ୍ଦ କରାଯାଇଥିଲା। ସୋମବାର ଭୋର ସମୟରେ ବର୍ଷା ହେଉଥିଲା। ଘର ବାହାରେ ପଡ଼ିଥିବା ଅଖା ଓଦା ହୋଇଯାଉଥିବାରୁ ଧରଣୀଧର ତାକୁ ଉଠାଉଥିବା ବେଳେ ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଜନାଗଡ଼ ବଜାରରେ ତାଙ୍କର ଏକ ଦୋକାନ ରହିଛି। ଧରଣୀଧରଙ୍କ ମୃତଦେହକୁ ବଜାରରୁ ଏକ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗଦେଇ ତାଙ୍କର ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ବିଧାୟକଙ୍କ ସମେତ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ, ସମସ୍ତ ଦୋକାନୀ, ଗ୍ରାମବାସୀ ସାମିଲ ଥିଲେ। ଧରଣୀଧର ଜଣେ ଶାନ୍ତ, ସରଳ, ଭଦ୍ର ସ୍ୱଭାବର ଥିବାବେଳେ ସେ ସଜନାଗଡ଼ ପଞ୍ଚାୟତ ବିଜୁ ଯୁବ ବାହିନୀର କୋଷାଧକ୍ଷ ଭାବେ କାର୍ଯ୍ୟ କରୁଥିଲେ।




ଶୋଭାଯାତ୍ରାରେ ସାମିଲ କଳାକାରମାନେ।

# କଳା ହିଁ କଳାକାରଙ୍କ ପରିଭାଷା

■ ସରିଲା ଲୋକକଳା ମହୋତ୍ସବ

**ରୂପ୍ସା, ୨୫।୨(ଡି.ଏନ.ଏ.)**

ବାସ୍ତବରେ କଳା ହିଁ କଳାକାରଙ୍କ ପରିଭାଷା। ସେମାନଙ୍କ ସ୍ପର୍ଶରେ କଳା, ସଂସ୍କୃତି ହୋଇଉଠେ ଜୀବନ୍ତ। ପ୍ରତିଟି କଳାର ପ୍ରସାର ଓ ପୁନରୁଦ୍ଧାର ଦିଗରେ ସମସ୍ତେ ଉଦ୍ୟମ କରିବା ଜରୁରୀ ବୋଲି ଲୋକକଳା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ଲୋକକଳା କଳାକାର ସେବା ସଂସ୍କୃତି ସଂଘ ଆନୁକୂଲ୍ୟରେ ସଦର ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ୩ଦିନ ବ୍ୟାପୀ ଛାନୁଆ ହାଟ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ଜୀବନପ୍ରଦୀପ ଦାଶ ଓ ସମ୍ମାନ୍‌ନୀୟ ଅତିଥି ଭାବେ ଶିଳ୍ପୀ କେଶୁ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଗୁରୁ ହରେକୃଷ୍ଣ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ କମଳାକାନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ପ୍ରାଧାପକ ବିଜୟ କୁମାର ଘୋଷ ଓ ସମ୍ମାନ୍‌ନୀୟ ଅତିଥି ଖବରଦାତା ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ଲୋକକଳାର ପ୍ରସାର ଦିଗରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ସଂଯୋଜକ ଜଗଦୀଶ୍ୱର ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି କବି କାଳୀପଦ ପଣ୍ଡା, ମୁଖ୍ୟବକ୍ତା ସେବା ସଂସ୍କୃତି ସଂଘର ଜିଲା ସମ୍ପାଦକ ବଂଶୀଧର ପଣ୍ଡା, ଗ୍ରାମ୍ୟ ମୁଖ୍ୟ ତ୍ରିଲୋଚନ ବେହେରା, ଶିକ୍ଷାବିତ୍ ଦେବେନ୍ଦ୍ର ଜେନା, ବ୍ଲକ ଉପାଧକ୍ଷା ସୁପ୍ରୀତି ଗିରି ପ୍ରମୁଖ ଯୋଗଦେଇଥିଲେ। ବହୁ କଳାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ୩ ଦିନ ବ୍ୟାପୀ ପାଲା, ଦାସକାଠିଆ, ସଙ୍କୀର୍ତ୍ତନ, କେଳାନାଚ ଓ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ଏହି ଅବସରରେ କଳାକାରମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଅଞ୍ଚଳ ପରିକ୍ରମା କରିଥିଲେ।




କଳି କଳୁଷ ନାଶିନୀ ଧାର୍ମିକ ଉଦ୍‌ଯାପନୀ ସଭାରେ ଅତିଥିଗଣ।

# ସମାଜକୁ ସୁଧାରିବା ଲାଗି ଧର୍ମୀୟ ଚେତନା ଜରୁରୀ

**ଭୋଗରାଇ,୨୫।୨(ଡି.ଏନ.ଏ.)**

ଯାନ୍ତ୍ରିକ ଯୁଗରେ ସାଂସ୍କୃତିକ ଅବକ୍ଷୟ ଘଟିଚାଲିଛି। ମଣିଷ ମଣିଷ ମଧରେ ନୀତି-ନୈତିକତା, ମୂଲ୍ୟବୋଧ ଭଲପାଇବା ହଜିଯାଉଛି। ଜାତି-ଧର୍ମ-ବର୍ଣ୍ଣ ମଧରେ ହିଂସା, ବିଦ୍ୱେଷ ଘଟି ମଣିଷପଣିଆ ଶେଷ ହୋଇଯାଉଛି। ଏଭଳି ସ୍ଥିତିରେ ଅବକ୍ଷୟ ସମାଜକୁ ସୁଧାରିବା ଲାଗି ଧର୍ମୀୟ ଚେତନା ଜରୁରୀ ହୋଇପଡ଼ିଛି ବୋଲି ଭୋଗରାଇ ବ୍ଲକ ଅଧୀନ ନୂତନ ଗ୍ରାମଠାରେ ୧୩ ଦିନ ବ୍ୟାପୀ କଳି କଳୁଷ ନାଶିନୀ ଧାର୍ମିକ ଜାଗରଣ ସଭା ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ବକ୍ତାମାନେ ରବିବାର ରାତିରେ ମତପ୍ରକାଶ କରିଛନ୍ତି।

ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ରାଜ୍ୟ ଉପସଭାପତି ଶ୍ରୀନିବାସ ପାତ୍ରଙ୍କ ପୌରୋହିତ୍ୟରେ ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଭୁପେଶ ଚନ୍ଦ୍ର ପାତ୍ର ୯୪ତମ କଳିକଳୁଷ ନାଶିନୀ ଧାର୍ମିକ ଜାଗରଣ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। କଳି କଳୁଷ ନାଶିନୀ ଧାର୍ମିକ ଜାଗରଣ ସଭାର କାର୍ଯ୍ୟକାରୀ ସଭାପତି ରଞ୍ଜିତ କୁମାର ଦାସ, ଶିକ୍ଷାବିତ୍ କୃପାସିନ୍ଧୁ ମହାପାତ୍ର, ଜଗନ୍ନାଥ ଦତ୍ତ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ପୁସ୍ତକକାର ଗୌତମବୁଦ୍ଧ ଦାସ ଧାର୍ମିକ ଚେତନା ଦ୍ୱାରା ମାନବଧର୍ମ ପ୍ରତିଫଳନ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଶ୍ରୀକୃଷ୍ଣ-ରାଧିକା ମା' ଓ ଶ୍ରୀଚୈତନ୍ୟ ପ୍ରଭୁଙ୍କ ପୂଜାର୍ଚ୍ଚନା, ଅନ୍ନ ମହୋତ୍ସବ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା, ଯୁବକମାନଙ୍କର କବାଡ଼ି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏତଦ୍‌ଭିନ୍ନ କଳାକାର ସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀନିବାସ ପାତ୍ର, ରବୀନ୍ଦ୍ର ପ୍ରଧାନ, ଜଗନ୍ନାଥ ଦତ୍ତ, ପରେଶ ଚନ୍ଦ୍ର ପାତ୍ର ଓ ବିଶିଷ୍ଟ ସାମାଜିକ କର୍ମୀ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଭୁପେଶ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ସଂଘର ସଭାପତି ସୁବାସ ଦାସ ଓ ସମ୍ପାଦକ ରାମଶଙ୍କର ପଣ୍ଡା ପରିଚାଳନା କରିଥିଲେ। ଦୈନିକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଳି କଳୁଷ ନାଶିନୀ ଧାର୍ମିକ ସଭାର ବହୁ ସ୍ୱେଚ୍ଛାସେବୀ, ଗ୍ରାମବାସୀ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ କରିଥିଲେ। ବହୁ ଲୋକଙ୍କ ସମାଗମ ହୋଇଥିଲା।

## ଦକ୍ଷତା ବିକାଶ ଓ ଯୁବ ସମାବେଶର ସିଧାପ୍ରସାରଣ

**ସୋର, ୨୫।୨(ଡି.ଏନ.ଏ.)**

ସୋର ବ୍ଲକ ମୁଳିସିଂ ପଞ୍ଚାୟତ ଉଲାସଖଡ଼ଗପୁର ଖେଳପଡ଼ିଆରେ ଦକ୍ଷତା ବିକାଶ ଓ ଯୁବ ସମାବେଶର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ଗ୍ୟାସ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୁବକମାନଙ୍କ ସହିତ କଥା ହୋଇଥିଲେ। ସୋର ଭାଜପା ନେତା ରାକେଶ ମଳିକ, ଶୁଭଙ୍କର ମହାପାତ୍ର, ବିପିନ୍ ବିହାରୀ ଦାସ, ଜିଲା ସାଧାରଣ ସମ୍ପାଦକ ମିହିର ପାଣି, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ମନୀଷା ଚିନ୍ମୟୀ ବେହେରା, ଜିଲା ଉପସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସଞ୍ଜୀବ ରାଉଳ, ମାନସ ସେଠୀ, ଖଗେନ୍ଦ୍ର ପ୍ରଧାନ, ପୁରଞ୍ଜନ ପଣ୍ଡା, ପୁନା ତରେଇ, ଶରତ ନାୟକ, ଜନ୍ମେଜୟ ମହାପାତ୍ର, ଗଣେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମଠ ଓ ଭାଗବତ ଟୁଙ୍ଗିର ଶତବାର୍ଷିକୀ

**ଖଇରା, ୨୫।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧିନ ମହତୀପୁର ପଞ୍ଚାୟତ ଅଧିନ ଗୋପାଳବେଡା ଗ୍ରାମରେ ଥିବା ମଠ ଓ ଭାଗବତ ଟୁଙ୍ଗିର ଅଷ୍ଟମ ପ୍ରହରୀ ନାମଯଜ୍ଞରେ ଶହେ ବର୍ଷ ପୂର୍ତ୍ତୀ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ବଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ ଓ ସମ୍ମାନନୀୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଗ୍ରାମଞ୍ଚଳର ପ୍ରତିଭାମାନଙ୍କୁ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମାକନ୍ତ ଗିରି ଗ୍ରାମ ବିବରଣୀ ପାଠ କରିଥିବାବେଳେ କୁନି କୁନି କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶଙ୍କର୍ଷଣ ଶତ୍‌ପଥୀ, କୃଷ୍ଣଚନ୍ଦ୍ର ରାଉତ, ଶଙ୍କର୍ଷଣ ରାଉଳ, ନବକିଶୋର ନାୟକ, ବୁଦ୍ଧିରାମ ମହାପାତ୍ର, ମହେଶ୍ୱର ପଣ୍ଡା, ମହେନ୍ଦ୍ର ଜେନା, ପ୍ରଦୀପ ଖଟୁଆ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସମ୍ଭୁନାଥ ଖଟୁଆଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

PRANABALLAV PUBLIC SCHOOL
Gohira, Ghasipura, Anandapur, Keonjhar
Affiliated to CBSE, New Delhi, Affiliation No-1530239
REGISTRATION AND ADMISSION OPEN FOR THE SESSION 2019-20 NURSERY TO STD-X
Admission form will be avilable in the School Office between 9.00 AM to 2.00 PM from 10th February 2019 (Saraswati Puja). In entry level 25% of the seat as per RCFCF ACT 2009 are reserved for the candidates belonging to the weaker sections and disadvantaged group of the society in the neighbourhood. Avail Scholarship on new admission fee, getting registration before 28th February 2019.
Contact: 8249046467, 8895506100

■ ନିର୍ମାଣ ହେଉନି ମାର୍କୋଣା-ବିନାୟକପୁର ରାସ୍ତା

# ଆରଡି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ପ୍ରତିଶ୍ରୁତି ପରେ ହଟିଲା**

**ସିମୁଳିଆ, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣା-ବିନାୟକପୁର ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଜନସାଧାରଣ, ବ୍ୟବସାୟୀ ସଂଘ, ମହିଳା ଓ ଛାତ୍ରୀଛାତ୍ରମାନେ ସୋମବାର ଆରଡି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ବାଲେଶ୍ୱର କାର୍ଯ୍ୟନିର୍ବାହୀଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ପହଞ୍ଚି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାସ୍ତା ମରାମତି ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୪ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବର୍ଷ ବର୍ଷ ଧରି ଲାଗିରହିଥିବା ଏହି ସମସ୍ୟାର ସମାଧାନ କରା ନ ଗଲେ ସମୂହ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଲଘୁଚାପଜନିତ ବର୍ଷା ଲାଗି ରହିଥିଲେ ହେଁ ଜନସାଧାରଣ ଓ ଛାତ୍ରୀଛାତ୍ରମାନେ ବରି ରୋଡରୁ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ପରେ ଆରଡି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡା ଶୋଭାଯାତ୍ରାକାରୀଙ୍କ ସହିତ ମିଶି ଧାରଣାରେ ଯୋଗ ଦେଇଥିଲେ। ସ୍ଥାନୀୟ କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର କ୍ରୀଡା ଅଧାପିକା ତଥା ବରି ଅଞ୍ଚଳର ବାସିନ୍ଦା ବୁଲବୁଲ ପାଣିଗ୍ରାହୀ କୁହନ୍ତି ବର୍ଷ ବର୍ଷ ଧରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ର ରଞ୍ଜନ କୁମାର ଦଳାଇ କହନ୍ତି ଏହି ରାସ୍ତା ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସଂଯୋଗକାରୀ ରୂପେ ମୁଖ୍ୟ ରାସ୍ତା ଅଟେ। ତେବେ ବିଭାଗୀୟ ବର୍ଷ ବର୍ଷ ଧରି ଏହାକୁ ଦୃଷ୍ଟି ନ ଦେବା ଦୁଃଖର ବିଷୟ। ଯୁବକ ସମ୍ମୁଖ ମହାନ୍ତି କହନ୍ତି ଏହି ରାସ୍ତାର ନିର୍ମାଣ ଓ ମରାମତି କାମ ହେଉଛି, କିନ୍ତୁ ସରୁନାହିଁ। ଏ ସମ୍ପର୍କରେ ଏସ୍‌ଡିଓ ଅଶୋକ କୁମାର ରାଉତ କହିଛନ୍ତି ଯେ, ସେ ଗତ ୩ମାସ ହେଲା ଆସିଛନ୍ତି। ଏଥିପ୍ରତି ସେ ଗୁରୁତ୍ୱ ଦେବେ। ଅପରପକ୍ଷେ ଏହି ରାସ୍ତାରେ ୧୦ଟନ୍ ଓଜନର ଯାନବାହନ ଯାତାୟାତ ପାଇଁ ନିୟମ ଥିବା ସ୍ଥଳେ ନିକଟରେ ଥିବା ସୁଗୁଣା ଖାଦ୍ୟ ନିର୍ମାଣକାରୀ କମ୍ପାନୀ ଓ ବିଭିନ୍ନ ଗୃହ ନିର୍ମାଣ ପାଇଁ ୫୦ଟନ୍‌ରୁ ଉର୍ଦ୍ଧ୍ୱ ଓଜନର ଟ୍ରକ ଯାତାୟତ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି।



ଆର୍‌ଡି କାର୍ଯ୍ୟାଳୟ ଆଗରେ ଲୋକେ ଗଣଧାରଣା ଦେଇଛନ୍ତି।

SUNDARAM BNP PARIBAS HOME FINANCE
**ପଞ୍ଜୀକୃତ କାର୍ଯ୍ୟାଳୟ:** ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦ ୦୦୨।
**କର୍ପୋରେଟ୍ କାର୍ଯ୍ୟାଳୟ:** ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ- ୬୦୦ ୦୧୪।
**ଶାଖା କାର୍ଯ୍ୟାଳୟ:** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭। ଫୋନ୍: ୦୬୭୪-୨୫୪ ୪୬୬୭

**ବିକ୍ରୟ ବିଜ୍ଞପ୍ତି**

ଯେହେତୁ **ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ** (ପୂର୍ବରୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ଭାବେ ପରିଚିତ)ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩ (୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ।

ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହା ବି ଅଛି" ସ୍ଥିତିରେ** ବିକ୍ରୟ କରାଯିବ। ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନେ **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ। **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା କିମ୍ବା ଏହା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ। ଆର୍‌ପିଏଡି ଦ୍ୱାରା **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୩୦।୦୩।୨୦୧୯ରିଖ** ୧୭.୩୦ ଘଟିକାରେ ନିମ୍ନପ୍ରଦତ୍ତ ସ୍ଥାନରେ ଖୋଲାଯିବ। ସଫଳ ବିଡରଙ୍କୁ ବକେୟା ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧରେ ପୈଠ କରିବାକୁ ହେବ। ଉପରେ ଦର୍ଶାଯାଇଥିବା ବକେୟା ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ।

| କ୍ର. ସଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତ ଋଣ (ଟ.) | ସଂରକ୍ଷିତ ମୂଲ୍ୟ (ଟ.) | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|---|
| ୧ | **ମନୋଜ କୁମାର ମହାକୁଡ଼ (ଋଣଗ୍ରହୀତା)** ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଆହୁରି ମଧ:** ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭, ଖାତା ନଂ.-୩୮୭/୧୯୫୩, ବାଲିଆ, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଶ୍ୟାମସୁନ୍ଦର ମହାକୁଡ଼ (ସହ-ଋଣଗ୍ରହୀତା)** ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଆହୁରି ମଧ:** ମେସର୍ସ ଶ୍ୟାମସୁନ୍ଦର ମହାକୁଡ଼, ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର-୭୫୬୦୫୬। **ଆହୁରି ମଧ:** ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭, ଖାତା ନଂ.-୩୮୭/୧୯୫୩, ବାଲିଆ, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଅନୁସୂୟା ଦାସ (ସହ-ଋଣଗ୍ରହୀତା)** ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬। **ଆହୁରି ମଧ:** ମେସର୍ସ ଦାସ କନ୍‌ଷ୍ଟ୍ରକ୍ସନ୍, ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର-୭୫୬୦୫୬। | ଟ. ୪୩,୭୬,୨୧୦/- (ତେୟାଳିଶ ଲକ୍ଷ ଛଅସ୍ତରି ହଜାର ଦୁଇଶହ ଦଶ ଟଙ୍କା ମାତ୍ର) ତା୨୬।୦୨।୨୦୧୯ ସୁଦ୍ଧା + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ବ୍ୟୟ | ଟ. ୪୩,୦୦,୦୦୦/- (ତେୟାଳିଶ ଲକ୍ଷ ଟଙ୍କା ମାତ୍ର) **ଇଏମ୍‌ଡି (ଟ.)** ଟେଣ୍ଡର ପରିମାଣର ୨୫% | ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍, ଏ/୧୦୮, ୧ମ ମହଲା, ବନଦେବ, ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭। **ଟେଣ୍ଡର ଖୋଲାଯିବାର ସ୍ଥାନ** ମେସର୍ସ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ, ସୁନ୍ଦରମ୍ ଟାୱାର, ନଂ.୪୬ ହ୍ୱାଇଟ୍‌ସ ରୋଡ୍, ରୋୟାପେଟ୍ଟା, ଚେନ୍ନାଇ-୬୦୦୦୧୪ **ଟେଣ୍ଡର ଖୋଲାଯିବାର ତାରିଖ** ୩୦।୦୩।୨୦୧୯ |

**ସମ୍ପତ୍ତିର ବର୍ଣ୍ଣନା:** ସର୍ଭେ ନଂ.୨୩୨ ଏବଂ ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭ରେ ସମ୍ବଳିତ ଏ୦.୦୫୬୬୬ ଡେସିମିଲ ଏବଂ ଏ୦.୦୧ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। କିସମ: ଘରବାରି। ଅବସ୍ଥିତି ସ୍ଥାନ ବାଲେଶ୍ୱର ଜିଲ୍ଲା କଲେକ୍ଟୋରେଟ୍ ଏବଂ ସବ୍-ରେଜିଷ୍ଟ୍ରି, ତହସିଲ- ରେମୁଣା, ଥାନା ନଂ.: ୧୨୧, ଥାନା: ସହଦେବଖୁଣ୍ଟା ମୌଜା/ରାଜସ୍ୱ ଗ୍ରାମ: ବାଲିଆ ଏମ୍.ଏସ୍.। **ଚୌହଦି:** ଉତ୍ତରରେ: ବିଲ୍‌ଡିଂ, ଦକ୍ଷିଣରେ: ବିଲ୍‌ଡିଂ, ପୂର୍ବରେ: ଜଗନ୍ନାଥ ମହାକୁଡ଼ଙ୍କ ସମ୍ପତ୍ତି, ପଶ୍ଚିମରେ: ସଡ଼କ।

**ଶ୍ରୀ ମନୋଜ କୁମାର ମହାକୁଡ଼ଙ୍କ, ଋଣ ଖାତା ନଂ.୬୬୨୦୦୨୩୪ଙ୍କ ସମ୍ପତ୍ତି ବିକ୍ରୟର ବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundarambnpphome.in/tc/66200234.pdf ଦେଖନ୍ତୁ।**

ତାରିଖ: ୨୬।୦୨।୨୦୧୯
ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

## ସଂକ୍ଷେପରେ

### ହରିଣ ଉଦ୍ଧାର



**କୁଳିଅଣା,୨୫।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ବନପାଳ ଅନ୍ତର୍ଗତ ଟିକାୟତପୁର ଗ୍ରାମ ପାର୍ଶ୍ୱରେ ଯାଇଥିବା ସୁବର୍ଣ୍ଣରେଖା ମୁଖ୍ୟ କେନାଲ ମଧ୍ୟରୁ ସୋମବାର ସକାଳ ପ୍ରାୟ ୭ଟାରେ ଏକ ୧୨ବର୍ଷର ମାଈ ହରିଣ ବନବିଭାଗ ଉଦ୍ଧାର କରିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ଦ୍ୱେଲି ଫରେଷ୍ଟର ହରିହର ମାଝି, କୁଳିଅଣା ଫରେଷ୍ଟର ଗୁରୁବାରୀ ମାରାଣ୍ଡି ଓ ବନପାଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ କେନାଲ ପାଣି ମଧ୍ୟରୁ ଉଦ୍ଧାର କରିଥିଲେ। ପ୍ରଥମେ ହରିଣଟିର ପ୍ରାଥମିକ ଚିକିତ୍ସା କରି ଶିମିଳିପାଳ ଜଙ୍ଗଲରେ ଛଡ଼ାଯାଇଛି।

### ଦିନ ଦ୍ୱିପ୍ରହରରେ ଏଟିଏମ୍ ଜଳିଗଲା



**ବହଳଦା,୨୫।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବହଳଦା ମୁଖ୍ୟ ସଡକ ପାର୍ଶ୍ୱରେ ଥିବା ଆକ୍ସିସ୍ ବ୍ୟାଙ୍କର ଏଟିଏମ୍ କାଉଣ୍ଟରରେ ସୋମବାର ମଧାହ୍ନରେ ହଠାତ ଅଗ୍ନିକାଣ୍ଡ ଘଟି ମେଶିନ ସହ କାଉଣ୍ଟର ସମ୍ପୂର୍ଣ୍ଣ ନଷ୍ଟ ହୋଯାଇଛି । କାଉଣ୍ଟରରୁ ଧୂଆଁ ବାହାରୁଥିବା ଦେଖି ପାଖ ଦେକାନୀମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ବହଳଦା ଥାନାର ଆଇଆଇସି ବୀରେନ୍ଦ୍ର ସେନାପତି ପହଞ୍ଚିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିଲେ ମଧ ସଟସର୍କିଟ ଯୋଗୁ ଏହା ହୋଇଥିବା ଅନୁମାନ କରାଯାଉଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ରାଇରଙ୍ଗପୁରରୁ କେହି ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ନ ଥିବାରୁ ମୋଟ କ୍ଷୟକ୍ଷତିର ଆକଳନ କରାଯାଇନାହିଁ ।

### ସାହିତ୍ୟ ପରିଷଦର ଆଲୋଚନାଚକ୍ର

**ବାରିପଦା ଅଫିସ,୨୫।୨:** ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସାହିତ୍ୟ ପରିଷଦର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସମ୍ପାଦକ ମନୋଜ ଦଳବେହେରା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଲାଙ୍ଗୀ ମହୋତ୍ସବର ସମ୍ପାଦକ ଶରତଚନ୍ଦ୍ର ନାୟକ, ଅଧାପକ ଅନନ୍ତ ନାରାୟଣ ମିଶ୍ର, ଶିକ୍ଷାବିତ ପ୍ରଭଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରରେ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ ପ୍ରମୁଖ ଯୋଗ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ।

# କାଗଜ କଲମରେ ସୀମିତ ଜଳସେଚନ ପ୍ରକଳ୍ପ

- କାର୍ଯ୍ୟାଦେଶ ସତ୍ତ୍ୱେ ଅନୁଦାନ ଆସୁନାହିଁ
- ୧୨୭ ଜଳସେଚନ ପ୍ରକଳ୍ପ, ୨୨୮ ଗଭୀର ନଳକୂପ ଅଚଳ

**ବାରିପଦା ଅଫିସ,୨୫।୨**

ମୟୂରଭଞ୍ଜ ଜିଲାର ୧୪ଟି ବ୍ଲକ ପାଇଁ ବାରିପଦା ଉଠା ଜଳସେଚନ ଡିଭିଜନରେ ୧୧୪୦ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପିତ ହୋଇଛି। ତେବେ ଏହି ପ୍ରକଳ୍ପ ଗୁଡିକ ମଧ୍ୟରୁ ୧୨୭ ଟି ପ୍ରକଳ୍ପ ଅଚଳ ହୋଇ ପଡିଛି। ଏହି ପ୍ରକଳ୍ପ ଗୁଡିକ ମଧ୍ୟରୁ ୨୧ ଟି ସମ୍ପୂର୍ଣ୍ଣ ଅଚଳ ହୋଇଥିବା ବେଳେ ୧୦୬ଟି ପ୍ରକଳ୍ପ ସାମୟିକ ଭାବେ ଅଚଳ ହୋଇଛି। ତେବେ ଚଳିତ ରବି ଋତୁ ୨୦୧୮-୧୯ରେ ପାଣି ପଞ୍ଚାୟତ ଜରିଆରେ ୨୧ ହଜାର ୪୬୯ ହେକ୍ଟର ଜମିକୁ ଜଳ ସେଚନର ବ୍ୟବସ୍ଥା କରାଯାଇଛି। ହେଲେ ଏହା କେବଳ କାଗଜ କଲମରେ କରାଯାଉଛି ବୋଲି ଚାଷୀ ମହଲରେ ଅଭିଯୋଗ କରାଯାଉଛି। ଅନ୍ୟପକ୍ଷେ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଜୁ କୃଷକ ଯୋଜନା, ଉଠାଜଳସେଚନ ପ୍ରକଳ୍ପ(ପୁନଃ ନିର୍ମାଣ), ବିଜୁ କୃଷକ ବିକାଶ ଗଭୀର ନଳକୂପ ଯୋଜନା, ଅଗଭୀର ନଳକୂପ ଯୋଜନା ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି। ହେଲେ ଏହି ଯୋଜନା ଗୁଡିକରେ କିନ୍ତୁ ପ୍ରକଳ୍ପ ନିର୍ମାଣ କରାଯାଉ ଥିବା କହି ଚାଷୀଙ୍କୁ ଭୂଆଁ ବୁଲାଉଥିବା ମଧ ଚାଷୀ ମହଲରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନୂତନ ପ୍ରକଳ୍ପ ଗୁଡ଼ିକ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏଥିପାଇଁ ଅନୁଦାନ ମିଳି ନାହିଁ। ସୂଚନା ମୁତାବକ ବିଜୁ କୃଷକ ଯୋଜନାରେ ୨୦୧୮-୧୯ ଆଥିକ ବର୍ଷରେ ୩୮ ଟି ପ୍ରକଳ୍ପ ନାବାର୍ଡ ସାହାଯ୍ୟରେ(ଆରଆଇଡିଏଫ) ସ୍ଥାପନ କରିବା ପାଇଁ ମଞ୍ଜୁର ହୋଇ ପ୍ରକଳ୍ପ ଗୁଡିକର କାର୍ଯ୍ୟକ୍ରମ ଚାଲିଛି। ଉକ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ୭୬୯ ହେକ୍ଟର ଜମିକୁ ଜଳ ସେଚିତ କରାଯାଇ ପାରିବ। ଉପରୋକ୍ତ ୩୮ଟି ପ୍ରକଳ୍ପ ଗୁଡିକ ମଧ୍ୟରୁ ୨୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ୩୬୪ ହେକ୍ଟର ଜମିକୁ ଜଳ ଯୋଗାଯାଇଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୬୭ ନୂତନ ଉଠା ଜଳ ସେଚନ ପ୍ରକଳ୍ପ ଏସଏଲଏସସି ମଞ୍ଜୁର କରିଛନ୍ତି। ନାବାର୍ଡ ମଞ୍ଜୁର କଲେ ଏହା ସ୍ଥାପନ କରାଯିବ। ଉକ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ୯୮୦ ହେକ୍ଟର ଜମିକୁ ଜଳ ସେଚନ ହୋଇ ପାରିବ। ସେହିପରି ଷ୍ଟେଟ ପ୍ଲାନ ଗ୍ରାଣ୍ଟରେ ୩୨ ଗୋଟି ଅଚଳ ପ୍ରକଳ୍ପର ପୁନଃ ଉଦ୍ଧାର କରିବା ଲାଗି ମଞ୍ଜୁର ହୋଇଥିଲା। କିନ୍ତୁ ତାହା ଅଦ୍ୟାବଧି ହୋଇପାରିନାହିଁ। ଉକ୍ତ ପ୍ରକଳ୍ପ ଗୁଡିକ ମଧ୍ୟରୁ ୨୩ ଟି ସମ୍ପୂର୍ଣ୍ଣ ହୋଇ ଥିବା ବେଳେ ଅନ୍ୟ ୯ଟି ପ୍ରକଳ୍ପ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ନେଇ ବିଭାଗ ଲକ୍ଷ୍ୟ ରଖିଛି। ବିଜୁ କୃଷକ ବିକାଶ ଗଭୀର ନଳକୂପ ଯୋଜନା ଜରିଆରେ ଅଦ୍ୟାବଧି ବାରିପଦା ଡିଭିଜନରେ ୧୩୮୯ ଟି ପ୍ରକଳ୍ପର କାର୍ଯ୍ୟ ଶେଷ କରାଯାଇ ୨୭୭୮ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି। ୧୩୮୯ ଟି ପ୍ରକଳ୍ପ ମଧ୍ୟରୁ ୨୨୮ ଟି ପ୍ରକଳ୍ପ ସାମୟିକ ଭାବେ ଅଚଳ ରହିଛି। ବାରିପଦା ଉଠା ଜଳ ସେଚନ ବିଭାଜନର ନିବାହୀ ଯନ୍ତ୍ରୀ ରାଜେନ୍ଦ୍ର ଦାସଙ୍କ ସହିତ ଆଲୋଚନା କରିବାରୁ ୧୪ ଟି ବ୍ଲକରେ ଜମିକୁ ଜଳ ସେଚନ କରିବା ପାଇଁ ପ୍ରକଳ୍ପ ଗୁଡିକ କାର୍ଯ୍ୟ କରୁଛି। ନୂତନ ପ୍ରକଳ୍ପ ଗୁଡିକର ନିର୍ମାଣ ପାଇଁ ସରକାର ତୁରନ୍ତ କାର୍ଯ୍ୟାଦେଶ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ଅନୁଦାନ ଆସି ନାହିଁ ବୋଲି ସେ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ କିଛି**
**ପୁଅ ହୁଏ ବାବୁ ।**
**ଧାନ ଗଦାରେ କିଛି ନାହିଁ**
**କିଆରି ଭିତରେ ସବୁ ।**

କେତେଜଣ ବ୍ୟକ୍ତି ଅଭାବରେ ଚଳୁଥିଲେ ମଧ ବାହାରେ ନିଜକୁ ବଡ଼ ବୋଲି ଦେଖେଇ ହୋଇଥାନ୍ତି। ଘରେ ପଛେ ବାଡ଼ି ଗୋବରେ ଗୋବେ ନ ଥାଉ ବାହାରେ କିନ୍ତୁ ଆତ୍ମ ବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରି ନ ଥାନ୍ତି। ଗଦରେ ଧାନ ନାହିଁ ଅଥଚ ସବୁ କିଆରିରେ ରହିଥିବା କହି ମିଛ ବାହାବା ସାଉଁଟିବାକୁ ଯଥାସାଧ ଉଦ୍ୟମ କରିଥାନ୍ତି। ଗରିବ, ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବଡ଼ଲୋକୀ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘଇତାର ଭୋକିଲା ବେଳେ**
**ମାଇପର ସିନ୍ଦୂର ଗାରେ ।**

ସୁଖୀ ଦାମ୍ପତ୍ୟ ପାଇଁ ଉଭୟେ ସ୍ୱାମୀ ସ୍ତ୍ରୀ ପରସ୍ପରର ସୁଖସୁବିଧା ପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ। ଉଭୟେ ଉଭୟଙ୍କ ପ୍ରତି ସମର୍ପିତ ରହିବା ନିତାନ୍ତ ଆବଶ୍ୟକ। ସ୍ୱାମୀ ଯେତେବେଳେ ଦିନଯାକର ପରିଶ୍ରମ କରି ଭୋକ ଉପାସରେ ଘରକୁ ଫେରେ, ସେତେବେଳେ ରାନ୍ଧିବାଢ଼ି ଖାଇବାକୁ ଦେବା ସ୍ତ୍ରୀର କର୍ତ୍ତବ୍ୟ ହୋଇଥାଏ। ଏପରିସ୍ଥଳେ ସ୍ୱାମୀକୁ ଉପେକ୍ଷା କରି ନିଜ ସୁନ୍ଦରତା ପ୍ରତି ଦୃଷ୍ଟି ବା ଧ୍ୟାନ ଦେବା ସ୍ତ୍ରୀ ପକ୍ଷେ ନିହାତି ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ବଜ୍ରପାତରେ ଜଣେ ଗୁରୁତର

**ବଡ଼ସାହି, ୨୫।୨ (ସ୍ୱ.ପ୍ର.)**

ସୋମବାର ପୂର୍ବାହ୍ନରେ ବଜ୍ରପାତ ଘଟି ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ବଜାରରେ ଦରଜି ଦୋକାନୀ ଶେଖ୍ ଇସଲାମଙ୍କ ଝିଅ ସେକ୍ ଏଲିମା(୨୦) ଗୁରୁତର ହୋଇଛନ୍ତି। ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ। ଏହି ବଜ୍ରପାତରେ ମାଣତ୍ରୀ ବଜାରର ବିଭିନ୍ନ ଦୋକାନ ଓ ଜନସାଧାରଣଙ୍କର ବହୁ ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ମୟୂରଭଞ୍ଜ ବିଜୁ ଯୁବ ବାହିନୀଙ୍କ ସିଙ୍ଗାପୁର ଗସ୍ତ

**ବାରିପଦା ଅଫିସ,୨୫।୨**

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ବିନୀତ ଭରଦ୍ୱାଜ ବିଭିନ୍ନ ବ୍ଲକରୁ ବିଭିନ୍ନ ସ୍ତରରେ ସଫଳତା ପାଇଥିବା ୫ଜଣ ବିଜୁ ଯୁବ ବାହିନୀଙ୍କୁ ସିଙ୍ଗାପୁର ଗସ୍ତ ପାଇଁ ମନୋନୀତ କରିଛନ୍ତି। ସେମାନେ ହେଲେ ଠାକୁରମୁଣ୍ଡା ବ୍ଲକର ଦିବ୍ୟ ରଞ୍ଜନ ଦାସ, ବିଜାତଳାର ବଳଭଦ୍ର ମଣ୍ଡଳ, ଖୁଣ୍ଟାର ବାଙ୍ଗା ହାସଁଦା, ରାସଗୋବିନ୍ଦପୁରର ଗୌତମ ବେହେରା, ବଡସାହି ବ୍ଲକର ବାଦଲ କୁମାର ପାତ୍ର। ଏମାନଙ୍କୁ ଜିଲାପାଳ ସ୍ୱାଗତ କରିବା ସହ ସିଙ୍ଗପୁର ଗସ୍ତ ସଫଳ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତୁଷାର କାନ୍ତ ମହାନ୍ତି, ସଙ୍ଗିତା ବେହେରା, ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ଜିଲା ସଂଯୋଜିକା ଶୁଶୋଭିତା ଗୋସ୍ୱାମୀ, ସଂଯୋଜକ ମୀନକେତନ ମହାନ୍ତି, ଜିଲା ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମର ସଂଯୋଜକ ସୁରଜିତ ପଟ୍ଟନାୟକ, ଲିପନ କୁମାର ସାହୁ, ବୁଦ୍ଧଦେବ ମହାକୁଡ଼, ସଞ୍ଜୟ କୁମାର ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ।



ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ଯୁବ ବାହିନୀର କର୍ମକର୍ତ୍ତା ଓ ଅନ୍ୟମାନେ।

## ବ୍ରାହ୍ମଣ ମହାସଭା ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ସ୍ମୃତିସଭାରେ ଉପସ୍ଥିତ ବ୍ରାହ୍ମଣ ମହାସଭାର କାର୍ଯ୍ୟକର୍ତ୍ତା।

**ବାରିପଦା ଅଫିସ, ୨୫।୨**

ବ୍ରାହ୍ମଣ ମହାସଭାର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଶ୍ରୀ ହରିବଳଦେବ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ସହ ଭଗବତ ଗୀତା ପାଠ କରାଯାଇଥିଲା। ଭାଗବତ ପଣ୍ଡା, ସୁରେଶ କୁମାର ପାଣିଗ୍ରାହୀ, ସିଦ୍ଧେଶ୍ୱର ଶତପଥୀ, ପ୍ରଦୀପ କୁମାର ପଣ୍ଡା, ଅଚ୍ୟୁତ ପ୍ରସାଦ ମହାପାତ୍ର, ଗୌରୀଶଙ୍କର ପଣ୍ଡା, ନରୋତ୍ତମ ପାଣିଗ୍ରାହୀ, ମହାଦେବ ଦାଶ, ଗୋପୀନାଥ ପଣ୍ଡା, ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର, ସୁଦର୍ଶନ ଦ୍ୱିବେଦୀ, କବି ବିଷ୍ଣୁ ଶତପଥୀ, ଦୋଳଗୋବିନ୍ଦ ଦାସ, ରତ୍ନାକର ତ୍ରିପାଠୀ, ସୁଦୀପ କୁମାର ପଣ୍ଡା, ଅମ୍ବିକା ତ୍ରିପାଠୀ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ଭାଗବତ ଦାସ ସଭା ପରିଚାଳନା କରିଥିଲେ।

■ ଯୁଗ୍ମ ଜନଶୁଣାଣି ଶିବିର

## ୧୧୨ ଅଭିଯୋଗ, ୮ ଜଣଙ୍କୁ ୩୪ ହଜାର ଟଙ୍କା ସହାୟତା

**ଉଦଳା, ୨୫।୨ (ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡର ସଦରମହକୁମା ଉଦଳା ଆଇଟିଡିଏର ଦକ୍ଷତା ଅଭିବୃଦ୍ଧି କେନ୍ଦ୍ର ସନ୍ଧାନଗୃହରେ ସୋମବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍‌ପି ଅବିନାଶ କୁମାରଙ୍କ ଉପସ୍ଥିତିରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୯୪ଟି ସମସ୍ୟାମୂଳକ ଓ ୧୮ଟି ସାମୂହିକ ଥିଲା। ୩ଟି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ଓ ୫ଟି ରେଡକ୍ରସ୍ ସମ୍ବନ୍ଧୀୟ ଆବେଦନର ଶୁଣାଣି କରି ୮ ଜଣଙ୍କୁ ୩୪ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଜିଲାପାଳ ଅନୁମୋଦନ କରିଥିଲେ। ୩୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଧାନମଣ୍ଡିରୁ ମିଲରଙ୍କ ଦ୍ୱାରା ଧାନ ଉଠା ନ ଯିବା, ଉଦଳା ଡାକ୍ତରଖାନାରେ ବେଡଶିଟ୍ ଅଭାବ, ରାସ୍ତା ଜବରଦଖଲ, ପାଠପଢ଼ା ଉଦ୍ଦେଶ୍ୟରେ ବିଭିନ୍ନ ତହସିଲରୁ ପ୍ରମାଣପତ୍ର ମିଳିବାରେ ଟାଳଟୁଳ ନୀତି, ବିଜୁ ପକ୍କାଘର ଯୋଜାନରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ସତ୍ତ୍ୱେ ବିଲ୍ ପୈଠ ନ ହେବା ଆଦି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଭଗବାନ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିରରେ ଉଦଳା ଡାକ୍ତରଖାନାର ଡା. ଶିବାନନ୍ଦ ମହାନ୍ତି, ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ସହକାରୀ ଜିଲାପାଳ ଗୌରହରି ମହାନ୍ତ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଉଦଳା, ଗୋପବନ୍ଧୁନଗର, ଖୁଣ୍ଟା, କପ୍ତିପଦା ବ୍ଲକ ସମେତ ଉଦଳା ଏନ୍‌ଏସିର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଅତିଥିମାନେ।

## ଭାରତ ମୁଣ୍ଡା ସମାଜ ଉପସଭାପତି ସୁନାରାମଙ୍କ ସ୍ମୃତିସଭା

**ବାରିପଦା ଅଫିସ, ୨୫।୨**

ବାରିପଦା ତୁଳସୀଚୌରାସ୍ଥିତ ବିର୍ସା ମୁଣ୍ଡା କ୍ଲବ ପରିସରରେ ଭାରତ ମୁଣ୍ଡା ସମାଜ ଓଡ଼ିଶା ଶାଖା ଉପସଭାପତି ସ୍ୱର୍ଗତ ସୁନାରାମ ସିଂହଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଭାରତ ମୁଣ୍ଡା ସମାଜର ଓଡ଼ିଶା ଶାଖା ସଭାପତି ରବୀନ୍ଦ୍ରନାଥ ସିଂ, କୋଷାଧକ୍ଷ ବାଇଧର ସିଂ, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ଶ୍ୟାମସୁନ୍ଦର ସିଂ, ବଳରାମ ସିଂ, ସହଦେବ ସିଂ, ରତ୍ନାକର ସିଂ, ହରିହର ସିଂ, ରାମେଶ୍ୱର ସିଂ, ଡୁଗୁରୁ ସିଂ, ଶିବାୟନ କର, ଜାଠାନାଥ ସିଂ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସିଂହଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଗାଁକୁ ନାହିଁ ରାସ୍ତା, ଅଧ କି.ମି. ଚାଲିକି ଆସିଲେ ଗର୍ଭବତୀ

**ବିଶୋଇ,୨୫।୨(ଡି.ଏନ.ଏ.)**

ରାଜ୍ୟରେ ଗ୍ରାମ ମାନଙ୍କରେ ଉନ୍ନତି ପାଇଁ ସରକାର ଆମ ଗାଁ ଆମ ବିକାଶ ଯୋଜନାରେ ମାଳମାଳ ଯୋଜନା ତିଆରି କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଜିଲାର ଏମିତି ଏକ ଗ୍ରାମ ଅଛି ଯେଉଁଠି ଅବନ୍ନତିର ନଗ୍ନ ଚିତ୍ର ବାରି ହୋଇପଡୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ରବିବାର ମୟୁରଭଞ୍ଜ ଜିଲାର ବିଶୋଇ ବ୍ଲକ ଅନ୍ତର୍ଗତ ନଙ୍ଗଳବେଣ୍ଟା ପୋଖରିଆ ପଞ୍ଚାୟତର ବାହାଗାଡ଼ ଗ୍ରାମରେ ଦେଖାଯାଇଛି। ସୂଚନା ଥାଉକି ଏହି ଗ୍ରାମର ଦେହୁରି ସାହିର ଦିସମା ଦେହୁରୀଙ୍କ ସ୍ତ୍ରୀ ବିମିଳି ଦେହୁରୀ (୨୪) ରବିବାର ସକାଳୁ ଗର୍ଭ ଯନ୍ତ୍ରଣା ପାଇଥିଲେ। ତେବେ ଏଥିରେ ବ୍ୟସ୍ତ ହୋଇ ପରିବାର ଲୋକ ଉଭୟ ୧୦୮ ଓ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ମୋବାଇଲ ନେଟୱାର୍କ ନ ଥିବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିପାରିନଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଗର୍ଭ ଯନ୍ତ୍ରଣା ଅଧିକ ହେବା ପରେ ସେ ବ୍ୟତିବ୍ୟସ୍ତ ହୋଇ ପ୍ରସୂତିଙ୍କ ସ୍ୱାମୀ ଏକ ଘରୋଇ ୪ ଚକିଆ ଗାଡିକୁ ଡକାଇ ଥିଲେ। ମାତ୍ର ଦେହୁରୀସାହିକୁ ଉତ୍ତମ ରାସ୍ତା ନ ଥିବାରୁ ଗାଡିଟି ଅଧ କିଲୋମିଟର ଦୂରତାରେ ରହିଥିଲା। ପରେ ଗର୍ଭବତୀଙ୍କୁ ପରିବାର ଓ ପଡୋଶୀ ଲୋକେ ଧରିକି ଗାଡି ନିକଟକୁ ଆଣି ଥିଲେ ଏବଂ ବିଶୋଇ ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ସେ ଏକ ସନ୍ତାନ ଜନ୍ମ ଦେଇଥିଲେ। ତେବେ ମୋବାଇଲ ନେଟୱାର୍କ ନ ଥିବାରୁ ଏହି ଅଞ୍ଚଳରେ ଜରୁରୀ ପରିସ୍ଥିତି ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡି ପହଞ୍ଚି ପାରୁନାହିଁ। ସେହିପରି ଯୋଗାଯୋଗ ପାଇଁ ଉତ୍ତମ ରାସ୍ତା ନ ଥିବାରୁ ଏହି ପଞ୍ଚାୟତର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଏହି ଅଞ୍ଚଳକୁ ଉତ୍ତମ ଗମନାଗମନ ଓ ମୋବାଇଲ ନେଟୱାର୍କର ସୁବିଧା ପାଇଁ ସାଧାରଣରେ ଦାବି ହୋଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ ।
ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
Contact :- 8676907143, 9348274623

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଭାରତର ନଂ.1
SATYAM FINANCE
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି,ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09991536957
168, sector 30, jagatpura, jaipur (Rajasthan)

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଗୋଚର ଜମିରେ ପୋଖରୀ ଖୋଳା

# ସ୍ୱର ଉତ୍ତୋଳନ କଲେ ଗ୍ରାମବାସୀ

**ବାହାନଗା, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତର ସରସ୍ୱତୀୟା ଗ୍ରାମରେ ଥିବା ଏକ ଗୋଚର ଜମିକୁ ଠିକାଦାର ସଂସ୍ଥା ପୋଖରୀ ଖୋଳି ଦେଇଥିବା ନେଇ ଗ୍ରାମବାସୀ ଠିକାଦାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ପଣପଣା ବଜାରରୁ ସରସ୍ୱତୀୟା ଆଦିବାସୀ ସାହି ଦେଇ ଏକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ହେଉଛି। ରାସ୍ତା ଚଉଡ଼ା ହେବା ସହିତ ନୂଆ ରାସ୍ତାକଡ଼ରେ ମାଟି ପକାଯାଉଛି। ତେବେ ରାସ୍ତା କାମ କରୁଥିବା ସଂସ୍ଥାର ଠିକାଦାର ଦୂରରୁ ମାଟି ନ ଆଣି ରାସ୍ତା ପାଖରେ ଥିବା ଗୋଚର ଜମିରୁ ମାଟି ଆଣି ରାସ୍ତାକଡ଼ରେ ପକାଉଛନ୍ତି। ଯାହାକି ବେଆଇନ। ସରକାରଙ୍କ ନିୟମ ଅନୁଯାୟୀ ଗୋଚର ଜମିରେ କୌଣସି କିଛି କାର୍ଯ୍ୟ କରାଯାଇ ପାରିବ ନାହିଁ। ମାତ୍ର ଠିକାଦାର ନିଜର ଲାଭ ନିମନ୍ତେ ଗ୍ରାମ ମଧ୍ୟରେ ଥିବା ରାସ୍ତାକଡ଼ର ଏକ ଗୋଚର ଜମିରେ ବେଆଇନ ଭାବେ ବିନା ଅନୁମତିରେ ମାଟି ଆଣି ନୂଆ ରାସ୍ତାରେ ପକାଉଛନ୍ତି। ତେବେ ଗ୍ରାମର ଗୋରୁମାନେ ଚରିବା ପାଇଁ ସ୍ଥାନ ନ ଥିବାରୁ କିପରି ଠିକାଦାର ସଂସ୍ଥା ଗୋଚର ଜମିରେ ମାଟି ହାଣି ରାସ୍ତାରେ ପକାଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଚର ଜମିଟି ଏବେ ସମ୍ପୂର୍ଣ୍ଣ ପୋଖରୀ ପାଲଟି ଯାଇଛି। ଏହା ଦେଖି ସରସ୍ୱତୀୟା ହରିଜନ ଓ ଆଦିବାସୀ ସାହି ଲୋକମାନେ ଏବେ ଠିକାଦାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଛନ୍ତି। ଏନେଇ ସରସ୍ୱତୀୟା ଗ୍ରାମରେ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି।


ଗୋଚର ଜମିରୁ ମାଟି ଖୋଳି ନିଆଯାଇଛି।

ଗ୍ରାମର ୧୫ ନମ୍ବର ୱାର୍ଡ଼ର ୱାର୍ଡ଼ସଭ୍ୟା କିରଣବାଳା ପଣ୍ଡା କହନ୍ତି ଆମକୁ ନ ପଚାରି କେତେକ ଲୋକମାନଙ୍କୁ ହାତ କରି ଠିକାଦାର ଗୋଚର ଜମିରେ ମାଟି ନେଇ ପୋଖରୀ ଖୋଳି ଦେଇଛନ୍ତି। ଗ୍ରାମର ଅଭୟ କୁମାର ଦାଶ, ଭଗବାନ ଯେନା, ଅରବିନ୍ଦ ଯେନା, ରଶ୍ମୀରଞ୍ଜନ ଯେନା, ତପନ ଯେନା, ଭାଗବତ ପଣ୍ଡା, ଗଣେଶ ଯେନା, ଲକ୍ଷ୍ମୀ ସିଂ, ବବି ସିଂ ପ୍ରମୁଖ ଠିକାଦାରର ଏଭଳି ମନଇଛା କାରବାର ଓ ଗୋଚର ଜମିରେ ପୋଖରୀ ଖୋଳିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ବାବଦରେ ବାହାନଗା ତହସିଲଦାର ଦେବଯାନୀ ଭୂୟାଁ କହନ୍ତି ଆମ ପାଖରୁ କେହି କିଛି ଅନୁମତି ନେଇନାହାନ୍ତି। ତେବେ ଗୋଚର ଜମିରୁ ମାଟି ନେଇ ପୋଖରୀ ଖୋଳିବା ବେଆଇନ କାର୍ଯ୍ୟ। ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପାଚିକା, ସହାୟିକାଙ୍କ ରେଳରୋକୋ ଆଜି

**ବାଲେଶ୍ୱର ଅଫିସ,୨୫।୨**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ବିଦ୍ୟାଳୟରେ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନଭୋଜନକୁ ମଙ୍ଗଳବାର ବନ୍ଦ କରାଯିବ ବୋଲି ପାଚିକା-ସହାୟିକା ସଂଘ ପକ୍ଷରୁ ସୋମବାର ବାଲେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏପରିକି ମଙ୍ଗଳବାର ପୂର୍ବାହ୍ନ ୮ଟାରୁ ବାଲେଶ୍ୱର ରେଳଷ୍ଟେଶନଠାରେ ହଜାର ହଜାର ପାଚିକା-ସହାୟିକା ଯୋଗଦେଇ ରେଳରୋକୋ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି। ଗତ ୨୦୧୭ ମସିହା ଡିସେମ୍ବର ୪ ତାରିଖରେ ସଂଘର ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଗଣଶିକ୍ଷାମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ପାଚିକା ସଂଘର ଦାବିକୁ କେନ୍ଦ୍ର ସରକାର ଆଗ୍ରହ୍ୟ କରିଥିବା ବେଳେ ରାଜ୍ୟ ସରକାର କିଛିଟା ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ମଧ୍ୟାହ୍ନଭୋଜନକୁ ଘରୋଇକରଣ କରିବାକୁ ମସୁଧା ଚାଲିଛି ବୋଲି ସଂଘର କର୍ମକର୍ତ୍ତା ଅନୁମାନ କରିଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦିକା ଇଷାନୀ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦିକା ପୂର୍ଣ୍ଣିମା ବେହେରା, ଉପ-ସଭାପତି କନକଲତା ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ପାଚିକା-ସହାୟିକା ସଂଘର କର୍ମକର୍ତ୍ତା।

# ଆରୁହାବୃତ୍ତିରେ ବିଜୁସେତୁ ପ୍ରକଳ୍ପ ଶିଳାନ୍ୟାସ

**ଭୋଗରାଇ, ୨୫।୨(ଡି.ଏନ.ଏ.):** ଭୋଗରାଇ ବ୍ଲକ ଆରୁହାବୃତ୍ତି-୧ ଓ ଗବଗାଁ ପଞ୍ଚାୟତର ବାରବାଟିଆ ଗାଁଠାରୁ ନିଳପୁରା ପର୍ଯ୍ୟନ୍ତ ସଡକ ଓ ବିଜୁସେତୁ ପ୍ରକଳ୍ପକୁ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବାରବାଟିଆଠାରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଯୋଗେନ୍ଦ୍ରନାଥ ପାଳ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ଉପାଧ୍ୟକ୍ଷ ଦୀପକ କୁମାର ଦାସ, ଆଇନଜୀବୀ ରାଜକିଶୋର ଜେନା, ପୂର୍ବତନ ସରପଞ୍ଚ ଶ୍ରୀପତି ଚରଣ ଜେନା, ବହୁ ପ୍ରତିକ୍ଷିତ ଉକ୍ତ ପ୍ରକଳ୍ପ ଆମ ଅଞ୍ଚଳର ଜୀବନରେଖା ବୋଲି ପ୍ରକାଶ କରିଥିଲେ। ସାମାଜିକ କର୍ମୀ ଅମରେଶ ଜେନା, ରତନ କୁମାର ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

**ଭାରତୀୟ ଜୀବନ ବୀମା ନିଗମ**
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
ଜୀବନ ଦୀପ, ଏକ୍ଜିବିଶନ୍ ରୋଡ୍,
ପାଟନା - ୮୦୦୦୦୧
ଫୋନ୍ ନଂ.: ୦୬୧୨-୨୫୦୩୦୧୪,
ଇ-ମେଲ- ecz_engg@licindia.com

**ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ**

ଏଲ୍ଆଇସି ଅଫ୍ ଇଣ୍ଡିଆ ଏହାର ଇସିଜେଡ୍ଓ, ପାଟନା ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶା ଅଧୀନସ୍ଥ ବିଲ୍ଡିଂଗୁଡ଼ିକର ୧. ସିଭିଲ କାର୍ଯ୍ୟ ୨. ବୈଦ୍ୟୁତିକ କାର୍ଯ୍ୟ ୩. ଜଳ ନିରୋଧୀ ଉପଚାର ୪. ଉଇନିରୋଧୀ ଉପଚାର ୫. ଏୟାର୍ କଣ୍ଡିସନିଂ ୬. ୟୁପିଏସ୍ ୭. ଅଗ୍ନି ସତର୍କତା ତଥା ଅଗ୍ନି ନିର୍ବାପନ ପ୍ରଣାଳୀର ବ୍ୟବସ୍ଥା ପାଇଁ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି। ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବ୍ସାଇଟ୍ www.licindia.in (ଟେଣ୍ଡର ପୃଷ୍ଠା) ଦେଖନ୍ତୁ। ଆଗ୍ରହୀ ଏଜେନ୍ସିଗୁଡ଼ିକ ବିବରଣୀ ଡାଉନ୍ଲୋଡ୍ କରିପାରିବେ ଏବଂ କାର୍ଯ୍ୟର ବର୍ଗ ତଥା କାର୍ଯ୍ୟର ମୂଲ୍ୟ ଦର୍ଶାଇ ପୂରଣ ହୋଇଥିବା ଦରଖାସ୍ତ ତା୧୮।୦୩।୨୦୧୯ରିଖ କିମ୍ବା ତାହା ପୂର୍ବ ସୁଦ୍ଧା ଦାଖଲ କରିପାରନ୍ତି।

ତାରିଖ: ୨୬।୦୨।୨୦୧୯ — ମୁଖ୍ୟ ଯନ୍ତ୍ରୀ

CLASSIFIED DISPLAY















## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା ଦେଲେ ପ୍ରଥମ କିନ୍ନର



**ଭଦ୍ରକ ଅଫିସ, ୨୫।୨:** ଭଦ୍ରକ ଜିଲାର ପ୍ରଥମ କିନ୍ନର ଭାବେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଛନ୍ତି କାଜଲ। ଚାନ୍ଦବାଲି ଦାଖା ହାଇସ୍କୁଲରେ ପାଠ ପଢ଼ି ଚରମ୍ପା ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି କୁନା ଚନ୍ଦ୍ର ନାୟକ ଓରଫ କାଜଲ। ସେ ବର୍ତ୍ତମାନ ଯାଜପୁର ଜିଲା କିନ୍ନର ସଂଘ ସଭାପତି ସହ ରାଜ୍ୟ କିନ୍ନର ସଂଘର ସମ୍ପାଦକ ଅଛନ୍ତି। ଶିକ୍ଷା ସମସ୍ତଙ୍କ ପାଇଁ ବହୁମୂଲ୍ୟ। କିନ୍ନରମାନେ ଶିକ୍ଷାକୁ ଅଗ୍ରାଧିକାର ଦେଇ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିବା ଦରକାର ବୋଲି କାଜଲ ବାର୍ତ୍ତା ଦେଇଛନ୍ତି।

### ଶିକ୍ଷାର ମୌଳିକ ଲକ୍ଷ୍ୟ ଉପରେ ଗୁରୁତ୍ୱ

**ବାସୁଦେବପୁର, ୨୫।୨ (ଡି.ଏନ.ଏ.):** ବାସୁଦେବପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ରବିନାରାୟଣ ସେନାପତି ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଶିକ୍ଷାର ମୌଳିକ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ. ମିହିର କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହିପାଠ ମଧରେ ବାନ୍ଧି ନ ରଖି ବାହ୍ୟ ଶିକ୍ଷା ଦିଆଯିବା ଉଚିତ ବୋଲି କହିଥିଲେ। ଇଂ. ମାଧବ ଚନ୍ଦ୍ର ମହାନ୍ତି ସଭାରେ ପୌରୋହିତ୍ୟ କରିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ସୁକାନ୍ତ ବାରିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଅଞ୍ଜଳି ଦେବ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିଲେ। ସୁଧାକର ବେହେରା ଅତିଥି ପରିଚୟ ପ୍ରଦାନ ଓ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

**ବାସୁଦେବପୁର, ୨୫।୨ (ଡି.ଏନ.ଏ.):** ବାସୁଦେବପୁର ସେଣ୍ଟ ଜାଭିୟର ସ୍କୁଲର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ଅଧ୍ୟୟନ ଦିଗରେ ଅଧିକ ଧ୍ୟାନ ଦେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି ଶିକ୍ଷାବିତ୍ ମିଶ୍ର ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସ୍ମିତିରଞ୍ଜନ ପଳିତା, ବିଦ୍ୟାଳୟ ପ୍ରତିଷ୍ଠାତା ଲକ୍ଷ୍ମଣ କୁମାର ନାୟକ, ଉପଦେଷ୍ଟା କମଳାକାନ୍ତ ସାହୁ ଓ ଅନୀଲ କୁମାର ନାୟକ ଏବଂ ମୁଖ୍ୟବକ୍ତା ଭାବେ ପଣ୍ଡିତ ଦୟାନିଧି ଦାସ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବିଷ୍ଣୁମୋହନ ନାୟକ ସଭାରେ ଅଧକ୍ଷତା କରିଥିଲେ। ସୁଶାନ୍ତ କୁମାର ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବନ୍ତ ଓକିଲ ସଂଘ ଗଠିତ

**ବନ୍ତ, ୨୫।୨ (ଡି.ଏନ.ଏ.):** ବନ୍ତରେ ଓକିଲ ସଂଘ ଗଠିତ ହୋଇଯାଇଛି। ବନ୍ତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆଇନଜୀବୀ ପ୍ରଫୁଲ୍ଲ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏହି ଅଞ୍ଚଳର ଆଇନଜୀବୀମାନେ ଯୋଗଦେଇ ସଂଘ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ କମିଟି ଗଠନ କରାଯାଇ ସଦସ୍ୟମାନଙ୍କୁ ମନୋନୀତ କରାଯାଇଥିଲା। ରାଧାନାଥ ସାହୁ ସଭାପତି, ଅଣାକାର ମଲ୍ଲିକ ଉପସଭାପତି, ପରମେଶ୍ୱର ବାରିକ ସମ୍ପାଦକ, ଅଭୟ କୁମାର ରଥ ସହସମ୍ପାଦକ ଏବଂ ଅରବିନ୍ଦ ଦାସ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ସଦସ୍ୟ ଭାବେ ଶ୍ରଦ୍ଧାଞ୍ଜଳି ଶିଅଳ, ଉମାକାନ୍ତ ସେଠୀ, ଜଗନ୍ନାଥ ପଣ୍ଡା, ଗିରିଧାରୀ ସାହୁ, ସଂଗ୍ରାମ କେଶରୀ ଜେନା ଓ ରଞ୍ଜନ କୁମାର ଚଣ୍ଡଙ୍କୁ ଚୟନ କରାଯାଇଥିଲା। ଅନନ୍ତ ଗୋପାଳ ଦାସ, ସତ୍ୟବାନ ଜେନା, ଜ୍ଞାନଦା ପ୍ରସାଦ କରଶର୍ମା, ପ୍ରତାପ ସେଠୀ, ଶଶୀଶେଖର ବାରିକ ଓ ରବୀନ୍ଦ୍ର ଓଝା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ପୋଖରୀ ଖୋଳାକୁ ନେଇ ଗୋଷ୍ଠୀସଂଘର୍ଷ

**ଭଦ୍ରକ ଅଫିସ/ଧାମନଗର, ୨୫।୨ (ଡି.ଏନ.ଏ.)**



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

■ ୨ ଆହତ, ପୋଡ଼ି ଦେଲେ ଘର
■ ଗ୍ରାମରେ ପୋଲିସ ମୁତୟନ

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତର ଐତିହାସିକ ସେନାପତିଆ ପୋଖରୀଖୋଳାକୁ ନେଇ ସୋମବାର ଅପରାହ୍ନରେ ବେଲମଳା ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ ଜଣ ଆହତ ହୋଇଥିବା ବେଳେ ଜଣଙ୍କର ୩ ବଖରା ଘର ପୋଡ଼ି ଦିଆଯାଇଛି। ଧାମନଗର ଥାନାଧିକାରୀ ମାନସ ଦେଓ ୧ ପ୍ଲାଟୁନ ପୋଲିସ ସହ ଉକ୍ତ ଗ୍ରାମରେ ଡେରା ପକାଇ ସ୍ଥିତି ନିୟନ୍ତ୍ରଣକୁ ନେଇଛନ୍ତି। ସରକାରୀ ଜବରଦଖଲକୁ ବିରୋଧ କରାଯାଇ ଏଭଳି ଗଣ୍ଡଗୋଳ ଘଟିଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁସାରେ, ୧୫ ଏକର ଜମି ବିଶିଷ୍ଟ ପରିତ୍ୟକ୍ତ ଏହି ସେନାପତିଆ ପୋଖରୀର ପୁନରୁଦ୍ଧାର ପାଇଁ ସରକାରଙ୍କ ତରଫରୁ ୧ କୋଟି ୩୬ ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ ଜବରଦଖଲକାରୀଙ୍କୁ ହଟାଇ ଠିକାଦାରଙ୍କ ପକ୍ଷରୁ ସୋମବାର ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୋଖରୀ ହିଡ଼ରେ ଦୀର୍ଘଦିନ ଧରି ରହି ସେଠାରେ ଇଟାଭାଟି କରିଆସୁଥିବା ଗ୍ରାମର ବିଚିତ୍ର ସ୍ୱାଇଁ ପୋଖରୀ ଖନନକୁ ବିରୋଧ କରିଥିଲେ। ଫଳରେ ଠିକାଦାର, ତାଙ୍କ ସହଯୋଗୀ ଏବଂ ବିଚିତ୍ରଙ୍କ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ପରେ ଏହା ଆକ୍ରମଣ ଓ ପ୍ରତିଆକ୍ରମଣର ରୂପ ନେଇଥିଲା। ଏହି ସମୟରେ ବିଚିତ୍ରଙ୍କ ଘର ଜାଳି ଦିଆଯାଇଥିବା ବେଳେ ଗଣ୍ଡଗୋଳରେ ଅପର ଗୋଷ୍ଠୀର ପୀତବାସ ପାତ୍ର ଓ ସୁଶାନ୍ତ ସ୍ୱାଇଁ ଆହତ ହୋଇ ଧାମନଗର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଉଲ୍ଲେଖନୀୟ, ସେନାପତିଆ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ଦଳରେ ପୋତି ହୋଇପଡ଼ିଥିଲା। ସ୍ଥାନୀୟ ବିଧାୟକ ପୋଖରୀ ପୁନରୁଦ୍ଧାର ପାଇଁ ୧ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟବରାଦରେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୋଖରୀ ଜମିରୁ ୫ ଏକର ୮୮ ଡେସିମିଲ ଜାଗା ଜବରଦଖଲ ହେବା ସହିତ ବିଚିତ୍ର ନିଜ ନାମରେ କରାଇନେଇ ପଟ୍ଟା ଅକ୍ତିଆର କରି ଦଖଲ ମଧ୍ୟ କରୁଥିଲେ। ଏ ନେଇ ସ୍ଥାନୀୟ ଲୋକେ ତହସିଲ, ଜିଲାପାଳ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୮ରୁ ୧୬ ପର୍ଯ୍ୟନ୍ତ ହାଇକୋର୍ଟରେ ମାମଲା ଚାଲିଥିଲା। ଶେଷରେ ଉକ୍ତ ପୋଖରୀ ଜମିକୁ ଜାଲିଆତି ଭାବେ ପଟ୍ଟା କରାଯାଇଥିବା ହାଇକୋର୍ଟ ରାୟ ପ୍ରକାଶ କରିବା ସହ ଜିଲା ପ୍ରଶାସନ ତୁରନ୍ତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ରାୟକୁ ଅବମାନନା କରି ଉକ୍ତ ଜମି ସରକାରୀ ଖାତାକୁ ଅଣାଯାଇ ନ ଥିବାରୁ ଏଭଳି ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଘଟଣା ତଦନ୍ତ ପରିସରଭୁକ୍ତ ଥିବା ଥାନାଧିକାରୀ ଦେଓ କହିଛନ୍ତି।

# ‘ବହୁମୁଖୀ ପ୍ରତିଭା ଥିଲେ ଭାଗୀରଥି’

**ଭଦ୍ରକ ଅଫିସ, ୨୫।୨**

ଭଦ୍ରକ ଉପକଣ୍ଠ ବାଲିବିଲଠାରେ ସାମାଜିକ କର୍ମୀ ସ୍ୱର୍ଗତ ଭାଗୀରଥି ମଲିକଙ୍କ ଏକାଦଶାହ ଅବସରରେ ଭାଗୀରଥି ସ୍ମୃତି କମିଟି ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଅଧ୍ୟାପକ ଡ. ଅମୂଲ୍ୟ କୁମାର ମଲିକଙ୍କ ଉପସ୍ଥିତିରେ ବରିଷ୍ଠ କବି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତିସନ୍ଧ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ଘନଶ୍ୟାମ ଲେଙ୍କା ବେଦପାଠ କରିଥିଲେ। ଡ. ବଳରାମ ମିଶ୍ର, ଅଧ୍ୟାପକ ଉମାକାନ୍ତ ମହାଳିକ, କେଦାରପୁର ସରପଞ୍ଚ ଭରତଚନ୍ଦ୍ର ତ୍ରିପାଠୀ, ସମିତିସଭ୍ୟ ଯୋଗେନ୍ଦ୍ର ଘଡେଇ, ଅଜୟ ମଲିକ, ଅନନ୍ତ ମଲିକ, ନିରଞ୍ଜନ ପଣ୍ଡା, ଗୟାଧର ମଲିକ, ନିରଞ୍ଜନ ମଲିକ, ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ବାବାଜି ଚରଣ ମଲିକ, ଡ. ମିନତି ଦାସ ଓ ଡ. ବିଜୟ ଦାସ ପ୍ରମୁଖ ଯୋଗଦେଇ ଭାଗୀରଥି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ତାଙ୍କ ବିୟୋଗ ଅଞ୍ଚଳର ମୁଖ୍ୟତଃ କୃଷକଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ମତପ୍ରକାଶ ପାଇଥିଲା। ଭଦ୍ରକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଦ୍ୱାରା ପ୍ରସ୍ତୁତ ଏକ ଶୋକବାର୍ତ୍ତାକୁ ଏହି ଅବସରରେ ପଠନ କରାଯାଇଥିଲା। ସ୍ୱର୍ଗତ ମଲିକଙ୍କ ପୁତ୍ର ଡ. ଅମୂଲ୍ୟ ମଲିକ, ପ୍ରଫୁଲ୍ଲ ମଲିକ, ଅଦ୍ୱୈତ ମଲିକ ଓ ପୁତ୍ରବଧୂ କୁମୁଦିନୀ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂ. ଦେବଦତ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ମାଡ଼ରୁ ବାଦ୍ ପଡ଼ିଲେନି ବରିଷ୍ଠ ନାଗରିକ



ଆହତ ଭାସ୍କରଙ୍କ ପରିବାର ଏସ୍‌ଡିପିଓଙ୍କ ନିକଟକୁ ଅଭିଯୋଗ ପାଇଁ ଯାଉଛନ୍ତି।

**ଚାନ୍ଦବାଲି, ୨୫।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାଂଶଡ଼ା ଥାନା ପୋଲିସ ଜଣେ ବରିଷ୍ଠ ନାଗରିକଙ୍କୁ ବିନା ଦୋଷରେ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଆହତ ବରିଷ୍ଠ ନାଗରିକ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତାଙ୍କ ପରିବାର ପକ୍ଷରୁ ଏ ନେଇ ଚାନ୍ଦବାଲି ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତେବେ ଏଯାଏ ଏହି ଘଟଣାରେ ଥାନାରେ ମାମଲା ରୁଜୁ କରାଯାଇ ନ ଥିବା ଜଣାଯାଇଛି।

ସୂଚନା ଅନୁସାରେ, ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ତୋଟାପଡା ଗାଁର ଭାସ୍କର ଜେନା(୬୫) ଶନିବାର ଏକ ମାମଲାର ଆପୋଷ ସମାଧାନ ପାଇଁ ଦୁଇପକ୍ଷଙ୍କ ସହିତ ମନ୍ତେଇ ନଦୀ ପାର ହୋଇ ବାଂଶଡ଼ା ଥାନାକୁ ଯାଇଥିଲେ। ସେଠାରେ ଆପୋଷ ସମାଧାନ ହେବା ସହିତ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ନିଷ୍ପତ୍ତି ନିଆଯାଇଥିଲା। ଭାସ୍କର ଅପରାହ୍ନରେ ଘରକୁ ଫେରୁଥିବା ବେଳେ ବାଂଶଡ଼ା ଫେରିଘାଟ ନିକଟରେ ଗୋଟିଏ ପକ୍ଷର ଲୋକଙ୍କ ସହିତ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହି ସମୟରେ ଫେରିଘାଟ ନିକଟରେ ଉପସ୍ଥିତ ବାଂଶଡ଼ା ଥାନାର ଜଣେ ଅଧିକାରୀ ବିନା କାରଣରେ ଭାସ୍କରଙ୍କୁ ତଳେ ପକାଇ ସର୍ବସମ୍ମୁଖରେ ମାଡ଼ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଉମାଶଙ୍କର ମହାରଣା ଆହତଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପରୀକ୍ଷାକେନ୍ଦ୍ରକୁ ମୋବାଇଲ ନେଇ ମାଜିଷ୍ଟ୍ରେଟ ହଟହଟା

**ଚାନ୍ଦବାଲି, ୨୫।୨ (ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷାକେନ୍ଦ୍ରକୁ ମୋବାଇଲ ନେବା ବାରଣ ଥିବାବେଳେ ପରୀକ୍ଷା ପରିଚାଳନା ପାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କେନ୍ଦ୍ରକୁ ମୋବାଇଲ ନେଇ ହଟହଟା ହୋଇଥିବା ଚର୍ଚ୍ଚା ହେଉଛି। ଘଟଣାଟି ଘଟିଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ସରକାରୀ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ। ଚାନ୍ଦବାଲି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଥିଲା। ଭଦ୍ରକରୁ ଚାନ୍ଦବାଲି ଯିବା ରାସ୍ତାରେ ଏହି କେନ୍ଦ୍ରରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ଚାଲିଥିବା ବେଳେ ତଦାରଖ କରିବାକୁ ଜିଲାପାଳ ଜ୍ଞାନରଞ୍ଜନ ଦାଶ ଉକ୍ତ ସ୍କୁଲକୁ ଯାଇଥିଲେ। ତାଙ୍କ ସହିତ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ଜଣଙ୍କ ମୋବାଇଲ ନେଇ ଯାଇଥିବା ଦେଖିବାକୁ ମିଳିଥିଲା। ଏହା ଜିଲାପାଳଙ୍କ ନଜରକୁ ଆସିବା ପରେ ସେ ବିରକ୍ତି ପ୍ରକାଶ କରିବା ସହ ମୋବାଇଲ ବାହାରେ ରଖି ପରୀକ୍ଷାକେନ୍ଦ୍ରକୁ ଆସିବାକୁ ତାଙ୍କୁ ତାଗିଦ୍ କରିଥିଲେ। ପ୍ରକାଶ ଯେ, ଜିଲାପାଳ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ତାଙ୍କ ମୋବାଇଲ ବାହାରେ ଗାଡ଼ିରେ ରଖିଦେଇ ଯାଇଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଗ୍ରହ ପ୍ରତିଷ୍ଠା ସ୍ମୃତି ମହୋତ୍ସବ



ନିଳୋକ ସତ୍‌ସଙ୍ଗ କେନ୍ଦ୍ରରେ ଅନୁଷ୍ଠିତ ମହୋତ୍ସବ।

**ବନ୍ତ, ୨୫।୨ (ଡି.ଏନ.ଏ.)**

ବନ୍ତ ବ୍ଲକ ନିଳୋକ ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୩ୟ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ସ୍ମୃତି ମହୋତ୍ସବ ଓ ୧୩୧ତମ ଜନ୍ମ ମହାମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃରେ ସମବେତ ଉଷାବିନତି, ସଦ୍‌ଗ୍ରନ୍ଥ ପାଠ, ପୂର୍ବାହ୍ନରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ପରେ ସହପ୍ରତି ଋତ୍ୱିକ୍ ଅଲେଖ ଚନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସହପ୍ରତି ଋତ୍ୱିକ୍ ଧରଣୀଧର ସ୍ୱାଇଁ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସହ ପ୍ରତି ଋତ୍ୱିକ ଶିବାଜୀ ମହାନ୍ତି ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ହାଡ଼ିବନ୍ଧୁ ବେହେରା ସତ୍ୟାନୁସରଣ ଓ ଭଗବାନ ବାରିକ ନାରୀର ନୀତି ପାଠ କରିଥିଲେ। ସଂଗୀତାଞ୍ଜଳିରେ ରମେଶ କୁମାର ନନ୍ଦ, ବିଶ୍ୱମ୍ଭର ଖଟୁଆ ଓ ସନ୍ତୋଷ ପଲେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦିବସବ୍ୟାପୀ ଦିକ୍ଷାଦାନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନ୍ତ, ନିଳୋକ, ପଧାନପଡା, କ୍ଷେଣ୍ଟିରା ଆଦି ବିଭିନ୍ନ ପଞ୍ଚାୟତରୁ ଗୁରୁଭ୍ରାତା ଓ ମା’ ଯୋଗ ଦେଇଥିଲେ।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି: ସାମୂହିକ ଦୀପଦାନ

**ଭଦ୍ରକ ଅଫିସ, ୨୫।୨**

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଭଦ୍ରକ ସହର ନରିପୁର ଅଞ୍ଚଳସ୍ଥିତ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସାହୀ ଯୁବଗୋଷ୍ଠୀ ଓ ସ୍ଥାନୀୟ ବ୍ୟବସାୟୀମାନେ ଏକାଦଶାହ କ୍ରିୟା କାର୍ଯ୍ୟକ୍ରମ ସାଙ୍ଗକୁ ବୀର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସାମୂହିକ ଦୀପଦାନ କରିଥିଲେ। କେତେଜଣ ବ୍ୟବସାୟୀ ଘଟଣା ପରଦିନଠାରୁ ଶହୀଦ ଯବାନଙ୍କ ଫଟୋଚିତ୍ର ରଖି କ୍ୟାଣ୍ଡେଲ ଓ ଅଖଣ୍ଡଦୀପ ଲଗାଇ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଆସୁଥିଲେ। ଯବାନଙ୍କ ଏକାଦଶାହ ଉପଲକ୍ଷେ ଶତାଧିକ ଲୋକଙ୍କ ପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା।

# ଆଶ୍ରମ ଶିଶୁଙ୍କୁ ପୋଷାକ ବାଣ୍ଟିଲା ଯୁବମଞ୍ଚ



ଯୋଗୀରଷି ଲଚ୍ଛମନ ଦାସ ଆଶ୍ରମର ଶିଶୁଙ୍କୁ ପୋଷାକ ବଣ୍ଟନ କରାଯାଉଛି।

**ତିହିଡ଼ି, ୨୫।୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଦୋଳସାହିସ୍ଥିତ ଯୋଗୀରଷି ଲଚ୍ଛମନ ଦାସ ଶିଶୁ ଆଶ୍ରମରେ ସୋମବାର ତିହିଡ଼ି ଯୁବମଞ୍ଚ ପକ୍ଷରୁ ପୋଷାକ ବଣ୍ଟନ କରାଯାଇଛି। ଯୁବମଞ୍ଚର କର୍ମକର୍ତ୍ତାମାନେ ଆଶ୍ରମର ଶିଶୁମାନଙ୍କୁ ପୋଷାକ ବାଣ୍ଟିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଯୁବମଞ୍ଚର ଉପସଭାପତି ଅନୀଲ ନାୟକଙ୍କ ପୌରୋହିତ୍ୟରେ ଆଶ୍ରମର ୬୦ ଶିଶୁଙ୍କୁ ପୋଷାକ ବିତରଣ କରାଯାଇଥିଲା। ଆଶ୍ରମ ପରିଚାଳକ ଜ୍ୟୋତିପ୍ରକାଶ ପତି, ଯୁବମଞ୍ଚର ମିଡିଆ ସଂଯୋଜକ ନିରଞ୍ଜନ ବାରିକ, ବାସୁଦେବ ପାଣିଗ୍ରାହୀ, କୋଷାଧକ୍ଷ ଦୀପକ ନାଥ, ବିକାଶ ଲେଙ୍କା, ସୁମନ ଦୀକ୍ଷିତ, ଦୀପକ ସେଠୀ, ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମ କର୍ମଚାରୀ ରଶ୍ମିରଞ୍ଜନ ବେହେରା, ଚକ୍ରଧର ମହାରଣା, ପ୍ରମିଳା ସେନାପତି, ଝୁନାରାଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଭଲ ମଣିଷ ତିଆରି କର୍ମଶାଳା ‘ମୁନି ସମାଜ’

**ତିହିଡ଼ି, ୨୫।୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ କୋହ୍ଲସ୍ଥିତ ଶିବମୁନି ଯୋଗାଶ୍ରମର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ପକ୍ଷରୁ ଆୟୋଜିତ ଉତ୍ସବରେ ଯୋଗୀ ସର୍ବେଶ୍ୱର ମୁନି ପୌରୋହିତ୍ୟ କରିଥିଲେ। ପ୍ରଥମେ ଓଡ଼ିଶା ପ୍ରାନ୍ତର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବ ମୁନି ସତ୍ୟପତାକା ଉତ୍ତୋଳନ କରିଥିଲେ। ଜିଲା ଅଧକ୍ଷ ଯୋଗାଚାର୍ଯ୍ୟ ଗଙ୍ଗାଧର ଦାଶ, ସମ୍ପାଦିକା ଯୋଗ ଶିକ୍ଷୟିତ୍ରୀ ନିରୂପମା ପାଣି, ଯୋଗୀ ଗୟାଧର ବାରିକ, ଯୋଗୀ ତ୍ରିଲୋଚନ ମୁନି, ଯୋଗ ଶିକ୍ଷୟିତ୍ରୀ ସୀତା ବେହେରା, ଯୋଗୀ ନାରାୟଣ ପାଣିଗ୍ରାହୀ, ମୁନିରାଜ ନକୁଳ ମୁନି, ମୁନିରାଜ ନାରାୟଣ, ସୂର୍ଯ୍ୟମଣି ପାଣିଗ୍ରାହୀ ଓ ଗଙ୍ଗାଧର ପାଣିଗ୍ରାହୀ ଏଥିରେ ଯୋଗ ଦେଇଥିଲେ। ମୁନି ସମାଜ ଭଲମଣିଷ ତିଆରି କରିବାର କର୍ମଶାଳା ବୋଲି ସେମାନେ କହିବା ସହ ଯୋଗ ଦ୍ୱାରା ମଣିଷ ନିରାମୟ ଜୀବନଯାପନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁନି ବାଇଧର, ହୃଦାନନ୍ଦ, ମୁନିରାଜ ପାର୍ଥ, ମୁନିରାଜ ଗଜେନ୍ଦ୍ର, ମୁନିମତି ମଞ୍ଜୁଲତା ଓ ଚନ୍ଦ୍ରିକା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ମୁନିରାଜ ଚିତ୍ତ ମୁନି, ରବି ମୁନି, ମୁନିମତି କୁସୁମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କପି କରି ଧରାପଡ଼ିଲେ ୨ ପରୀକ୍ଷାର୍ଥୀ

**ଚାନ୍ଦବାଲି, ୨୫।୨ (ଡି.ଏନ.ଏ.)**

ସୋମବାର ଦ୍ୱିତୀୟ ଭାଷା ଇଂଲିଶ ପରୀକ୍ଷାରେ କପି କରି ଚାନ୍ଦବାଲି ବ୍ଲକରେ ୨ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ବୋର୍ଡର ସେଣ୍ଟ୍ରାଲ ସ୍କ୍ୱାଡ ମତୋ ସରକାରୀ ହାଇସ୍କୁଲ କେନ୍ଦ୍ରରେ ଜଣେ ଓ ମଦନମୋହନ ଜୀଉ ସରକାରୀ ହାଇସ୍କୁଲ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀଙ୍କୁ କପି କରୁଥିବା ବେଳେ ଧରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଗୀତା ବଣ୍ଟନ

**ଭଣ୍ଡାରିପୋଖରୀ, ୨୫।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପୁରିପଡାସ୍ଥିତ ସରୋଜିନୀ ନନ୍ଦ ଉ.ପ୍ରା. ମଇ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ବଳଙ୍କ ପୌରୋହିତ୍ୟରେ ଶ୍ରୀମଦ୍ ଭାଗବତ ଗୀତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ଗୀତା ପଠନ ଦ୍ୱାରା ରୋଗ, ଶୋକ, ଦୁଃଖ ସହିତ ସର୍ବ ପାପ ହରଣ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ ଗୀତା ପଠନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଗୀତା ପ୍ରଦାନ କରାଯାଇଥିଲା। କପିଳେନ୍ଦ୍ର ମାଣିକ ଓ ରୋଜାଲିନ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

■ ଗଠନ ହେଉନି ସ୍କୁଲ ପରିଚାଳନା କମିଟି

# ପ୍ରତିବାଦରେ ସେବାଶ୍ରମ ସ୍କୁଲ ସମ୍ମୁଖରେ ଅନଶନ

**ଭଣ୍ଡାରିପୋଖରୀ, ୨୫।୨ (ଡି.ଏନ.ଏ.)**



ସେବାଶ୍ରମ ସ୍କୁଲ ସମ୍ମୁଖରେ ଅନଶନରେ ବସିଥିବା ଅଭିଭାବକ ଓ ଅନ୍ୟମାନେ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନଗୁଁଆ ପଞ୍ଚାୟତରେ ଥିବା ଡଗରପଡ଼ା ସେବାଶ୍ରମ ସ୍କୁଲର ପରିଚାଳନା କମିଟି ଗଠନ ହେଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅଭିଭାବକ, ଗ୍ରାମବାସୀ, ସରପଞ୍ଚ ଓ ସମିତିସଭ୍ୟା ସୋମବାର ସେବାଶ୍ରମ ସ୍କୁଲ ଫାଟକ ସମ୍ମୁଖରେ ଅନଶନରେ ବସିଥିଲେ। ଦୀର୍ଘଦିନ ଧରି ଏହି ସ୍କୁଲରେ ପରିଚାଳନା କମିଟି ଗଠନ ନ ହେବା, ସ୍କୁଲ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଅଭିଭାବକଙ୍କ ସମେତ ନଗୁଁଆ ସରପଞ୍ଚ କମଳ କୁମାର ନନ୍ଦ, ସମିତିସଭ୍ୟା ସସ୍ମିତା ବାରିକ ଓ ସ୍କୁଲ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଅନଶନ କରିଥିଲେ। ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ବସନ୍ତ କୁମାର ରଥ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପରିଚାଳନା କମିଟି ଗଠନ ପାଇଁ ସେବାଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଅବନୀ ବିହାରୀ ସାହୁଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପରିଚାଳନା କମିଟି ଗଠନ ନେଇ ମଙ୍ଗଳ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ସେମାନେ ଅନଶନରୁ ଓହରିଥିଲେ। ସରପଞ୍ଚ, ସମିତିସଭ୍ୟାଙ୍କ ସହ ଅଭିଭାବକ ମଦନ ମହାକୁଡ, ରବୀନ୍ଦ୍ର ନାୟକ, ନୀଳମଣି ଦତ୍ତ, ରୀନାରାଣୀ ଦତ୍ତ, ଗୀତାଞ୍ଜଳି ବାରିକ, ନିରଞ୍ଜନ ଦତ୍ତ, ଜୟନ୍ତୀ ବେହେରା, ରଞ୍ଜନ ସାହୁ, ଲଳିତା ନାୟକ, କିଶୋର ଓଝା ଓ ସୁକାନ୍ତି ବାରିକ ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କପି କରି ଧରାପଡ଼ିଲେ ୩ ଛାତ୍ର

**ରାୟଗଡା ଅଫିସ୍, ୨୫।୨:** ସୋମବାର ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଦିନରେ ଇଂରାଜୀ ପରୀକ୍ଷାରେ କପି କରି ୩ ଛାତ୍ର ଧରାପଡିଛନ୍ତି। କାଶୀପୁର ବ୍ଲକ୍ ତଳଝିରି ଉଚ୍ଚ ବିଦ୍ୟାଳୟରେ ୨ ଓ କାଶୀପୁର ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ର ଧରା ପଡିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାର୍ଡ ଅନୁଧାନ କରି ଉକ୍ତ ୩ ଜଣଙ୍କୁ ଧରିଥିଲେ। ସେମାନଙ୍କୁ ମାଲ ପ୍ରାକ୍ଟିସ କରାଯାଇଥିବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ଅପରପକ୍ଷରେ ସମଗ୍ର ଜିଲାରେ ୧୧ ହଜାର ୬୦୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧ହଜାର ୩୯୭ ଜଣ ପରୀକ୍ଷା ଦେଇଛନ୍ତି। ୨୦୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାଯାଇଛି।

### ବାସି ଭୋଜି ଖାଇ ୩୦ ଅସୁସ୍ଥ

#### ଅସୁସ୍ଥଙ୍କ ମଧ୍ୟରୁ ୮ ଗୁରୁତର

**କୋରାପୁଟ/ଦଶମନ୍ତପୁର,୨୫।୨(ସ୍ୱ.ପ୍ର./ ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ଗ୍ରାମରେ ଆୟୋଜିତ ଏକ ବିବାହ ଭୋଜିର ବାସି ଖାଦ୍ୟ ଖାଇ ୩୦ ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଦୈତାରୀ ନାୟକଙ୍କ ବାହାଘର ଭୋଜି ଥିଲା। ଭୋଜିରେ ବଳିଯାଇଥିବା ଭାତ, ତରକାରୀ, ଡାଲି ଓ ଅନ୍ୟ ଜିନିଷକୁ ଦୈତାରୀ ନ ଫୋପାଡ଼ି ସୋମବାର ସକାଳେ କେତେକ ଗ୍ରାମବାସୀଙ୍କୁ ଘରକୁ ଡାକି ଖାଇବାକୁ ଦେଇଥିଲେ। ଏହି ଖାଦ୍ୟ ଖାଇବା ପରେ ଗ୍ରାମବାସୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କେତେକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବରପାଇ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ଡୁମ୍ବାଗୁଡ଼ାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ସେମାନଙ୍କ ମଧ୍ୟରୁ ଗୋମତି ନାୟକ, ନନ୍ଦନା ନାୟକ, ହରି ନାୟକ, ଭାଗ୍ୟବତୀ ନାୟକ, ଗୋବର୍ଦ୍ଧନ ନାୟକଙ୍କ ସମେତ ୮ ଜଣ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ରାଜ୍ୟବାସୀଙ୍କୁ ଧୋକା ଦେଇ ଚାଲିଛନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ):** ସଫଳତା ଓ ବିକାଶର ଚିତ୍ର ଦେଖାଇବା ନାଁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଶହଶହ କୋଟି ଟଙ୍କା ବରବାଦ୍ କରୁଛି। ଚାଷୀକୁଳକୁ ସର୍ବସ୍ୱାନ୍ତ କରିବାରେ ନିର୍ବାଚନ ଜିତିବା ପାଇଁ ବିଜେଡି ସରକାର ପକ୍ଷରୁ ''କାଳିଆ'' ଯୋଜନା ନାଁରେ ପ୍ରଚାର, ପ୍ରସାର ଚାଲିଛି। ବାସ୍ତବରେ ରାଜ୍ୟରେ ଉଭୟ ଚାଷୀ ଓ ଉଦ୍ୟୋଗପତିଙ୍କୁ କିଭଳି ପ୍ରତାରଣା କରାଯାଉଛି ରାଜ୍ୟ ଆଳୁ ମିଶନର ବିଫଳତା ତାହାର ଜ୍ୱଳନ୍ତ ପ୍ରମାଣ। ସରକାର କିଭଳି ରାଜ୍ୟବାସୀଙ୍କୁ ଧୋକା ଦେଇ ଚାଲିଛନ୍ତି ତା'ର ଲେଖାଯୋଖା ପ୍ରମାଣ ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ଦଳୀୟ ନିର୍ବାଚନ ଘୋଷଣା ପତ୍ର ୨୦୧୪ରେ ବିଜେଡି କହିଥିଲା ଦଳ ପାଇଁ ଇସ୍ତାହାର କେବଳ ଏକ ପ୍ରତିଶ୍ରୁତି ନୁହେଁ ବରଂ ଏହା ଆମର ସଂକଳ୍ପ। ଚାଷୀଙ୍କୁ ଉଚିତ୍ ମୂଲ୍ୟ ମିଳିବା ପାଇଁ ରାଜ୍ୟର ୩୧୪ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବାକୁ କୁହାଯାଇଥିଲା। ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ ଏହାର ସୁପରିଚାଳନା କରିବା ଦିଗରେ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର ସମସ୍ତ ପ୍ରକାର ସହାୟତା ଦେବେ ବୋଲି କହିଥିଲେ। ଆଳୁ ଉତ୍ପାଦନକୁ ବୃଦ୍ଧି ପାଇଁ ୨୬୭କୋଟି ଟଙ୍କାରେ ୨୦୧୫ରେ ରାଜ୍ୟ ଆଳୁ ମିଶନ ପ୍ରତିଷ୍ଠା କରାଗଲା। ଆଳୁ ଉତ୍ପାଦନ ୨ଲକ୍ଷ ମେଟ୍ରିକ୍ ଟନ୍‌ରୁ ବୃଦ୍ଧି କରାଯାଇ ୧୧ଲକ୍ଷ ମେଟ୍ରିକ୍ ଟନ୍ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହେଲା। ଆଳୁ ସଂରକ୍ଷଣ ପାଇଁ ୧୧୨ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ମଧ କହିଥିଲେ। ଆଳୁ ବିହନ ଉତ୍ପାଦନ ବୃଦ୍ଧି କରାଯିବ ଓ ବଜାରକୁ ନିୟନ୍ତ୍ରିତ ଆଳୁ ଯୋଗାଣ କରିବେ ସରକାର। ଏହାସହ ଆଳୁ ଚାଷକୁ ମାର୍କେଟିଂ ସହାୟତା ବୃଦ୍ଧି କରାଯିବା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବେ। ଆଳୁ ଚାଷୀ ଓ ଶୀତଳ ଭଣ୍ଡାର ଉଦ୍ୟୋଗୀକୁ ଆବଶ୍ୟକ ସମସ୍ତ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି କହିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ସରକାରଙ୍କ ଉପରୋକ୍ତ ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଆଶ୍ଚର୍ଯ୍ୟର କଥା ଆଳୁ ମିଶନ ହେବା ପରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ ଦୂରର କଥା ପୂର୍ବରୁ ଉତ୍ପାଦିତ ହେଉଥିବା ସରକାରଙ୍କର ଚାଷୀ ଓ ଉଦ୍ୟୋଗୀମାନଙ୍କ ପ୍ରତି ରହିଥିବା ସମ୍ବେଦନହୀନତାକୁ ନେଇ ସତ୍ୟପ୍ରକାଶ ପ୍ରଶ୍ନ କରିଛନ୍ତି।

---

# ଭାଜପା, କଂଗ୍ରେସରୁ ଏକାଧିକ ଆଶାୟୀ

**ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ**



**ମୃତ୍ୟୁଞ୍ଜୟ ଶତପଥୀ**
**ସୋନପୁର,୨୫।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ସୋନପୁର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ। ୨୦୦୯ ପୂର୍ବରୁ ଏହା ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ସୀମା ପୁନଃ ନିର୍ଦ୍ଧାରଣ ପରେ ଏହି ନିର୍ବାଚନମଣ୍ଡଳୀଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଅଛି। ୨୦୦୯ ଓ ୨୦୧୪ରେ ନିରଞ୍ଜନ ପୂଜାରୀ ସୋନପୁରରୁ ବିଧାୟକ ଜିତି ବାଚସ୍ପତିଠାରୁ ଆରମ୍ଭ କରି ନବୀନଙ୍କ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହି ଆସିଛନ୍ତି। ପ୍ରତିଥର ନିରଞ୍ଜନଙ୍କ ବିଜୟ ବ୍ୟବଧାନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନରେ ଭାଜପା ଓ କଂଗ୍ରେସ ଦଳ ନିଜର ପ୍ରାର୍ଥୀ ପରିବର୍ତ୍ତନ କରିଥିଲେ ମଧ ସଫଳତା ପାଇ ନାହାନ୍ତି। ପ୍ରାର୍ଥୀଙ୍କୁ କେବଳ ସମାନ ସଂଖ୍ୟକ ଦଳୀୟ ଭୋଟ ହିଁ ମିଳୁଛି। ନିରଞ୍ଜନଙ୍କୁ ଗାଦିଚ୍ୟୁତ କରିବା ସହଜ ହେଉ ନ ଥିଲେ ହେଁ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଉତ୍ତମ ପ୍ରଦର୍ଶନ କରି ଜିଲା ପରିଷଦ ଗଠନ କରିଛି। ପରିବର୍ତ୍ତନର ହାୱା ବହୁ ଥିବାରୁ ଭଲ ପ୍ରାର୍ଥୀ ଟିକେଟ ପାଇଲେ ଏଥର ପଟ୍ଟ ପରିବର୍ତ୍ତନ ହେବାର ଚର୍ଚ୍ଚା ଜୋର ଧରିଛି।

ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ତରଭା ଏନଏସି ଏବଂ ସୋନପୁର, ତରଭା, ଡୁଙ୍ଗୁରିପାଲି ବ୍ଲକ ସହିତ ବିନିକା ବ୍ଲକର ଯୁଲୁଣ୍ଡା, କୁଇବାହାଲ ଓ ମହଦା ପଞ୍ଚାୟତକୁ ନେଇ ଗଠିତ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀଟି ବଲାଙ୍ଗୀର ଲୋକସଭା କ୍ଷେତ୍ର ମଧ୍ୟରେ ରହିଛି।

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ତଥା ନଗର ଉନ୍ନୟନ ଓ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପୁଣି ଟିକେଟ ପାଇବାକୁ ଦୃଢ ଆଶା ରଖିଛନ୍ତି। ଲଗାତର ବିନିକାରୁ ୨ଥର ଓ ସୋନପୁରରୁ ୨ଥର ଜିତି ସେ ବିଧାନସଭାକୁ ଆସିଛନ୍ତି। ବିଜେଡି ଟିକେଟକୁ ନେଇ ଏଥର ଅନ୍ୟ କେହି ଆଶାୟୀ ଆଗକୁ ଆସିନାହାନ୍ତି। ଏ ସବୁ ଭିତରେ ନବୀନଙ୍କ ୩୩ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥା ସୋନପୁର ପାଇଁ ଲାଗୁ ନ ହେଲେ ନିରଞ୍ଜନଙ୍କ ଟିକେଟ ଏକପ୍ରକାର ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ନିରଞ୍ଜନଙ୍କୁ ପଚାରିବାରୁ ସେ ଟିକେଟ୍ କଥା ଚିନ୍ତା କରିନାହାନ୍ତି। ସେ ନିଷ୍ପତ୍ତି ଦଳର ସଭାପତି ନେବେ। ନିର୍ବାଚନମଣ୍ଡଳୀ ପାଇଁ ଅନେକ କାର୍ଯ୍ୟ ହୋଇଛି। ପିଇବା ପାଣିଠାରୁ ଆରମ୍ଭ କରି, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି କହିଥିଲେ। ଏଠାରେ ବିଜେଡି କାହା ସହ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ପ୍ରଶ୍ନରେ ନିରଞ୍ଜନ କହିଥିଲେ, ଦୁଇ ନମ୍ବର ସ୍ଥାନ ପାଇଁ ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ। ନିର୍ବାଚନ ମଣ୍ଡଳୀବାସୀଙ୍କ ଉପରେ ଭରସା ରଖିଛି।

ଅନ୍ୟପକ୍ଷରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ୪ଆଶାୟୀ ପ୍ରାର୍ଥୀଙ୍କ ନାଁ ଏବେ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସେମାନେ ହେଲେ ପ୍ରମୋଦ ମହାପାତ୍ର, ଅଶୋକ ପୂଜାରୀ, ବଳଦେବ ପ୍ରସାଦ ବେଦ୍‌ବାକ ଓ ଶରତ ଶତପଥୀ। ପ୍ରମୋଦ ମହାପାତ୍ର କହିଛନ୍ତି, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜିତ ହେବା ପରେ ବୁଥ୍‌ସ୍ତରରୁ ସଂଗଠନକୁ ସୁଦୃଢ କରିଛି। ମୁଁ ଦଳର ଶୃଙ୍ଖଳିତ କର୍ମୀ। ଦଳ ଦ୍ୱିତୀୟ ଥର ପାଇଁ ମୋତେ ସୁଯୋଗ ଦେବ ବୋଲି ବିଶ୍ୱାସ ରହିଛି। ବରିଷ୍ଠ ନେତା ଅଶୋକ ପୂଜାରୀ କୁହନ୍ତି ମୁଁ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦାନ କରିଛି। ଏଥର ଟିକେଟ ପାଇବା ପାଇଁ ଆଶା ରଖିଛି। ସେହିପରି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକ୍ କୁହନ୍ତି ମୁଁ ଦୀର୍ଘ ବର୍ଷ ଧରି ଦଳ ପାଇଁ କାମ କରି ଆସୁଛି। ଦଳ ଯଦି ଟିକେଟ ଦିଏ ମୁଁ ନିଶ୍ଚିତ ଲଢିବି। ଅନ୍ୟତମ ଯୁବ ନେତା ଶରତ ଶତପଥୀ କୁହନ୍ତି ମୁଁ ଛାତ୍ର ଅବସ୍ଥାରୁ ସଂଗଠନ ସହିତ ଜଡିତ ଅଛି। ଦଳ ଉଚିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବ ଓ ପ୍ରଥମ ଥର ପାଇଁ ଏଠାରେ ଭାଜପାର ପ୍ରାର୍ଥୀ ଜିତିବେ ବୋଲି କହିଛନ୍ତି।

କଂଗ୍ରେସର ମଧ୍ୟ ଆଶୟୀଙ୍କ ସଂଖ୍ୟା ଏକାଧିକ। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ଯୁବ ନେତା ଚନ୍ଦ୍ରମଣି ତ୍ରିପାଠୀ ଓ ବରିଷ୍ଠ ନେତା ଚିତ୍ତରଞ୍ଜନ ମିଶ୍ର ପ୍ରାର୍ଥୀ ହେବା ନେଇ ଆଶା ରଖିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଦାଶ କୁହନ୍ତି, ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ। ସଭାପତି ଭାବେ ଦଳର କାର୍ଯ୍ୟକ୍ରମକୁ ନିଷ୍ଠାର ସହିତ ତୁଲାଇ ଆସୁଛି। ତେଣୁ ଟିକେଟ ପାଇଁ ଆଶା ରଖିଛି। ଯୁବନେତା ଚନ୍ଦ୍ରମଣି କୁହନ୍ତି, ସେ ଛାତ୍ରାବସ୍ଥାରୁ ଦଳ ସହିତ ଜଡିତ ଅଛନ୍ତି। ଲୋକଙ୍କ ସହିତ ସାମିଲ ହୋଇ କାମ କରୁଛି। ନିର୍ମଳ ଭାବମୂର୍ତ୍ତି ଏବଂ ଯୁବ ଚେହେରାଙ୍କୁ ଦଳ ଚାହୁଁଥିବାରୁ ମୁଁ ଆଶାବାଦୀ। ବରିଷ୍ଠ ନେତା ଚିତ୍ତରଞ୍ଜନ ମିଶ୍ର କହିଛନ୍ତି, ୩୦ ବର୍ଷ ହେଲା ଦଳ ପାଇଁ ତୃଣମୂଳସ୍ତରରେ କାମ କରି ଆସୁଛି। ଲୋକଙ୍କ ସମର୍ଥନ ରହିଛି। ମୁଁ ଟିକେଟ ପାଇବି ବୋଲି ଆଶା ରଖିଛି।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ନିରଞ୍ଜନ ପୂଜାରୀ | ୯୩,୫୩୪ |
| ଭାଜପା | ପ୍ରମୋଦ ମହାପାତ୍ର | ୪୨,୦୪୯ |
| ଆଇଏନ୍‌ସି | ସର୍ବେଶ୍ୱର ପୁରୋହିତ | ୩୫,୭୯୫ |

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ନିରଞ୍ଜନ ପୂଜାରୀ | ୬୮,୮୪୪ |
| ଭାଜପା | ନବକୃଷ୍ଣ ଦନ୍ତ | ୪୦,୫୩୭ |
| କଂଗ୍ରେସ | ଜିତେନ୍ଦ୍ର ପଟ୍ଟନାୟକ | ୩୬,୦୪୪ |
| ସ୍ୱାଧୀନ | ବାଳଗୋପାଳ ମିଶ୍ର | ୬,୪୭୦ |

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧,୧୭,୦୧୩ | ୧,୨୮,୯୮୦ | ୧୮ | ୨,୪୬,୦୧୧ |

---

# କୋରାପୁଟ ପାଇଲା ଜାତୀୟ ଜଳ ପୁରସ୍କାର

### କେନ୍ଦ୍ରମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣକଲେ ଜଳ ବିଭାଜିକା ମିଶନ ପିଡି



କେନ୍ଦ୍ରମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କୋରାପୁଟ ଜଳ ବିଭାଜିକା ମିଶନ ପିଡି।

**କୋରାପୁଟ,୨୫।୨(ସ୍ୱ.ପ୍ର.)**

ଭୂତଳ ଜଳସ୍ତର ବୃଦ୍ଧି ଓ ନୂତନ ଜଳ ଉତ୍ସ ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୋମବାର କୋରାପୁଟ ଜିଲାକୁ ମିଳିଛି 'ଜାତୀୟ ଜଳ ପୁରସ୍କାର ୨୦୧୮'। ନୂଆଦିଲ୍ଲୀ ସ୍ଥିତ ଭାରତୀୟ ସମ୍ବିଧାନ କ୍ଲବର ମାଭଲଙ୍କାର ଅଡିଟୋରିୟମ୍‌ରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନିତିନ ଗଡ଼କରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରାପୁଟ ଜିଲାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କୋରାପୁଟ ଜିଲା ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡ. ସତ୍ୟପାଲ ସିଂଙ୍କ ସମେତ ବିଭାଗୀୟ ସଚିବ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋରାପୁଟ ଜିଲାରେ ବର୍ତ୍ତମାନ ଭୂତଳ ଜଳ ପରିମାଣ ୦.୦୬୭୭ ବିସିଏମ୍ ଥିବାବେଳେ ଭୂମି ଉପରିଭାଗରେ ୨.୦୯୧୦ ବିସିଏମ୍ ରହିଛି। ଏହା ସ୍ଥାନୀୟ ଭୂତଳ ଜଳ ସମ୍ପଦଠାରୁ ୩୦ ଗୁଣ ଅଧିକ। ତେଣୁ ଜଳ ବିଭାଜିକା ମିଶନ ଜିଲାର ବିଭିନ୍ନ ସ୍ଥାନରେ ପଥର କୂପ ଓ ଚେକଡ୍ୟାମ୍ କରି ସେଥିରେ ଥିବା ଜଳର ସଦ୍‌ବିନିଯୋଗ କରିପାରିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କାଲୋ କହିଛନ୍ତି।

---

# ସୋସିଆଲ ମିଡିଆରେ ପ୍ରଭାବ ବଢ଼ାଇବାକୁ ଭାଜପାର ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ମିଡିଆ ଓ ଗଣ ଯୋଗାଯୋଗ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଦଳର କାର୍ଯ୍ୟକର୍ତ୍ତାଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ କ୍ଷେତ୍ର ପାଇଁ ଜୟଦେବ ପୃଷ୍ଟି, ବାଲେଶ୍ୱର କ୍ଷେତ୍ର ପାଇଁ ସତ୍ୟଜିତ ମିଶ୍ର, ରାଉରକେଲା କ୍ଷେତ୍ର ପାଇଁ ଧୀରେନ ସେନାପତି, ଅନୁଗୋଳ କ୍ଷେତ୍ର ପାଇଁ ସୋମନାଥ ରାଉତ, ସମ୍ବଲପୁର କ୍ଷେତ୍ର ପାଇଁ ମାନସ ରଞ୍ଜନ ବକ୍ସି, ବ୍ରହ୍ମପୁର କ୍ଷେତ୍ର ପାଇଁ ସରୋଜ ସାବତ, ଜୟପୁର କ୍ଷେତ୍ର ପାଇଁ ଦେବେନ୍ଦ୍ର ବାହିନୀପତିଙ୍କୁ କ୍ଷେତ୍ରୀୟ ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଗଣମାଧ୍ୟମ ସହ ସମ୍ପର୍କକୁ ସୁଦୃଢ କରିବା ସହ କ୍ଷେତ୍ରୀୟ ମିଡିଆ ପ୍ରଭାରୀ ଭାବେ ୮ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ପାଇଁ ସୁରଥ ବିଶ୍ୱାଳ, କଟକ ପାଇଁ କସ୍ତୁରୀ ମିଶ୍ର, ବାଲେଶ୍ୱର ପାଇଁ ସରୋଜ ସାମଲ, ରାଉରକେଲା ପାଇଁ ଐଶ୍ୱର୍ଯ୍ୟା ବିଶ୍ୱାଳ, ସମ୍ବଲପୁର ପାଇଁ ସୁଜାତା ପାଢୀ, ଅନୁଗୋଳ ପାଇଁ ଜୟନ୍ତ ଜେନା, ଜୟପୁର ପାଇଁ ଶ୍ରୀରଞ୍ଜନ ମଙ୍ଗରାଜ, ବ୍ରହ୍ମପୁର ପାଇଁ ବାଣୀ ତ୍ରିପାଠୀଙ୍କୁ କ୍ଷେତ୍ରୀୟ ମିଡିଆ ପ୍ରଭାରୀ ସହ ବିଭିନ୍ନ ଗଣମାଧ୍ୟମ ସହ ସୁସମ୍ପର୍କ ସ୍ଥାପନା କରିବା ଦାୟିତ୍ୱ ଦିଆଯାଇଛି ଗୋଲକ ସୂଚନା ଦେଇଛନ୍ତି।

---

# ଆଦିବାସୀଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ରାଜ୍ୟରେ ଆଦିବାସୀ ବିରୋଧୀ ସରକାର ଶାସନ ଚାଲିଛି। କେବଳ ଆଦିବାସୀମାନଙ୍କୁ ନିଜର ଭୋଟ ବ୍ୟାଙ୍କ ପାଇଁ ଏ ସରକାର ବ୍ୟବହାର କରିଆସିଛି। ସେମାନଙ୍କ ସମସ୍ୟା ସମାଧାନ ଓ ଆର୍ଥିକ ବିକାଶ ପାଇଁ କିଛି କରିନାହାନ୍ତି। ଓଲଟା ଆଦିବାସୀଙ୍କ ସମସ୍ୟାକୁ ଆହୁରି ବଢାଇ ଦେଇଛନ୍ତି। ସରକାରଙ୍କ ନିଜର ଭୁଲ ପାଇଁ ରାଜ୍ୟରେ ୬.୨୫ ଲକ୍ଷ ଆଦିବାସୀ ଏବେ ବିସ୍ଥାପିତ ହେବାକୁ ଯାଉଛନ୍ତି ବୋଲି ଭାଜପା ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି। ଗତ ୧୩ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ରହୁଥିବା ୧ଲକ୍ଷ ୪୫ହଜାର ଆଦିବାସୀ ଜୁଲାଇ ସୁଦ୍ଧା ନିଜ ଭିଟାମାଟି ଛାଡିବେ। ଏହି ଅଘଟଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ସରକାର ସମ୍ପୃକ୍ତ ଆଦିବାସୀଙ୍କୁ ସେମାନଙ୍କ ଜମିପଟ୍ଟା ଓ ୭୫ବର୍ଷରୁ ଅଧିକ ଦିନ ଧରି ବାସ କରୁଥିବାର ପ୍ରମାଣପତ୍ର ଦେବା କଥା। ହେଲେ ସରକାର ସେହି ଆଦିବାସୀଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କଲେ। ଯାହା ଫଳରେ ବର୍ତ୍ତମାନ ୬.୨୫ଲକ୍ଷ ଆଦିବାସୀ ଅକାରଣରେ ବିସ୍ଥାପିତ ହେବେ ବୋଲି ପିତାମ୍ବର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ସମ୍ପୃକ୍ତ ଆଦିବାସୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ସମୀର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛି। ଯଦି ସରଳ ଆଦିବାସୀ ସେମାନଙ୍କ ଭିଟାମାଟି ହରାଇବେ ତେବେ ଯେଉଁ ଅଘଟଣ ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ପିତାମ୍ବର କହିଛନ୍ତି। ଟ୍ରାଇବାଲ ଆଡଭାଇଜରି କାଉନସିଲ ୧୯୫୦ରେ ଗଠନ ହୋଇଥିଲା। ଏହାର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ୧୫ ଜଣ ଟ୍ରାଇବାଲ ବିଧାୟକ ଏଥିରେ ସଦସ୍ୟ ରହିବେ। ଆଦିବାସୀମାନଙ୍କ ମଙ୍ଗଳ ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେବେ। ରାଜ୍ୟପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଟ୍ରାଇବାଲ ଆଡଭାଇଜରି କାଉନସିଲ କାର୍ଯ୍ୟ କରିବ। ପ୍ରତି ୬ ମାସରେ ଥରେ କାଉନସିଲ ବୈଠକ ବସିବା କଥା। ମୁଖ୍ୟମନ୍ତ୍ରୀ ଚେୟାରମ୍ୟାନ ଥିବା ସତ୍ତ୍ୱେ ଗତ ୫ ବର୍ଷ ହେବ ବୈଠକ ହୋଇନାହିଁ। ବର୍ତ୍ତମାନ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ବୈଠକ କରିବା ଦୁର୍ଭାଗ୍ୟଜନକ ବୋଲି ପିତାମ୍ବର ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଓ ସମୀର ମହାନ୍ତି।

---

### ■ ଉତ୍ତରପ୍ରଦେଶ, ଆସାମ ଘଟଣା ପରେ ବି ଚେତା ପଶୁନି

# ଓଡ଼ିଶାରେ ରୋକି ହେଉନି ବିଷାକ୍ତ ମଦ

**ଭୁବନେଶ୍ୱର,୨୫।୨ (ବ୍ୟୁରୋ)**

- ରାଜଧାନୀ ସମେତ ରାଜ୍ୟରେ ବିକ୍ରି ଚାଲିଛି ନକଲି ମଦ
- ନିଦରେ ଶୋଇଛି ରାଜ୍ୟ ପୋଲିସ ଓ ଅବକାରୀ ବିଭାଗ
- ଚଢ଼ାଉ ଜୋର୍‌ଦାର ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

ନିକଟରେ ଉତ୍ତରପ୍ରଦଶରେ ବିଷାକ୍ତ ମଦ ପିଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୮୯ଜଣ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେହିଭଳି ଦୁଇଦିନ ତଳେ ଆସାମ ଗୋଲାଘାଟ ଓ ଜୋରାହାଟ ଜିଲାରେ ବିଷାକ୍ତ ମଦପିଇ ୧୨୩ ଜଣଙ୍କ ମୃତ୍ୟୁ ଘଟିଛି। ୧୨୫ରୁ ଊର୍ଦ୍ଧ୍ୱ ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ମଧ ବଢ଼ି ଚାଲିଛି। ଦେଶର ଏହି ମଦ ବିଭୀଷିକା ପୂରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଓଡ଼ିଶାରେ ମଧ ଏପରି ସ୍ଥିତି ଉପୁଜିବା ଆଶଙ୍କା କରାଗଲାଣି। ରାଜ୍ୟରେ ମଦ ବ୍ୟବସାୟ ପରିସରକୁ ବ୍ୟାପକ କରି ଦିଆଯାଇଥିବାବେଳେ ସେପରି କୌଣସି ଅଙ୍କୁଶ କି କଟକଣା ରହୁନି। ଏବେ ରାଜ୍ୟରେ ନକଲି ମଦ କାରଖାନା ମଧ୍ୟ ଗଢ଼ି ଉଠୁଛି। ସହରଠାରୁ ଗାଁ ଗହଳି ସବୁଠି ଏହି ନକଲି ତଥା ଚୋରା ଦେଶୀ ତଥା ବିଦେଶୀ ମଦର ସୁଅ ଛୁଟୁଛି। ଇତିମଧ୍ୟରେ ମଦ ପାଇଁ ଅନେକ ଜୀବନ ମଧ ଯାଇଛି। ବହୁ ପରିବାର ଛାରଖାର ହୋଇଯାଇଥିବାବେଳେ ମଦ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଛି। ହେଲେ ସରକାରୀ କଳର ଉଦାସୀନତା ଓ ଚୋରା ମଦ ବେପାରୀଙ୍କ ସହ ପୋଲିସ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ପରିସ୍ଥିତିକୁ ଆହୁରି ବିଗାଡିବାରେ ଲାଗିଛି। ଫଳରେ ରାଜ୍ୟରେ ଏହି ବିଷାକ୍ତ ନକଲି ମଦ ସୁପ୍ତ ଭାବେ ଜଣଙ୍କ ପରେ ଆଉ ଜଣଙ୍କ ତଣ୍ଟି ଚିପି ଚାଲିଛି। ଉତ୍ତରପ୍ରଦେଶ ଓ ଆସାମ ମଦ ବିଭୀଷିକା ସତର୍କ ଘଣ୍ଟି ବଜାଇଥିଲେ ମଧ ସରକାର, ପୋଲିସ ଓ ଅବକାରୀ ବିଭାଗର ନିଦ ଭାଙ୍ଗୁନି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଭୋଟ ପାଇଁ ମଦ ବନ୍ୟା ବହିବ। ବିଶେଷକରି ଅନ୍ଧାରରେ ଦଳୀୟ କର୍ମୀ ଓ ନେତା ଭୋଟରଙ୍କୁ ନକଲି ମଦ ପିଆଇଦେବେ। ରାଜ୍ୟ ବାହାରୁ ନକଲି ମଦ ଓଡ଼ିଶାକୁ ଆସୁଥିବାବେଳେ ସେତେବେଳେ ଏହି କାରବାର ଆହୁରି ବଢ଼ିଯିବ।

ଏବେ ରାଜ୍ୟରେ ମଦ ମାଫିଆମାନେ ବେଶ୍ ସକ୍ରିୟ ରହିଛନ୍ତି। ସ୍ଥାନୀୟ ପୋଲିସକୁ ମୋଟା ଅର୍ଥ ଦେଇ ବେଆଇନ କାରବାର କରୁଛନ୍ତି। ବିଭିନ୍ନ ଦାମୀ ବ୍ରାଣ୍ଡ୍‌ର ପ୍ୟାକ୍‌ରେ ନକଲି ମଦ ଭର୍ତ୍ତି କରି ବଜାରକୁ ଛାଡୁଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ କାଉଣ୍ଟର ସମେତ ଚୋରାରେ ମଧ ଏହି ନକଲି ମଦ ବିକ୍ରି ହେଉଛି। ରାଜଧାନୀର ବିଭିନ୍ନ ବସ୍ତି ସମେତ ଗ୍ରାମାଞ୍ଚଳରେ ଏହି ମଦ କାରବାର ବେଧଡ଼କ ଭାବେ ଚାଲିଛି। ଅଧିକ କଡ଼ା କରିବାକୁ ଏଥିରେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ମିଶ୍ରଣ କରାଯାଉଛି। ତାହାର କୌଣସି ପରୀକ୍ଷଣ କରାଯାଉ ନ ଥିବାରୁ ଏଥିଯୋଗୁ ମଣିଷ ଶରୀରକୁ ଧୀରେ ଧୀରେ ଅଚଳ କରି ପକାଉଛି। ପରୋକ୍ଷରେ ମଦ ପାଇଁ ଜୀବନ ଯାଉଥିଲେ ମଧ ଏହା ପଦାକୁ ରୋଗ ଯୋଗୁ ମୃତ୍ୟୁ ବୋଲି ଜଣାପଡୁଛି। ଏକାଧିକ ବସ୍ତିରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ଯାହାକୁ ଅନେକ ବସ୍ତି ଲୋକେ ପିଇଥାନ୍ତି। ଅବକାରୀ ବିଭାଗର ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏହାର ଫାଇଦା ନିଶା ମାଫିଆମାନେ ନେଉଛନ୍ତି। କେବଳ ବୈଠକ ଓ ନିର୍ଦ୍ଦେଶରେ ପଦକ୍ଷେପ ସୀମିତ ରହୁଛି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ମଦ ମୃତ୍ୟୁକୁ ନେଇ ଆମେ ସଚେତନ ଅଛୁ। ଶୀଘ୍ର ଏକ ସ୍ପେଶାଲ ଡ୍ରାଇଭ କରି ରେଡ୍ କରାଯିବ। ଏ ନେଇ ମଧ ସମସ୍ତ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ଏଭଳି ନକଲି ମଦ ବିକ୍ରି ଓ ପ୍ରସ୍ତୁତ କରାଯାଉଛି ଚଢାଉ କରି ଗିରଫ କରିବା ପାଇଁ କୁହାଯାଇଛି। ନିର୍ବାଚନ ଥିବାରୁ ଚଢାଉ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

**ଓଡ଼ିଶାରେ ଘଟିଥିବା ମଦ ମୃତ୍ୟୁ**

୧୯୯୨ରେ କଟକରେ ବିଷାକ୍ତ ମଦ ପିଇ ପ୍ରାୟ ୨ଶହ ଲୋକଙ୍କ ମୃତ୍ୟୁ ଘଟିଥିଲାବେଳେ ୬ଶହ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୯୯୦ରେ ଓଡିଶାର ଭିନ୍ନ ଭିନ୍ନ ସ୍ଥାନରେ ବିଷାକ୍ତ ମଦ ଯୋଗୁ ୩ଶହ ଲୋକଙ୍କ ଜୀବନ ଯାଇଥିଲା। ଉକ୍ତବର୍ଷ ଭଦ୍ରକ ଜିଲାରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯୯୧ରେ କଟକରେ ୧୦୦ଜଣ ଓ ୨୦୦୧ରେ ପୁରୀ ଜିଲାରେ ୨୧ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୦୬ରେ ଖୋର୍ଦ୍ଧା ଜିଲାରେ ବିଷାକ୍ତ ମଦ ପିଇ ୫୮ଜଣ, ୨୦୦୭ରେ ଗଞ୍ଜାମ ଜିଲାରେ ୩୫ ଜଣ, ୨୦୦୯ରେ ଖୋର୍ଦ୍ଧା ଓ ବରଗଡ଼ ଜିଲାରେ ୧୩ ଜଣ, ୨୦୧୦ରେ କଟକ ଜିଲାର ସାଲେପୁରରେ ୩ଜଣ, ୨୦୧୧ରେ ମୟୂରଭଞ୍ଜରେ ୭ଜଣ, ବଲାଙ୍ଗୀରର ୨ଜଣ, ଗଞ୍ଜାମ ଜିଲାର ଆସ୍କା ଏବଂ ଢେଙ୍କାନାଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ରହିଛି। ଅନ୍ୟପକ୍ଷରେ ୨୦୧୨ରେ ଓଡିଶାରେ ମୋଟ ୪୯ ଜଣଙ୍କର ମୃତ୍ୟୁ ଘଟିଥିଲା।

---

# ଭାଜପାରେ ମିଶିଲେ ବିଜେଡି ଓ କଂଗ୍ରେସ କର୍ମୀ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ସୋମବାର ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀ ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ଛତ୍ରପୁର ବିଜେଡି ଯୁବ ନେତା ପ୍ରଶାନ୍ତ କର ଭାଜପାରେ ଯୋଗ ଦେଇଛନ୍ତି। ଅବସରପ୍ରାପ୍ତ କେନ୍ଦ୍ରୀୟ ଶ୍ରମ କମିଶନର ତ୍ରିନାଥ ବେହେରା, ଛତ୍ରପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ରନାଥ ପ୍ରଧାନ, ବିପୁଲିଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାହାକ, ସରପଞ୍ଚ ମଲାଡ୍ ବି ଲିଙ୍ଗରାଜ ନ୍ୟାୟବ, ଆର୍ଯ୍ୟପଲ୍ଲୀ ପବିତ୍ର ଦାସଙ୍କ ସମେତ ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର କୁମାର ସ୍ୱାଇଁ, ରବୀନ୍ଦ୍ର ରାଉଳଙ୍କ ସହ ଶତାଧିକ କର୍ମୀ ବିଜେଡି ଏବଂ କଂଗ୍ରେସ ଦଳ ଛାଡି ଭାଜପା ଆସିଛନ୍ତି। ସେମାନଙ୍କୁ ଦଳରେ ବିଧିବଦ୍ଧଭାବେ ସାମିଲ କରିବା ସହ ସ୍ୱାଗତ କରାଯାଇଛି। ଧର୍ମେନ୍ଦ୍ର ପ୍ରଧାନ ନବାଗତଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଫ୍ୟାଶନ

# ସେକ୍ୱିନ୍ ପ୍ୟାଣ୍ଟ



ସେକ୍ୱିନ୍ ଷ୍ଟାଇଲ୍ ପ୍ୟାଣ୍ଟ ଗତ କିଛିଦିନ ହେବ ଟ୍ରେଣ୍ଡରେ ଚାଲିଛି। ଆପଣ ସିକିନ୍‌ରେ ଡ୍ରେସ,ସ୍କର୍ଟ ଏବଂ ଫୁଟ୍‌ୱେର ଏହି ଟ୍ରେଣ୍ଡରେ କେତେକ'ଣ ଦେଖିଥିବେ। କିନ୍ତୁ ଷ୍ଟାଇଲ୍ କେବଳ ଏତିକି ଭିତରେ ସୀମିତ ନୁହେଁ। ଆପଣ ସେକ୍ୱିନ୍ ପ୍ୟାଣ୍ଟ ବି କ୍ୟାରି କରିପାରିବେ। ଏହାକୁ ଆପଣ ପାର୍ଟିଠୁ ଆରମ୍ଭ କରି କାଜୁଆଲ୍‌ରେ ମଧ୍ୟ ପିନ୍ଧି ପାରିବେ।

★ପାର୍ଟି ପାଇଁ ସେକ୍ୱିନ୍ ପ୍ୟାଣ୍ଟ ସହିତ ଡାର୍କ କଲର ଟପ୍ ପିନ୍ଧନ୍ତୁ। ଷ୍ଟେଟମେଣ୍ଟ ନେକ୍‌ଲେସ୍ ଓ ଡାର୍କ ଲିପ୍‌ଷ୍ଟିକ୍‌ରେ ନିଜର ଲୁକ୍‌କୁ ସମ୍ପୂର୍ଣ୍ଣ କରନ୍ତୁ। ଶୀତଦିନରେ ସେକ୍ୱିନ୍ ପ୍ୟାଣ୍ଟ ସହିତ ଫର ଜ୍ୟାକେଟ୍ ମଧ୍ୟ ପିନ୍ଧି ପାରିବେ।

★ବ୍ଲାକ ସେକ୍ୱିନ୍ ପ୍ୟାଣ୍ଟକୁ ଆପଣ ପାର୍ଟି ପାଇଁ ମଧ୍ୟ ପିନ୍ଧି ପାରିବେ। ଏହାସହିତ ଆପଣ କେମିସୋଲ ବି କ୍ୟାରି କରିପାରିବେ। ଏଥିରେ ଅଲ୍ ବ୍ଲାକ୍ ଲୁକ୍ ବହୁତ କ୍ଲାସି ଲୁକ୍ ଦେଇଥାଏ।

★ଗ୍ରେ ସେକ୍ୱିନ୍ ପ୍ୟାଣ୍ଟ ସହିତ ଆପଣ ଏମିତି ବ୍ଲେଜର ପିନ୍ଧନ୍ତୁ ଯାହା ଆପଣଙ୍କୁ ମାନିବ।

★କାଜୁଆଲ୍ ଆଉଟିଂ ପାଇଁ ନିଜର ସେକ୍ୱିନ୍ ପ୍ୟାଣ୍ଟ ସହ ସିମ୍ପୁଲ ଟପ୍ ଓ ଜ୍ୟାକେଟ୍ କ୍ୟାରି କରିପାରିବେ। ଡେ ପାର୍ଟି କିମ୍ବା ଲଞ୍ଚ ପାର୍ଟିରେ ଏହି ଲୁକ୍ ଆପଣାଇପାରିବେ।

# ବ୍ୟାଙ୍କ ସମ୍ବନ୍ଧୀୟ ଅଧିକାର

ଟଙ୍କା କାରବାର ଏବଂ ସଞ୍ଚୟର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ବ୍ୟାଙ୍କ। ଜନସାଧାରଣ ଏଥିରେ ଆକାଉଣ୍ଟ ଖୋଲିବା ସହ କେତେକ ପ୍ରକାର ସୁବିଧା ପାଇଥାଆନ୍ତି। ତେବେ ଆଜିକାଲି ବ୍ୟାଙ୍କଗୁଡ଼ିକରେ ମିଳୁଥିବା ସୁବିଧା ବିଷୟରେ କେତେଜଣ ଉପଭୋକ୍ତା ପ୍ରାୟ ଅଜ୍ଞ। ତେବେ ସେମାନେ ଏ ବିଷୟରେ ସବିଶେଷ ତଥ୍ୟ ଜାଣିବା ନିହାତି ଜରୁରୀ। ସେ ସମ୍ପର୍କରେ ଉପସ୍ଥାପନା..







ବ୍ୟାଙ୍କ ଗ୍ରାହକଙ୍କ ସୁବିଧାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ଗଠିତ ବ୍ୟାଙ୍କିଙ୍ଗ୍ କୋଡ୍ ଏବଂ ଷ୍ଟାଣ୍ଡାର୍ଡ ବୋର୍ଡ ଅଫ୍ ଇଣ୍ଡିଆ (ବିସିଏସ୍‌ବିଆଇ) କିଛି କଷ୍ଟମର ରାଇଟ୍ସ ନିର୍ଦ୍ଧାରଣ କରିଛନ୍ତି,ଯାହା ବିଷୟରେ ସମସ୍ତ ଉପଭୋକ୍ତା ଜାଣିବା ନିହାତି ଜରୁରୀ। କୌଣସି ବି ବ୍ୟାଙ୍କରେ ଖାତା ଖୋଲିବା ଦ୍ୱାରା ଉପଭୋକ୍ତାଙ୍କ ଲାଗି କିଛି ସୁବିଧା ରହିଥାଏ। କିନ୍ତୁ ସେମାନଙ୍କର ଏ ବିଷୟରେ ସବିଶେଷ ଜ୍ଞାନ ନ ଥାଏ। ବେଳେବେଳେ ଉପଭୋକ୍ତା ଏସବୁ ବିଷୟରେ ଜାଣି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏଥିପାଇଁ ନିମ୍ନୋକ୍ତ ଟିପ୍ସ ପ୍ରତି ନଜର ଦେଇପାରନ୍ତି..

❖କୌଣସି ବ୍ୟାଙ୍କରେ ଆକାଉଣ୍ଟ ଖୋଲିଲେ ଉପଭୋକ୍ତାଙ୍କର ସମସ୍ତ ବ୍ୟକ୍ତିଗତ ତଥ୍ୟ ଗୁପ୍ତ ରହିଥାଏ। କାହାର ବ୍ୟକ୍ତିଗତ ତଥ୍ୟକୁ ଅନ୍ୟକୁ ଶେୟାର କରିବା ଅଧିକାର କୌଣସି ବ୍ୟାଙ୍କର ନାହିଁ। କାରଣ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟକୁ ଗୁପ୍ତ ରଖିବା ବ୍ୟାଙ୍କର ଦାୟିତ୍ୱ।

❖ଯଦି ଉପଭୋକ୍ତା ଭାରତୀୟ ନାଗରିକ ହୋଇଥାନ୍ତି ଦେଶର କୌଣସି ସହରରେ ରହୁଥାନ୍ତି ତେବେ କୌଣସି ବ୍ୟାଙ୍କ ତାଙ୍କର ଖାତା ଖୋଲିବାକୁ ମନା କରିପାରିବେ ନାହିଁ। ଯଦି ଉପଭୋକ୍ତାଙ୍କ ସ୍ଥାୟୀ ଠିକଣା (ପରମାନେଣ୍ଟ ଆଡ୍ରେସ) ନାହିଁ, ତେବେ ସେ କୌଣସି ବି ବ୍ୟାଙ୍କରେ ଆକାଉଣ୍ଟ ଖୋଲି ପାରିବେ ନାହିଁ। କାରଣ କେୱାଇସି (ନୋ ୟୋର କଷ୍ଟମର) ପାଇଁ ସ୍ଥାୟୀ ଆଡ୍ରେସ୍ ଆବଶ୍ୟକ ହୋଇଥାଏ। ଜଣେ କୌଣସି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପୂର୍ବରୁ ଏକଥା ପ୍ରଥମେ ଜାଣିବା ନିହାତି ଦରକାର।

❖ବ୍ୟାଙ୍କର ଅଧିକାର ନ ଥାଏ ଯେ ସେ ଉପଭୋକ୍ତାଙ୍କ ସହ ଲିଙ୍ଗ,ବୟସ,ଧର୍ମ ଏବଂ ଶାରୀରିକ ଅକ୍ଷମତା ଉପରେ କାହାକୁ ଭେଦଭାବ କରିପାରିବ। ଏଥିଲାଗି ବ୍ୟାଙ୍କ ସମସ୍ତଙ୍କୁ ସମାନ ସୁବିଧା ଦେବାକୁ ବାଧ୍ୟ।

❖ଯଦି ଉପଭୋକ୍ତାଙ୍କ ପାଖରେ ଚିରା,ଫଟା ନୋଟ୍ ଅଛି ତେବେ ସେ ବ୍ୟକ୍ତି କୌଣସି ବି ବ୍ୟାଙ୍କ ଏବଂ ବ୍ରାଞ୍ଚ ଯାଇ ଏହାକୁ ଏକ୍ସଚେଞ୍ଜ କରିପାରିବେ। ବ୍ୟାଙ୍କ ଏହାକୁ ବଦଳାଇବାକୁ ମନା କରିପାରିବେ ନାହିଁ।

❖ଉପଭୋକ୍ତାଙ୍କ ଖାତାରେ ଯଦି ଅନ୍‌ଅଥରାଇଜ୍ଡ ଟ୍ରାଞ୍ଜାକ୍‌ସନ୍ ହୋଇଛି ତେବେ ଏଥିଲାଗି ବ୍ୟାଙ୍କ ଦାୟୀ ହେବନି। ଅନ୍‌ଅଥରାଇଜ୍ଡ ଟ୍ରାଞ୍ଜାକ୍‌ସନ୍‌ରେ ବ୍ୟାଙ୍କ ଉପଭୋକ୍ତାଙ୍କୁ ସହଯୋଗ କରିବା ନିହାତି ଜରୁରୀ।

❖ବେଳେବେଳେ କେତେକ କାରଣରୁ ଚେକ୍ କଲେକ୍ସନରେ ଡେରି ହୋଇଥାଏ ଏବଂ ଚେକ୍ କ୍ଲିୟର ହେବାକୁ ନିର୍ଦ୍ଧାରିତ ସମୟରୁ ଅଧିକ ଲାଗିଥାଏ। କିନ୍ତୁ ଏହାର ଚେକ୍ କ୍ଲିୟର ହେବାର ଏକ ନିର୍ଦ୍ଦିଷ୍ଟ ଅବଧି ରହିଛି। ଯଦି ଏଥିରେ ବିଳମ୍ବ ପରିଲକ୍ଷିତ ହେଲା ତେବେ ଜଣେ ଉପଭୋକ୍ତା ବ୍ୟାଙ୍କ ନିକଟରେ ଏହାଦ୍ୱାରା ହୋଇଥିବା କ୍ଷତିକୁ ଭରଣା କରିବା ଲାଗି ଦାବି କରିପାରିବେ। କ୍ଷତିପୂରଣର ଏହି ଟଙ୍କା ସାଧାରଣ ସୁଧ ହିସାବରେ ଉପଭୋକ୍ତାଙ୍କୁ ଦିଆଯିବ।

❖ଯଦି କୌଣସି ଉପଭୋକ୍ତା ବ୍ୟାଙ୍କରେ ସେଭିଂ ଆକାଉଣ୍ଟ ଖୋଲିବାକୁ ଚାହୁଁଥାନ୍ତି,ତେବେ ଏ ସମ୍ପର୍କିତ ସମସ୍ତ ତଥ୍ୟ, ସର୍ତ୍ତାବଳୀ ବିଷୟରେ ଉପଭୋକ୍ତାଙ୍କୁ ଜଣାଇବା(ଆକାଉଣ୍ଟ ଖୋଲିବା ପୂର୍ବରୁ) ପ୍ରତ୍ୟେକ ବ୍ୟାଙ୍କର ଦାୟିତ୍ୱ। ଯଦି ଆପଣ ଏଥିରେ ଅସନ୍ତୁଷ୍ଟ ତେବେ ସମ୍ପୃକ୍ତ ବ୍ୟାଙ୍କର ମ୍ୟାନେଜରଙ୍କୁ ଭେଟି ଅଭିଯୋଗ କରିପାରିବେ।

❖ଉପଭୋକ୍ତା ଜାଣିରଖିବା ଉଚିତ ଯେ, ଯଦି ନିଜର ବନ୍ଦ ହୋଇଥିବା ଖାତାକୁ ପୁଣି ଚାଲୁ କରିବାକୁ ସେ ଚାହାନ୍ତି ତେବେ ଏଥିଲାଗି ତାଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ି ନ ଥାଏ। ଏ ବିଷୟରେ ଜାଣିବା ଲାଗି ସମ୍ପୃକ୍ତ ବ୍ୟାଙ୍କର କୌଣସି ଅଧିକାରୀ କିମ୍ବା ମ୍ୟାନେଜରଙ୍କ ସହ ଯୋଗାଯୋଗ କରନ୍ତୁ।

❖ବ୍ୟାଙ୍କରୁ କୌଣସି ଲୋନ୍ ନେବା ସମୟରେ ଉପଭୋକ୍ତାଙ୍କୁ କେତେକ ଡକୁମେଣ୍ଟ ବ୍ୟାଙ୍କ ନିକଟରେ ଡିପୋଜିଟ୍ କରିବାକୁ ପଡ଼ିଥାଏ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ତାଙ୍କର ସବୁ ଲୋନ୍ ଟଙ୍କା ପରିଶୋଧ କରିଦେଇଥାଆନ୍ତି ତେବେ ୧୫ଦିନ ମଧ୍ୟରେ ସିକ୍ୟୁରିଟି ଆକାରରେ ଦିଆହୋଇଥିବା ସବୁ ଡକ୍ୟୁମେଣ୍ଟକୁ ବ୍ୟାଙ୍କ ଫେରାଇବାକୁ (ଉପଭୋକ୍ତାଙ୍କୁ) ବାଧ୍ୟ।

❖ବ୍ୟାଙ୍କ ନିଜର ଉପଭୋକ୍ତାଙ୍କୁ ଯଦି କୌଣସି ସେବା କିମ୍ବା ତଥ୍ୟ ଦେବାକୁ ମନାକରେ ତେବେ ଉପଭୋକ୍ତାଙ୍କ ଜାଣିବା ଲାଗି ପୂରା ଅଧିକାର ରହିଛି ।

❖ପ୍ରତ୍ୟେକ ବ୍ୟକ୍ତିର ଅଧିକାର ରହିଛି କୌଣସି ବ୍ୟାଙ୍କରୁ ନ୍ୟାଶନାଲ ଇଲେକ୍ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର ଦ୍ୱାରା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଟଙ୍କା ଟ୍ରାନ୍ସଫର କରିପାରିବେ। ଟଙ୍କା ଟ୍ରାନ୍ସଫର କରିବାକୁ ହେଲେ ନିର୍ଦ୍ଧାରିତ ବ୍ୟାଙ୍କରେ ଆକାଉଣ୍ଟ ଥିବା ଜରୁରୀ ନୁହେଁ।

❖ବ୍ୟାଙ୍କ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଯଦି କିଛି ଏଗ୍ରିମେଣ୍ଟ ହୋଇଛି, ତେବେ ଏହାର କୌଣସି ପରିବର୍ତ୍ତନ ବ୍ୟାଙ୍କ କରେ ତା'ହେଲେ ୩୦ଦିନ ମଧ୍ୟରେ ଉପଭୋକ୍ତାଙ୍କୁ ଏ ବିଷୟରେ ସୂଚନା ଦେବା ହେଉଛି ବ୍ୟାଙ୍କର ଦାୟିତ୍ୱ।

❖ ବ୍ୟାଙ୍କର ଥାର୍ଡ ପାର୍ଟି ପ୍ରଡକ୍ଟସ୍ ଯେମିତିକି ମ୍ୟୁଚୁଆଲ ଫଣ୍ଡ ,ବୀମା ପଲିସି ,ଶେୟାର,ବଣ୍ଡ ଆଦି କିଣିବାକୁ ବ୍ୟାଙ୍କ ତାହାର କୌଣସି ଉପଭୋକ୍ତାଙ୍କୁ ବାଧ କରିପାରିବ ନାହିଁ।

❖ବ୍ୟାଙ୍କରେ ନିଜ ଅଧିକାର ଜାଣିବାରେ ଜଣେ ଉପଭୋକ୍ତା ଯଦି କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ବିଳମ୍ବ ନ କରି ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର କିମ୍ବା ତାହାର ମୁଖ୍ୟ କାର୍ଯ୍ୟାଳୟ (ହେଡ୍‌କ୍ୱାର୍ଟର) ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

-ମହାଶ୍ୱେତା

## ଏମାନେ କ'ଣ କରନ୍ତି



**ଦୀପିକା ଦାଶ** (ବ୍ୟାଙ୍କ ମ୍ୟାନେଜର, ଋଣ ବିଭାଗ, ବ୍ୟାଙ୍କ ଅଫ୍ ବରୋଦା, କୋଲକାତା): ବ୍ୟାଙ୍କରେ ସବୁ ପ୍ରକାର ସୁବିଧା ଅଛି। ସେଥିମଧ୍ୟରେ ରହିଛି ଯଦି ଜଣେ ଫିକ୍ସ ଡିପୋଜିଟ୍ କରୁଛନ୍ତି ତାଙ୍କୁ ଅଧିକ ପରିମାଣରେ ସୁଧ ମିଳିବ। ଯଦି ଜଣେ ବ୍ୟକ୍ତି ଗ୍ୟାସ୍ କନେକ୍‌ସନ୍ ନେଇଥାନ୍ତି ତେବେ ତାଙ୍କ ଆକାଉଣ୍ଟରେ ସିଧାସଳଖ ସବ୍‌ସିଡି ଟଙ୍କା ଆସିଥାଏ। ବ୍ୟାଙ୍କରେ ଲକର ସୁବିଧା ଅଛି ଏଥିରେ ଆପଣଙ୍କ ଜରୁରୀ କାଗଜପତ୍ର,ସୁନାଗହଣା ଆଦି ରଖିପାରିବେ। ଏହାସହ ପିଲାଙ୍କ ପାଠପଢ଼ା,ଗାଡ଼ି କିଣିବା, ଘରକରିବା ଆଦିରେ ମଧ୍ୟ ବ୍ୟାଙ୍କ ଲୋନ୍ ସୁବିଧା ଦେଉଛି। ଏବେ ତ ମୋବାଇଲ ବ୍ୟାଙ୍କିଙ୍ଗ୍ ସୁବିଧା ହୋଇଗଲାଣି । ଏହି ସୁବିଧାରେ ଜଣେ ଘରେ ବସି ମୋବାଇଲ ରିଚାର୍ଜ,ଟିଭି ରିଚାର୍ଜ,ଇଲେକ୍ଟ୍ରି ବିଲ୍ ପେମେଣ୍ଟ ଆଦି ସହଜ ହୋଇଯାଇଛି। ଏହାଦ୍ୱାରା ବାରମ୍ବାର ଆପଣଙ୍କୁ କୌଣସି ଜାଗାକୁ ଯିବାକୁ ପଡ଼ିବନି। ଆଉ ମଧ୍ୟ ଦେଶର କୌଣସି ବ୍ରାଞ୍ଚରୁ ଚେକ୍‌ବୁକ୍ ଫ୍ୟାସିଲିଟି ଦ୍ୱାରା ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଟଙ୍କା ଉଠାଇପାରିବେ। ଆଉ ସବୁଠାରୁ ମୁଖ୍ୟ କଥା ହେଲା-ସାଇବର ଫ୍ରଡ୍‌ଠୁ ଦୂରେଇରହିବା ।



**ବିନୋଦିନୀ ବେହେରା** (ଗୃହିଣୀ, ନୂଆସାହି, ରସୁଲଗଡ଼)
ମୁଁ ବ୍ୟାଙ୍କୁ ଗଲେ ସେଠାରେ ଥିବା କର୍ମଚାରୀ ମୋତେ ସହଯୋଗ କରିଥାନ୍ତି। ଯଦି କୌଣସି ବିଷୟରେ ଅବୁଝା ରୁହେ ତାଙ୍କୁ ପଚାରିଲେ ସେ ମୋତେ ସବିଶେଷ ତଥ୍ୟ ଦେଇ ବୁଝାଇ ଦିଅନ୍ତି।

ସୌନ୍ଦର୍ଯ୍ୟ

# ହଳଦୀରୁ ପାଆନ୍ତୁ ସୁନ୍ଦର ତ୍ୱଚା

ହଳଦୀ ଏପରି ଏକ ପ୍ରାକୃତିକ ମସଲା,ଯାହାକୁ ବ୍ୟବହାର କରିବା ଦ୍ୱାରା ରୁକ୍ଷ ତ୍ୱଚାରେ ଚମକ ଆସିଥାଏ। ଏମିତିରେ ସଫା,ଚମକ ତ୍ୱଚା କିଏ ବା ନ ଚାହେଁ। କିନ୍ତୁ ଦାଗ ତ୍ୱଚାରେ ବାଧକ ସାଜେ, ପୁଣି ସେ ଖରାର ଟ୍ୟାନିଂ ହେଉ କି ଅଧିକ ପୁରୁଣା କୌଣସି ଦାଗ ହେଉ। କିଛି ଦାଗ ବହୁ ଚେଷ୍ଟା ସତ୍ତ୍ୱେ ମଧ୍ୟ ଯାଇ ନ ଥାଏ। କିପରି ହଳଦୀ ବ୍ୟବହାର କରିବା ଦ୍ୱାରା ଦାଗ ଦୂରେଇ ହେଉଛି ସେ ସମ୍ପର୍କରେ....



**ହଳଦୀ ମହୁ ପେଷ୍ଟ**
ଏହି ପେଷ୍ଟ ପ୍ରସ୍ତୁତ କରିବାକୁ ହେଲେ ମହୁ ,ହଳଦୀରେ ଅଳ୍ପ ପରିମାଣରେ ଗୋଲାପ ଜଳ ମିଶାନ୍ତୁ। ପୁଣି ଏହି ପେଷ୍ଟକୁ ବେକ,ମୁହଁରେ ଲଗାନ୍ତୁ। ଏହା ଡ୍ରାଏନେସ୍ ଦୂର କରିଥାଏ। ଏଥିଲାଗି ଏହି ମିଶ୍ରଣକୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ।

**ହଳଦୀ ଦହି ସ୍କ୍ରବ୍**
ଏହି ସ୍କ୍ରବ୍ ସନ୍ ଟ୍ୟାନ୍ ଓ ତ୍ୱଚାକୁ ସଫା କରିବାରେ ସାହାଯ୍ୟ କରିଥାଏ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଧା ଚାମଚ ହଳଦୀ ପାଉଡରକୁ ଏକ ଚାମଚ ଦହିରେ ମିଶାନ୍ତୁ। ଏହି ପେଷ୍ଟକୁ ନିଜ ମୁହଁରେ ୨୫ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହା ଶୁଖିଗଲା ପରେ ମୁହଁକୁ ଥଣ୍ଡାପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

**ହଳଦୀ, ଚନ୍ଦନ ଓ କ୍ଷୀର**
ଏକ ପାତ୍ରରେ ହଳଦୀ,ଚନ୍ଦନ ଓ କେଇବୁନ୍ଦା କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ନିଜ ମୁହଁରେ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ଲଗାଇ ମସାଜ୍ କରନ୍ତୁ। ପେଷ୍ଟକୁ ୧୦ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।



**ହଳଦୀ ଅଟା**
ହଳଦୀକୁ ଅଟା ସହ ମିଶାଇ ସେଥିରେ ଅଳ୍ପ ବୁନ୍ଦା ମହୁ ଓ କ୍ଷୀର ପକାନ୍ତୁ। ଏହାର ପେଷ୍ଟ ପ୍ରସ୍ତୁତ ହୋଇଗଲା ପରେ ଏହାକୁ ମୁହଁ ଏବଂ ବେକରେ ଲଗାନ୍ତୁ। ଏହା ଲଗାଇବା ପୂର୍ବରୁ ମୁହଁକୁ ଭଲଭାବେ ଫେସ୍‌ୱାଶରେ ଧୋଇ ସାରିବା ପରେ ଏହି ପେଷ୍ଟକୁ ୧୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହି ହଳଦୀ ପେଷ୍ଟକୁ ଲଗାଇବା ପରେ ସନ୍‌ଟ୍ୟାନ୍ ବି ଦୂରହୋଇଥାଏ।

ଖାଦ୍ୟରୁଚି

## କମ୍ ସମୟରେ ପ୍ରସ୍ତୁତ କରନ୍ତୁ ପଲାଉ

**ଆବଶ୍ୟକ ସାମଗ୍ରୀ**
ଦୁଇକପ୍ ଚାଉଳ,ଦୁଇବଡ଼ ଚାମଚ ତେଲ,ଦୁଇଟିପିଆଜ ଟିକିଟିକି ଆକାରରେ କଟାହୋଇଥିବା,ଦୁଇଟି ଟମାଟୋ , ଚାରିରୁ ପାଞ୍ଚଟି କଞ୍ଚାଲଙ୍କା,ଏକ ଚାମଚ ଅଦା ରସୁଣ ଛୋଟ ଛୋଟ ଆକାରରେ କଟାହୋଇଥିବା,ଅଧା ଛୋଟ ଚାମଚ କଶ୍ମୀର ମିର୍ଚ୍ଚ ପାଉଡର,ଅଧା ଚାମଚ ଧନିଆଁ ପାଉଡର,ଅଧା ଚାମଚ ଗୋଲମରିଚ ଗୁଣ୍ଡ,ଅଳ୍ପ ପରିମାଣରେ ଲମ୍ବା ଆକାରରେ କଟାହୋଇଥିବା ଅଦା,ଅଳ୍ପ ପରିମାଣରେ ପୁଦିନାପତ୍ର କଟା ହୋଇଥିବା ଗାର୍ନିସିଂ ଲାଗି।

**ପ୍ରସ୍ତୁତି ପ୍ରଣାଳୀ:** ଏକ ବଡ଼ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା, ଅଦା, ରସୁଣ,ଧନିଆଁ ପାଉଡର,ଜିରା,ଲୁଣ ଓ ଗୋଲମରିଚଗୁଣ୍ଡ ପକାଇ ଗୋଳାନ୍ତୁ। ଏବେ ପାଣିରେ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏହା ଫୁଟି ଭାତ ହୋଇଗଲା ପରେ ଏହାକୁ ଗାଳି ଦିଅନ୍ତୁ। ଏବେ ଏହି ଭାତକୁ କାଢ଼ି ଆଗରୁ ପ୍ରସ୍ତୁତ ହୋଇଥିବା ମିଶ୍ରଣରେ ପୁଣି ଅଦା ଓ ପୁଦିନାପତ୍ର ପକାଇ ସର୍ଭ କରନ୍ତୁ।



# ଚମକିବ ଧଳା ଡ୍ରେସ୍

ଧଳା ଡ୍ରେସ୍ ପିନ୍ଧିବାକୁ ବେଶ୍ ଭଲ ଲାଗେ ଏବଂ କେତେକ ଏପରି ଗେଟଅପ୍‌ରେ ଷ୍ଟାଇଲିଷ୍ଟ ଲାଗିଥାଆନ୍ତି। ଏହାକୁ ସଫା କରିବା ସମୟରେ କେତେକ ଦିଗ ପ୍ରତି ନଜର ଦେଲେ ଏହି ଡ୍ରେସ୍ ଆହୁରି ଆକର୍ଷଣୀୟ ଦେଖାଯିବ। ଜାଣନ୍ତୁ ସେ ସମ୍ପର୍କରେ..



-ଧଳା ଡ୍ରେସ୍‌ର ଚମକ ରଖିବାକୁ ହେଲେ ଏକ ବାଲ୍‌ଟି ପାଣିରେ ସିର୍‌କାର ଦୁଇବୁନ୍ଦା ପକାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ କପଡାକୁ ବୁଡାଇ ରଖନ୍ତୁ। ଏହାଦ୍ୱାରା ଏଥିରେ ଲାଗିଥିବା ହଳଦିଆ ରଙ୍ଗ ଛାଡିଯିବ।

-ଏପରି କପଡାକୁ ୩୦ମିନିଟ୍ ଭିଜାଇବା ପରେ ସେଥିରେ ବ୍ଲିଚ୍ ପାଉଡର ପକାନ୍ତୁ। ଏହାପରେ ବ୍ଲିଚ୍ ପାଣିରେ କପଡାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଭିଜିବାକୁ ଛାଡି ଦିଅନ୍ତୁ। ଏହି ୧୫ ମିନିଟ୍ ଭିତରେ କପଡାରେ ଲାଗିଥିବା ଦାଗ ଦୂର ହୋଇଯିବ।

-ଧଳା କପଡା ସଫା କରିବା ପରେ ତାକୁ ଅଧଘଣ୍ଟା ବାଲ୍‌ଟି ପାଣିରେ ଲେମ୍ବୁ ରସ ପକାଇ ଭିଜିବାକୁ ଛାଡି ଦିଅନ୍ତୁ। ଏହାଦ୍ୱାରା ଧଳା ରଙ୍ଗ ପୁଣି ଚମକିବ।

-ଧଳା କପଡାକୁ ସବୁବେଳେ ଅଲଗା ଧୁଅନ୍ତୁ। କାରଣ ଏହା ସହଜରେ ଅନ୍ୟ ରଙ୍ଗକୁ ଶୋଷି ନେଇଥାଏ।

-କପଡାକୁ ଧୋଇବା ପରେ ଖରାରେ ଶୁଖାନ୍ତୁ। ଏହାଦ୍ୱାରା ଧଳା କପଡା ପୁଣି ଚମକିବ।

ଧରିତ୍ରୀ
DHARITRI
Tuesday, 26 February 2019



> ଭାରତରେ ଉନ୍ନତ ଅର୍ଥନୈତିକ ଏବଂ ନିଯୁକ୍ତି ତଥ୍ୟର ଅଭାବ ରହିଛି।
> – ବିବେକ ଦେବରଏ, ଅର୍ଥନୀତି ବିଶେଷଜ୍ଞ



> ଘରୋଇ ବଜାରର ରପ୍ତାନି ଚଳିତ ବର୍ଷ ୫୦୦ ବିଲିୟନ ଡଲାର ଟପିବ।
> – ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



## ସଂକ୍ଷେପରେ

### ଆସିବ ଜିଏସ୍‌ଟି ୨.୦

ନୂଆଦିଲ୍ଲୀ,୨୫-୨: ଜିଏସ୍‌ଟି ରିଟର୍ନ ଫାଇଲିଂ ସିଷ୍ଟମରେ ନୂଆ ବ୍ୟବସ୍ଥା ଆଣିବାକୁ ପ୍ରସ୍ତାବ ଦିଆଯାଇଛି। ଜିଏସ୍‌ଟି ୨.୦ ଲାଗୁ କରିବାକୁ ଯୋଜନା ରହିଛି। ଏହା ହେଲେ ଇ-ୱେ ବିଲ୍ ସହ ଜିଏସ୍‌ଟି ରିଟର୍ନକୁ ଯୋଡାଯିବ। ନୂଆ ରିଟର୍ନ ଫାଇଲିଂ ସିଷ୍ଟମ ୨୦୧୯ ଜୁଲାଇରୁ କାର୍ଯ୍ୟକାରୀ ହେବ ବୋଲି ସୂଚନା ରହିଛି। ଏହାକୁ ପାଇଲଟ ଭିତ୍ତିରେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରାଯିବ। କାର୍ଯ୍ୟକାରୀ ହେବା ପରଠାରୁ ଜିଏସ୍‌ଟି ଇ-ୱେ ବିଲ୍ ସାଇଟ ବିଶେଷ ଉନ୍ନତି ଘଟିଛି। ଏହାର ୟୁଜର ଇଣ୍ଟରଫେସ ମଧ୍ୟ ଉନ୍ନତ ହୋଇଛି। ଏହାକୁ ଜିଏସ୍‌ଟି ପୋର୍ଟାଲ ସହ ମିଳିତ କରାଯିବାକୁ ଏହା ପ୍ରକୃଷ୍ଟ ସମୟ ବୋଲି ଜିଏସ୍‌ଟି କର୍ତ୍ତୃପକ୍ଷ ଉପଲବ୍ଧ କରିଥିବା ଜଣାପଡ଼ିଛି।

### ୨୦୦୦ ମିଟର ଟ୍ରେନ୍‌ର ଚଳାଚଳ ଆରମ୍ଭ କଲା ପୂର୍ବତଟ ରେଳପଥ



ଭୁବନେଶ୍ୱର,୨୫-୨: ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମଥର ପାଇଁ ପରୀକ୍ଷାମୂଳକ ଭାବେ ୨୦୦୦ ମିଟର ଟ୍ରେନର ଚଳାଚଳ ଆରମ୍ଭ କରାଯାଇଛି। ଶ୍ରମ ଶକ୍ତିକୁ ହ୍ରାସ କରିବା ଏବଂ ଅର୍ଥନୈତିକ ସୁବିଧା ଦୃଷ୍ଟିକୋଣରୁ ଏକାସମୟରେ ୩ ରେକ୍‌କୁ ଚଳାଇବା ଲାଗି ବ୍ୟବସ୍ଥା କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରେନରେ ୧୪୭ଟି ୱାଗନ ରହିଛି। ସେହିଭଳି ୩ଟି ବ୍ରେକ ତଥା ଗାର୍ଡ ଭ୍ୟାନ ଏବଂ ୪ ଇଞ୍ଜିନକୁ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଏହା ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ଗୋଡଭାଗା ଏବଂ ବଲାଙ୍ଗୀର ଷ୍ଟେଶନ ମଧ୍ୟରେ ଚଳାଚଳ କରିବ। ଏହାର ୪୫ ଫ୍ଲାଟ ୱାଗନରେ କଣ୍ଟେନର ଯିବାର ସୁବିଧା ରହିଛି। ସେହିଭଳି ଅନ୍ୟ ୱାଗନଗୁଡ଼ିକରେ ଆଲୁମିନା ଭର୍ତ୍ତି ହୋଇ ବିଶାଖାପାଟଣା ପୋର୍ଟକୁ ଯିବ। ଏହା ଏକକ ସିଗ୍ନାଲ ଦ୍ୱାରା ଚାଲିବ। ଫଳରେ କମ୍ ଶ୍ରମଶକ୍ତି ଏଥିରେ ନିୟୋଜିତ ହେବେ। ସେହିଭଳି ଲେଭଲ କ୍ରସିଂଗୁଡ଼ିକରେ ସିଙ୍ଗଲ କ୍ଲୋଜର ସୁବିଧା ସହ ଏହା ଚଳାଚଳ କରୁଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

### ଆକ୍ସିସ ବ୍ୟାଙ୍କର ଏମ୍ଏସ୍ଏମ୍ଇ ପ୍ରୋତ୍ସାହନ ପଦକ୍ଷେପ

ଭୁବନେଶ୍ୱର,୨୫-୨: ଆକ୍ସିସ ବ୍ୟାଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ପ୍ରୋତ୍ସାହନ ପଦକ୍ଷେପ ଅନ୍ତର୍ଗତ ବାର୍ଷିକ ଜ୍ଞାନ ସିରିଜ 'ଇଭଲଭ୍'ର ପଞ୍ଚମ ସଂସ୍କରଣ ଆୟୋଜନ କରାଯାଇଛି। ଏହା ଦ୍ୱାରା ଗ୍ରାହକମାନେ ମାନୁଫାକ୍ଚରିଂ, ବିତରଣ, ମାର୍କେଟିଂ, ପ୍ରଯୁକ୍ତି ଭଳି କ୍ଷେତ୍ରରେ ନୂତନତ୍ୱ ଆଣିଥିବା କମ୍ପାନୀଙ୍କ ସହ ଆଲୋଚନା କରିବାରେ ସୁଯୋଗ ପାଉଛନ୍ତି। ଚଳିତ ସଂସ୍କରଣରେ ଏମ୍ଏସ୍ଏମ୍ଇଗୁଡ଼ିକ ନିଜ ବ୍ୟବସାୟ ଧାରାରେ ସଫଳତାର ସହ ନୂତନତ୍ୱ ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏମ୍ଏସ୍ଏମ୍ଇଗୁଡ଼ିକର ପ୍ରଗତି ଲାଗି ଉଦ୍ୟମଧାରା ଜାରି ରହିଥିବା ଆକ୍ସିସ ବ୍ୟାଙ୍କ ସଭାପତି ଜେ.ପି. ସିଂ ସୂଚନା ଦେଇଛନ୍ତି।

### ୬ କ୍ଷେତ୍ରର ୮୨ ହଜାରଙ୍କୁ ଦକ୍ଷତା ତାଲିମ

ନୂଆଦିଲ୍ଲୀ,୨୫-୨: ଦକ୍ଷତା ବିକାଶ ଏବଂ ଉଦ୍ୟମତା ମନ୍ତ୍ରଣାଳୟ ପକ୍ଷରୁ ରାଜପଥ ପ୍ରକଳ୍ପର ୬ କ୍ଷେତ୍ରରେ ୮୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ତାଲିମ ଦିଆଯାଇଛି। ରିକଗ୍ନିଶନ ଅଫ ପ୍ରାୟର ଲର୍ନିଂ (ଆର୍‌ପିଏଲ୍) କାର୍ଯ୍ୟକ୍ରମ ଅଧୀନରେ ଏହି ତାଲିମ ଦିଆଯାଇଥିବା ସଡ଼କ ପରିବହନ ଏବଂ ରାଜମାର୍ଗ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ ସୂଚନା ଦେଇଛନ୍ତି। ୧୦୦ କୋଟିରୁ ଅଧିକ ମୂଲ୍ୟର ରାଜପଥ ପ୍ରକଳ୍ପରେ ନିୟୋଜିତ ହେଉଥିବା ଶ୍ରମିକଙ୍କୁ ତାଲିମ ପ୍ରଦାନ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୯୫ ହଜାର ଶ୍ରମିକ ତାଲିମ ଲାଗି ପଞ୍ଜୀକୃତ ହୋଇଛନ୍ତି। ସଡ଼କ ନିର୍ମାଣରେ ରବରକୁ ମୋଡ଼ି ଫାୟାର ଭାବେ ବ୍ୟବହାର କରାଯାଉଛି। ଇଣ୍ଡିଆନ ରୋଡ କଂଗ୍ରେସର ନିୟମାବଳୀ ଅନୁସାରେ ଏମ୍ଓଆରଟିଏଚ୍ ଏବଂ ଏନ୍ଏଚ୍ଏଆଇ ସଡ଼କ ନିର୍ମାଣରେ ରବର ପିଚୁ ବ୍ୟବହାର କରୁଛନ୍ତି। ଏହା ସଡ଼କର ମାନରେ ଉନ୍ନତ କରିବ। ସରକାର ବିଦ୍ୟୁତ ଚାଳିତ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରୁଥିବା ବେଳେ ଦେଶରେ ବର୍ତ୍ତମାନ ୩.୧୪ ଲକ୍ଷ ଇ-ଯାନ ଚାଲୁଥିବା ମାଣ୍ଡବୀୟ କହିଛନ୍ତି। ଏହି ଯାନ ଚଳାଚଳ ବୃଦ୍ଧି ହେଲେ ଜାଳେଣି ବ୍ୟବହାର ତଥା ପ୍ରଦୂଷଣ ହ୍ରାସ ଘଟିବ ବୋଲି ସେ କହିଛନ୍ତି।

# ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଫସିଛି ପୋଷ୍ଟାଲ ବୀମାର ୧ ଲକ୍ଷ କୋଟି

ନୂଆଦିଲ୍ଲୀ,୨୫-୨

ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ନିଜେ ବୁଡ଼ି ଯିବା ପରେ ଅନ୍ୟମାନଙ୍କୁ ବୁଡ଼ାଇବାକୁ ବସିଲାଣି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଦେଖାଦେଇଥିବା ଆର୍ଥିକ ସଙ୍କଟର ପ୍ରଭାବ ଏବେ ସାଧାରଣ ଜମାକାରୀଙ୍କ ସହିତ ବଡ଼ ପାଣ୍ଠିକୁ ପ୍ରଭାବିତ କଲାଣି। ଏହା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ ପାଇଁ ଶୁଭ ଖବର ନୁହେଁ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ପକ୍ଷରୁ ବିକ୍ରି ହୋଇଥିବା ବଣ୍ଡ କିଣି ଏବେ ଡାକ ଜୀବନ ବୀମା(ପିଏଲ୍‌ଆଇ) ପଲିସିଧାରୀଙ୍କ ଅର୍ଥ ବୁଡ଼ିଯିବାକୁ ବସିଛି। ଏହା ସରକାରଙ୍କ ପାଇଁ ଗମ୍ଭୀର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟ ୪୭ ଲକ୍ଷ ପିଏଲଆଇ ଉପଭୋକ୍ତା ଏବଂ ସେମାନଙ୍କ ପ୍ରାୟ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫସିଯାଇଛି।

ସବୁଠୁ ବଡ଼ ଚିନ୍ତାର ବିଷୟ ଯେ, ପିଏଲ୍‌ଆଇ ପଲିସି ଧାରକଙ୍କ ତାଲିକାରେ ୨୦୧୬-୧୭ ଶେଷାର୍ଦ୍ଧରେ ୨,୧୩,୩୨୩ ନୂଆ ପଲିସିକୁ ଯୋଡାଯାଇଛି। ଯାହାର ବୀମା ପଲିସି ପ୍ରାୟ ୧୧,୦୯୬.୬୭ କୋଟି ଟଙ୍କା ହେବ। ଆର୍ଥିକ ବର୍ଷ ୨୦୧୬-୧୭ ଶେଷରେ ପଲିସିଧାରୀଙ୍କ ସଂଖ୍ୟା ମୋଟ୍ ୪୬.୮ ଲକ୍ଷ ହୋଇଥିବା ବେଳେ ମୋଟ ପଲିସି ପରିମାଣ ୧,୧୩,୦୮୪.୩୧ କୋଟି ଟଙ୍କା ହେବ ଯାହା ଏକ ବଡ଼ ପାଣ୍ଠି କୁହାଯାଇପାରେ। ଆର୍ଥିକ ବର୍ଷ ୨୦୧୬-୧୭ରେ ଅବଶିଷ୍ଟ ପାଣ୍ଠି ପରିମାଣ ୫୫,୦୫୮.୬୧ କୋଟି ଟଙ୍କା ଏବଂ ଏ ବାବଦରେ ପ୍ରିମିୟମ ପରିମାଣ ୭୨୩୩.୮୯ କୋଟି ଟଙ୍କା ହୋଇଛି। ମନେ ରଖିବାକୁ ହେବ ଯେ, ଏହା ଜୀବନ ବୀମା କାରବାର ହୋଇଥିବା ବେଳେ ଏହା ସିଧାସଳଖ ଭାବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଖରାପ ବଣ୍ଡରେ ଫସିଯାଇଛି। କେବଳ ପିଏଲ୍‌ଆଇ ନୁହେଁ ଇପିଏଫଓ ସମେତ ବହୁ କମ୍ପାନୀଙ୍କ ପେନସନ ପାଣ୍ଠି ଅର୍ଥ ମଧ୍ୟ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବଣ୍ଡ କିଣି ଏବେ ଫସି ଯାଇଛନ୍ତି। ସୁଧ ଛାଡ଼ ନିଜର ଫେରିପାଇବା ନେଇ ସେମାନେ ଏବେ ଚିନ୍ତାଗ୍ରସ୍ତ। ସୂଚନାଥାଉ କି, ପିଏଲ୍‌ଆଇ ଦେଶର ସବୁଠାରୁ ପୁରାତନ ଜୀବନ ବୀମା କମ୍ପାନୀ ଯାହାକି ବ୍ରିଟିଶ ଶାସନ ଅମଳରେ ୧୮୮୪ ଫେବୃୟାରୀ ପହିଲାରେ ପ୍ରତିଷ୍ଠା କରାଯାଇଥିଲା।

ପ୍ରାରମ୍ଭରେ ପୋଷ୍ଟାଲ କର୍ମଚାରୀଙ୍କ କଲ୍ୟାଣାର୍ଥେ ଏହି ଜୀବନ ବୀମା କମ୍ପାନୀ ଖୋଲାଯାଇଥିଲା। ସେମାନଙ୍କ ଯୋଜନାଗୁଡ଼ିକ ରାଷ୍ଟ୍ରାୟତ୍ତ ଏଲ୍‌ଆଇସିଠାରୁ ଭିନ୍ନ। ତେବେ ୧୮୯୪ରେ ଏହା ପ୍ରଥମ ବୀମା କମ୍ପାନୀଭାବେ ପୋଷ୍ଟାଲ ଏବଂ ଟେଲିଗ୍ରାଫ୍‌ର ମହଲା କର୍ମଚାରୀଙ୍କ ଜୀବନ ବୀମା ଆରମ୍ଭ କରିଥିଲା। ବଜାରରେ ଉପଲବ୍ଧ ସମସ୍ତ ପ୍ରକାର ଜୀବନ ବୀମା ପଲିସିଠାରୁ ପିଏଲ୍‌ଆଇ କମ୍ ପ୍ରିମିୟମରେ ଅଧିକ ରିଟର୍ନ (ବୋନସ) ଦେଇ ଆସୁଛି। ମାତ୍ର କେଇ ଶହ ପଲିସିରୁ ଆରମ୍ଭ ହୋଇଥିବା ପୋଷ୍ଟାଲ ଜୀବନ ବୀମା ଏବେ ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ୪୬ ଲକ୍ଷ ପଲିସିଧାରୀଙ୍କୁ ନିଜ ସହ ଯୋଡିପାରିଛି। କେନ୍ଦ୍ର ଓ ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ସଂସ୍ଥା, ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷା ପ୍ରତିଷ୍ଠାନ, ଜାତୀୟକରଣ ବ୍ୟାଙ୍କ, ସ୍ଥାନୀୟ ସଂସ୍ଥା, ସ୍ୱାୟତ୍ତ ଶାସନ ସଂସ୍ଥା, ଯୁଗ୍ମ ଉଦ୍ୟୋଗ (୧୦ ପ୍ରତିଶତ ସରକାରୀ ଅଂଶଧନପ୍ରାପ୍ତ), କ୍ରେଡିଟ କୋଅପରେଟିଭ ସୋସାଇଟିରେ କର୍ମଚାରୀମାନେ ଏବେ ପୋଷ୍ଟାଲ ଜୀବନ ବୀମାଧାରୀ ହୋଇପାରୁଛନ୍ତି।

## ଆଶଙ୍କାରେ ୪୭ ଲକ୍ଷ ଗ୍ରାହକ



### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଆକାଉଣ୍ଟକୁ ଏନ୍‌ପିଏ ଘୋଷଣା କରିପାରିବେନି ବ୍ୟାଙ୍କ

ନୂଆଦିଲ୍ଲୀ,୨୫-୨: ଆଇଏଲ୍ ଆଣ୍ଡ ଏଫଏସ୍ ଗ୍ରୁପ କମ୍ପାନୀର ଆକାଉଣ୍ଟକୁ ବ୍ୟାଙ୍କ କିମ୍ବା ବିତ୍ତ ପ୍ରତିଷ୍ଠାନଗୁଡ଼ିକ ଏନ୍‌ପିଏ ଘୋଷଣା କରିପାରିବେ ନାହିଁ। ନ୍ୟାଶନାଲ କମ୍ପାନୀ ଆପିଲେଟ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କର ବିନା ଅନୁମୋଦନରେ ଏହା ହୋଇ ପାରିବ ନାହିଁ। ଦୁଇ ସଦସ୍ୟ ବିଶିଷ୍ଟ ଏନ୍‌ସିଏଲ୍‌ଏଟିର ଅଧକ୍ଷ ଜଷ୍ଟିସ ଏସ୍.ଜେ ମୁଖୋପାଧ୍ୟାୟ ସୋମବାର ଏହି ସୂଚନା ଦେଇଛନ୍ତି। ଆଇଏଲ ଆଣ୍ଡ ଏଫ୍‌ଏସ୍‌ର ଋଣ ପୁନର୍ଗଠନ ଯୋଜନାକୁ ବିଚାର କରି ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖୋପାଧ୍ୟାୟ କହିଛନ୍ତି। ସରକାର ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଗ୍ରୁପ କମ୍ପାନୀର ରିଜଲ୍ୟୁଶନ ନେଇ ବର୍ତ୍ତମାନ ଯୋଜନା କରୁଥିବା ବେଳେ ଟ୍ରିବ୍ୟୁନାଲ ଏଭଳି ନିଷ୍ପତ୍ତି ଦେଇଛନ୍ତି।



ଖବରଦାତା କାର୍ଯ୍ୟକ୍ରମରେ ସୋନି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁନୀଲ ନାୟାର(ବାମ) ଏବଂ ଓଡିଶା ବ୍ରାଞ୍ଚ ମ୍ୟାନେଜର ଅଙ୍କୁଶ କପୁର।

# ୫୦୦ କୋଟି ନିବେଶ କରିବ ସୋନି ଇଣ୍ଡିଆ

ଭୁବନେଶ୍ୱର,୨୫-୨(ବ୍ୟୁରୋ)

ଓଡ଼ିଶାରେ ଗ୍ରାହକ ନୂଆ ଟେକ୍ନୋଲୋଜି ଗ୍ରହଣରେ ଉନ୍ନତ ସ୍ଥିତିରେ ଅଛନ୍ତି। ଏଠାରେ ଗ୍ରାହକଙ୍କ ନିକଟରୁ ସର୍ବଦା ସହଯୋଗ ଲାଭ କରିବା ସହ ବଜାରରେ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଧାରା ଜାରି ରଖିଥିବା ସୋନି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁନୀଲ ନାୟାର କହିଛନ୍ତି। ସେ ସୋମବାର ଭୁବନେଶ୍ୱର ଗସ୍ତରେ ଆସିବା ସହ କମ୍ପାନୀ ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟରେ କମ୍ପାନୀର କାରବାର ଉନ୍ନତ ରହିଥିବା ବେଳେ ଏଠାରେ ପ୍ରିମିୟମ ଟିଭି ଶୃଙ୍ଖଳାରେ କମ୍ପାନୀ ପ୍ରମୁଖ ବଜାର ଅଂଶ ହାସଲ କରିଥିବା କହିଛନ୍ତି। ସେହିଭଳି ମାର୍କେଟ ଭାଲ୍ୟୁ ଶେୟାରରେ ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଥିବା ନାୟାର ସ୍ପଷ୍ଟ କରିଛନ୍ତି। ପ୍ରିମିୟମ ପ୍ରଡକ୍ଟ ଶୃଙ୍ଖଳାରେ ବ୍ରାଭିଆ ଟିଭି, ଡିଜିଟାଲ ଇମେଜିଂ, ପର୍ସନାଲ ଏବଂ ହୋମ୍ ଅଡ଼ିଓ ଭଳି ପ୍ରଡକ୍ଟ ରହିଛି। କମ୍ପାନୀର ମୋଟ ରାଜସ୍ୱ କ୍ଷେତ୍ରରେ ପ୍ରିମିୟମ ସେଗମେଣ୍ଟ ୨୦ରୁ ୨୫% ଅବଦାନ ରଖୁଥିବା ବେଳେ ଏହା ୨୦୨୧ ବେଳକୁ ୪୦% ଛୁଇଁବା ନେଇ ସେ ସୂଚନା ଦେଇଛନ୍ତି।

କମ୍ପାନୀ ବର୍ତ୍ତମାନ ବ୍ରାଭିଆ ଓଏଲ୍‌ଇଡ଼ି ଏ୯ଏଫ୍ ସହ ଅନ୍ୟାନ୍ୟ ସିରିଜ ଏବଂ ୪କେ ଟିଭି ଆଣିଛି। ସେହିଭଳି କମ୍ପାନୀ ଡିଜିଟାଲ ମିରରଲେସ କ୍ୟାମେରା, ଫୁଲ ଫ୍ରେମ୍ ମିରରଲେସ୍ କ୍ୟାମେରା ଗେମିଂ କନ୍‌ସୋଲ ଭଳି ବିଭିନ୍ନ ପ୍ରଡକ୍ଟ ଆଣୁଛି। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ୫୦୦ କୋଟି ଟଙ୍କାର ନିବେଶ ଯୋଜନା ଉପରେ ସେ କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଛନ୍ତି। ଗତ ୨୫ ବର୍ଷ ଧରି ସୋନି ଘରୋଇ ବଜାରରେ ଉପସ୍ଥିତ ଥିବା ବେଳେ ୧୨,୦୦୦ ଡିଲର, ୨୩୦ ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ, ୨୫ ଡାଇରେକ୍ଟ ବ୍ରାଞ୍ଚ ଲୋକେଶନ, ୩୦୦ରୁ ଊର୍ଦ୍ଧ୍ୱ ସର୍ଭିସ ଟଚ୍ ପଏଣ୍ଟ, ୨୫ ୱେରହାଉସ ସହ ଏହା କାର୍ଯ୍ୟ କରୁଛି। ଓଡ଼ିଶାରେ ୩ ବିତରକଙ୍କ ଦ୍ୱାରା ପ୍ରଡକ୍ଟ ଯୋଗାଣ ଦିଗରେ ନିଜର ଉଦ୍ୟମ ଜାରି ରଖିଥିବା ନାୟାର କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଓଡିଶା ବ୍ରାଞ୍ଚ ମ୍ୟାନେଜର ଅଙ୍କୁଶ କପୁର ଏବଂ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂସଦୀୟ କମିଟିକୁ ଭେଟିବେ ଫେସ୍‌ବୁକ ଅଧିକାରୀ

ନୂଆଦିଲ୍ଲୀ,୨୫-୨

ପ୍ରମୁଖ ସୋସିଆଲ ମିଡ଼ିଆ କମ୍ପାନୀ ଫେସବୁକର ବରିଷ୍ଠ ଅଧିକାରୀମାନେ ସଂସଦୀୟ କମିଟିକୁ ମାର୍ଚ୍ଚ ୬ରେ ଭେଟିବେ। ଫେସବୁକ ପ୍ଲାଟଫର୍ମରେ ସୁରକ୍ଷା ନେଇ କମ୍ପାନୀକୁ ପୂର୍ବରୁ କମିଟି ସମନ ଜାରି କରାଯାଇଥିଲା। ଏ ଦିଗରେ କମ୍ପାନୀ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି ସେ ନେଇ ବୈଠକରେ ଆଲୋଚନା ହେବ। ଆଗାମୀ ସାଧାରଣ ନିର୍ବାଚନରେ ସୋସିଆଲ ମିଡ଼ିଆର ଅପବ୍ୟବହାର ତଥା ହସ୍ତକ୍ଷେପ ଉପରେ ରୋକ ଲଗାଇବା ପାଇଁ ଏଭଳି ପଦକ୍ଷେପ ଉପରେ ସଂସଦୀୟ କମିଟି କାର୍ଯ୍ୟ କରୁଛି। ଫେସବୁକର ଗ୍ଲୋବାଲ ପବ୍ଲିକ ପଲିସି ଉପସଭାପତି ଜୋଏଲ କାପଲାନ, ଫେସବୁକ ଇଣ୍ଡିଆ ଉପସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଅଜିତ ମୋହନ, ଭାରତ ଦାୟିତ୍ୱରେ ଥିବା ପବ୍ଲିକ ପଲିସି ନିର୍ଦ୍ଦେଶକ ଅଙ୍ଖି ଦାସ କମ୍ପାନୀର ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗ ଉପରେ ଫେସବୁକ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ମାତ୍ର ୟୁଜରଙ୍କ ସୁରକ୍ଷା ଏବଂ ଅଧିକାର ନେଇ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସଂସଦୀୟ କମିଟିକୁ ଉତ୍ତର ରଖି ବହୁତ ଖୁସି ହେବୁ ବୋଲି କମ୍ପାନୀର ଜଣେ ଅଧିକାରୀ କହିଛନ୍ତି।

### ନିର୍ବାଚନ କମିଶନଙ୍କୁ ସହଯୋଗ କରୁ ଟୁଇଟର

ଟୁଇଟରର ବରିଷ୍ଠ ଅଧିକାରୀମାନେ ସଂସଦୀୟ କମିଟିକୁ ସୋମବାର ଭେଟିଥିଲେ। ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ସହ ସହଯୋଗିତା ଭିତ୍ତିରେ କାର୍ଯ୍ୟ କରିବାକୁ କମିଟି ଟୁଇଟର ଅଧିକାରୀଙ୍କୁ କହିଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ କମିଟି ଏପରି କହିଛି। ଲୋକ ସଭା ନିର୍ବାଚନରେ କୌଣସି ଅନ୍ତର୍ଜାତୀୟ ହସ୍ତକ୍ଷେପ ନ ରହିବା ଆବଶ୍ୟକ। ସେହିଭଳି କୌଣସି ଅନ୍ତର୍ଜାତୀୟ ସଂସ୍ଥାର ପ୍ରଭାବ ନିର୍ବାଚନକୁ ଯେଉଁଭଳି ଭାବେ ପ୍ରଭାବିତ ନ କରିବ ସେ ପ୍ରସଙ୍ଗକୁ ନିଶ୍ଚିତ କରାଇବା ଲାଗି ଟୁଇଟରକୁ କୁହାଯାଇଛି। କମିଟି ସାମ୍ନାରେ ଟୁଇଟର ଗ୍ଲୋବାଲ ପବ୍ଲିକ ଉପସଭାପତି କୋଲିନ କ୍ରୋଏଲ ହାଜର ହୋଇଥିଲେ।

# ପରବର୍ତ୍ତୀ ପିଢ଼ି ସାମ୍‌ସଙ୍ଗ ଗାଲାକ୍ସି ଏସ୍୧୦ର ପ୍ରିବୁକିଂ

ନୂଆଦିଲ୍ଲୀ,୨୫-୨

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନିକଟରେ ଉନ୍ମୋଚନ ହୋଇଥିବା ପ୍ରିମିୟମ ଗାଲାକ୍ସି ବର୍ଗରେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଆମେରିକାର ସାନଫ୍ରାନସିସ୍କୋ ସହରରେ ଗାଲାକ୍ସି ଏସ୍ ୧୦ ପ୍ଲସ, ଗାଲାକ୍ସି ଏସ୍ ୧୦ ଏବଂ ଗାଲାକ୍ସି ଏସ୍ ୧୦ଇକୁ ଉନ୍ମୋଚନ କରାଯାଇଥିଲା। ଏହି ତିନି ମଡେଲ ଶୀଘ୍ର ଭାରତରେ ଉପଲବ୍ଧ ହେବ। ଏହା ଗ୍ରାହକଙ୍କୁ ପରବର୍ତ୍ତୀ ପିଢ଼ିର ସ୍ମାର୍ଟଫୋନ ପ୍ରଯୁକ୍ତି ଓ ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ ସିନେମାଟିକ ଇନ୍‌ଫିନିଟି ଓ ଡିସ୍‌ପ୍ଲେ, ପ୍ରୋ ଗ୍ରେଡ୍ କ୍ୟାମେରା, ଓ୍ୟାରେଲେସ୍ ପାୱାର ଶେୟାର, ଇନ୍ ଡିସ୍‌ପ୍ଲେ ଅଲଟ୍ରାସୋନିକ ଫିଙ୍ଗରପ୍ରିଣ୍ଟ ସ୍କାନର ରହିଛି। ଗାଲାକ୍ସି ଏସ୍ ୧୦ ପ୍ଲସ ଯଥାକ୍ରମେ- ୧ଟିବି, ୫୧୨ ଜିବି, ୧୨୮ ଜିବି ଭାରିଆଣ୍ଟରେ ଆସୁଛି। ଏହି ମଡେଲଗୁଡ଼ିକର ମୂଲ୍ୟ ଯଥାକ୍ରମେ ୧.୧୭ ଲକ୍ଷ, ୯୧,୯୦୦ ଟଙ୍କା ଏବଂ ୭୩,୯୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସେହିଭଳି ଗାଲାକ୍ସି ଏସ୍୧୦ର ୫୧୨ ଜିବି ମଡେଲ ମୂଲ୍ୟ ୮୪,୯୦୦ ଟଙ୍କା, ୧୨୮ ଜିବି ମଡେଲ ଦର ୬୬, ୯୦୦ ଟଙ୍କା ରହିବ। ଗାଲାକ୍ସି ଏସ୍ ୧୦ ଇ ୧୨୮ ଜିବି ମଡେଲ ପାଇଁ ୫୫,୯୦୦ ଟଙ୍କା ରହିଛି।

# ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ଇକ୍ୱିଟି ଯାତ୍ରା

ଭୁବନେଶ୍ୱର,୨୫-୨(ବ୍ୟୁରୋ)

ପ୍ରମୁଖ ଫଣ୍ଡ ହାଉସ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ 'ୟୁଟିଆଇ ଏମ୍ଏଫ୍ ଇକ୍ୱିଟି ଯାତ୍ରା' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କମ୍ପାନୀର ଫଣ୍ଡ ମ୍ୟାନେଜର ଅମିତ ପ୍ରେମ ଚନ୍ଦାନୀ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶର ୫୧ ପ୍ରମୁଖ ସହରର ୧୦,୦୦୦ରୁ ଊର୍ଦ୍ଧ୍ୱ ଆର୍ଥିକ ଇଣ୍ଟରମିଡିଆରୀଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ପକ୍ଷରୁ ଏଭଳି ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ନାଟକ, କେରଳ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଉତ୍ତର ପୂର୍ବାଞ୍ଚଳ ଭଳି ରାଜ୍ୟଗୁଡ଼ିକର ଟାୟାର ୨ ଏବଂ ୩ ସହରକୁ ଏହି ଯୋଜନାରେ ଯୋଡିବାକୁ କମ୍ପାନୀ ପ୍ରୟାସ କରିଛି। ଏହି ସହରଗୁଡ଼ିକରେ ପ୍ରାୟ ୧ କୋଟି ନିବେଶକ ରହିଥିବା ଜଣାପଡ଼ିଛି। ଚଳିତ ମାସ ୨୦ରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ୟୁଟିଆଇର ୧୫ ଇକ୍ୱିଟି ବିଶେଷଜ୍ଞ ସାରା ଦେଶରେ ଟୁର କରୁଛନ୍ତି। ୟୁଟିଆଇର ନିବେଶ ନୀତି, ଗବେଷଣା, ପୋର୍ଟଫୋଲିଓ ପ୍ରସ୍ତୁତି, ମ୍ୟୁଚୁଆଲ ଫଣ୍ଡ ବଜାରର ଟ୍ରେଣ୍ଡ ସମ୍ପର୍କରେ ମଧ୍ୟସ୍ଥିଙ୍କୁ ସଚେତନ କରାଉଛନ୍ତି। ସେହିଭଳି ଫଣ୍ଡ ମ୍ୟାନେଜର ମାନଙ୍କର କାର୍ଯ୍ୟ ପ୍ରଣାଳୀ, ୱେଲଥ କ୍ରିଏଶନ ପାଇଁ ବିଭିନ୍ନ ଧାରା, ନିବେଶଧାରାରେ ସ୍ୱଚ୍ଛତା ସହ ଇଣ୍ଟରମିଡ଼ିଆରୀ ସଂସ୍ଥାଗୁଡ଼ିକ ସହ ସମ୍ପର୍କକୁ ଦୃଢ କରିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି।



ଅମିତ ପ୍ରେମ ଚନ୍ଦାନୀ

# ନୂଆ ହୋଣ୍ଡା ସିଭିକ୍‌ର ଉତ୍ପାଦନ ଆରମ୍ଭ

ନୂଆଦିଲ୍ଲୀ,୨୫-୨

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ୧୦ମ ପିଢିର ନୂଆ 'ହୋଣ୍ଡା ସିଭିକ୍' ମଡେଲର ଉତ୍ପାଦନ ଆରମ୍ଭ ହୋଇଛି। ଏହା କମ୍ପାନୀର ଗ୍ରେଟର ନଏଡା ପ୍ଲାଣ୍ଟରେ ଉତ୍ପାଦନ କରାଯାଉଛି। ମାର୍ଚ୍ଚ ୭ରେ ଏହା ବଜାରକୁ ଆସିବା ନେଇ କମ୍ପାନୀ କହିସାରିଛି। ମଡେଲଟିର ଉତ୍ପାଦନ ଆରମ୍ଭ ହୋଇଥିବାରୁ ଖୁସି ବୋଲି କମ୍ପାନୀର ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି। ପ୍ରିଲଞ୍ଚ୍ ଫେଜ୍‌ରେ ଏହି ମଡେଲକୁ ନେଇ ଭଲ ରେସ୍‌ପନ୍ସ ଲାଭ କରିଥିବା ସେ ସୂଚନା ଦେଇଛନ୍ତି। ପ୍ରିମିୟମ ସେଡାନ୍ ବର୍ଗରେ ଏହା ବଜାରକୁ ଆସୁଛି। ଏଥିରେ ପ୍ରିମିୟମ ତଥା ସ୍ପୋର୍ଟିଲୁକ୍‌କୁ ପ୍ରାଥମିକତା ଦିଆଯାଇଛି। ପେଟ୍ରୋଲ, ଡିଜେଲ ପାୱାର ଟ୍ରେନ ଏବଂ ୬ ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସୁବିଧା ସହ ଏହା ଆସିବ ବୋଲି କମ୍ପାନୀ ପ୍ରକାଶ କରିଛି।



# ଏସ୍‌ବିଆଇ ଆନ୍ତଃକଲେଜ କୁଇଜ 'ନ୍ୟୁମେରୋ ୟୁନୋ'

ଭୁବନେଶ୍ୱର,୨୫-୨

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଦେଶର ସର୍ବବୃହତ ଆନ୍ତଃ କଲେଜ କୁଇଜ ପ୍ରତିଯୋଗିତା 'ନ୍ୟୁମେରୋ ୟୁନୋ' ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୭ରେ ଭୁବନେଶ୍ୱର ସମେତ ଦେଶର ୧୭ ପ୍ରମୁଖ ସହରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ବିଜେତାଙ୍କୁ ବାର୍ଷିକ ୩.୨୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ୧୮ରୁ ୩୦ ବର୍ଷ ବୟସର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିପାରିବେ ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୧୯ରେ ଏହାର ଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଚୂଡ଼ାନ୍ତ ପର୍ଯ୍ୟାୟକୁ ୧୭ଟି ଟିମ୍ ଯିବେ। ଶୀର୍ଷ ଦଳକୁ ୫.୮୫ ଲକ୍ଷ ଟଙ୍କାର ସ୍କଲାରଶିପ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଏକ ବୃହତ୍ ପ୍ଲାଟଫର୍ମ ପ୍ରଦାନ ଦିଗରେ ସହାୟତା କରିବ ବୋଲି ଏସ୍‌ବିଆଇ ଅଧକ୍ଷ ରଜନୀଶ କୁମାର କହିଛନ୍ତି।




# ଉନ୍ନତ ସ୍ଥିତିକୁ ଫେରିବ ଜେଟ୍ ଏୟାରୱେଜ

ନୂଆଦିଲ୍ଲୀ,୨୫-୨

- ସ୍ଥିତାବସ୍ଥା ଫେରାଇବାକୁ ଉଦ୍ୟମ ଜାରି
- ପ୍ରତିଶ୍ରୁତି ଦେଲେ ନରେଶ ଗୋୟଲ, ଏତିହାଦ ସିଇଓ
- ବ୍ୟାଙ୍କଗୁଡ଼ିକର ସହାୟତା ଲୋଡା ଯାଉଛି



ଋଣଗ୍ରସ୍ତ ବିମାନ ସଂସ୍ଥା ଜେଟ୍ ଏୟାରୱେଜ ସ୍ଥିତାବସ୍ଥାକୁ ଫେରିବ। ଏହାର ପୁନର୍ଗଠନ ଯୋଜନା ନେଇ ବର୍ତ୍ତମାନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ବ୍ୟାଙ୍କଗୁଡ଼ିକ ସହାୟତାରେ ଏହା ହାତକୁ ନିଆଯାଉଥିବା ଜେଟ ଏୟାରୱେଜର ପ୍ରମୋଟର ନରେଶ ଗୋୟଲ ଏବଂ ଏତିହାଦ ଏୟାରୱେଜ ସିଇଓ ଟୋନି ଡୋଗ୍ଲାସ ମିଳିତ ଭାବେ ଏକ ବିବୃତ୍ତିରେ ସୂଚନା ଦେଇଛନ୍ତି। ପ୍ରମୋଟର ଏବଂ ପ୍ରମୁଖ ବିତ୍ତ ଅଂଶୀଦାରଙ୍କ ସହାୟତାରେ ବିମାନ କମ୍ପାନୀକୁ ଏକ ଉନ୍ନତ ସ୍ଥିତିକୁ ଆଣିବା ଦିଗରେ ଉଦ୍ୟମ ଜାରି ରହିଥିବା ବିବୃତ୍ତିରେ କୁହାଯାଇଛି। ଯୋଜନା କାର୍ଯ୍ୟକାରୀ ହେଲେ ଜେଟ୍ ଏୟାରୱେଜ ପୁଣି ଥରେ ଉନ୍ନତ ସ୍ଥିତିକୁ ଫେରିବ ବୋଲି ବିବୃତ୍ତି ସ୍ପଷ୍ଟ କରାଯାଇଛି। ଗ୍ରାହକଙ୍କ ପସନ୍ଦ ମୁତାବକ ବିମାନ କମ୍ପାନୀକୁ ଏକ ଉନ୍ନତ ସ୍ଥାନକୁ ଆଣିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।

ଖରାପସ୍ଥିତି ଦେଇ ଗତି କରୁଥିବା ବିମାନ କମ୍ପାନୀ ବର୍ତ୍ତମାନ ପାଣ୍ଠି ସଂଗ୍ରହ ତଥା ଦେବାଳିଆ ସ୍ଥିତିରୁ ଉପରକୁ ଉଠିବାକୁ ପ୍ରୟାସ କରୁଛି। ଋଣକୁ ଇକ୍ୱିଟିରେ ରୂପାନ୍ତରିତ କରିବାକୁ ଅଂଶୀଦାରମାନେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେହିଭଳି ଅନ୍ୟାନ୍ୟ ପ୍ରସ୍ତାବ ଉପରେ ଅଂଶୀଦାର ନିଜର ସହମତି ପ୍ରକାଶ କରିଛନ୍ତି। ଜେଟ ଏୟାରୱେଜ ବିରୋଧରେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେବା ନେଇ କୌଣସି ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବା ଏସ୍‌ବିଆଇ ସୋମବାର କହିଛି। ଜେଟ୍ ଏୟାରୱେଜ ବିରୋଧରେ ଦେବାଳିଆ କୋର୍ଟରେ ଦ୍ୱାରସ୍ଥ ହେବାକୁ ବିଚାର କରାଯାଉଥିବା ଋଣ ପ୍ରଦାନକାରୀ ସଂସ୍ଥା ଏବଂ ପ୍ରମୁଖ ଅଂଶଦାରଙ୍କ ପକ୍ଷରୁ ଜଣେ ଅଧିକାରୀ ରବିବାର କହିଥିଲେ। ଏହାକୁ ନେଇ ଉଭୟ ଜେଟ୍ ଏବଂ ଏତିହାଦ ପକ୍ଷରୁ ବିବୃତ୍ତି ରଖାଯାଇଛି।

ଗତବର୍ଷ ବିମାନ ଶିଳ୍ପ ଅନେକ ସମସ୍ୟା ଦେଇ ଗତି କରିଥିଲା ବୋଲି ଉଭୟ ସଂସ୍ଥା କହିଛନ୍ତି। ବର୍ଦ୍ଧିତ ତୈଳ ଦର, ଟଙ୍କାର ଦୁର୍ବଳତା ଭଳି ସମସ୍ୟା ଶିଳ୍ପକୁ କ୍ଷତି ପହଞ୍ଚାଇଥିଲା। ବିଶ୍ୱର ଅନେକ ସଂସ୍ଥା ଏହାଦ୍ୱାରା ନାନା ଅସୁବିଧା ସାମ୍ନା କରିଥିବା ବେଳେ ଜେଟ ଏୟାରୱେଜ ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଜେଟ ଏୟାରୱେଜରେ ଆବୁଧାବି ଭିତ୍ତିକ ଏତିହାଦର ୨୪% ଅଂଶଧନ ରହିଛି। କୌଣସି ବିମାନ ସଂସ୍ଥାର ଆର୍ଥିକ ସ୍ୱାସ୍ଥ୍ୟ ବଜାରର ଅର୍ଥନୈତିକ ସ୍ଥିତି ଉପରେ ନିର୍ଭର କରାଯାଇଥାଏ ବୋଲି ପ୍ରମୋଟରଙ୍କ ପକ୍ଷରୁ କୁହାଯାଇଛି।

# ସୁପର କପ୍ ଖେଳିବେ ଶୁଭମ୍

ଭୁବନେଶ୍ୱର, ୨୫।୨(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ମାର୍ଚ୍ଚ ୧୫ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଆ ଛାପ ଦେଖିବାକୁ ମିଳିବ। ପ୍ରତିଯୋଗିତାରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଦଳ ଦିଲ୍ଲୀ ଡାଇନାମସ ମଧ୍ୟ ଭାଗ୍ୟ ପରୀକ୍ଷା କରିବ। ଏହି ଦଳର ଅନ୍ୟତମ ସଦସ୍ୟ ହେଲେ ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ। ୨୦୧୩ରେ ଭାରତୀୟ ୧୫ ବର୍ଷରୁ କମ୍ ଦଳରେ ସାମିଲ ହୋଇଥିବା ଶୁଭମ୍ ୧୭ ବର୍ଷରୁ କମ୍ ଭାରତୀୟ ବିଶ୍ୱକପ ଦଳର ମଧ୍ୟ ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ୨୦୧୭ ଡିସେମ୍ବରରୁ ୨୦୧୮ ମେ ପର୍ଯ୍ୟନ୍ତ ସେ ଦୋହାସ୍ଥିତ ଆସ୍‌ପିରେ ଏକାଡେମୀରେ ଅନୁଷ୍ଠିତ ୟୁଥ୍ ଡେଭ୍‌ଲପ୍‌ମେଣ୍ଟ ପ୍ରୋଗ୍ରାମ୍‌ରେ ସାମିଲ ହୋଇଥିଲେ। ୨୦୧୭ରୁ ସେ ଦିଲ୍ଲୀ ଡାଇନାମସର ସିନିୟର ଦଳରେ ଖେଳୁଛନ୍ତି। ବାଲେଶ୍ୱର ସୋର ଅଞ୍ଚଳର ମା' ଅନୀତା ଓ ପିତା ପ୍ରୀତିକାନ୍ତ ଷଡ଼ଙ୍ଗୀଙ୍କ ପୁତ୍ର ଶୁଭମ୍ ନଏଡ଼ାସ୍ଥିତ ଆର୍ମି ପବ୍ଲିକ୍ ସ୍କୁଲ୍‌ରେ ୪ର୍ଥ ଷ୍ଟାଣ୍ଡାର୍ଡରେ ପଢ଼ିବାବେଳେ ଫୁଟବଲ ଖେଳିବା ଆରମ୍ଭ କରିଥିଲେ। ୫ମ ଷ୍ଟାଣ୍ଡାର୍ଡ ବେଳକୁ ସେ ସ୍କୁଲ୍ ଟିମ୍‌ର କ୍ୟାପ୍‌ଟେନ ହୋଇଥିଲେ। ୮ମ ଷ୍ଟାଣ୍ଡାର୍ଡରେ ପଢ଼ୁଥିବାବେଳେ ସେ ଦିଲ୍ଲୀ ରାଜ୍ୟ ଦଳପାଇଁ ଚୟନ ହୋଇ ଜାତୀୟ ଟୁର୍ନାମେଣ୍ଟରେ ଖେଳିବା ଆରମ୍ଭ କରିଥିଲେ। ଜାତୀୟ ଜୁନିୟର ଦଳରେ ପ୍ରଭାବୀ ପ୍ରଦର୍ଶନ କରିବାରୁ ସେ ଏସିଆନ ଫେଡେରେଶନ କପ୍ ପାଇଁ ମନୋନୀତ ହେଲେ ଏବଂ ପରେ ବିଶ୍ୱକପ ଦଳରେ ସ୍ଥାନ ପାଇଲେ। ୨୦୧୫-୧୬ ସିଜନରେ ସେ ମିନର୍ଭା ପଞ୍ଜାବ ଏକାଡେମୀ ପାଇଁ ମନୋନୀତ ହୋଇ ୧୮ ବଲରୁ କମ୍ ଆଇ-ଲିଗ୍‌ରେ ଖେଳିଥିଲେ। ସେଥିରେ ସେ ୮ଟି ଗୋଲ ଦେଇ ଟପ୍ ସ୍କୋରର ମଧ୍ୟ ହୋଇଥିଲେ। ଗତ ସପ୍ତାହରେ ଶୁଭମ୍‌ଙ୍କୁ ଦିଲ୍ଲୀ ଫୁଟବଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଦଳର ଅଧିନାୟକ ପଦ୍ମଶ୍ରୀ ସୁନୀଲ ଛେତ୍ରୀ ଏକ ସମାରୋହରେ ଶୁଭମ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ସୁନୀଲ ଛେତ୍ରୀଙ୍କ ସହ ଶୁଭମ ଷଡ଼ଙ୍ଗୀ (ବାମ)।


## SHRI JAGANNATH TEMPLE OFFICE, PURI

No.1826 **Quotation Call Notice** Dt:22.02.19

"Replacement of defective Gysers in Neelachal Bhakta Niwas, Yatri Niwas and Shree Gundicha Bhakta Niwas of Shree Jagannath Temple, Puri" Please follow website **www.jagannath.nic.in.**

**Last date - 02.03.19 at 3.30 P.M.**
**Opening Date - 02.03.2019 at 4.30 P.M.**

**Sd./- Administrator**
**Shri Jagannath Temple, Puri**

## GANGADHAR MEHER UNIVERSITY
**AMRUTA VIHAR, SAMBALPUR-768004**
**NOTICE**

No.1240 / GMU Date:25.02.2019

**WALK-IN-INTERVIEW**

Interested eligible candidates are invited to attend a Walk-in-Interview for the temporary position of a full time multi-tasking office assistant for the Bhima Bhoi Research Chair at a consolidated monthly remuneration of Rs.8000.00. Any Graduate with Computer knowledge capable of working in both Odia and English media can attend the interview at 11.00 AM. on 01.03.2019 with original and one set of photocopy of all certificates with one recent colour passport size photograph.

**Sd./- REGISTRAR, G.M. University, Amruta Vihar, Sambalpur**

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି

ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ ଦ୍ୱାରା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତିର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକୁ "ଜନଜାତି ସମାବେଶ"ରେ ଲୋକାର୍ପଣ

**୨୬ ଫେବୃଆରୀ ୨୦୧୯, ମଙ୍ଗଳବାର**
**ଗଜପତି ଷ୍ଟାଡିୟମ୍, ପାରଳାଖେମୁଣ୍ଡି**

**ପ୍ରକଳ୍ପ ପ୍ରଶାସକ** — ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି
**ଅଧ୍ୟକ୍ଷ** — ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି

## GOVERNMENT OF ODISHA
No. 1323-B

**" e" - PROCUREMENT NOTICE**
**Bid Identification No. E.E. GTN (R&B)-11/2018-19**
**Email address : eeghatagaon2015@gmail.com**

**Letter No. 485** **Dt. 22.02.2019**

| | | | |
|---|---|---|---|
| 1 | Name of the Work | : | Civil Work (Building) |
| 2 | Numbers of Work | : | 01 (One) |
| 3 | Estimated Cost | : | 17.26 Lakhs |
| 4 | Period of Completion | : | - 4 (Four) Months |
| 5 | Date & Time of availability of bid document in the portal | : | From 11.45 A.M. of dt. 28.02.2019 to 04.00 P.M. of dt. 07.03.2019 |
| 6 | Last date / Time of receipt of bids in the portal | : | 04.00 P.M. of dt. 07.03.2019 |
| 7 | Date of opening of Bid | : | 11.30 A.M. of dt 08.03.2019 |
| 8 | Name and address of the officer inviting Bid | : | Ashok Kumar Giri, Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in

34140/11/0014/1819 **Sd/- Executive Engineer Ghatagaon (R&B) Division**

## ODISHA LIFT IRRIGATION CORPORATION LIMITED
**(A Government of Odisha Undertaking)**
**OFFICE OF THE EXECUTIVE ENGINEER L.I. DIVISION, SAMBALPUR**
**e-mail I.D: eeolicsbp@gmail.com**

**No.CAD-1486:-** **e-Procurement Notice**
**Identification No. EEOLICSBP-26/18-19 Dt. 23.02.2019**

| | | | |
|---|---|---|---|
| 01. | Name of work | : | Installation of 03 Nos. LIPs in DMF Grant under Jharsuguda District. |
| 02. | Estimated cost | : | Rs. 20.00 lakh to Rs. 21.00 lakhs |
| 03. | Period of completion | : | 90 days |
| 04. | Date & Time of availability of bid document in the portal | : | From 10.00 hrs. of 25.02.2019 to 17.00 hrs. of 06.03.2019. |
| 05. | Date & Time of opening of bids | : | 11.00 hrs. of 07.03.2019 |
| 06. | Name and Address of the officer inviting bid | : | Executive Engineer, L.I. Division, Sambalpur |

Further details can be seen from the website www.tendersorissa.gov.in.

32308/11/0034/1819 **Sd./- Executive Engineer L.I. Division, Sambalpur**

## ODISHA INDUSTRIAL INFRASTRUCTURE DEVELOPMENT CORPORATION
idco Your power to grow | ODISHA NEW OPPORTUNITIES
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**
**Tender Call Notice No.HO/CIVIL/ T&E-E-4138/04/2017/ 3752 Dt. 21.02.19**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Supply, Installation, Testing and Commissioning of 400 KVA D.G. Set for power supply to Convention Centre of NOU, Baripada. (Makes: Kirloskar / Jakson / Greaves power / Sterling or equivalent.)

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Tower, Janpath, Bhubaneswar. | Bid ID.No. Civil - EST - 64/ 2018-19 | 12.00 Hours of 28.02.2019 | 17.00 Hours of 11.03.2019 |

Further details can be seen from the e-procurement portal. **www.tendersodisha.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd/- Chief General Manager (Civil), I/C IDCO, Bhubaneswar**

## SAMBALPUR UNIVERSITY JYOTIVIHAR, BURLA
**SAMBALPUR (ODISHA), PIN-768019**
**[NAAC ACCREDIATED WITH 'A' GRADE]**
**Website:-www.suniv.ac.in**

**No.1170 /Store** **Dated..................**

**QUOTATION CALL NOTICE**

Sealed quotations are invited from the intending press / firm having up to date GST Registration certificate & PAN CC for printing of different categories of Register / Book / Pad etc. So as to reach the undersigned by speed post / Regd. Post / courier on or before Dt:-05.03.2019 by 02.00 PM. which will be opened on the same day at 03.30 PM. in the presence of agencies or their authorized representatives if any. The detailed information and instruction with term & conditions / proforma will be available in the Store & Purchase Section, Sambalpur University, Jyoti Vihar, Burla, which can be obtained in person on working day during office hour or by post with self-addressed envelope with postage stamp or from the university website:- **www.suniv.ac.in.**

**Sd./- Registrar**

## SAMBALPUR UNIVERSITY JYOTIVIHAR, BURLA
**SAMBALPUR (ODISHA), PIN-768019**
**[NAAC ACCREDIATED WITH 'A' GRADE]**
**Website:-www.suniv.ac.in**

**No.1162 /Store** **Dated: 23.02.2019**

**QUOTATION CALL NOTICE**

Sealed quotations are invited from the intending registered firms / authorized dealers / manufacturers for Supply & Installation of Gymnasium Equipment for Sambalpur University. The detail list of items, term & conditions / specifications can be had from the University office (Store & Purchase Section) in person on working days during office hour or from University website:- "www.suniv.ac.in". The sealed quotation should accompany with copy of latest GST Registration Certificate, PAN CC and reach the Store Section by Speed post / Regd. Post / courier on or before Dt:-06.03.2019 which will be opened on the same day at 03.00 PM. in presence of the quotationers or their authorized representatives.

**Sd./- Registrar**

## OFFICE OF THE ENGINEER-IN-CHIEF (CIVIL), ODISHA
**NIRMAN SOUDHA, KESHARI NAGAR, UNIT- V, BHUBANESWAR - 751 001**
**RFP Identification No. CE-DPI & R- 11 / 2018-19**
**File No-C-IIM-IFB-01/2018 - 8616 Dtd 16.02.2019**
No.1328-B

**INVITATION FOR QUALIFICATION/ PROPOSAL NOTICE INVITING TENDER (NIT)**

1. The Chief Engineer, D.P.I. & Roads, Odisha (the "Authority") on behalf of the Works Department, Govt. of Odisha invites Request for Proposal (RFP) for the work "Construction of H.L. Bridge over River Subernarekha at 36th km on Haldipada NH-16 to West Bengal border via Baliapal, Pantei & Chandaneswar." In the district of Balasore in the state of Odisha under CRF through EPC mode of Contract (Engineering, Procurement and Construction) basis for selection of the parties /Joint Ventures to whom the Project may be awarded eventually.
2. The Request for Proposal document (the "RFP" document) will be available in the website https://tendersodisha.gov.in from 10.00 A.M of 11.03.2019 to 5.00 P.M of 15.04.2019 for online bidding.
3. The bidder must possess compatible Digital Signature Certificate (DSC) of Class II or Class III. The online bidding procedure is indicated in the document.
4. The application shall be received only on "online" on or before 5.00 P.M of 15.04.2019.
5. A Pre-bid meeting will be held at 12.30 PM on 25.03.2019 at the venue as specified in RFP.
6. Applications received on line shall be opened at 12.30 Hours on 20.04.2019 in the office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha. If the office happens to be closed on the date of opening as specified, then the same will be opened on the next working day.
7. The authority reserves the right to cancel any or all bid without assigning any reason.
8. Further details with any addendum, corrigendum, cancellation can be seen from the website https://tendersodisha.gov.in

34117/11/0221/1819 **Sd./- Chief Engineer (DPI & Roads), Odisha**

## GOVERNMENT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, NAYAGARH**
**Tel No. (06753)253277, e-Mail ID: eemidivisionnayagarh@gmail.com**
**"e" Procurement Notice**
**No- 421 Dated- 22.02.2019**

**No.1329-A:-** **Identification No- EEMIDN 11/ 2018-19**

| | | | |
|---|---|---|---|
| 1. | Name of works | : | Civil Construction works as mentioned in the web site |
| 2. | Total No. of works | : | 01 No. |
| 3. | Estimated Cost | : | 62.39 Lakh (Detail list of work Annexed) |
| 4. | Class of Contractor | : | As Mentioned against Work. |
| 5. | Period of Completion | : | As Mentioned against Work. |
| 6. | Date & time of Availability of Bid Document in the Portal | : | 28.02.2019 at 10.00 AM to 11.03.2019 up to 5.00 P.M. |
| 7. | Last date/ Time for receipt of Bids in the portal | : | 11.03.2019 up to 5.00 P.M. |
| 8. | Date /Time of Opening of Technical Bid | : | 12.03.2019 at 11.00 A.M. |
| 9. | Date /Time of Opening of Financial Bid | : | To be intimated after evaluation of Technical Bid. |
| 10. | Date of Transparent Lottery (if cases arise) | : | 20.03.2019 at 3.00 P.M. onwards |
| 11. | Name and Address of the Officer Inviting the Bid | : | Executive Engineer, M.I. Division, Nayagarh |
| 12. | Mode of Payment of Bid Cost & Bid Security | : | Govt. of Odisha has introduced e-payment gateway into the portal for payment of cost of Bid & Bid security / EMD. The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" Procurement Portal "https://tendersorissa.gov.in" |

**32260/11/0012/1819**

## OFFICE OF THE EXECUTIVE ENGINEER LIFT IRRIGATION DIVISION: BHAWANIPATNA
**E-mail ID : liftirrigation_bpt@yahoo.in**
**TENDER CALL NOTICE NO. 677 /OLIC.,Dated.23.02.2019**

Sealed tender in the prescribed tender schedule is invited from reputed firms/contractors having valid Civil licence of class as mentioned and above having valid registration with the State P.W.D./Irrigation/PHED for Reconstruction of pipe line and renovation to L.I. Project in Kalahandi District under the schemes as stated below.

| Pkg. No. | Name of the Block. | Name of L.I. Project. | Funding Agency. | Approx estimated cost (In Rs.) | EMD to be de-posited (in Rs.) | Cost of Tender Paper (in Rs.) | Class of Contractor | Time period of com-pletion of work. |
|---|---|---|---|---|---|---|---|---|
| 1 | Junagarh | Karchala-II | PWD(R&B) 2018-19 | 496391 | 4964 | 2000 + 12% GST | "D" Class & Above | 60 Days |

1. Tender documents can be obtained had from the office of the Executive Engineer, Lift Irrigation Division, Bhawanipatna in person, during office hours i.e. from 11.00 A.M. to 5.00 P.M. on working day from Dt.26.02.19 to Dt.01.03.19 on application and payment of cost of tender paper (non refundable) in shape of Bank Draft from any Nationalized Bank in favour of Executive Engineer, Lift Irrigation Division, Bhawanipatna payable at Bhawanipatna on receipt of written request mentioning the name of the work & package no.
2. The completed tender documents shall be received at the respective officers stated at Sl.1 above from the date of sell of tender documents up to 5.00 P.M. of Dt.01.03.19 which will be opened at Lift Irrigation, Bhawanipatna on Dt.02.03.19 at 11.00 A.M. in presence of tenderer or their authorized representative if any.
3. The tender must be accompanied with attested copies of valid Civil licence, PAN cards, GST certificate, along with EMD @ 1 % of value of work in shape of NSC/Postal Savings Pass Book/ Post Office Time Deposit/ Bank Draft Receipt (STDR) in schedule Bank/ Kishan Vikas Patra duly pledged in favour of Executive Engineer, L.I.Division, Bhawanipatna payable/drawn at Bhawanipatna in absence of which the tender will summarily be rejected.
4. The authority reverses the right to accept or reject any or all tenders, modify/cancel any condition of tender and increase or decrease the quantity of work, to reject any or all tenders without assigning any reason thereof.

**Sd./- EXECUTIVE ENGINEER**

## Odisha State Medical Corporation Limited (OSMC)
*Assuring Quality, Saving Lives*
**In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**
**Date: 23.02.2019**

**NOTICE INVITING E-TENDER FOR SUPPLY & INSTALLATION OF SURGICAL, ONCOSURGICAL & ANESTHESIA EQUIPMENTS AT AHRCC, CUTTACK AND GREEN LIGHT LASER AT SCBMCH-CUTTACK**

**No. CAD-1492:-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ AHRCCSURGERYEQUIPMENT /17 | SUPPLY & INSTALLATION OF SURGICAL, ONCOSURGICAL & ANESTHESIA EQUIPMENTS AT AHRCC, CUTTACK AND GREEN LIGHT LASER AT SCBMCH-CUTTACK | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **25.02.2019, 3 PM** | |
| 2. | Date & time of Pre-bid meeting | **06.03.2019, 11 AM** Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time | End Date & Time |
| | | **13.03.2019, 3 PM** | **28.03.2019 , 5 PM** |
| 4. | Date & time of online Technical bid opening | **30.03.2019, 11 AM** | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

**10112/11/0061/1819** **Sd./- Managing Director OSMC Ltd., Odisha**

See Career Appointment on every Wednesday & Saturday

## GOVERNMENT OF ODISHA
**E-mail:- serwcbaripada@nic.in** **Tel No: 06792-261343(O)/261344(Fax)**
**OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA**
**"e"-Procurement Notice for Road Work**

No.1824-O **Identification No. Online Tender-Road N.C.B. No. 153 for 2018-19**
**Letter No.510** **Date:25.02.2019**

1. Name of the work : Construction of OMBADC Road works in the District of Mayurbhanj during 2018-19
2. Total No. of Works : 10 Nos. (Ten)
3. Estimated Cost : Rs.26.21 Lakhs to 172.88 Lakhs (approximately)
4. Eligible Class of Contractor : As per Annexure in the DTCN.
5. Period of Completion : As per Annexure in the DTCN.
6. Other Details :

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & Time of opening of tender in O/O S.E.R.W Cricle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Road online N.C.B. No. 153 | Dt.01.03.2019 at 11.00 A.M. | 20.03.2019 up to 3.00 P.M. | 19.03.2019 up to 1.00 PM | 23.03.2019 at 11.00 A.M. | will be intimated Separately |

• Further details can be seen from the website **www.tendersorissa.gov.in**
• Any Corrigendum / Addendum will be displyed in the above e_tender website only.

25130/11/0033/1819 **Sd./- Superintending Engineer, R.W. Circle, Baripada**

## GOVERNMENT OF ODISHA
**OFFICE OF THE EXECUTIVE ENGINEER, RURAL WORKS DIVISION - I, MALKANGIRI**
**NATIONAL COMPETITIVE BIDDING THROUGH e-PROCUREMENT**

No.1799-O **Identification No. Online Tender 21/MKG/2018-19**

1. Name of the work : Road & Building works (Detailed in Annexure)
2. Total Number of Works : 09 (Nine) Numbers
3. Tender Cost : Rs.4.25 Lakhs to Rs.23.51 Lakhs
4. Class of Contractor : 'D', 'C' & 'B' Class contractors
5. Period of Completion : (As Per Detailed in Annexure)
6. Other Details :-

| Procurement Officer | Bid Identification No. | No. of Works | Availability of tender online for bidding | | Last Date & time of seeking tender clarification | Date & time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division -I, Malkangiri | Online tender / 21 / RWD-I, MKG/2018-19 | 09 (Nine) No. of Road & Building works | 02.03.2019 from 11.00 A.M. | 12.03.2019 up to 5.00 P.M. | 11.03.2019 up to 5.00 P.M. | 15.03.2019 at 11.30 A.M. |

Further details can be seen from the Website **www.tenderorissa.gov.in**

25058/11/0019/1819 **Executive Engineer, R.W. Division -I, Malkangiri**

## The Odisha Small Industries Corporation Ltd.
**( A Government of Odisha Undertaking) )**
***(An ISO:9001:2008 certified Govt.Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com,osicltd@rediffmail.com website: osicltd.in

**SHORT NOTICE INVITING WILLINGNESS**

RefNo.837/OSIC Dt. 25.02.2019

The Managing Director, OSIC Ltd. Invites short Notice inviting willingness from experienced MSMEs duly empanelled with OSIC heaving similar experience may submit their willingness along with estimate for the work, " Supply & Installation of Mini Max Lights in 89 Locations of Kakatpur Block" out of MLALADS Fund for the year 2017-18 & 2018-19. **OSIC service charge of 5%** will be levied on the above work .You are requested to provide the following information while submission of willingness.

1. Detailed estimate with rate per unit as per specification of Project Authority /OERC. The detailed list of projects is enclosed.
2. No previous record of abandonment or rescission of previously awarded work.
3. Warranty period for this project should be 5 years from the date of Handing over of Project to the Principal Authority.
4. Experience certificate or work order from OSIC or any other competent authority of Govt. not below the rank of EE relating to similar nature of work for last three years, not less than RS.55 Lakh.
5. ATO by registered CA for last 3 years (Not less than RS.92 Lakh.

The willingness letter must be dropped in tender box of the MD OSIC on or before 4PM on **Dated:6.03.19** failing which it will not be taken into consideration.
The time of completion of project is 3 calendar month.
The authority reserve the right to reject any or all willingness without assigning any reason thereof & cancel the NIW process.
Willingness shall be dropped in the tender Box placed at the office of MD OSIC Ltd by fixed date and time after which no NIW will be entertained

Sd/-
**MANAGING DIRECTOR**

“ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଲାଗି ଚଳିତ ଭାରତ ବିପକ୍ଷ ସୀମିତ ଓଭର ବିଶିଷ୍ଟ ସିରିଜ ମୋ ପାଇଁ ଏକ ସୁଯୋଗ।

–ଗ୍ଲେନ ମାକ୍ସୱେଲ, ଅଷ୍ଟ୍ରେଲୀୟ କ୍ରିକେଟର



“ଦିନେ ଦିନେ ଡେଥ୍ ଓଭର ବୋଲିଂ ସଫଳ ହୋଇ ନ ଥାଏ ଏଥିପାଇଁ ବୋଲରଙ୍କୁ ଦୋଷାରୋପ କରିବା ଉଚିତ୍ ନୁହେଁ ।

–ଯଶପ୍ରୀତ ବୁମ୍ରା, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଓଡ଼ିଶା-ମଧ୍ୟପ୍ରଦେଶ ସେମିଫାଇନାଲ

**ଭୁବନେଶ୍ୱର, ୨୫।୨(କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି ଚାମ୍ପିୟନସିପ୍ର ସେମିଫାଇନାଲରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ହରିୟାଣାକୁ ଭେଟିବ ଉତ୍ତର ପ୍ରଦେଶ। ୨ଟି ଯାକ ସେମିଫାଇନାଲ ବୁଧବାର ଖେଳାଯିବ। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶାର ଅନ୍ୟତମ ଦଳ ହକି ଗାଙ୍ଗପୁରକୁ ଓଡ଼ିଶା ୩-୨ ଗୋଲରେ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ଏହି ମ୍ୟାଚର ୯ମ ମିନିଟରେ ଅଜୟ୍ ଏକ୍କା ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୦ତମ ମିନିଟରେ ପ୍ରଦୀପ ଲାକ୍ରା ଗୋଟିଏ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ହକି ଗାଙ୍ଗପୁର ପକ୍ଷରୁ ସୁଦୀପ ଚିରମାକୋ ୨୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିବାବେଳେ ୨୮ତମ ମିନିଟରେ ସୁଦୀପ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଓଡ଼ିଶାର ଅଗ୍ରଣୀକୁ ୩-୧ରେ ପହଞ୍ଚାଇଥିଲେ। ୪୦ତମ ମିନିଟରେ ଗାଙ୍ଗପୁରର ପୁରନ୍ କେର୍କେଟା ଆଉ ଏକ ଗୋଲ ପରିଶୋଧ କରିଥିଲେ। ଅବଶିଷ୍ଟ ୨୦ ମିନିଟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ନ ହେବାରୁ ଓଡ଼ିଶା ବିଜୟୀ ହୋଇଥିଲା। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ମଧ୍ୟପ୍ରଦେଶ ୩-୨ରେ ଚଣ୍ଡିଗଡ଼, ହରିୟାଣା ୨-୦ରେ ପଞ୍ଜାବ ଏବଂ ଉତ୍ତର ପ୍ରଦେଶ ୩-୨ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆକୁ ପରାସ୍ତ କରିଥିଲା।

### ଆଇପିଏଲ୍ ପ୍ଲେ-ଅଫ୍ ବେଳେ ମହିଳା ପ୍ରଦର୍ଶନୀ ମ୍ୟାଚ୍

**ବେଙ୍ଗାଲୁରୁ, ୨୫।୨(ପିଟିଆଇ):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଳେ କେତୋଟି ମହିଳା ଟି୨୦ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଗତବର୍ଷ ଭଳି ଆଇପିଏଲ ପ୍ଲେ-ଅଫ୍ ବେଳେ ଏହି ମ୍ୟାଚ୍ଗୁଡ଼ିକ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏହି ସୂଚନା ଦିଆଯାଇଛି। ଦର୍ଶକଙ୍କୁ ଆକୃଷ୍ଟ କରିବା ଲାଗି ମ୍ୟାଚ୍ଗୁଡ଼ିକ ଏଥର ସନ୍ଧ୍ୟା ୭ଟାରୁ ହେବ। ଦେଶରେ ସାଧାରଣ ନିର୍ବାଚନ ପାଇଁ ତାରିଖି ଘୋଷଣା କରାଯାଇ ନ ଥିବାରୁ ଏନେଇ ଦିନ ଧାର୍ଯ୍ୟ ହୋଇ ନ ଥିବା ବୋର୍ଡର ଜଣେ ବରିଷ୍ଠ ଅଫିସିଆଲ ସୂଚନା ଦେଇଛନ୍ତି। ଗତବର୍ଷ ମୁମ୍ବାଇସ୍ଥିତ ୱାଙ୍ଖେଡେ ଷ୍ଟାଡିୟମରେ ସୁପର ନୋଭାସ ଓ ଟ୍ରେଲ୍ବ୍ଲେଜର୍ସ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ଅପରାହ୍ନ ୨ଟାରେ ଖେଳାଯାଇଥିବାରୁ ଷ୍ଟାଡିୟମରେ ଅଳ୍ପ କେତେଜଣ ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା। ମ୍ୟାଚ୍ରେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ମେଗ୍ ଲାନିଙ୍ଗ, ଏଲିସି ପେରୀ ଓ ସୁଜି ବେଟ୍ସଙ୍କ ଭଳି ମହିଳା କ୍ରିକେଟ ଷ୍ଟାର୍ମାନେ ଖେଳିଥିଲେ। ସନ୍ଧ୍ୟାରେ ପୁରୁଷ ଆଇପିଏଲ ପ୍ଲେ-ଅଫ୍ ପୂର୍ବରୁ ଏହି ମ୍ୟାଚ୍ ଖେଳାଯାଇଥିଲା। ଏହା କ୍ରିକେଟ୍ପ୍ରେମୀଙ୍କ ମହଲରେ ପ୍ରଭାବ ପକାଇପାରି ନ ଥିଲା। ମହିଳା ଗେମ୍ସ ପାଇଁ ବୋର୍ଡ ଦୁଇଟି ଫର୍ମାଟ୍ ସ୍ଥିର କରିଛି। ପ୍ରତିଯୋଗିତା ତିନୋଟି ମହିଳା ଦଳକୁ ନେଇ ହେବ। ଏହା ରାଉଣ୍ଡ ରବିନ୍ ଭିତ୍ତିରେ କିମ୍ବା ଶ୍ରେଷ୍ଠ ଦୁଇ ଦଳକୁ ନେଇ ବେଷ୍ଟ ଅଫ୍ ଥ୍ରି ମ୍ୟାଚ୍ ପରେ ଫାଇନାଲ ଖେଳାଯାଇପାରେ। ଆଇପିଏଲର ୨୦୧୮ ସଂସ୍କରଣ ଏପ୍ରିଲ ୭ରୁ ମେ’ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସମଗ୍ର ଟୁର୍ନାମେଣ୍ଟରେ ମାତ୍ର ୩ ଦିନ ବିଶ୍ରାମ ଦିବସ ରଖାଯାଇଥିଲା। ଲିଗ୍ ପର୍ଯ୍ୟାୟ ମେ’ ୨୦ରେ ଶେଷ ହୋଇଥିଲା। ବିସିସିଆଇ ଗତ ସପ୍ତାହରେ ଆସନ୍ତା ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁଥିବା ଚଳିତ ବର୍ଷ ଆଇପିଏଲର ପ୍ରଥମ ୧୭ଟି ମ୍ୟାଚ୍ର କାର୍ଯ୍ୟସୂଚୀ ଘୋଷଣା କରିସାରିଛି। ମାର୍ଚ୍ଚ ୨୩ରେ ଚେନ୍ନାଇଠାରେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍ଘାଟନୀ ମ୍ୟାଚ୍ ଖେଳାଯିବ।

### ବିବାହ ବନ୍ଧନରେ ଏନ୍. ସିକ୍କି-ବି. ସୁମୀଥ

ହାଇଦ୍ରାବାଦ,୨୫।୨- ଭାରତ ପାଇଁ ବହୁ ଅନ୍ତର୍ଜାତୀୟ ବ୍ୟାଡ୍ମିଣ୍ଟନ ଇଭେଣ୍ଟରେ ମିକ୍ସଡ୍ ଡବଲ୍ସ ବର୍ଗରେ ଖେଳିଥିବା ଏନ୍. ସିକ୍କି ରେଡ୍ଡୀ ଓ ବି. ସୁମୀଥ ରେଡ୍ଡୀଙ୍କ ଯୋଡ଼ି ଏବେ ବିବାହରେ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଗତ ବର୍ଷ ସୁମୀଥ ଓ ଅଶ୍ୱିନୀ ପୋନ୍ନାପାଙ୍କୁ ହରାଇ ସିକ୍କି, ପ୍ରଣବ ଜେରୀ ଚୋପ୍ରାଙ୍କ ଯୋଡ଼ି ସୟଦ ମୋଦି ଟ୍ରଫି ଜିତିଥିଲେ। ସେହି ଦିନ ସିକ୍କି ଓ ସୁମୀଥଙ୍କ ମଧ୍ୟରେ ନିର୍ବନ୍ଧ ହୋଇଥିଲା। କୋର୍ଟରେ ପରସ୍ପର ସମୟ ବିତାଇବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଶେଷରେ ବିବାହ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଉଭୟ ସୋସିଆଲ ମିଡିଆରେ ଫଟୋ ଶେୟାର କରି ବିବାହ ସୂଚନା ଦେଇଛନ୍ତି।

# ଓଡ଼ିଶା କ୍ରୀଡ଼ାରେ ନୂଆ ଅଧ୍ୟାୟ

**ଭୁବନେଶ୍ୱର, ୨୫।୨(ସ୍ପୋର୍ଟ୍ସ ବ୍ୟୁରୋ)**



ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ପୁରସ୍କାର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କିମ୍ବଦନ୍ତୀ ଖେଳାଳି ଅନିଲ କୁମ୍ବଲେ, ପୁଲେଲା ଗୋପୀଚାନ୍ଦ ଓ ଅନ୍ୟ ଅତିଥିମାନେ।

ସମଗ୍ର ଦେଶରେ ଓଡ଼ିଶାକୁ ଏକ ନମ୍ବର କ୍ରୀଡ଼ା ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାବେଳେ ସୋମବାର ଏଥିରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। କ୍ରୀଡ଼ାବିତ୍ଙ୍କୁ ବିଭିନ୍ନ କ୍ରୀଡ଼ାରେ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ୫ଟି ଅନ୍ତର୍ଜାତୀୟସ୍ତରର ହାଇପରଫରମାନ୍ସ ସେଣ୍ଟରକୁ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ କ୍ଲାଇମ୍ବିଂ ୱାଲକୁ ଉଦ୍ଘାଟନ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ରାଜ୍ୟର ୧୬୨ ଜଣ କ୍ରୀଡ଼ାବିତ୍ଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ୫ଟି ହାଇପରଫରମାନ୍ସ ସେଣ୍ଟର ମଧ୍ୟରେ ବ୍ୟାଡ୍ମିଣ୍ଟନ, ଆଥ୍ଲେଟିକ, ଭାରୋତ୍ତୋଳନ, ଫୁଟ୍ବଲ ଓ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ରହିଛି। ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ସହଯୋଗରେ ଏହି ହାଇପରଫରମାନ୍ସ ସେଣ୍ଟରଗୁଡ଼ିକ ରାଜ୍ୟରେ କ୍ରୀଡ଼ାବିତ୍ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍ମିଣ୍ଟନ ଏକାଡେମୀ (ବ୍ୟାଡ୍ମିଣ୍ଟନ), ରିଲାଏନ୍ସ ଆଥ୍ଲେଟିକ ସେଣ୍ଟର ଫର୍ ଏକ୍ସଲେନ୍ସ (ଆଥ୍ଲେଟିକ), କେଜେଏସ୍ ଆଲୁୱାଲିଆ ଟେନ୍ଭିକ୍ ସ୍ପୋର୍ଟ୍ସ ହାଇପରଫର୍ମାନ୍ସ (ଭାରୋତ୍ତୋଳନ), ଅଲ୍ ଇଣ୍ଡିଆ ଫୁଟ୍ବଲ ଫେଡେରେଶନ ଆଣ୍ଡ୍ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେଶନ/ଓଡ଼ିଶା ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ୍ ପ୍ରମୋଶନ କମ୍ପାନୀର (ଫୁଟ୍ବଲ ଡେଭଲପ୍ମେଣ୍ଟ) ଓ କେଜେଏସ୍ ଆଲୁୱାଲିଆ ଗ୍ରୁପ୍ ଆଣ୍ଡ୍ ଜାଭିୟର-ଏମ୍ଲିୟନ ବିଜନେଶ ସ୍କୁଲ (ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ) ସହଯୋଗରେ ଏହି ୫ଟି ହାଇପରଫର୍ମାନ୍ସ ସେଣ୍ଟର ପରିଚାଳିତ ହେବ।

## କ୍ଲାଇମ୍ବିଂ ୱାଲ୍ ଓ ୫ ହାଇପରଫର୍ମାନ୍ସ ସେଣ୍ଟର ଉଦ୍ଘାଟିତ

### ‘ସମଗ୍ର ଦେଶର କ୍ରୀଡ଼ାବିତ୍ ଉପକୃତ ହେବେ’

ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। କ୍ରୀଡ଼ାବିତ୍ଙ୍କ ଉନ୍ନତି ପାଇଁ ୫ଟି ହାଇପରଫର୍ମାନ୍ସ ସେଣ୍ଟର ଉଦ୍ଘାଟିତ ହୋଇଛି, ଯାହାକି କ୍ରୀଡ଼ାକୁ ନୂତନ ସ୍ତରରେ ପହଞ୍ଚାଇବାରେ ସହାୟକ ହେବ ବୋଲି ଉଦ୍ଘାଟନୀ ସମାରୋହରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶର କ୍ରୀଡ଼ାବିତ୍ ଏହି ହାଇପରଫର୍ମାନ୍ସ ସେଣ୍ଟର ମାଧ୍ୟମରେ ଉପକୃତ ହେବେ। ଓଡ଼ିଶାକୁ ଦେଶରେ କ୍ରୀଡ଼ାର ରାଜଧାନୀ ରୂପେ ପରିଣତ କରିବାରେ ସହଯୋଗ କରିଥିବା ସମସ୍ତ ସଂସ୍ଥାକୁ ଏହି ଅବସରରେ ସେ ଧନ୍ୟବାଦ ଜଣାଇଥିଲେ।

### ଉଦ୍ୟମ ପ୍ରଶଂସନୀୟ: କୁମ୍ବଲେ

ଓଡ଼ିଶାରେ ଭାରୋତ୍ତୋଳନ ଏକାଡେମୀ ପାଇଁ ଆମର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇସାରିଛି। ପ୍ରଥମ ପର୍ଯ୍ୟାୟରେ ଆମେ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ୨୫ଜଣ ଆଥ୍ଲେଟଙ୍କୁ ଚୟନ କରିଛୁ। ଖୁବ୍ଶୀଘ୍ର ଆମେ ଆଉ ୨୫ ଜଣ ଆଥ୍ଲେଟଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବୁ। କୋଚ୍ମାନେ ଏଠାରେ ରହିଥିବାବେଳେ ଆଗକୁ ଅନ୍ତର୍ଜାତୀୟସ୍ତରର କୋଚ୍ ସେମାନଙ୍କ ସହ ଯୋଗଦେବେ। ବର୍ତ୍ତମାନ କିଛି ପରୀକ୍ଷା ଚାଲୁଥିବାରୁ ମାର୍ଚ୍ଚ ୧୫ ପରେ ଏହା ଶେଷ ହେବାପରେ ସମସ୍ତ ୨୫ଜଣ ଆଥ୍ଲେଟ୍ଙ୍କୁ ନେଇ ପ୍ରଶିକ୍ଷଣ ଆରମ୍ଭ ହେବ ବୋଲି ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟର ଦାୟିତ୍ୱରେ ଥିବା କେଜେଏସ୍ ଆଲୁୱାଲିଆ ଗ୍ରୁପ୍ ଟେନ୍ଭିକ୍ ସ୍ପୋର୍ଟ୍ସର ସଦସ୍ୟ ଅନିଲ କୁମ୍ବଲେ ଏହା କହିଛନ୍ତି। ୧୩ ଓ ୧୫ ବର୍ଷରୁ କମ୍ ବୟସବର୍ଗର ଆଥ୍ଲେଟ୍ଙ୍କୁ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସମସ୍ତ ପ୍ରକାର ସହଯୋଗ ସହାୟତା ପ୍ରଦାନ କରୁଥିବାରୁ ଏଥିଲାଗି ଓଡ଼ିଶା ସରକାର ଓ କେଜେଏସ୍ ଆଲୁୱାଲିଆ ଗ୍ରୁପ୍କୁ କୁମ୍ବଲେ ଧନ୍ୟବାଦ ଦେଇଛନ୍ତି। ଆଇସିସି ବିଶ୍ୱକପ୍ରେ ଭାରତ-ପାକିସ୍ତାନ ମ୍ୟାଚ୍ ନେଇ ସରକାର ନିଷ୍ପତ୍ତି ନେବେ ବୋଲି ଭାରତୀୟ କ୍ରିକେଟ ଦଳର ଏହି କିମ୍ବଦନ୍ତୀ ସ୍ପିନ ବୋଲର କହିଛନ୍ତି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କିମ୍ବଦନ୍ତୀ ବ୍ୟାଡ୍ମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆର ସମ୍ପାଦକ ସି.କେ. ଭାଲସନ, ଆଇଏଏଏଫ୍ର ସଦସ୍ୟ ରାଲଫ ମୋଉଚବାହାନି, ନାଲିଜା ଭାନ୍ ଡର୍ ସ୍ପିଫ୍, ପ୍ରାକ୍ତନ ଭାରତୀୟ ହକି ଖେଳାଳି ଲାଜରୁସ ବାର୍ଲା, ଭାରତୀୟ ମହିଳା ଫୁଟ୍ବଲ ଟିମ୍ର ପ୍ରାକ୍ତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ, ଜଣାଶୁଣା ଆଥ୍ଲେଟ ଅନୁରାଧା ବିଶ୍ୱାଳ, ଏଭରେଷ୍ଟ ଆରୋହୀ ଗଣେଶ ଜେନା, କେଜେଏସ୍ ଆଲୁୱାଲିଆ ଗ୍ରୁପ୍ର ପ୍ରଣବ ମହାନ୍ତି ଓ ଅଶୋକ କୁମାର ଭୂୟାଁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।



କ୍ଲାଇମ୍ବିଂ ୱାଲ୍ ଚଢ଼ିବା ଅବସରରେ ଦୁଇ ପ୍ରଶିକ୍ଷାର୍ଥୀ।

## ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍

**ପାରା ଏସିଆନ ଗେମ୍ସ ପଦକ ବିଜେତା–**
ସୌନ୍ଦର୍ଯ୍ୟ କୁମାର ପ୍ରଧାନ (ଦୃଷ୍ଟିହୀନ ଚେସ୍)– ୨୨ ଲକ୍ଷ ୩୩ ହଜାର
ପ୍ରାଚୁର୍ଯ୍ୟ କୁମାର ପ୍ରଧାନ (ଦୃଷ୍ଟିହୀନ ଚେସ୍)– ୨୦ ଲକ୍ଷ ଟଙ୍କା
ଜୟନ୍ତୀ ବେହେରା (ଆଥ୍ଲେଟ୍)– ୬୦ ଲକ୍ଷ
ପ୍ରମୋଦ ଭଗତ (ବ୍ୟାଡ୍ମିଣ୍ଟନ)– ୭୦ ଲକ୍ଷ
**ଜାକର୍ତ୍ତା ଏସିଆନ ଗେମ୍ସ ଅଂଶଗ୍ରହଣକାରୀ–**
ଜଉନା ମୁର୍ମୁ (ଆଥଲେଟ୍)– ୭ଲକ୍ଷ ୫୦ ହଜାର
ପୂର୍ଣ୍ଣିମା ହେମ୍ବ୍ରମ (ଆଥ୍ଲେଟ୍)– ୭ ଲକ୍ଷ ୫୦ ହଜାର
ରାକେଶ ପାତ୍ର (ଜିମ୍ନାଷ୍ଟ)– ୭ ଲକ୍ଷ ୫୦ ହଜାର
ଋତୁପର୍ଣ୍ଣା ପଣ୍ଡା (ବ୍ୟାଡ୍ମିଣ୍ଟନ)– ୫ ଲକ୍ଷ
ସଂଯୁକ୍ତା ଡୁଙ୍ଗ୍ ଡୁଙ୍ଗ୍ (ରୋଇଂ)– ୫ ଲକ୍ଷ
**ଖେଲୋ ଇଣ୍ଡିଆ (ପୁନେ)ସ୍ୱର୍ଣ୍ଣ ବିଜେତା–**
ଭକ୍ତରାମ ଦେସ୍ତି (ଭାରୋତ୍ତୋଳନ)– ୪୦ ହଜାର
ସ୍ନେହା ସୋରେନ (ଭାରୋତ୍ତୋଳନ)– ୪୦ ହଜାର
ହକି ଟିମ୍– ପ୍ରତ୍ୟେକ ଖେଳାଳି ୨୦ ହଜାର
**ଖେଲୋ ଇଣ୍ଡିଆ (ପୁନେ) ରୌପ୍ୟ ବିଜେତା**
ପ୍ରଜ୍ଞା ପ୍ରଶାନ୍ତୀ ସାହୁ (ଆଥ୍ଲେଟିକ)– ୨୭ ହଜାର
ମୁନା ନାୟକ (ଭାରୋତ୍ତୋଳନ)– ୨୭ ହଜାର
ଦେବକୀ ଖିଲ୍ଲା (ଭାରୋତ୍ତୋଳନ)– ୨୭ ହଜାର
ପ୍ରତ୍ୟାଶା ରାୟ (ସୁଇମିଂ)– ୨୭ ହଜାର
ଜଗଦୀଶ ବାରିକ (ଜିମ୍ନାଷ୍ଟ)– ୨୭ ହଜାର
ଫୁଟ୍ବଲ ଟିମ୍– ପ୍ରତ୍ୟେକ ଖେଳାଳି ୧୩ ହଜାର ୫୦୦
ରାଇଜିଂ ଷ୍ଟୁଡେଣ୍ଟ କ୍ଲବ କଟକ– ପ୍ରତ୍ୟେକ ଖେଳାଳି ୩୦ ହଜାର
**ଖେଲୋ ଇଣ୍ଡିଆ (ପୁନେ) ବ୍ରୋଞ୍ଜ ବିଜେତା**
ମନୀଷା ମେରେଲା (ଆଥ୍ଲେଟିକ)– ୧୭ ହଜାର
ପ୍ରତ୍ୟାଶା ରାୟ (ସୁଇମିଂ)– ୧୭ ହଜାର
ରାଜେଶ କୁମାର ସାହୁ (ଜୁଡୋ)– ୧୭ ହଜାର
ବାଳକ ହକି ଟିମ୍– ପ୍ରତ୍ୟେକ ଖେଳାଳି ୮ ହଜାର ୫୦୦
**– ଆର୍ଚେରୀ, ରଗ୍ବୀ, ହକି, ଜୁଡୋ, ଜିମ୍ନାଷ୍ଟ, ଭାରୋତ୍ତୋଳନ, ବେସବଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୭ ଜଣଙ୍କୁ ଆର୍ଥିକ ପୁରସ୍କାର।**

# ସିରିଜ ଜିତିଲା ଭାରତୀୟ ମହିଳା ଦଳ

ମୁମ୍ବାଇ,୨୫।୨– ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍ରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ରେ ଭାରତୀୟ ମହିଳା ଦଳ ୭ ଉଇକେଟରେ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨–୦ ବ୍ୟବଧାନରେ ଆଗୁଆ ଜିତିନେଇଛି। ଝୁଲଣ ଗୋସ୍ୱାମୀ ଓ ଶିଖା ପାଣ୍ଡେଙ୍କ ଘାତକ ବୋଲିଂ ଯୋଗୁ ଇଂଲଣ୍ଡ ମହିଳା ଦଳ ୧୬୧ ରନ୍ରେ ସୀମିତ ରହିଥିଲା। ଏହାପରେ ସ୍ମୃତି ମନ୍ଧାନାଙ୍କ କ୍ୟାରିୟରର ୧୫ତମ ଅର୍ଦ୍ଧଶତକ ଯୋଗୁ ଘରୋଇ ଦଳ ୮.୫ ଓଭର ପୂର୍ବରୁ ୭ ଉଇକେଟ ହାତରେ ରଖି ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ବିଜୟୀ ଦଳ ପାଇଁ ଗୋସ୍ୱାମୀଙ୍କୁ ଓମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦଳ ୪୩.୩ ଓଭରରେ ୧୬୧ ରନ୍ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ନାଟାଲିଆ ସ୍କିଭର ୮୫ ଓ ଲରେନ ୱିନ୍ଫିଲ୍ଡ ୨୮ ରନ୍ କରିଥିଲେ। ଦଳର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଘରୋଇ ଦଳ ପାଇଁ ଝୁଲଣ ଓ ପାଣ୍ଡେ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବାବେଳେ ପୁନମ ଯାଦବ ୨ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳ ଆରମ୍ଭରୁ ଜେମିମା ରୋଡ୍ରିଗୁଏଜ(୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ଚମତ୍କାର ଫର୍ମରେ ଥିବା ମନ୍ଧାନା ୬୩ ରନ୍ର ଇନିଂସ ଖେଳିଥିଲେ। ତାଙ୍କ କ୍ୟାରିୟରର ୧୫ତମ ଅର୍ଦ୍ଧଶତକୀୟ ଇନିଂସରେ ୭ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ ପୁନମ ରାଉତ ୩୨ ଓ ଅଧିନାୟିକା ମିଥାଲି ରାଜ (୪୭) ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭ୍ରମଣକାରୀ ଦଳ ଲାଗି ଆନ୍ୟା ଶ୍ରବସୋଲ ୨ ଉଇକେଟ ପାଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ସମାନ ଭେନ୍ୟୁରେ ୨୮ ତାରିଖରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ମହିଳା ଦଳ: ୪୩.୩ ଓଭରରେ ୧୬୧/ଅଲଆଉଟ (ସ୍କିଭର-୮୫; ଝୁଲଣ ଗୋସ୍ୱାମୀ-୪/୩୦, ଶିଖା ପାଣ୍ଡେ-୪/୧୮)।**

**ଭାରତୀୟ ମହିଳା ଦଳ: ୪୧.୧ ଓଭରରେ ୧୬୨/୩ (ସ୍ମୃତି ମନ୍ଧାନା-୬୩; ଶ୍ରବସୋଲ-୨/୨୩)।**

# ଅରୁଣାଚଳ ପ୍ରଦେଶକୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୫।୨**

## ସୟଦ ମୁସ୍ତାକ ଅଲି ଟି୨୦

ବାରବାଟୀ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲି ଟି–୨୦ ଟୁର୍ନାମେଣ୍ଟର ଏକ ଲୋସ୍କୋରିଂ ମ୍ୟାଚ୍ରେ ଓଡ଼ିଶା ୮ ଉଇକେଟରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶାର ଏହା ଲଗାତାର ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍ରୁ ୨ଟି ବିଜୟ ଓ ୨ଟି ପରାଜୟ ସହ ୮ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ–ଡି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି । ଡ୍ରିମସ ଗ୍ରାଉଣ୍ଡରେ ବୁଧବାର ଓଡ଼ିଶା ଆସାମକୁ ଭେଟିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅରୁଣାଚଳପ୍ରଦେଶ ୭୫ରନରେ ଅଲଆଉଟ ହୋଇଥିଲା । ଓପନର ଡୋରିଆ ସର୍ବାଧିକ ୨୬ରନ କରିଥିଲେ । ଓଡ଼ିଶାର ଡାହାଣହାତୀ ପେସ ବୋଲର ଦେବବ୍ରତ ପ୍ରଧାନ ୧୦ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ରାଜେଶ ମହାନ୍ତି, ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ପାଇଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି । ଦଳୀୟ ସ୍କୋର ୧ ହୋଇଥିବା ବେଳେ ଓଡ଼ିଶା ଓପନର ଅନୁରାଗ ଷଡ଼ଙ୍ଗୀଙ୍କ ଉଇକେଟ ହରାଇଥିଲା । ଅନୁରାଗ ୧ରନ କରି ଅଖିଳେଶ ସାହାଣୀଙ୍କ ଶିକାର ପାଲଟିଥିଲେ। ପରେ ଅନ୍ୟତମ ଓପନର ତଥା ଉଇକେଟ କିପର ରାଜେଶ ଧୂପର ମଧ୍ୟ ୫ରନରେ ଅଖିଳେଶଙ୍କ ବଲରେ କ୍ୟାଚ୍ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ । ୧୧ରନରେ ୨ଟି ଉଇକେଟ ହରାଇଥିଲେ ମଧ୍ୟ ଅଭିଜ୍ଞଙ୍କ ବଦଳରେ ନବାଗତଙ୍କୁ କ୍ରିଜକୁ ପଠାଇଥିଲା ଓଡ଼ିଶା ଦଳ । ସନ୍ଦୀପ ପଟ୍ଟନାୟକ ଓ ଅଭିଷେକ ରାଉତ ସତର୍କତାର ସହ ବ୍ୟାଟିଂ ଜାରି ରଖି ଓଡ଼ିଶାକୁ ଜିତାଇଥିଲେ। ସନ୍ଦୀପ ୨୮ରନରେ ଓ ଅଭିଶେକ ୪୧ରନରେ ଅପରାଜିତ ଥିଲେ ।

### କର୍ଣ୍ଣାଟକର ବିଜୟ ଜାରି

ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍ରେ କର୍ଣ୍ଣାଟକ ୧୩୭ରନରେ ମିଜୋରାମକୁ ପରାସ୍ତ କରିବା ସହ ବିଜୟଧାରା ଜାରି ରଖିଛି । ୪ଟି ଯାକ ମ୍ୟାଚ୍ ବିଜୟୀ ହୋଇ କର୍ଣ୍ଣାଟକ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ଓପନର ରୋହନ କଦମଙ୍କ ୭୮ରନ ଓ କରୁଣ ନାୟାରଙ୍କ ୭୧ରନ ସହାୟତାରେ ୪ ଉଇକେଟ ହରାଇ ୨୪୨ରନ କରିଥିଲା । କରୁଣ ୩୩ବଲରୁ ୫ଟି ଚୌକା ଓ ୫ଟି ଛକା ବଳରେ ଏହି ଧୁଆଁଧାର ଇନିଂସ ଖେଳିଛନ୍ତି । ମିଜୋରାମ ପକ୍ଷରୁ ଲାଲହୁରାଇ ରାଲତେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ମିଜୋରାମ ୬ ଉଇକେଟ ହରାଇ ୧୦୫ରନ କରିଛି । ଅଖିଳ ରାଜପୁର ସର୍ବାଧିକ ୪୧ରନ କରିଥିଲେ । ଶ୍ରେୟାସ ଗୋପାଳ ୪ଟି ଉଇକେଟ ଅକ୍ତିଆର କରିଛନ୍ତି ।

### ବେଙ୍ଗଲଠାରୁ ଆସାମ ପରାସ୍ତ

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ରେ ଶକ୍ତିଶାଳୀ ବେଙ୍ଗଲ ଦଳକୁ ୨୬ରନରେ ପରାସ୍ତ କରିଛି ଆସାମ । ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୫ ଉଇକେଟ ବିନିମୟରେ ୧୬୨ରନ କରିଥିଲା । ଶିବଶଙ୍କର ରାୟ ସର୍ବାଧିକ ୮୩ରନ କରିଥିଲେ । ବେଙ୍ଗଲ ପକ୍ଷରୁ ଅଶୋକ ଦିଣ୍ଡା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବେଙ୍ଗଲ ୯ ଉଇକେଟ ହରାଇ ୧୩୬ରନ ସଂଗ୍ରହ କରିଥିଲା । ଶ୍ରୀବତ୍ସ ଗୋସାମୀ ସର୍ବାଧିକ ୪୩ରନ କରିଥିଲେ । ଆସାମ ପକ୍ଷରୁ ଅବୁ ନଛିମ ଅହମ୍ମଦ, ମୁଖତର ହୁସେନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

### ହରିୟାଣା ବିଜୟୀ

ଡ୍ରିମସ ଗ୍ରାଉଣ୍ଡରେ ଛତିଶଗଡ଼ ୫ ଉଇକେଟରେ ହରିୟାଣାକୁ ହରାଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରିୟାଣା ୫ ଉଇକେଟ ହରାଇ ୨୧୦ରନ କରିଥିଲା। ରାହୁଲ ତେୱାଟିଆ ୨୦ଟି ବଲରୁ ୫୯ରନର ଧୁଆଁଧାର ଇନିଂସ ଖେଳିଥିଲେ । ଚୈତନ୍ୟ ବିଶ୍ନୋୟୀ ୬୫ରନ କରିଛନ୍ତି। ଜବାବରେ ଛତିଶଗଡ଼ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି । ଅମନଦୀପ ଖାରେ ଓ ରିଷଭ ତିୱାରୀ ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।



ଅରୁଣାଚଳ ପ୍ରଦେଶ ବିପକ୍ଷ ଟି୨୦ ମ୍ୟାଚ୍ରେ ଓଡ଼ିଶାକୁ ବିଜୟୀ କରାଇଥିବା ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ସନ୍ଦୀପ ପଟ୍ଟନାୟକ ଓ ଅଭିଷେକ ରାଉତ।

ଧରିତ୍ରୀ
DHARITRI






■ ଚାଷଜମିକୁ ଓଲଟିଲା ବସ୍

# ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର

**ବାହାନଗା, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆଳଦା ରାସ୍ତାରେ ଯାଉଥିବା ଏକ ବସ୍ ସୋମବାର ସକାଳେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ସେଥିରେ ଥିବା ୩୦ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଅଭଣା ହାଟରୁ ବିଷ୍ଣୁପୁର ଦେଇ ଭାୟା ଆଳଦା, ଖରାସାହାପୁର ଦେଇ ବାଲେଶ୍ୱର ଆସୁଥିବା ଝାଡେଶ୍ୱର ନାମକ ବସ୍ (ନଂ.ଓଆର୧୧ଡି୬୪୦୧) ଆଳଦା ଗ୍ରାମ ପାର ହୋଇ ରାସ୍ତାରେ ଖରାସାହାପୁରକୁ ଯାଉଥିଲା। ଭାରସାମ୍ୟ ହରାଇ ରାସ୍ତାରୁ ବିଲକୁ ଓଲଟି ପଡିଥିଲା। ଟ୍ରାକ୍ଟର ଦ୍ୱାରା ବୁହାଯାଉଥିବା ମାଟି ପକ୍କା ରାସ୍ତା ଉପରେ ପଡ଼ିଥିଲା। ରବିବାର ରାତିରେ ବର୍ଷା ହେବାରୁ ରାସ୍ତା କାଦୁଅ ହୋଇଯାଇଥିଲା । ଫଳରେ ବସ୍‌ର ଚକ ସ୍ଲିପ୍ କରିବାରୁ ଡ୍ରାଇଭର ବସ୍‌କୁ ନିଜ ନିୟନ୍ତ୍ରଣରେ ରଖି ପାରି ନ ଥିଲେ । ଫଳରେ ବସ୍ ରାସ୍ତାକଡ଼ ଚାଷଜମିକୁ ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଡ୍ରାଇଭର, ହେଲପର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଆଳଦା ଓ ଖରାସାହାପୁର ଗ୍ରାମବାସୀ ଯାତ୍ରୀମାନଙ୍କୁ


ଅଳଦା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ବସ୍।

ବସ୍‌ର ଆଗ କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସେଥିରେ ବସିଥିବା ବିଷ୍ଣୁପୁର ଗ୍ରାମର ସାବିତ୍ରୀ ବାରିକ, ନରେନ୍ଦ୍ର ବାରିକ, ବିଷ୍ଣୁପୁରର ଲକ୍ଷ୍ମୀଧର ମାଝୀ, ଉପରଆଡ଼ିଆର ପ୍ରହ୍ଲାଦ ବାରିକ, ବିଷ୍ଣୁପୁର ଗ୍ରାମର ଦେବେନ୍ଦ୍ର ବେହେରା, ବାସନ୍ତୀ ମହାଲିକ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ମହିଳାପୁରଷମାନେ ଗୁରୁତର ହୋଇ ଖରାସାହାପୁର ପ୍ରାଥମିକ ଓ ବିଷ୍ଣୁପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଆଉ କେତେଜଣଙ୍କୁ ବାଲେଶ୍ୱର ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଗୋପାଳପୁର ଫାଣ୍ଡି ପୋଲିସ ଟିମ୍ ଉଦ୍ଧାର କାର୍ଯ୍ୟ କରିଥିଲେ।

■ ଟିପ୍ପର ଓଲଟି ଚାଳକଙ୍କ ଜୀବନ ଗଲା

# ମୃତକଙ୍କ ପରିବାର ଲୋକଙ୍କୁ ଆକ୍ରମଣ

**ବନ୍ତ, ୨୫।୨ (ସ୍ୱ.ପ୍ର.)**

ବାଲି ଟିପ୍ପର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପାଟକନା ଗ୍ରାମର ମହେଶ୍ୱର ନାୟକ(୩୩)। ରବିବାର ବିଳମ୍ବିତ ରାତିରେ ସଂଗଠିତ ଏହି ମୃତ୍ୟୁ ଘଟଣାକୁ ଚପାଇଦେବା ଉଦ୍ୟମକୁ ବିରୋଧ କରିବାରୁ ମୃତ ମହେଶ୍ୱରଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ମହେଶ୍ୱର ଖଇରା ଅଞ୍ଚଳର ଏକ ଟିପ୍ପର ଚଳାଉଥିଲେ। ରବିବାର ରାତିରେ ସେ କେନ୍ଦୁଝର ଜିଲା ହାଟହିହୀ ତହସିଲ ଅଧୀନ ବଞ୍ଚୋ ଘାଟରୁ ବାଲି ବୋଝେଇ କରି ନଦୀବନ୍ଧକୁ ଉଠୁଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ି ଓଲଟି


ମହେଶ୍ୱର ନାୟକ। (ଫାଇଲ୍ ଫଟୋ)

ପଡ଼ିଥିଲା। ଏଥିରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପରଙ୍କ ପତ୍ତା ମିଳୁନାହିଁ। କୌଣସି ସୂତ୍ରରୁ ଖବର ପାଇ ମହେଶ୍ୱରଙ୍କ ବଡ଼ଭାଇ ଜୟଦେବ ନାୟକ, ସାନଭାଇ ଦେବାଶିଷ ନାୟକ, ସାନବାପା ବଳରାମ ନାୟକ ଓ ଅଞ୍ଜନ କୁମାର ନାୟକଙ୍କ ସହ କେତେଜଣ ଗାଁ ଲୋକ ସୋମବାର ସକାଳେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ଘଟଣାକୁ ଚପାଇଦେବାକୁ ମହେଶ୍ୱରଙ୍କ ପରିବାର ଲୋକଙ୍କ ଉପରେ ବାଲିମାଫିଆ ଓ ଗାଡ଼ିମାଲିକଙ୍କ ପକ୍ଷରୁ ଚାପ ପକାଯାଇଥିଲା। ଏଥିରେ ରାଜି ନ ହେବାରୁ ସେଠାକାର ପୋଲିସ ଉପସ୍ଥିତିରେ ସେମାନଙ୍କୁ ମାଡ଼ ମରାଯାଇଥିବା ସେମାନେ ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ୪ ଜଣ ଆହତ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଘସିପୁରା ମେଡିକାଲକୁ ପଠାଇଛି। ପ୍ରକାଶ ଯେ, ଘରେ ମହେଶ୍ୱରଙ୍କର ସ୍ତ୍ରୀ ଓ ୪ ବର୍ଷର ଶିଶୁପୁତ୍ର ଅଛନ୍ତି।

# ଏଟିଏମ୍ କାଟି ୭୬ ହଜାର ଲୁଟିନେଲେ ଦୁର୍ବୃତ୍ତ

**ବାହାନଗା, ୨୫।୨(ଡି.ଏନ.ଏ.)**

ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ରେମୁଣା ବ୍ଲକ ତାଳପଦା ଗ୍ରାମ ଛକରେ ଥିବା ଏଟିଏମ୍‌କୁ କାଟି ଦୁର୍ବୃତ୍ତମାନେ ୭୬ ହଜାର ୧ଶହ ଟଙ୍କା ଲୁଟି ନେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ କାଟି ଏହି ଲୁଟ୍ କରିଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀମାନେ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛି। ଦୁର୍ବୃତ୍ତମାନେ ଟଙ୍କା ଲୁଟିନେବା ପରେ ଗ୍ୟାସ୍ ସିଲିଣ୍ଡରକୁ ଛାଡ଼ି ପଳାଇ ଯାଇଛନ୍ତି। ପୋଲିସ ସେହି ସିଲିଣ୍ଡରକୁ ଜବତ କରିଛି। ଏ ପର୍ଯ୍ୟନ୍ତ ଲୁଟେରାଙ୍କ ପତ୍ତା ମିଳିପାରିନାହିଁ । ଏ ନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।




# ଠିକଣା ସମୟରେ ମେଡିକାଲରେ ପହଞ୍ଚି ପାରିଲେନି

■ ବୃଦ୍ଧଙ୍କ ପ୍ରାଣ ଗଲା


ବୁଦ୍ଧିରାମଙ୍କୁ ଟ୍ରଲିରେ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

**ଖଇରା, ୨୫।୨(ଡି.ଏନ.ଏ.)**

ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଅରଖପୁର ଗ୍ରାମର ବୁଦ୍ଧିରାମ ଜେନା ନିଜ ଘର ଚାଳ ଛପରରୁ ଖସି ଗୁରୁତର ହୋଇପଡିଥିଲେ। ଠିକ୍ ସମୟରେ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲେ ମଧ୍ୟ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଗାଁ ଭିତରକୁ ପଶିପାରି ନ ଥିଲା। ତାଙ୍କୁ ବିଳମ୍ବରେ ଡାକ୍ତରଖାନା ନିଆଯିବାରୁ ସେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ବୁଦ୍ଧିରାମ ଘର ଚାଳଛପର ସଜାଡୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ ୧.୫ କି.ମି. ପୂର୍ବରୁ ରାସ୍ତା ଖରାପ ଓ ଅଣଓସାରିଆ ଯୋଗୁ ଅଟକି ରହିଥିଲା। ଏଣୁ ଏକ ଟ୍ରଲି ଯୋଗାଡ଼ କରି ବୁଦ୍ଧିରାମଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିବାରେ ବହୁ ବିଳମ୍ବ ହୋଇଥିଲା। ଭଦ୍ରକ ଡାକ୍ତରଖାନା ପହଞ୍ଚିବା ବେଳକୁ ତାଙ୍କୁ ଅବସ୍ଥା ସଙ୍କଟାପନ୍ନ ହୋଇସାରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ପରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍: ଅଭିଯୁକ୍ତ କୋର୍ଟଚାଲାଣ

**ଭୋଗରାଇ, ୨୫।୨(ଡି.ଏନ.ଏ.)**

ଭୋଗରାଇ ଥାନାଛକସ୍ଥିତ ଲକ୍ଷ୍ମୀକାନ୍ତ ଜେନାଙ୍କ ଭଡାଘରେ କରିଥିବା ଅଚିନ୍ତ୍ୟ ଜେନାଙ୍କ ମୋବାଇଲ ଦୋକାନରୁ ରବିବାର ରାତିରେ ୧ଲକ୍ଷ ୮୦ହଜାର ଟଙ୍କା ଚୋରି ହୋଇଯାଇଛି। ସୋମବାର ସକାଳେ ତାଲା ଭଙ୍ଗାଯିବା ସହ ଦୋକାନ ଖୋଲାପଡିଥିବା ସେ ଦେଖିଥିଲେ। ଏହାପରେ ଟେବୁଲ ଡ୍ରୟାରରୁ ଟଙ୍କା ଚୋରି ହୋଇଥିବା ଅଚିନ୍ତ୍ୟ ଦେଖିବା ପରେ ଭୋଗରାଇ ଥାନାରେ ଅଭିଯୋଗ କରିଥିଲେ। ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସ ସଦଳବଳେ ଦେହୁଡଦା ପଞ୍ଚାୟତର ରାଜେନ୍ଦ୍ର ଜେନାଙ୍କୁ ସନ୍ଦେହ କରି ତାଙ୍କ ଘର ଉପରେ ଚଢାଉ କରିଥିଲେ। ତାଙ୍କ ଘରୁ ସମୁଦାୟ ୧ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଛି। ଏହି ଟଙ୍କା ଅଚିନ୍ତ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆଇଆଇସି କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

**ସୋର, ୨୫।୨(ଡି.ଏନ.ଏ.):** ସୋର ବ୍ଲକ ମାଣିପୁର ମଧୁବନ ନୋଡାଲ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ର ଅନରଞ୍ଜନ ବେହେରା(୧୩) ମୃତ୍ୟୁ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଯଦୁନାଥ ବେହେରାଙ୍କ ପୁଅ ଅନରଞ୍ଜନ ଉକ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠପଢୁଥିଲେ। ଗତ ଗୁରୁବାର ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଛାତ୍ରମାନେ ମିଶି ନଡ଼ିଆ ତୋଳୁଥିଲେ। ଗୋଟିଏ ନଡ଼ିଆ ସମ୍ପୃକ୍ତ ଛାତ୍ରଙ୍କ ଛାତିରେ ପଡ଼ିଥିଲା। ଛାତ୍ର ଜଣକ ଘରକୁ ପଳାଇ ଯାଇଥିଲେ। ରାତିରେ ତାଙ୍କର ବାନ୍ତି ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମାଣିପୁର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡ଼ାକ୍ତରଖାନାରେ ଛାତ୍ର ଜଣକର ମୃତ୍ୟୁ ଘଟିଥିଲା। ଛାତ୍ରଜଣକ ନଡ଼ିଆ ତୋଳୁଥିବା ବେଳେ ତାଙ୍କ ଛାତିରେ ନଡ଼ିଆ ପଡ଼ିଥିଲା ବୋଲି ତାଙ୍କ ପରିବାର ଲୋକେ ଅନ୍ୟସାଙ୍ଗମାନଙ୍କଠାରୁ ଶୁଣିବାକୁ ପାଇଥିଲେ। ସୋର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବସ୍ତା, ୨୫।୨(ସ୍ୱ.ପ୍ର.):** ଅମର୍ଦ୍ଦା ରୋଡ଼ ଫାଣ୍ଡି ଅଧୀନ ବରୁଣଗଡ଼ିଆ ପଞ୍ଚାୟତର ବାଇଗଣଡ଼ିହା ଗ୍ରାମରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ଗ୍ରାମ ନିକଟସ୍ଥ ଏକ ଶ୍ମଶାନ ପାଖରେ ଏକ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରିଥିବା ଜଣାପଡ଼ିଛି। ମୃତକଙ୍କ ସଠିକ ପରିଚୟ ମିଳି ନାହିଁ। ତାଙ୍କର ବୟସ ୫୦ ବର୍ଷ ମଧ୍ୟରେ ହେବ।

### ଶତାୟୁ ମହିଳାଙ୍କ ପରଲୋକ

**ବାହାନଗା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ପାଖରାସାଇଁ ଗ୍ରାମର ପାର୍ବତୀ ଦେବୀ ନାମ୍ନୀ ଜଣେ ଶତାୟୁ ମହିଳାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ହୋଇଥିଲା। ମୃତା ମହିଳାଙ୍କର ୫ ଝିଅ ଓ ଦୁଇ ପୁଅ ଅଛନ୍ତି। ମୃତ୍ୟୁ ସମୟରେ ତାଙ୍କ ପାଖରେ ଝିଅ, ନାତି, ନାତୁଣୀ ଓ ନାତୁଣୀବୋହୂ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାମାତ୍ରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ ତାଙ୍କ ଶେଷଦର୍ଶନ କରିବା ସହିତ ମର ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ଧର୍ମ ପରାୟଣା ମହିଳା ଥିଲେ।

### ଏଡ୍‌ସ ସଚେତନତା ପ୍ରଶିକ୍ଷଣ ଶିବିର

**ରୂପ୍‌ସା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ୍ ବିଭାଗ ତରଫରୁ ଏଡ଼ସ୍ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ଼କ୍ରସ କାଉନସେଲର ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଉଭୟ ଯୁକ୍ତ୨ ଓ ଯୁକ୍ତ୩ ବର୍ଷର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧକ୍ଷ ଯତୀନ୍ଦ୍ର ନାଥ ଦାସ ଶିବିର ଉଦଘାଟନୀ ଉତ୍ସବରେ ପୌରୋହିତ୍ୟ କରିବା ସହ ଏଡ଼ସ୍‌ର ଭୟାବହତା ଦିଗରେ ଆଲୋକପାତ କରିଥିଲେ। ବରିଷ୍ଠ ନିଦାନ ବିଶେଷଜ୍ଞ ଡା. ଆନନ୍ଦ ଚନ୍ଦ୍ର ପତି ଓ ସ୍ତ୍ରୀ, ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ମୀରା ପତି ଯୋଗଦେଇ ଆତ୍ମସଂଯମ, ଶୃଙ୍ଖଳା, ଆଧାତ୍ମିକ ଜୀବନଯାପନ ଓ ସଚେତନତା ମାଧମରେ ସମଗ୍ର ବିଶ୍ୱରୁ ଏଡ଼ସ୍ ରୋଗର ମୂଳୋତ୍ପାଟନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏଡ଼ସ୍ ନିରାକରଣ ଓ ପ୍ରତିକାର ସମ୍ପର୍କରେ ଏକ ଶୋଭାଯାତ୍ରାରେ ବାହାରି ଅଞ୍ଚଳ ପରିକ୍ରମା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଦିବାସୀ ମହିଳାମାନେ ଝାଡୁ ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମଦ କାରବାର ବନ୍ଦ ଲାଗି ତାତିଲେ ମହିଳା

# ଝାଡୁ ଧରି ବିକ୍ଷୋଭ

**ବାଲେଶ୍ୱର ଅଫିସ,୨୫।୨**

ବାଲେଶ୍ୱର ସଦର ବ୍ଲକ ବୁଆଁଳ ପଞ୍ଚାୟତର କୁଡ଼ିଆ ଏବଂ ବଡ଼ସିନ୍ଧିଆ ରାଜସ୍ୱ ଗ୍ରାମ ଅଧୀନରେ ଥିବା ଉତ୍ତରପଡ଼ିଆ ଆଦିବାସୀ ସାହିରେ ମଦ କାରବାର ବନ୍ଦ ଲାଗି ମହିଳାମାନେ ତାତି ଉଠିଛନ୍ତି। ଶତାଧିକ ମହିଳା ଓ ପୁରୁଷ ସୋମବାର ପୂର୍ବାହ୍ନରେ ହାତରେ ଝାଡୁ ଧରି ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ଦିଗରେ ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସମିତିସଭ୍ୟ ରବି ନାରାୟଣ ମହାପାତ୍ର ଚେତାବନୀ ଦେଇଛନ୍ତି। ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ, ଫୁଲ ହାଁସଦା, ରଜ ମୁର୍ମୁ, ଧନେଇ ମାଝି ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ବେଆଇନ ଚୋରା ମଦ କାରବାର ଯୋଗୁ ଉକ୍ତ ଅଞ୍ଚଳର ରୋଜଗାରକ୍ଷମ ଯୁବତୀଯୁବକମାନେ ବେରୋଜଗାର ହେବା ସହ ଯକ୍ଷ୍ମା ରୋଗରେ ପୀଡ଼ିତ ହେଉଛନ୍ତି। ଏପରି କି ୫୦ ବର୍ଷ ହେବା ବେଳକୁ ପ୍ରାଣ ହରାଉଛନ୍ତି ବୋଲି ଉକ୍ତ ଅଞ୍ଚଳର ଲକ୍ଷ୍ମୀ ସୋରେନ୍ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ସମସ୍ତେ ଗରିବ, ଭୂମିହୀନ, ଦିନମଜୁରିଆ। ଏହି ଅଞ୍ଚଳର ଲୋକେ ମଦ ପିଇ ରୋଗରେ ଆକ୍ରାନ୍ତ ହେବା ସହ ଅଧିକାଂଶ ସମୟ ଗଣ୍ଡଗୋଳରେ ଲିପ୍ତ ରହୁଛନ୍ତି ବୋଲି ସୀତା ମାଝି ଅଭିଯୋଗ ଆଣିଛନ୍ତି। ମଦ ବିକ୍ରି ବନ୍ଦ କରି ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ମହିଳାମାନେ ଏକାଠି ହେବାରୁ ଚୋରା ମଦ ବେପାରୀମାନେ ତାଙ୍କୁ ମାରିଦେବାକୁ ଧମକଚମକ ଦେଉଛନ୍ତି। ଏ ସମ୍ପର୍କରେ ମହିଳାମାନେ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କବିତା ମୁର୍ମୁ ଅଭିଯୋଗ ଆଣିଛନ୍ତି। ଉକ୍ତ ଅଞ୍ଚଳର ସମିତିସଭ୍ୟ ରବି ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ମଦ କାରବାର ବନ୍ଦ କରିବା ସହ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି।

## ସାପ କାମୁଡ଼ାରେ ବ୍ୟବସାୟୀ ମୃତ
### ସଜନାଗଡ଼ ବଜାର ବନ୍ଦ

**ସଜନାଗଡ଼,୨୫।୨(ଡି.ଏନ.ଏ.)**

ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ କାଳିଝାଟି ଗ୍ରାମର ଧରଣୀଧର ମହାନ୍ତି (୩୪) ନାମକ ବ୍ୟବସାୟୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସଜନାଗଡ ବଜାର ବନ୍ଦ କରାଯାଇଥିଲା। ସୋମବାର ଭୋର ସମୟରେ ବର୍ଷା ହେଉଥିଲା। ଘର ବାହାରେ ପଡ଼ିଥିବା ଅଖା ଓଦା ହୋଇଯାଉଥିବାରୁ ଧରଣୀଧର ତାକୁ ଉଠାଉଥିବା ବେଳେ ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଜନାଗଡ଼ ବଜାରରେ ତାଙ୍କର ଏକ ଦୋକାନ ରହିଛି। ଧରଣୀଧରଙ୍କ ମୃତଦେହକୁ ବଜାରରୁ ଏକ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗଦେଇ ତାଙ୍କର ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ବିଧାୟକଙ୍କ ସମେତ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ, ସମସ୍ତ ଦୋକାନୀ, ଗ୍ରାମବାସୀ ସାମିଲ ଥିଲେ। ଧରଣୀଧର ଜଣେ ଶାନ୍ତ, ସରଳ, ଭଦ୍ର ସ୍ୱଭାବର ଥିବାବେଳେ ସେ ସଜନାଗଡ଼ ପଞ୍ଚାୟତ ବିଜୁ ଯୁବ ବାହିନୀର କୋଷାଧକ୍ଷ ଭାବେ କାର୍ଯ୍ୟ କରୁଥିଲେ।

## ଅଧାରେ ରହିଲା ମାଟ୍ରିକ୍ ପରୀକ୍ଷା

# ଦୁର୍ଘଟଣାରେ ଛାତ୍ରୀ ମୃତ

**ବଡବିଲ, ୨୫।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଇନ୍ଦିରା କଲୋନୀ ଅଞ୍ଚଳରେ ରହୁଥିବା କଳିଙ୍ଗ ନଗର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗୀତା ହେମ୍ବ୍ରମଙ୍କର ମାଟ୍ରିକ ପରୀକ୍ଷାର ମାତ୍ର ଦୁଇଟି ବିଷୟ ପରେ ସବୁଦିନ ପାଇଁ ଶେଷ ହୋଇଛି ପରୀକ୍ଷା। ସୋମବାର ମଧ୍ୟାହ୍ନରେ ପରୀକ୍ଷା ଦେଇ ଫେରୁଥିବାବେଳେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ଛାତ୍ରୀ ଗୀତା। ଦୁର୍ଘଟଣାର କାରଣ ସଠିକ୍ ଭାବେ ଜଣାପଡିନଥିଲେ ହେଁ ଖବରଟି ସତ। ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଶୁକ୍ରବାର ପ୍ରଥମ ଦିନରେ ଓଡିଆ ବିଷୟରେ ପରୀକ୍ଷା ଦେଇଥିଲେ ଗୀତା। ସୋମବାର ଇଂରାଜୀ ବିଷୟରେ ପରୀକ୍ଷା ଦେଇ ଫେରୁଥିଲେ। ଏହି ସମୟରେ ଦୁର୍ଘଟଣା ଘଟିଥିଲା। ଗୀତାଙ୍କୁ ତୁରନ୍ତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡବିଲ ଥାନା ଦାୟିତ୍ୱରେ ଥିବା ଶ୍ରୀକାନ୍ତ ସାହୁଙ୍କ ନିକଟରେ ଏଭଳି ଘଟଣାର କୌଣସି ଖବର ନ ଥିବା ଆମ ପ୍ରତିନିଧିଙ୍କୁ ସ୍ପଷ୍ଟ କରିଥିଲେ। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଚରାଉଚରା ପରେ ଦୁର୍ଘଟଣାରେ ଗୁରୁତରଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର ଖବର ପାଇଥିଲେ ଶ୍ରୀକାନ୍ତ। ଏ ନେଇ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

# ଆଜି ରାଜ୍ୟପାଳଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୨୫।୨ (ସ୍ୱ.ପ୍ର.)**

ରାଜ୍ୟପାଳ ଗଣେଶୀ ଲାଲ ଆସନ୍ତା ୨୬ ତାରିଖରେ ଦିନକିଆ କେନ୍ଦୁଝର ଗସ୍ତରେ ଆସିବେ। ଅପରାହ୍ନ ୪ଟାରେ ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଶାଳପଡାଠାରେ ହେଲିପ୍ୟାଡରେ ଓହ୍ଲାଇ ସେଠାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘଷିପୁରାକୁ ଯାଇ ଭାରତମାତା ମନ୍ଦିର ଉଦ୍‌ଘାଟନ କରିବେ। ଏହା ପରେ ବିଦ୍ୟାମନ୍ଦିରର ଉତ୍ସବରେ ଯୋଗଦେବେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଏମ୍‌ପି ଅନନ୍ତ ନାୟକ ଓ ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ମହାପାତ୍ର, ଶିକ୍ଷା ବିକାଶ ସମିତିର ସଭାପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେଠାରେ ବୀରଗୋବିନ୍ଦପୁର ଗ୍ରାମକୁ ଯାଇ ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀ ରାମ ମନ୍ଦିର ବୁଲି ଯିବେ ବୋଲି ଜଣାପଡିଛି। ଏହା ପରେ ଦେଓଗାଁ ସ୍ଥିତ କୁଶଳେଶ୍ୱର ମହାଦେବ ମନ୍ଦିର ପରିଦର୍ଶନର ମଧ୍ୟ କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମ ଶେଷ କରି ସନ୍ଧ୍ୟାରେ ଭୁବନେଶ୍ୱର ଫେରିବେ ବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି ।




କଳି କଳୁଷ ନାଶିନୀ ଧାର୍ମିକ ଉଦ୍‌ଯାପନୀ ସଭାରେ ଅତିଥିଗଣ।

# ସମାଜକୁ ସୁଧାରିବା ଲାଗି ଧର୍ମୀୟ ଚେତନା ଜରୁରୀ

**ଭୋଗରାଇ,୨୫।୨(ଡି.ଏନ.ଏ.)**

ଯାନ୍ତ୍ରିକ ଯୁଗରେ ସାଂସ୍କୃତିକ ଅବକ୍ଷୟ ଘଟିଚାଲିଛି। ମଣିଷ ମଣିଷ ମଧ୍ୟରେ ନୀତି-ନୈତିକତା, ମୂଲ୍ୟବୋଧ ଭଲପାଇବା ହଜିଯାଉଛି। ଜାତି-ଧର୍ମ-ବର୍ଣ୍ଣ ମଧ୍ୟରେ ହିଂସା, ବିଦ୍ୱେଷ ଘଟି ମଣିଷପଣିଆ ଶେଷ ହୋଇଯାଉଛି। ଏଭଳି ସ୍ଥିତିରେ ଅବକ୍ଷୟ ସମାଜକୁ ସୁଧାରିବା ଲାଗି ଧର୍ମୀୟ ଚେତନା ଜରୁରୀ ହୋଇପଡ଼ିଛି ବୋଲି ଭୋଗରାଇ ବ୍ଲକ ଅଧୀନ ନୂତନ ଗ୍ରାମଠାରେ ୧୩ ଦିନ ବ୍ୟାପୀ କଳି କଳୁଷ ନାଶିନୀ ଧାର୍ମିକ ଜାଗରଣ ସଭା ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ବକ୍ତାମାନେ ରବିବାର ରାତିରେ ମତପ୍ରକାଶ କରିଛନ୍ତି।

ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ରାଜ୍ୟ ଉପସଭାପତି ଶ୍ରୀନିବାସ ପାତ୍ରଙ୍କ ପୌରୋହିତ୍ୟରେ ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଭୁପେଶ ଚନ୍ଦ୍ର ପାତ୍ର ୯୪ତମ କଳିକଳୁଷ ନାଶିନୀ ଧାର୍ମିକ ଜାଗରଣ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। କଳି କଳୁଷ ନାଶିନୀ ଧାର୍ମିକ ଜାଗରଣ ସଭାର କାର୍ଯ୍ୟକାରୀ ସଭାପତି ରଞ୍ଜିତ କୁମାର ଦାସ, ଶିକ୍ଷାବିତ୍ କୃପାସିନ୍ଧୁ ମହାପାତ୍ର, ଜଗନ୍ନାଥ ଦତ୍ତ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଗୌତମବୁଦ୍ଧ ଦାସ ଧାର୍ମିକ ଚେତନା ଦ୍ୱାରା ମାନବଧର୍ମ ପ୍ରତିଫଳନ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଶ୍ରୀକୃଷ୍ଣ-ରାଧିକା ମା' ଓ ଶ୍ରୀଚୈତନ୍ୟ ପ୍ରଭୁଙ୍କ ପୂଜାର୍ଚ୍ଚନା, ଅନ୍ନ ମହୋତ୍ସବ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା, ଯୁବକମାନଙ୍କର କବାଡ଼ି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏତଦ୍‌ଭିନ୍ନ କଳାକାର ସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀନିବାସ ପାତ୍ର, ରବୀନ୍ଦ୍ର ପ୍ରଧାନ, ଜଗନ୍ନାଥ ଦତ୍ତ, ପରେଶ ଚନ୍ଦ୍ର ପାତ୍ର ଓ ବିଶିଷ୍ଟ ସାମାଜିକ କର୍ମୀ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଭୁପେଶ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ସଂଘର ସଭାପତି ସୁବାସ ଦାସ ଓ ସମ୍ପାଦକ ରାମଶଙ୍କର ପଣ୍ଡା ପରିଚାଳନା କରିଥିଲେ। ଦୈନିକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଳି କଳୁଷ ନାଶିନୀ ଧାର୍ମିକ ସଭାର ବହୁ ସ୍ୱେଚ୍ଛାସେବୀ, ଗ୍ରାମବାସୀ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ କରିଥିଲେ। ବହୁ ଲୋକଙ୍କ ସମାଗମ ହୋଇଥିଲା।

## ଦକ୍ଷତା ବିକାଶ ଓ ଯୁବ ସମାବେଶର ସିଧାପ୍ରସାରଣ

**ସୋର, ୨୫।୨(ଡି.ଏନ.ଏ.)**

ସୋର ବ୍ଲକ ମୁଳିସିଂ ପଞ୍ଚାୟତ ଉଲାସଖଡ଼ଗପୁର ଖେଳପଡ଼ିଆରେ ଦକ୍ଷତା ବିକାଶ ଓ ଯୁବ ସମାବେଶର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ଗ୍ୟାସ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୁବକମାନଙ୍କ ସହିତ କଥା ହୋଇଥିଲେ। ସୋର ଭାଜପା ନେତା ରାକେଶ ମଳିକ, ଶୁଭଙ୍କର ମହାପାତ୍ର, ବିପିନ୍ ବିହାରୀ ଦାସ, ଜିଲା ସାଧାରଣ ସମ୍ପାଦକ ମିହିର ପାଣି, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ମନୀଷା ଚିନ୍ମୟୀ ବେହେରା, ଜିଲା ଉପସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସଞ୍ଜୀବ ରାଉଳ, ମାନସ ସେଠୀ, ଖଗେନ୍ଦ୍ର ପ୍ରଧାନ, ପୁରଞ୍ଜନ ପଣ୍ଡା, ପୁନା ତରେଇ, ଶରତ ନାୟକ, ଜନ୍ମେଜୟ ମହାପାତ୍ର, ଗଣେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମଠ ଓ ଭାଗବତ ଟୁଙ୍ଗିର ଶତବାର୍ଷିକୀ

**ଖଇରା, ୨୫।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧିନ ମହତୀପୁର ପଞ୍ଚାୟତ ଅଧିନ ଗୋପାଳବେଡା ଗ୍ରାମରେ ଥିବା ମଠ ଓ ଭାଗବତ ଟୁଙ୍ଗିର ଅଷ୍ଟମ ପ୍ରହରୀ ନାମଯଜ୍ଞରେ ଶହେ ବର୍ଷ ପୂର୍ତ୍ତୀ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ବଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ ଓ ସମ୍ମାନନୀୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମାକନ୍ତ ଗିରି ଗ୍ରାମ ବିବରଣୀ ପାଠ କରିଥିବାବେଳେ କୁନି କୁନି କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶଙ୍କର୍ଷଣ ଶତ୍‌ପଥୀ, କୃଷ୍ଣଚନ୍ଦ୍ର ରାଉତ, ଶଙ୍କର୍ଷଣ ରାଉଳ, ନବକିଶୋର ନାୟକ, ବୁଦ୍ଧିରାମ ମହାପାତ୍ର, ମହେଶ୍ୱର ପଣ୍ଡା, ମହେନ୍ଦ୍ର ଜେନା, ପ୍ରଦୀପ ଖଟୁଆ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସମ୍ଭୁନାଥ ଖଟୁଆଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

PRANABALLAV PUBLIC SCHOOL
Gohira, Ghasipura, Anandapur, Keonjhar
Affiliated to CBSE, New Delhi, Affiliation No-1530239
REGISTRATION AND ADMISSION OPEN FOR THE SESSION 2019-20 NURSERY TO STD-X
Admission form will be avilable in the School Office between 9.00 AM to 2.00 PM from 10th February 2019 (Saraswati Puja). In entry level 25% of the seat as per RCFCF ACT 2009 are reserved for the candidates belonging to the weaker sections and disadvantaged group of the society in the neighbourhood. Avail Scholarship on new admission fee, getting registration before 28th February 2019.
Contact: 8249046467, 8895506100

## ନିର୍ମାଣ ହେଉନି ମାର୍କୋଣା-ବିନାୟକପୁର ରାସ୍ତା

# ଆରଡ଼ି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

### ପ୍ରତିଶ୍ରୁତି ପରେ ହଟିଲା

**ସିମୁଳିଆ, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣା-ବିନାୟକପୁର ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଜନସାଧାରଣ, ବ୍ୟବସାୟୀ ସଂଘ, ମହିଳା ଓ ଛାତ୍ରୀଛାତ୍ରମାନେ ସୋମବାର ଆରଡ଼ି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ବାଲେଶ୍ୱର କାର୍ଯ୍ୟନିର୍ବାହୀଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ପହଞ୍ଚି ଆସନ୍ତା ମାର୍ଚ୍ଚ ୩୧ତାରିଖ ସୁଦ୍ଧା ରାସ୍ତା ମରାମତିସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବର୍ଷ ବର୍ଷ ଧରି ଲାଗିରହିଥିବା ଏହି ସମସ୍ୟାର ସମାଧାନ କରା ନ ଗଲେ ସମୂହ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଲଘୁଚାପଜନିତ ବର୍ଷା ଲାଗି ରହିଥିଲେ ହେଁ ଜନସାଧାରଣ ଓ ଛାତ୍ରୀଛାତ୍ରମାନେ ବରି ରୋଡରୁ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ପରେ ଆରଡ଼ି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡା ଶୋଭାଯାତ୍ରାକାରୀଙ୍କ ସହିତ ମିଶି ଧାରଣାରେ ଯୋଗ ଦେଇଥିଲେ। ସ୍ଥାନୀୟ କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପିକା ତଥା ବରି ଅଞ୍ଚଳର ବାସିନ୍ଦା ବୁଲବୁଲ ପାଣିଗ୍ରାହୀ କୁହନ୍ତି ବର୍ଷ ବର୍ଷ ଧରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ର ରଞ୍ଜନ କୁମାର ଦଳାଇ କହନ୍ତି ଏହି ରାସ୍ତା ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସଂଯୋଗକାରୀ ରୂପେ ମୁଖ୍ୟ ରାସ୍ତା ଅଟେ। ତେବେ ବିଭାଗୀୟ ବର୍ଷ ବର୍ଷ ଧରି ଏହାକୁ ଦୃଷ୍ଟି ନ ଦେବା ଦୁଃଖର ବିଷୟ। ଯୁବକ ସମ୍ମୁଖ ମହାନ୍ତି କହନ୍ତି ଏହି ରାସ୍ତାର ନିର୍ମାଣ ଓ ମରାମତି କାମ ହେଉଛି, କିନ୍ତୁ ସରୁନାହିଁ। ଏ ସମ୍ପର୍କରେ ଏସ୍‌ଡିଓ ଅଶୋକ କୁମାର ରାଉତ କହିଛନ୍ତି ଯେ, ସେ ଗତ ୩ମାସ ହେଲା ଆସିଛନ୍ତି। ଏଥିପ୍ରତି ସେ ଗୁରୁତ୍ୱ ଦେବେ। ଅପରପକ୍ଷେ ଏହି ରାସ୍ତାରେ ୧୦ଟନ୍ ଓଜନର ଯାନବାହନ ଯାତାୟାତ ପାଇଁ ନିୟମ ଥିବା ସ୍ଥଳେ ନିକଟରେ ଥିବା ସୁଗୁଣା ଖାଦ୍ୟ ନିର୍ମାଣକାରୀ କମ୍ପାନୀ ଓ ବିଭିନ୍ନ ଗୃହ ନିର୍ମାଣ ପାଇଁ ୫୦ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ଟ୍ରକ ଯାତାୟତ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି।



ଆରଡ଼ି କାର୍ଯ୍ୟାଳୟ ଆଗରେ ଲୋକେ ଗଣଧାରଣା ଦେଇଛନ୍ତି।

SUNDARAM BNP PARIBAS
HOME FINANCE
**ପଞ୍ଜୀକୃତ କାର୍ଯ୍ୟାଳୟ:** ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦ ୦୦୨।
**କର୍ପୋରେଟ୍ କାର୍ଯ୍ୟାଳୟ:** ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ- ୬୦୦ ୦୧୪।
**ଶାଖା କାର୍ଯ୍ୟାଳୟ:** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭। ଫୋନ୍: ୦୬୭୪-୨୫୪ ୪୬୬୭

## ବିକ୍ରୟ ବିଜ୍ଞପ୍ତି

ଯେହେତୁ **ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ** (ପୂର୍ବରୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ଭାବେ ପରିଚିତ)ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩ (୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ।

ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହା ବି ଅଛି" ସ୍ଥିତିରେ** ବିକ୍ରୟ କରାଯିବ। ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନେ **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ। **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା କିମ୍ବା ଏହା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ। ଆର୍‌ପିଏଡି ଦ୍ୱାରା **ତା୩୦।୦୩।୨୦୧୯ରିଖ** ୧୭.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୩୦।୦୩।୨୦୧୯ରିଖ** ୧୭.୩୦ ଘଟିକାରେ ନିମ୍ନପ୍ରଦତ୍ତ ସ୍ଥାନରେ ଖୋଲାଯିବ। ସଫଳ ବିଡରଙ୍କୁ ବକେୟା ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ। ଉପରେ ଦର୍ଶାଯାଇଥିବା ବକେୟା ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ।

| କ୍ର. ସଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତ ଋଣ (ଟ.) | ସଂରକ୍ଷିତ ମୂଲ୍ୟ (ଟ.) | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|---|
| ୧ | **ମନୋଜ କୁମାର ମହାକୁଡ଼ (ଋଣଗ୍ରହୀତା)** ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଆହୁରି ମଧ୍ୟ:** ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭, ଖାତା ନଂ.-୩୮୭/୧୯୫୩, ବାଲିଆ, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଶ୍ୟାମସୁନ୍ଦର ମହାକୁଡ଼ (ସହ-ଋଣଗ୍ରହୀତା)** ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଆହୁରି ମଧ୍ୟ:** ମେସର୍ସ ଶ୍ୟାମସୁନ୍ଦର ମହାକୁଡ଼, ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର-୭୫୬୦୫୬। **ଆହୁରି ମଧ୍ୟ:** ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭, ଖାତା ନଂ.-୩୮୭/୧୯୫୩, ବାଲିଆ, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ **ଅନୁସୂୟା ଦାସ (ସହ-ଋଣଗ୍ରହୀତା)** ବାଲିଆ, ନୂଆସାହି, ବାଲେଶ୍ୱର, ଓଡ଼ିଶା-୭୫୬୦୫୬ । **ଆହୁରି ମଧ୍ୟ:** ମେସର୍ସ ଦାସ କନ୍‌ଷ୍ଟ୍ରକ୍ସନ୍, ସ୍ଥାନ-ବାଲିଆ, ନୂଆସାହି, ବାଲେଶ୍ୱର-୭୫୬୦୫୬। | ଟ. ୪୩,୭୬,୨୧୦/- (ତେୟାଳିଶ ଲକ୍ଷ ଛଅସ୍ତରି ହଜାର ଦୁଇଶହ ଦଶ ଟଙ୍କା ମାତ୍ର) ତା୨୬।୦୨।୨୦୧୯ ସୁଦ୍ଧା + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ବ୍ୟୟ | ଟ. ୪୩,୦୦,୦୦୦/- (ତେୟାଳିଶ ଲକ୍ଷ ଟଙ୍କା ମାତ୍ର) ଇଏମ୍‌ଡି (ଟ.) ଟେଣ୍ଡର ପରିମାଣର ୨୫% | ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍, ଏ/୧୦୮, ୧ମ ମହଲା, ବନଦେବ, ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭। **ଟେଣ୍ଡର ଖୋଲାଯିବାର ସ୍ଥାନ** ମେସର୍ସ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ, ସୁନ୍ଦରମ୍ ଟାୱାର, ନଂ.୪୬ ହ୍ୱାଇଟ୍‌ସ ରୋଡ୍, ରୋୟାପେଟ୍ଟା, ଚେନ୍ନାଇ-୬୦୦୦୧୪ **ଟେଣ୍ଡର ଖୋଲାଯିବାର ତାରିଖ** ୩୦।୦୩।୨୦୧୯ |

**ସମ୍ପତ୍ତିର ବର୍ଣ୍ଣନା:** ସର୍ଭେ ନଂ.୨୩୨ ଏବଂ ପ୍ଲଟ୍ ନଂ.୩୭୨/୩୦୪୬, ୩୭୩/୩୦୪୭ରେ ସମ୍ମିଳିତ ଏ୦.୦୫୬୬୬ ଡେସିମିଲ ଏବଂ ଏ୦.୦୧ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। କିସମ: ଘରବାରି। ଅବସ୍ଥିତି ସ୍ଥାନ ବାଲେଶ୍ୱର ଜିଲ୍ଲା କଲେକ୍ଟୋରେଟ୍ ଏବଂ ସବ୍-ରେଜିଷ୍ଟ୍ରି, ତହସିଲ- ରେମୁଣା, ଥାନା ନଂ.: ୧୨୧, ଥାନା: ସହଦେବଖୁଣ୍ଟା ମୌଜା/ରାଜସ୍ୱ ଗ୍ରାମ: ବାଲିଆ ଏମ୍.ଏସ୍.। **ଚୌହଦି:** ଉତ୍ତରରେ: ବିଲ୍ଡିଂ, ଦକ୍ଷିଣରେ: ବିଲ୍ଡିଂ, ପୂର୍ବରେ: ଜଗନ୍ନାଥ ମହାକୁଡ଼ଙ୍କ ସମ୍ପତ୍ତି, ପଶ୍ଚିମରେ: ସଡ଼କ।

**ଶ୍ରୀ ମନୋଜ କୁମାର ମହାକୁଡ଼ଙ୍କ, ଋଣ ଖାତା ନଂ.୬୬୨୦୦୨୩୪ଙ୍କ ସମ୍ପତ୍ତି ବିକ୍ରୟର ବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundarambnpphome.in/tc/66200234.pdf ଦେଖନ୍ତୁ।**

ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ
ତାରିଖ: ୨୬।୦୨।୨୦୧୯

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୨୬ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ଜିଲା ସ୍ତରୀୟ ଆଦିବାସୀ କନକ୍ଲେଭ

କେନ୍ଦୁଝର, ୨୫।୨ (ସ୍ୱ.ପ୍ର.)- ମଙ୍ଗଳବାର ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜିଲା ସ୍ତରୀୟ ଆଦିବାସୀ କନକ୍ଲେଭ ଅନୁଷ୍ଠିତ ହେବ । ୧୨ ହଜାର ଆଦିବାସୀ ପ୍ରତିନିଧି ଓ ହିତାଧିକାରୀ ସାମିଲ ହେବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସକାଳ ୧୦ଟା୩୦ରୁ ୧୨ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡିଛି ।

### ଏଟିଏମ କାଉଣ୍ଟରରୁ ଟଙ୍କା ଚୋରି




ଯୋଡା,୨୫।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ତଥା ଯୋଡା ପୌରପାଳିକା ନିକଟରେ ଥିବା ଏସବିଆଇ ଏଟିଏମ କାଉଣ୍ଟରରୁ ରବିବାର ଟଙ୍କା ଚୋରି ହୋଇଛି। ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଏଟିଏମ କାଉଣ୍ଟର ଭାଙ୍ଗି ୨୭ ହଜାର ଟଙ୍କା ଚୋରି କରି ନେଇଥିଲେ । ତେବେ କାଉଣ୍ଟରରେ ୧୧ ଲକ୍ଷ ୯୬ ହଜାର ଟଙ୍କା ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାଉଣ୍ଟରରେ ଥିବା ସିସି କ୍ୟାମେରାକୁ ଆଧାର କରି ଅଧିକ ତଦନ୍ତ କରାଯିବ ବୋଲି ଯୋଡା ଆଇଆଇସି ସୂଚନା ଦେଇଥିଲେ ।

### ପରୀକ୍ଷାରେ ୧୧୮ ଛାତ୍ରୀଛାତ୍ର ଅନୁପସ୍ଥିତ

ହାଟଡିହୀ, ୨୫।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୧୨ଟି କେନ୍ଦ୍ରରେ ୨୨୮୩ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ଦ୍ୱିତୀୟ ଦିନ ୨୧୬୫ ଜଣ ପରୀକ୍ଷା ଦେଇଛନ୍ତି । ତେଣୁ ୧୧୮ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି । କପିଳେଶ୍ୱର ହାଇସ୍କୁଲ କଳିଗାଁରେ ୨୯ ଜଣ, ମୁଗୁପୁର କେନ୍ଦ୍ରରେ ୮, ଆରବି ହାଇସ୍କୁଲ ସଡ଼ଙ୍ଗ କେନ୍ଦ୍ରରେ ୧୯, ଟିଏମ୍ ଏକାଡେମୀ ଡଅଁର କେନ୍ଦ୍ରରେ ୩୨, ଢେଙ୍କା ହାଇସ୍କୁଲ କେନ୍ଦ୍ରରେ ୮, ବାଲିବରେଇ ହାଇସ୍କୁଲ କେନ୍ଦ୍ରରେ ୮, ବାଙ୍ଗୋର କେନ୍ଦ୍ରରେ ୬, ବାଲୁକେଶ୍ୱର ହାଇସ୍କୁଲ ସୋସୋ କାନପୁର କେନ୍ଦ୍ରରେ ୩, ହାଟଡିହୀ ହାଇସ୍କୁଲ କେନ୍ଦ୍ରରେ ୨ ଓ ରମ୍ଭାସରେ ୩ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼ିଛି ।

### ଚାନ୍ଦପଶି ଗ୍ରାମରେ ଅଷ୍ଟପ୍ରହର

କୋଲିମାଟି, ୨୫।୨(ଡି.ଏନ.ଏ.)- ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତରେ ରହିଥିବା ଚାନ୍ଦପଶି ଗ୍ରାମରେ ୩୫ତମ ଅଷ୍ଟପ୍ରହର ପାଳିତ ହୋଇଯାଇଛି। ନଗରରେ ମୁଖ୍ୟଅତିଥି ଭାବେ କୋଲିମାଟି ପଞ୍ଚାୟତ ସମିତି ସଭ୍ୟ ରଞ୍ଜିତ ମହାରଣା, ସାମାଜିକ କର୍ମୀ ରଘୁନାଥ ବେହେରା, ମଙ୍ଗୁଲୁ ମାଝି ପ୍ରମୁଖ ଯୋଗଦେଇଥିଲେ ।

### ଖପରାଖାଇ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଆନନ୍ଦପୁର, ୨୫।୨(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ପକ୍ଷରୁ ଖପରାଖାଇ ବସଷ୍ଟାଣ୍ଡ ଠାରେ ନବ ନିର୍ମିତ ୯ ବଖରା ବିଶଷ୍ଟ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ ହୀତାଂଶୁ ଶେଖର ସାମଲ ଏବଂ ପୌର କର୍ମଚାରୀ ଉପସ୍ଥିତ ରହି ଏହି ଦୋକାନ ଗୃହକୁ ଉଦ୍‌ଘାଟିତ କରିଥିଲେ। ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀମାନେ ଦୋକାନ ଗୃହ ନିମନ୍ତେ ଅଗ୍ରିମ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ ସୁଦ୍ଧା ଦୋକାନ ଗୃହ ନିର୍ମାଣ ପରେ ତାହା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯାଇ ନ ଥିଲା। ଏହି ଗୃହର ଉଦ୍‌ଘାଟନ ପରେ ସମ୍ପୃକ୍ତ ବ୍ୟବସାୟୀଙ୍କ ମଧ୍ୟରେ ନୂତନ ଦୋକାନ ଗୃହ ପାଇବାର ଆଶା ସଞ୍ଚାର ହୋଇଛି। ଖୁବ କମ୍ ଦିନ ମଧ୍ୟରେ ବ୍ୟବସାୟୀଙ୍କୁ ଗୃହ ହସ୍ତାନ୍ତର କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ଘୋଷଣା ସତ୍ତ୍ୱେ ହେଉନି ଶୀତଳଭଣ୍ଡାର

- ଶଢ଼ୁଛି ପନିପରିବା
- ମିଳୁନି ଉଚିତ ମୂଲ୍ୟ
- ଚିନ୍ତାରେ ଚାଷୀ

କେନ୍ଦୁଝର, ୨୫।୨(ସ୍ୱ.ପ୍ର.)

ସରକାର ସମସ୍ତ ପଞ୍ଚାୟତରେ ଚାଷୀଙ୍କ ଉତ୍ପାଦିତ ଫସଲକୁ ସୁରକ୍ଷିତ ଭାବେ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ଘୋଷଣା କରୁଥିଲେ ହେଁ କେନ୍ଦୁଝର ଜିଲାରେ ଗୋଟିଏ ହେଲେ ପ୍ରତିଷ୍ଠା ହୋଇ ନ ପାରିବା ଚିନ୍ତାର କାରଣ ହୋଇଛି । ଶୀତଳଭଣ୍ଡାର ନ ଥିବାରୁ ଏବେ ଚାଷୀମାନେ ଅମଳ ହେଉଥିବା ପନିପରିବା ସାଇତି ରଖି ପାରୁ ନ ଥିବାରୁ ଚାଷଜମିରେ ପଡ଼ି ନଷ୍ଟ ହେଉଛି। ଏହାକୁ ନେଇ ଚାଷୀ ଉତ୍ପାଦିତ ଫସଲ ଢାଳି ପ୍ରତିବାଦ କରିଥିଲେ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏ ସବୁ ପନିପରିବା ନଷ୍ଟ ହେଉଛି । ନଷ୍ଟ ହେବା ଭୟରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏବଂ ଧାର କରଜ କରି ଚାଷ କରୁଥିବା ଚାଷୀ କମ୍ ଦାମରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଫଳରେ ସେମାନେ ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ପ୍ରକାଶ ଯେ, କିଛିବର୍ଷ ତଳେ ବିଲାତି ଅଭାବୀ ବିକ୍ରି ରୋକିବା ପାଇଁ ସମସ୍ତ ଆବାସିକ ବିଦ୍ୟାଳୟ ହଷ୍ଟେଲମାନଙ୍କୁ ସୁବିଧା ଦରରେ ବିଲାତି ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ଏହା ଦ୍ୱାରା କମ୍ ଦରରେ ଛାତ୍ରୀଛାତ୍ର ପନିପରିବା ଖାଇବାକୁ ପାଇଲେ ଏବଂ ଚାଷୀଙ୍କ ପନିପରିବା ନଷ୍ଟ ହେଲା ନାହିଁ ଓ ମୂଲ୍ୟ ମଧ୍ୟ ପାଇଲେ । କିନ୍ତୁ ତାହାକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରାଗଲା ନାହିଁ । ସେହିପରି ଗ୍ରାମାଞ୍ଚଳରେ ବିଶେଷକରି ବିଲାତି ଚାଷ ହେଉଥିବା ଅଞ୍ଚଳରେ ଖାଦ୍ୟ ପ୍ରକ୍ରିୟା ପ୍ରକଳ୍ପ ସ୍ଥାପନ କରି ଚାଷୀଙ୍କୁ ତାଲିମ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହି ପ୍ରକଳ୍ପ ହେଲେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବିଲାତି ନଷ୍ଟ ହେବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ବଜାରରେ ବିଲାତି କିଲୋ ୧୦ ଟଙ୍କା ଥିବା ବେଳେ ଫୁଲ/ବନ୍ଧା କୋବି ଗୋଟା ୧୦ ଟଙ୍କାରେ ବିକ୍ରି ହେଉଛି । ତେବେ ଏ ସବୁ ପନିପରିବା ବହୁତ କମ୍ ଦାମ୍‌ରେ ବେପାରୀମାନେ ଗ୍ରାମାଞ୍ଚଳରୁ ଚାଷୀଙ୍କଠାରୁ କିଣିଆଣି ବଜାରରେ ବିକିଥାନ୍ତି। ସେହିପରି ଅନେକ ସମୟରେ ବାହାର ଜିଲା ଓ ରାଜ୍ୟରୁ ବେପାରୀମାନେ ପନିପରିବା ଆଣି ଏଠାରେ ବିକ୍ରି କରୁଥିବାରୁ ଏଠାକାର ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବିଲାତି ବିକ୍ରି ହୋଇପାରୁ ନ ଥିବାରୁ ସଦର, ତେଲକୋଇ ଆଦି ଅଞ୍ଚଳରେ ଚାଷୀମାନେ ଟମାଟୋ ଢାଳି ଆନ୍ଦୋଳନ କରିଆସୁଛନ୍ତି। ଏ ନେଇ କୃଷି ଉପନିର୍ଦ୍ଦେଶକ ଓମ୍ ପ୍ରକାଶ ରଥ କହିଛନ୍ତି ଯେ, ଜିଲାରେ ଶୀତଳଭଣ୍ଡାର ନାହିଁ । ଏଥିପାଇଁ ଚାଷୀମାନଙ୍କୁ ଋଣ ସୁବିଧା ମିଳୁନାହିଁ । ଏଣୁ ଛୋଟ ଛୋଟ ଶୀତଳଭଣ୍ଡାର କରିବାକୁ ପରାମର୍ଶ ଦିଆଯାଉଛି ।


ନଷ୍ଟ ହେବା ଭୟରେ କମ ଦାମ୍‌ରେ ବିକ୍ରି ।

# ଦୁର୍ଘଟଣାରେ ୧ ମୃତ ୩ ଗୁରୁତର

ପାଟଣା, ୨୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନଂ ଜାତୀୟ ରାଜପଥ ହାତିବାରୀ ନିକଟରେ ସୋମବାର ଅପରାହ୍ନରେ ଏକ ନମ୍ବର ଲେଖାହୋଇନଥିବା ନୂଆ ବାଜାଜ ପଲସର ବାଇକକୁ ସାଇଡ ମାରିବାରୁ ପଲସରରେ ଥିବା ୪ ଆରୋହୀ ଦୁର୍ଘଟଣାର ଶିକାର ହୋଇଥିଲେ। ୪ ବାଇକ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ତୁରୁମୁଙ୍ଗା ଥାନା କଣ୍ଟିଆପଡା ଗ୍ରାମର ଦେବାନନ୍ଦ ବେହେରା। ତୁରୁମୁଙ୍ଗା ପୋଲିସର ସୂଚନା ଅନୁଯାୟୀ ଗୁରୁତର ହୋଇ କେନ୍ଦୁଝର ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅନ୍ୟ ୩ ବାଇକ ଆରୋହୀଙ୍କର ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ସୂଚନାଅନୁଯାୟୀ ଡବ୍ଲୁବି ୨୩ ଇ୨୩୫୧ ନମ୍ବର ବିଶିଷ୍ଟ ଅଙ୍ଗୁର ବୋଝେଇ ୧୨ଚକିଆ ଗାଡିଟି କେନ୍ଦୁଝର ପାର୍ଶ୍ୱରୁ କଲିକତା ଅଭିମୁଖେ ଯାଉଥିବା ବେଳେ ଅପରପାର୍ଶ୍ୱ ତୁରୁମୁଙ୍ଗାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ପଲସର ଗାଡିଟି ହାତିବାରୀ ନିକଟରେ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ୧୨ଚକିଆ ଗାଡିର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।

# ଇତିହାସ, ଓଡ଼ିଆ ବିଭାଗର ପାଠଚକ୍ର



ପାଠଚକ୍ରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

ଆନନ୍ଦପୁର,୨୫।୨(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଇତିହାସ ଏବଂ ଓଡ଼ିଆ ବିଭାଗର ମିଳିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିତ୍ ଓ ପ୍ରାବନ୍ଧିକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା, ଜାତି ଓ ଜାତୀୟତା ସମ୍ବନ୍ଧରେ ମତ ରଖିଥିଲେ। ଓଡ଼ିଆ ଭାଷାର ଗୌରବମୟ ଐତିହ୍ୟ ଓ ପ୍ରାଚୀନତା ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ହରିଶ୍ଚନ୍ଦ୍ର ବାରିକ ଯୋଗଦେଇ ଆଲୋଚ୍ୟ ବିଷୟର ଭିତ୍ତିନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ରଘୁଦୀପ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସଂଯୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମୁଖ୍ୟଅତିଥିଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରାଜେନ୍ଦ୍ର ନାରାୟଣ ଦାଶ, ଡ. ମୀନାକ୍ଷୀ ମିଶ୍ର, ଡ. ଦିଲୀପ କୁମାର ଦାଶ, ଡ. ଶେଖର ଦେବତା, ଡ. ନିମାଇଁ ଚରଣ ରାଉତ, ଅକ୍ଷୟ କୁମାର ଗୁଇଁ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚିକିତ୍ସାରେ ତ୍ରୁଟି ଯୋଗୁ ରୋଗୀ ମୃତ୍ୟୁ

## ଅଭିଯୋଗ ଆଣିଲେ ପରିବାର ଲୋକେ

ଯୋଡ଼ା, ୨୫।୨(ଡି.ଏନ.ଏ.)

ଯୋଡ଼ା ସହରସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଜଣେ ରୋଗୀଙ୍କର ଚିକିତ୍ସାରେ ତ୍ରୁଟି ଯୋଗୁ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି । ଯୋଡା ପୌରପାଳିକାର ଓ୍ୱାର୍ଡ ନଂ.୩ କୁନ୍ଦୁରୁନାଲାଠାରେ ରହୁଥିବା ମଧୁସୂଧନ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ରବିବାର ସନ୍ଧ୍ୟା ୬ଟା ବେଳେ ଡାଏଲିସିସ୍ ରୋଗରେ ପୀଡିତ ତାଙ୍କ ସାନଭାଇ ନୀଳକଣ୍ଠ (୪୨)ଙ୍କର ହଠାତ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ କେନ୍ଦୁଝର ଡାକ୍ତରଖାନାକୁ ନେବା ପାଇଁ ଚାହିଁଥିଲେ । ମାତ୍ର ନୀଳକଣ୍ଠ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଯୋଡାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ଆଇସିୟୁକୁ ଚିକିତ୍ସା ପାଇଁ ନେଇଥିଲେ । ଆଇସିୟୁରେ ନୀଳକଣ୍ଠଙ୍କ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅଧିକ କଷ୍ଟ ହେବାରୁ ତାଙ୍କୁ ଅକ୍ସିଜେନ ଦେବା ପାଇଁ ସେ ଓ ତାଙ୍କ ପରିବାର ଲୋକେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ମାତ୍ର ଡାକ୍ତରଖାନାରେ ଥିବା ନର୍ସ ମାନେ ଅକ୍ସିଜେନ ନାହିଁ ବୋଲି କହିବା ସହିତ ପରିବାର ଲୋକଙ୍କୁ ଚାଲିଯିବା ପାଇଁ କହିଥିଲେ । ପରବର୍ତ୍ତୀ ସମୟରେ ଏକ ପୁରୁଣା ଅକ୍ସିଜେନ ସିଲିଣ୍ଡର ଆଣି ଲଗାଇଥିଲେ । ଉକ୍ତ ସିଲିଣ୍ଡରରୁ ଅକ୍ସିଜେନ ନୀଳକଣ୍ଠଙ୍କ ପାଖକୁ ଯାଉ ନ ଥିବା ସେ ନର୍ସମାନଙ୍କୁ ଜଣାଇଥିଲେ ଏବଂ କହିଥିଲେ ଯେ, ତାଙ୍କୁ ଖୁବ୍‌ଶୀଘ୍ର ଅକ୍ସିଜେନ୍ ଦିଆଯାଉ ନ ହେଲେ ସେ ମରିଯିବେ । ହେଲେ ତାଙ୍କ କଥାକୁ କେହି ଗୁରୁତ୍ୱ ନ ଦେଇ ପରିବାର ଲୋକଙ୍କୁ ସେଠାରୁ ବାହାର କରିଦେଇଥିଲେ ଏବଂ ସ୍ୱାମୀଙ୍କର କିଛି ସମୟ ପରେ ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପତ୍ନୀ କନକଲତା ଭଟ୍ଟାଚାର୍ଯ୍ୟ ଅଭିଯୋଗ କରି କହିଛନ୍ତି। ଏତେବଡ଼ ମେଡିକାଲରେ ଅକ୍ସିଜେନ କାହିଁକି ନାହିଁ ବୋଲି ପରିବାର ଲୋକେ ପଚାରିବାରୁ ନର୍ସମାନେ ଯେତେ ଅକ୍ସିଜେନ୍ ଥିଲା ସବୁ ରୋଗୀଙ୍କ ପାଖରେ ଲାଗିଛି, ଆମ୍ଭେ କେଉଁଠାରୁ ଆଣି ଦେବୁ ବୋଲି କହି ତାଙ୍କ ପରିବାର ଲୋକଙ୍କୁ ଧମକାଇ ଏଠାରୁ ବାହାରି ଯାଅ ବୋଲି କହିଥିବା ବଡ଼ଭାଇ ମଧୁସୂଧନ ଅଭିଯୋଗ କରିଥିଲେ । ତାଙ୍କ ଭାଇଙ୍କୁ ଉପଯୁକ୍ତ ସମୟରେ ଅକ୍ସିଜେନ ଦିଆ ନ ଯିବାରୁ ଭାଇଙ୍କର ମୃତ୍ୟୁ ଘଟିଲା ବୋଲି କହିବା ସହିତ ନ୍ୟାୟ ପାଇଁ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଯୋଡା ଟାଟା କମ୍ପାନୀ ଡାକ୍ତରଖାନାର ମୁଖ୍ୟ ଡାକ୍ତର ଏ.କେ. ରାୟ କହିଛନ୍ତି ଯେ, ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଡାକ୍ତରଖାନାରେ ଅଛି। ତାଙ୍କର ମୃତ୍ୟୁ ସ୍ୱାସ୍ଥ୍ୟଗତ କାରଣ ହେତୁ ହୋଇଛି ବୋଲି ସେ କହିଛନ୍ତି। ତେଣେ କମାରଯୋଡା ଓ ଅନ୍ୟ ଅଞ୍ଚଳର କିଛି ଲୋକ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ରୋଗୀ ହନ୍ତସନ୍ତ ହେବା ସହିତ ଉପଯୁକ୍ତ ସେବା ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି।

# ୩ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

ଆନନ୍ଦପୁର,୨୫।୨(ସ୍ୱ.ପ୍ର.)

ଆନନ୍ଦପୁର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ତିନି ଟ୍ରାକ୍ଟରରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଘସିପୁରା ତହସିଲ ଅଧୀନ ମଦନପୁରରୁ ଦୁଇ ଟ୍ରାକ୍ଟର ଯୋଗେ ବେଆଇନ ପଥର ଚାଲାଣ ସମ୍ପର୍କରେ ସୂଚନା ପାଇ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଏହି ଚଢାଉ କରିଥିଲେ। ଏହି ପଥର ବୋଝେଇ ଟ୍ରାକ୍ଟରକୁ ଆନନ୍ଦପୁର କଲେଜ ସମ୍ମୁଖରେ ଜବତ କରାଯାଇଥିଲା। ସେହିଭଳି ଶାଳବଣି ନିକଟରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ମଧ୍ୟ ଜବତ କରାଯାଇଥିଲା। ଜରିମାନା ଆଦାୟ ପରେ ଟ୍ରାକ୍ଟରଗୁଡ଼ିକୁ ଛାଡିଦିଆଯାଇଥିବା ସୂଚନା ମିଳିଛି।

# କପି କରି ଧରାପଡ଼ିଲେ ୩ ପରୀକ୍ଷାର୍ଥୀ

ପାଟଣା, ୨୫।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁରୁସୁଆଁ ପରୀକ୍ଷାକେନ୍ଦ୍ରରେ ସୋମବାର ଇଂରାଜୀ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ୩ ପରୀକ୍ଷାର୍ଥୀ ଏମ୍‌ପି ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସୂଚନା ମୁତାବକ ଦ୍ୱିତୀୟ ଦିନ ଇଂରାଜୀ ପରୀକ୍ଷା ଚାଲିଥିବା ବେଳେ ଏହି ୩ ପରୀକ୍ଷାର୍ଥୀ କପି କରୁଥିବା ବେଳେ ସ୍କ୍ୱାଡ ହାତରେ ଧରା ପଡ଼ିଥିଲେ। ଏମପି ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦୁଇ ଜଣ ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟର ହୋଇଥିବା ବେଳେ ଜଣେ ସିଲିଦା ଉଚ୍ଚ ବିଦ୍ୟାଳୟର ବୋଲି ମୁରୁସୁଆଁ ପରୀକ୍ଷାକେନ୍ଦ୍ରର ପରିଚାଳକ ଗୋକୁଳ ମହାନ୍ତ ସୂଚନା ଦେଇଛନ୍ତି।

# ପୋଡ଼ିହୋଇ ୨ ଛାତ୍ରଙ୍କ ସମେତ ୩ ଗୁରୁତର

ଢେଙ୍କିକୋଟ, ୨୫।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡିଅନ୍ତର୍ଗତ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗି ରହିଥିବା ଏକ ଘରେ ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଆଦର୍ଶ ବିଦ୍ୟାଳୟର ୨ ଛାତ୍ରଙ୍କ ସମେତ ଜଣେ ଗ୍ୟାସ୍ ବ୍ୟବସାୟୀ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ୧୦ମ ଶ୍ରେଣୀରେ ପଢୁଥିବା ବେଢ଼ାପାଳ ଗ୍ରାମର ସମୀର କୁମାର ଦେହୁରୀ(୧୫) ଏବଂ ହଳଧରପୁର ଗ୍ରାମର ରାକେଶ କୁମାର ରଣା। ବୋର୍ଡ ପରୀକ୍ଷା ଚାଲିଥିବାରୁ ସେମାନେ ଯିବା ଆସିବା ପାଇଁ ସମୟ ପାଉ ନ ଥିଲେ। ସେଥିଲାଗି ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିଲେ ଏବଂ ନିଜେ ଗ୍ୟାସ୍ ଚୁଲାରେ ରାନ୍ଧି ଖାଉଥିଲେ। ସକାଳେ କୌଣସି ତ୍ରୁଟି ଯୋଗୁ ଚୁଲା ଜଳି ନ ଥିଲା। ସେମାନେ ଗ୍ୟାସ୍ ଅନ୍ କରି ଲାଇଟର ମାରିବା କ୍ଷଣି ଘରସାରା ନିଆଁ ଲାଗିଯାଇଥିଲା। ଦୁଇ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଘଟଗାଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସରକାରୀ ସହାୟତାରୁ ବଞ୍ଚିତ ନାଗେନ ମୁଣ୍ଡା

କେନ୍ଦୁଝର, ୨୫।୨ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଶଙ୍କିରୀ ଗ୍ରାମର ନଗେନ ମୁଣ୍ଡା (୨୪) ସ୍ୱାସ୍ଥ୍ୟ ସୁବିଧା ପାଉ ନ ଥିବାରୁ କଷ୍ଟ ଯନ୍ତ୍ରଣାରେ ରହୁଛନ୍ତି। ପ୍ରାୟ ୫ ବର୍ଷ ହେଲା ଦୁଇ ଗୋଡ଼ ଅଜଣା ରୋଗରେ ଆକ୍ରାନ୍ତ ହୋଇ ସରୁ ହୋଇଯାଉଥିବାରୁ ସେ ଚଲାବୁଲା କରିପାରୁନାହାନ୍ତି। ତାଙ୍କ ଆଖିକୁ ମଧ୍ୟ ଭଲ ଭାବେ ଦେଖାଯାଉନାହିଁ । ଏଣୁ କୌଣସି କାମଧନ୍ଦା କରିପାରୁ ନ ଥିବାରୁ ଅନେକ ସମୟରେ ଭୋକ ଉପାସରେ ରହୁଛନ୍ତି। ଚିକିତ୍ସା ସୁବିଧା ଏବଂ ଅନ୍ୟ ସହାୟତା ମିଳୁ ନ ଥିବାରୁ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ତାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳୁ ନ ଥିବାରୁ ବହୁ କଷ୍ଟରେ ଚଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସରକାର ଆଦିବାସୀଙ୍କ ବିକାଶ ପାଇଁ ବହୁ ଯୋଜନା ପ୍ରସ୍ତୁତ କରୁଥିଲେ ହେଁ ସେସବୁର ସୁଫଳ ମିଳୁ ନ ଥିବାରୁ ତୁରନ୍ତ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ନାଗେନ ମୁଣ୍ଡା।

# ପାକିସ୍ତାନ ମୁର୍ଦ୍ଦାବାଦରେ ସହର କମ୍ପିଲା

କେନ୍ଦୁଝର, ୨୫।୨(ସ୍ୱ.ପ୍ର.)

ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିରେ ସ୍ଥାନୀୟ ଡି.ଡି.କଲେଜ ଛକଠାରେ ରବିବାର ସନ୍ଧ୍ୟାରେ ସମୂହ ଦୀପଦାନ ହୋଇଥିଲା। ଶହୀଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟବସାୟୀ, ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପାକିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନରେ ସହର ପ୍ରକମ୍ପିତ ହୋଇଥିଲା । ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ପାକିସ୍ତାନ ବିରୋଧରେ ନାରା ବାଜି ହୋଇଥିଲା। ଦେଶର ସୁରକ୍ଷା କରୁଥିବା ଯବାନଙ୍କ ବଳିଦାନକୁ ଭୁଲି ହେବ ନାହିଁ । ଭାରତର ଏକତା ଓ ଅଖଣ୍ଡତାକୁ ପାକିସ୍ତାନ ଓ ଅନ୍ୟ କେହି ନଷ୍ଟ କରିବାକୁ ଚାହିଁଲେ ଧ୍ୱଂସ କରିଦିଆଯିବ ବୋଲି କହିଥିଲେ ।

# ସ୍କିଲ ସାଥୀ ଧର୍ମପଦ କାର୍ଯ୍ୟକ୍ରମ

କେନ୍ଦୁଝର, ୨୫।୨ (ସ୍ୱ.ପ୍ର.)

ସ୍ଥାନୀୟ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ, ଫାର୍ମାସୀ କଲେଜ, ଆଇଟିଆଇ ପଦ୍ମପୁର ଓ ଆଇଟିଆଇ ବଡହଳର ଛାତ୍ରୀଛାତ୍ରଙ୍କୁ ନେଇ ସୋମବାର କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟରେ ସ୍କିଲ ସାଥୀ ଧର୍ମପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ କରାଯାଇ ପେଷାଗତ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ପେଟ୍ରୋଲିୟମ, ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହୀ ଛାତ୍ରୀଛାତ୍ର ସେମାନଙ୍କ ପ୍ରଶ୍ନର ଉତ୍ତର ପାଇଥିଲେ ।



କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟରେ ସ୍କିଲ ସାଥୀ ଧର୍ମପଦ କାର୍ଯ୍ୟକ୍ରମ ଅନୁଷ୍ଠିତ।

# ମାନସିକ ଅନଗ୍ରସର ମା' ସହ ନବଜାତ ଉଦ୍ଧାର

ଝୁମ୍ପୁରା, ୨୫।୨ (ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ ପଞ୍ଚାୟତର ହାତୀମରା ଛକରେ ରବିବାର ସନ୍ଧ୍ୟା ସମୟରେ ଜଣେ ମାନସିକ ଅନଗ୍ରସର ଆଦିବାସୀ ମହିଳା ନିଜର ନବଜାତକକୁ ଧରି ଅସହାୟ ଭାବେ ବୁଲୁଥିବାର ଦେଖାଯାଇଥିଲା। ଆମ ଖବରଦାତା ପ୍ରତିନିଧି ବୁଝାବୁଝି କରିବାରୁ ୩ଦିନ ପୂର୍ବରୁ ମହିଳା ଜଣକ ଶିଶୁ କନ୍ୟାଟିକୁ ଜନ୍ମ ଦେଇଥିଲେ। ତାଙ୍କର କେହି ନ ଥିବାରୁ ସେ ଅସହାୟ ଭାବେ ବୁଲୁଛନ୍ତି। ପଚାରିବାରୁ ମହିଳା ଜଣକ କିଛି କହି ପାରି ନ ଥିଲେ, ତେବେ ତାଙ୍କ ନାମ ମିନତି ମୁଣ୍ଡା ବୋଲି ଜଣା ପଡିଥିଲା। ହେଲେ ତାଙ୍କ ଘର କିମ୍ବା ଅନ୍ୟାନ୍ୟ ଠିକଣା ମିଳିନାହିଁ। ମହିଳା ଜଣକ ଠାବ ହେବା ପରେ ବାମେବାରୀ ଥାନା ସହିତ ଚାଇଲଡ ଲାଇନ କର୍ମଚାରୀଙ୍କୁ ଖବର ଦିଆଗଲା। ବାମେବାରୀ ଥାନା ପୋଲିସ କାର୍ଯ୍ୟ ବ୍ୟସ୍ତତା ତଥା କର୍ମଚାରୀ ଅଭାବ ଦର୍ଶାଇ ଦୀର୍ଘ ସମୟ ପରେ ବାଧ ହୋଇ ଘଟଣାସ୍ଥଳକୁ ପହଞ୍ଚିଥିଲା। ସେତେବେଳକୁ ମହିଳା ଜଣକ ହାତୀମରା ଛକର ଭଙ୍ଗା ଯାତ୍ରୀ ବିଶ୍ରାମଗାରର ଅନ୍ଧାରିଆ ଜାଗାରେ ନିଜ ଛୁଆକୁ ଗଡାଇଦେଇ ନିଜେ ଶୋଇ ଯାଇଥିଲେ। ତେବେ ପୋଲିସ କର୍ମଚାରୀ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ଝୁମ୍ପୁରା ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତରଖାନାରେ ମା', ନବଜାତକଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ସେହି ସମୟରେ ଚାଇଲଡ ଲାଇନର ଦମୟନ୍ତୀ ମହାନ୍ତ ଓ ଜଗଦିଶ କାରୁଆ ଡାକ୍ତରଖାନାରେ ପହଞ୍ଚିଥିଲେ। ନବଜାତକର ଓଜନ କମ ଓ ରକ୍ତ ହୀନତା ଥିବା ଡାକ୍ତର ଦର୍ଶାଇଥିଲେ। ତେବେ କାଗଜ ପତ୍ରର କାମ ସରିବା ପରେ ମା' ଏବଂ ଛୁଆଙ୍କୁ ଚାଇଲଡ ଲାଇନ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ରାତି ୧୦ଟା ବେଳକୁ, ମାନସିକ ଅନଗ୍ରସର ମହିଳା ଏବଂ ନବଜାତକଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଉଭୟ ମା' ଓ ଶିଶୁଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।



ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚିଥିବା ମା' ଓ ନବଜାତ ଶିଶୁ।